

ପ୍ରତ୍ୟାବର୍ତ୍ତନରେ ସେରେନା ନିରାଶ

▶ପୃଷ୍ଠା ୧୨ ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 44 ◆ISSUE-08 ◆THURSDAY ◆02 JULY 2026 ◆PAGE-12 ◆₹ 7.00 | BHUBANESWAR | ◆ବର୍ଷ-୪୪ ◆ସଂଖ୍ୟା-୦୮ ◆ଗୁରୁବାର ◆୦୨ ଜୁଲାଇ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦


# ଲାଗୁହେଲା 'ଜି-ରାମ୍-ଜି'

## ସର୍ବନିମ୍ନ ମଜୁରି ୩୦୦ ଟଙ୍କା

■ ନୂଆଦିଲ୍ଲୀ, ୧।୭ (ଏଜେନ୍ସି): ଗ୍ରାମାଞ୍ଚଳର ଗରିବ ଶ୍ରମିକମାନଙ୍କ ଆର୍ଥିକ ସ୍ଥିତିକୁ ସୁଦୃଢ଼ କରିବା ପାଇଁ କେନ୍ଦ୍ର ସରକାର ମନରେଗା ବଦଳରେ ବିକଶିତ ଭାରତ - ରୋଜଗାର ଏବଂ ଆଜୀବିକା ସୁରକ୍ଷା ଅଭିଯାନ ଗ୍ରାମୀଣ ଆଇନ, ୨୦୨୫ (ଭିବି-ଜିରାମ୍‌ଜି) ଆଜିଠାରୁ ସାରା ଦେଶରେ କାର୍ଯ୍ୟକାରୀ କରିଛନ୍ତି। ସଂଶୋଧିତ ମଜୁରି ସହିତ ଏହାକୁ ଲାଗୁ କରାଯାଇଛି। ଏଣିକି ଦେଶର କୌଣସି ବି ରାଜ୍ୟରେ ଶ୍ରମିକଙ୍କ ଦୈନିକ ମଜୁରୀ ୩୨୭ ଟଙ୍କାରୁ କମ୍ ରହିବ ନାହିଁ। ସରକାରଙ୍କ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁଯାୟୀ, ଦେଶର ସମସ୍ତ ୩୪ଟି



ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ମଜୁରି ହାରରେ ବୃଦ୍ଧି କରାଯାଇଛି। ପୂର୍ବରୁ ଜାତୀୟ ସ୍ତରରେ ହାରାହାରି ଦୈନିକ ମଜୁରି ପ୍ରାୟ ୨୯୮ ଟଙ୍କା ୮୦ ପଇସା ଥିବା ବେଳେ, ଏବେ

### ଇତିହାସ ପାଲଟିଲା ମନରେଗା

ଏହା ବୃଦ୍ଧି ପାଇ ପ୍ରାୟ ୩୨୭ ଟଙ୍କା ୪୦ ପଇସା ହୋଇଛି। ମଜୁରିରେ ହାରାହାରି ପ୍ରାୟ ୨୮ ଟଙ୍କା ୬୦ ପଇସାର ବୃଦ୍ଧି ଘଟିଛି, ଯାହାକି ଶତକଡ଼ା ହିସାବରେ ୧୦ ପ୍ରତିଶତରୁ ଅଧିକ। ଏହି ନୂତନ ନିୟମ ଯୋଗୁଁ ସେହିସବୁ ରାଜ୍ୟଗୁଡ଼ିକ ସବୁଠାରୁ ଅଧିକ ଲାଭବାନ ହେବେ, ଯେଉଁଠାରେ ପୂର୍ବରୁ ବହୁତ କମ୍ ମଜୁରି ମିଳୁଥିଲା। ଉତ୍ତର ପ୍ରଦେଶ, ବିହାର, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ, ଓଡ଼ିଶା, ଆସାମ, ଅରୁଣାଚଳ ପ୍ରଦେଶ ଏବଂ ହିମାଚଳ ପ୍ରଦେଶ ଭଳି ରାଜ୍ୟଗୁଡ଼ିକରେ ମଜୁରି ହାର ପ୍ରାୟ ୧୫ରୁ ୨୫ ପ୍ରତିଶତ ପର୍ଯ୍ୟନ୍ତ ବୃଦ୍ଧି ପାଇଛି। ଅପରପକ୍ଷରେ କେରଳ, ହରିୟାଣା, ପଞ୍ଜାବ ଓ କର୍ଣ୍ଣାଟକ ଭଳି ଧନୀ ରାଜ୍ୟଗୁଡ଼ିକରେ ମଜୁରି ହାର ୩୬୦ ଟଙ୍କାରୁ ଆରମ୍ଭ କରି ୪୦୯ ଟଙ୍କା ପର୍ଯ୍ୟନ୍ତ ରହିଛି। ଏହି ଆଇନ ମାଧ୍ୟମରେ ବର୍ଷକୁ ଗ୍ୟାରେଣ୍ଟି ସହ ମିଳୁଥିବା କାମର ଅବଧିକୁ ମଧ୍ୟ ୧୨୫ ଦିନକୁ ବୃଦ୍ଧି କରାଯାଇଛି।

# ୧୨ ପ୍ରସ୍ତାବକୁ କ୍ୟାବିନେଟ୍ ମୋହର

## ଚଳିତ ବର୍ଷରୁ ରାଜ୍ୟରେ ମାଗଣା ଶିକ୍ଷା

■ ଭୁବନେଶ୍ୱର, ୧।୭ (ସମିସ): ଏଣିକି ରାଜ୍ୟରେ କେଜିରୁ ପିଜି ପର୍ଯ୍ୟନ୍ତ ଓଡ଼ିଶାର ସମସ୍ତ ଛାତ୍ରଛାତ୍ରୀ ମାଗଣା ଶିକ୍ଷା ପାଇପାରିବେ। ଆଉ ରାଜ୍ୟର ଜଣେ ବି ପିଲା ଆର୍ଥିକ ଅଭାବ କାରଣରୁ ଶିକ୍ଷାରୁ ବଞ୍ଚିତ ହେବେନାହିଁ କିମ୍ବା ପାଠପଢ଼ା ମଝିରୁ ପାଠ ଛାଡିବେ ନାହିଁ। ରାଜ୍ୟର ଛାତ୍ରଛାତ୍ରୀମାନଙ୍କ ପାଇଁ ଗୁଣାତ୍ମକ ଶିକ୍ଷାକୁ ଅଧିକ ସହଜଲଭ୍ୟ, ସମାନତା ଭିତ୍ତିକ ଏବଂ ସୁଲଭ କରିବା ପାଇଁ ଏହି ଐତିହାସିକ ପଦକ୍ଷେପ ନିଆଯାଇଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ବୁଧବାର ରାଜ୍ୟ କ୍ୟାବିନେଟ ବୈଠକରେ 'ଜ୍ଞାନୋଦୟ-ଶିକ୍ଷାରୁ ସମୃଦ୍ଧି' ଯୋଜନା ଉପରେ ମୋହର ବାଜିଥିବା ବେଳେ ଏହି ଯୋଜନା ଅଧୀନରେ, ବିଦ୍ୟାଳୟ ଓ ଗଣଶିକ୍ଷା, ଉଚ୍ଚଶିକ୍ଷା



### ଆରମ୍ଭ ହେଲା 'ଜ୍ଞାନୋଦୟ-ଶିକ୍ଷାରୁ ସମୃଦ୍ଧି'

### ୫ ବର୍ଷରେ ଖର୍ଚ୍ଚହେବ ୫,୪୬୭.୫୫ କୋଟି ଟଙ୍କା

### ଅର୍ଥ ପାଇଁ କେହି ଶିକ୍ଷାରୁ ବଞ୍ଚିତ ହେବେନାହିଁ: ମୁଖ୍ୟମନ୍ତ୍ରୀ

ବିଭାଗ ଅଧୀନସ୍ଥ ସରକାରୀ ଏବଂ ସରକାରୀ ଅନୁଦାନପ୍ରାପ୍ତ ଅନୁଷ୍ଠାନ ଗୁଡ଼ିକରେ ନିୟମିତ ପାଠ୍ୟକ୍ରମରେ ନାମ ଲେଖାଇଥିବା ଯୋଗ୍ୟ ଛାତ୍ରଛାତ୍ରୀମାନଙ୍କୁ ସମ୍ପୂର୍ଣ୍ଣ ନାମଲେଖା ଫି' ଛାଡ଼ କରାଯିବାକୁ ବ୍ୟବସ୍ଥା କରାଯାଇଛି। ▶ପୃଷ୍ଠା-୧୦

## ୮ ଲେନ୍ ହେବ ଜୟଦେବ ବିହାର-ନନ୍ଦନକାନନ ରାସ୍ତା

■ ଭୁବନେଶ୍ୱର, ୧।୭ (ସମିସ): ବୁଧବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ୍ ବୈଠକରେ ୮ ଟି ବିଭାଗର ୧୨ ଟି ପ୍ରସ୍ତାବ ଉପରେ ମୋହର ବାଜିଛି। ଏଥିରେ ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଭାବେ ରାଜଧାନୀ ଭୁବନେଶ୍ୱରର ଟ୍ରାଫିକ୍ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ କଳିଙ୍ଗ ଷ୍ଟାଡିୟମ (ଗେଟ୍ ନଂ-୪) ଠାରୁ ରଘୁନାଥପୁର ସେତୁ ପର୍ଯ୍ୟନ୍ତ ଜୟଦେବ ବିହାର-ନନ୍ଦନକାନନ ରାସ୍ତାକୁ ୮ ଲେନ୍‌କୁ ସମ୍ପ୍ରସାରଣ କରାଯିବ।

### ୫୭୯ କୋଟି ବ୍ୟୟ ଅଟକଳକୁ ଅନୁମୋଦନ

### ଆସନ୍ତା ୨ ବର୍ଷ ମଧ୍ୟରେ ଶେଷ ହେବ ନିର୍ମାଣ କାର୍ଯ୍ୟ

### ଗଭୀର ସମୁଦ୍ର ମତ୍ସ୍ୟ ମିଶନ ୨୦୨୬-୨୦୩୬କୁ ମଞ୍ଜୁରୀ

ଏହି ପ୍ରକଳ୍ପରେ ବିଭିନ୍ନ ପ୍ରମୁଖ ଛକରେ ଫ୍ଲାଏଓଭର, ଅଣ୍ଡରପାସ ଓ ଭୂତଳ ପାର୍କିଂ ନିର୍ମାଣ କରାଯିବ। ଏହି ପ୍ରକଳ୍ପ ପାଇଁ ମେସର୍ସ ଦୀନେଶଚନ୍ଦ୍ର ଆର୍ ଅଗ୍ରୱାଲ ଇନଫ୍ରାକନ୍ ପ୍ରାଇଭେଟ୍ ଲିମିଟେଡର ୫୭୯ କୋଟି ଟଙ୍କା ପ୍ରସ୍ତାବକୁ କ୍ୟାବିନେଟ୍ ମଞ୍ଜୁରୀ ଦେଇଛନ୍ତି। ଆଗାମୀ ୨୪ମାସ ମଧ୍ୟରେ ଏହି କାର୍ଯ୍ୟ ଶେଷ ପାଇଁ ଲକ୍ଷ୍ୟ ରଖାଯାଇଛି। ସେହିପରି ପୂର୍ତ୍ତ ବିଭାଗ ଅଧୀନରେ ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଭାବେ ସୁନ୍ଦରଗଡ଼ ଜିଲ୍ଲାର ▶ପୃଷ୍ଠା-୧୦

## ରାମ ମନ୍ଦିର ଚାନ୍ଦା ଚୋରି

# ପଶିବ ଇଡି, ଆୟକର ବିଭାଗ



### ଷଡ଼ଯନ୍ତ୍ର ଉପରୁ ପରଦା ଉଠୁଛି

### ଟ୍ରଷ୍ଟ ଓ ବ୍ୟାଙ୍କ କର୍ମଚାରୀ ସାମିଲ

### ଅଭିଯୁକ୍ତ ଘରୁ ମିଳିଲା ଦାନବାକ୍ସ

### କୁମ୍ଭମେଳାରେ କୋଟି କୋଟି ଚୋରି

### ବାଥ୍‌ରୁମ୍‌ରେ ଲୁଚାଇଥିଲା ଟଙ୍କା

■ ନୂଆଦିଲ୍ଲୀ/ଅଯୋଧ୍ୟା, ୧।୭ (ଏଜେନ୍ସି): ଅଯୋଧ୍ୟା ରାମ ମନ୍ଦିରର ଦାନ ବାକ୍ସରୁ ହୋଇଥିବା ଚାନ୍ଦା ଚୋରି ମାମଲାକୁ ନେଇ ଦିନକୁ ଦିନ ନୂଆ ତଥ୍ୟ ଆସିବାରେ ଲାଗିଛି। ଏହାକୁ ଲୁଟିବା ଲାଗି ବଡ଼ ଧରଣର ଷଡ଼ଯନ୍ତ୍ର ହୋଇଥିଲା ଏବଂ ଏଥିରେ ଟ୍ରଷ୍ଟ କର୍ମଚାରୀଙ୍କ ସହିତ ବ୍ୟାଙ୍କ କର୍ମଚାରୀ ମଧ୍ୟ ସାମିଲ ଥିଲେ। ମନ୍ଦିର ଟ୍ରଷ୍ଟର ଅନେକ ବରିଷ୍ଠ କର୍ମକର୍ତ୍ତା ଏହା ଜାଣିଥିବା ଅଭିଯୁକ୍ତମାନେ ପୁଲିସ ପଚରାଉଚରା ବେଳେ ସ୍ୱୀକାର କରିଛନ୍ତି। କୁମ୍ଭମେଳା ସମୟରେ ସବୁଠାରୁ ବେଶି ଚୋରି ହୋଇଛି। ଏହି ସମୟରେ କୋଟି କୋଟି ଟଙ୍କା ଲୁଟ୍ କରାଯାଇ ଜମି ସହିତ ଅନ୍ୟ କାରବାରରେ ଲଗାଇଛନ୍ତି ଅଭିଯୁକ୍ତ। ଅଭିଯୁକ୍ତଙ୍କର ଏଭଳି ଖୁଲାସା ପରେ ଅର୍ଥ କାରବାର ଅନୁସନ୍ଧାନ ନେଇ ଅସହାୟ ହୋଇପଡ଼ିଛି ପୁଲିସ। ତେଣୁ ଏଥିରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଏବଂ ଆୟକର ବିଭାଗର ସହାୟତା ଲୋଡ଼ାଯାଇଛି। ଏହି ଘୋଟାଲାରେ ଟ୍ରଷ୍ଟର କିଛି ପ୍ରଭାବଶାଳୀ କର୍ମକର୍ତ୍ତା ସାମିଲ ଥିବାରୁ ଇଡିର ସହାୟତା ନିଆଯାଇଥିବା କୁହାଯାଉଛି।

ଏହି ମାମଲାରେ ପୁଲିସ ୮ ଜଣ ଅଭିଯୁକ୍ତଙ୍କୁ ଗିରଫ କରି ଖୋଳତାଡ଼ ଚଳାଇଛି। ପଚରାଉଚରା ବେଳେ ଅଭିଯୁକ୍ତ ମାନେ ସ୍ୱୀକାର କରିଛନ୍ତି ଯେ ୨୦୨୫ ମସିହା ପ୍ରାରମ୍ଭରେ ଅନୁଷ୍ଠିତ କୁମ୍ଭମେଳା ସମୟରେ ହିଁ ରାମ ▶ପୃଷ୍ଠା-୧୦

## ଗଣଶିକ୍ଷା ବିଭାଗର ଆଡ଼ବାୟା ନୀତି

# ମନ୍ତ୍ରୀଙ୍କ ମନ୍ତବ୍ୟକୁ କାଟିଲେ ସଚିବ

### ପିଲାଙ୍କୁ ମିଳିବ ତ୍ରୁଟିଶୂନ୍ୟ ନୂଆ ବହି

■ ଭୁବନେଶ୍ୱର, ୧।୭ (ସମିସ): ସ୍କୁଲ ପିଲାଙ୍କ ପାଠ୍ୟପୁସ୍ତକରେ ହଜାର ହଜାର ତ୍ରୁଟି ପ୍ରସଙ୍ଗ ଦିନକୁ ଦିନ ଅଧିକ ଜଟିଳ ହେଉଛି। ଗତ ସୋମବାର ଦିନ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ପାଠ୍ୟପୁସ୍ତକ ଫେରସ୍ତ ହେବ ନାହିଁ ଓ ସେହି ବହିକୁ ସଂଶୋଧିତ କରି ଶିକ୍ଷାଦାନ କରାଯିବ ବୋଲି କହିଥିଲେ। ମାତ୍ର ଦିନକ ପରେ ଅର୍ଥାତ୍ ଆଜି ବିଭାଗୀୟ ସଚିବ ଏନ୍ ଥିରୁମାଲା ନାଏକ ଏକ ସାମ୍ବାଦିକ ସମ୍ମିଳନୀରେ ମନ୍ତ୍ରୀଙ୍କ ମନ୍ତବ୍ୟକୁ ଭୁଲ୍ ପ୍ରମାଣିତ କରିଛନ୍ତି। ଛାତ୍ରଛାତ୍ରୀଙ୍କୁ ସମ୍ପୂର୍ଣ୍ଣ ନୂତନ ଭାବେ ତ୍ରୁଟିଶୂନ୍ୟ ପୁସ୍ତକ ଯୋଗାଇ ଦିଆଯିବ ବୋଲି ସଚିବ ଘୋଷଣା କରିଛନ୍ତି। ମନ୍ତ୍ରୀ ଓ ସଚିବଙ୍କ କଥାରେ ତାଳମେଳ ରହୁ ନଥିବା ବେଳେ ପିଲାଙ୍କୁ କେବେ ସୁଦ୍ଧା ନୂତନ ବହି ମିଳିବ ତାହା ସ୍ପଷ୍ଟ ହୋଇନାହିଁ। ଯାହାକୁ ନେଇ ଛାତ୍ରଛାତ୍ରୀଙ୍କ ସମେତ ଶିକ୍ଷକ ଓ ଅଭିଭାବକମାନେ ଚିନ୍ତାରେ ପଡ଼ିଛନ୍ତି। ପୁସ୍ତକ ଯୋଗାଣ ସମ୍ପର୍କରେ ସଚିବ କହିଛନ୍ତି ଯେ, ଖୁବଶୀଘ୍ର ପିଲାଙ୍କୁ ନୂଆ ବହି ଯୋଗାଇ ▶ପୃଷ୍ଠା-୧୦

**ସୋମବାର ପୁରୁଣା ବହି ଫେରସ୍ତକୁ ମନା କରିଥିଲେ ମନ୍ତ୍ରୀ**

**ନୂଆ ମିଳିବା ଯାଏ ତାଳିପକା ବହିରେ ଚାଲିବ ପାଠପଢ଼ା**

**କଟା ଘା'ରେ ଚୂନ**

### ଯେତିକି କୁହାଯାଉଛି, ସେତିକି ଭୁଲ୍ ହୋଇନାହିଁ: ସଚିବ

■ ଭୁବନେଶ୍ୱର, ୧।୭ (ସମିସ): ସ୍କୁଲ ପିଲାଙ୍କ ପଢ଼ା ବହିରେ ତ୍ରୁଟିକୁ ନେଇ ସାରା ରାଜ୍ୟ ହୁଲସ୍ଥୁଲ। ଏହି ପ୍ରସଙ୍ଗ ଜାତୀୟସ୍ତରରେ ଓଡ଼ିଶାକୁ ନିନ୍ଦିତ କରିଛି। ବିରୋଧୀଦଳଗୁଡ଼ିକ ସରକାରଙ୍କୁ ତୀବ୍ର ସମାଲୋଚନା କରୁଛନ୍ତି। ନିଜେ ମୁଖ୍ୟମନ୍ତ୍ରୀ ଏହି ଭୁଲ ପଛରେ ଷଡ଼ଯନ୍ତ୍ର ହୋଇଥିବା ସନ୍ଦେହ କରିଛନ୍ତି। ବିଭାଗୀୟ ସଚିବ ଭୁଲ ଥିବା ସ୍ୱୀକାର କରି ପିଲାଙ୍କୁ ତ୍ରୁଟିଶୂନ୍ୟ ନୂଆ ବହି ଯୋଗାଇବାକୁ ଘୋଷଣା କରିଛନ୍ତି। ମାତ୍ର ବହିରେ ଥିବା ଗୁରୁଚଣ୍ଡାଳ ଦୋଷଗୁଡ଼ିକକୁ ଘୋଡ଼ାଇବା ସହିତ ଏହା ସହ ଜଡ଼ିତ ବ୍ୟକ୍ତିବିଶେଷଙ୍କୁ ଘୋଡ଼ାଇବାକୁ ଉଦ୍ୟମ କରିଛନ୍ତି। ଯାହାକି ଛାତ୍ରଛାତ୍ରୀ, ଅଭିଭାବକ ଓ ଶିକ୍ଷାବିତ୍‌ଙ୍କ କଟା ଘା'ରେ ଚୂନ ମାରିବା ପରି ହୋଇଛି। ବହିରେ ଯେତିକି ଭୁଲ ଥିବା କୁହାଯାଉଛି, ବାସ୍ତବରେ ସେତିକି ଭୁଲ ନାହିଁ ବୋଲି ସଚିବଙ୍କ ଟିପ୍ପଣୀ ଏବେ ବିଭିନ୍ନ ମହଲରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ନିର୍ଦ୍ଦିଷ୍ଟ ଅଧିକାରୀମାନଙ୍କୁ ଘଣ୍ଟ ଘୋଡ଼ାଇବାକୁ ସଚିବ ଏପରି ମନ୍ତବ୍ୟ ଦେଇଛନ୍ତି ବୋଲି ଅନେକ ଅଭିଯୋଗ କରିଛନ୍ତି।

ଗଣଶିକ୍ଷା ବିଭାଗ ଅଧୀନରେ ଥିବା ଓସେପା ପକ୍ଷରୁ ବହିରେ ୧୬୭୮ ଟି ତ୍ରୁଟି ଥିବା ସ୍ୱୀକାର କରାଯିବା ▶ପୃଷ୍ଠା-୧୦

## କୋଚିଂ ସେଣ୍ଟରରେ ନାବାଳିକାକୁ ଦୁଷ୍କର୍ମ

# ଅଭିଯୁକ୍ତ ଏଚ୍ଆଇଭି ପଜିଟିଭ୍

■ ଭୁବନେଶ୍ୱର ୧।୭ (ସମିସ): ରାଜଧାନୀର ଏକ କୋଚିଂ ସେଣ୍ଟରରେ ନାବାଳିକାକୁ ଦୁଷ୍କର୍ମ ଘଟଣାରେ ଚାଞ୍ଚଲ୍ୟକର ତଥ୍ୟ ପଦାକୁ ଆସିଛି। ଦୁଷ୍କର୍ମ ଅଭିଯୋଗରେ ଗିରଫ ହୋଇଥିବା ଅଭିଯୁକ୍ତ ଶିକ୍ଷକ ଏଚ୍ଆଇଭି ପଜିଟିଭ୍ ବୋଲି ଡାକ୍ତରୀ ପରୀକ୍ଷା ପରେ ଜଣାପଡ଼ିଛି। ଏହା ପଦାକୁ ଆସିବା ପରେ ଝାରପଡ଼ା ଜେଲ୍ କର୍ତ୍ତୃପକ୍ଷ ସତର୍କ ହୋଇଛନ୍ତି। ଅଭିଯୁକ୍ତର ଚିକିତ୍ସା ପାଇଁ ଆବଶ୍ୟକ ପଦକ୍ଷେପ ନେବା ସହ ଭୁବନେଶ୍ୱର ସ୍ୱତନ୍ତ୍ର ପୋକ୍ସୋ କୋର୍ଟ ଓ ଡିସିପିଙ୍କୁ ଚିଠି ଲେଖି ଅବଗତ କରାଇଛନ୍ତି ଝାରପଡ଼ା ଜେଲ୍ କର୍ତ୍ତୃପକ୍ଷ।

**କୋର୍ଟ ଓ ପୁଲିସକୁ ଚିଠି ଲେଖିଲେ ଜେଲ୍ କର୍ତ୍ତୃପକ୍ଷ**

ସୂଚନା ଅନୁସାରେ ଜଣେ ୧୭ ବର୍ଷୀୟା ନାବାଳିକା ରାଜଧାନୀର ଏକ କୋଚିଂ ସେଣ୍ଟରରେ ପଢୁଥିବା ବେଳେ ଅଭିଯୁକ୍ତ ଜଣକ ସେଠାରେ ଶିକ୍ଷକତା କରୁଥିଲେ। ପାଠ ପଢ଼ିବା ସମୟରେ ନାବାଳିକାକୁ ପ୍ରେମ ଜାଲରେ ଫସାଇ ବିଭିନ୍ନ ସ୍ଥାନକୁ ନେଇଥିଲେ। ସେଠାରେ ନାବାଳିକାକୁ ବଳପୂର୍ବକ ଦୁଷ୍କର୍ମ କରିଥିଲେ। ପରବର୍ତ୍ତୀ ସମୟରେ ବ୍ଲାକମେଲିଂ କରି ସମ୍ପୃକ୍ତ ନାବାଳିକା ସହ ସେ ବାରମ୍ବାର ଶାରୀରିକ ସମ୍ପର୍କ ରଖିଥିଲେ ଓ ମାନସିକ ନିର୍ଯାତନା ଦେଇଥିଲେ। ଅତ୍ୟାଚାର ଅସହ୍ୟ ହେବାରୁ ନାବାଳିକା ଜଣକ ମହିଳା ଥାନାରେ ଲିଖିତ ଏତଲା ଦେଇଥିଲେ। କିଛିଦିନ ପୂର୍ବେ ପୁଲିସ ▶ପୃଷ୍ଠା-୧୦

# ବିଜୟ ସରକାର ଭାଙ୍ଗିବା ପାଇଁ ଷଡ଼ଯନ୍ତ୍ର!



**ବିଧାୟକଙ୍କୁ ୩୫ କୋଟିର ପ୍ରଲୋଭନ**

■ ଚେନ୍ନଇ, ୧।୭ (ଏଜେନ୍ସି): ତାମିଲନାଡୁରେ ସୁପରଷ୍ଟାର୍ ବିଜୟଙ୍କ ନେତୃତ୍ୱାଧୀନ 'ଟିଭିକେ' (ତାମିଲିଗା ଭେଟ୍ରି କାଜାଗାମ୍) ସରକାର ଗଠନ ହେବାର ମାତ୍ର ଦୁଇ ମାସ ମଧ୍ୟରେ ଏହାକୁ ଭାଙ୍ଗିବା ପାଇଁ ଷଡ଼ଯନ୍ତ୍ର। ବିଧାନସଭାରୁ ଇସ୍ତଫା ଦେବାଲାଗି ଟିଭିକେ ବିଧାୟକଙ୍କୁ ଯଚାଯାଇଥିଲା ୩୫ କୋଟି ଟଙ୍କା। ଏହି ଷଡ଼ଯନ୍ତ୍ରର ପର୍ଦ୍ଦାଫାସ ହେବାପରେ ତାମିଲନାଡୁ ରାଜନୀତିରେ ହଟଚମଟ ସୃଷ୍ଟି ହୋଇଛି। ଏହି ଘଟଣାରେ ତିନି ଜଣଙ୍କୁ ଗିରଫ କରାଯିବା ପରେ ଷଡ଼ଯନ୍ତ୍ରରେ ଡିଏମକେ ସାମିଲ ଥିବା ନେଇ ଅଭିଯୋଗ ହୋଇଛି।

ରାଜ୍ୟ ଗୋଇନ୍ଦା ବିଭାଗ ଏହି ଯୋଜନାକୁ ପଣ୍ଡ କରିଥିବା ଦାବି କରିଛି। ମିଳିଥିବା ସୂଚନା ଅନୁଯାୟୀ, ସରକାରର ପତନ ପାଇଁ ଏକାସଙ୍ଗେ ୧୫ ଜଣ ଟିଭିକେ ବିଧାୟକଙ୍କୁ ଇସ୍ତଫା ଦେବା ପାଇଁ ପ୍ରଲୋଭିତ କରାଯାଉଥିଲା। ଏକ ସମୟରେ ଏତେ ବିଧାୟକ ଇସ୍ତଫା ଦେଇଥିଲେ ବିଜୟ ସରକାର ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣିବାକୁ ଯୋଜନା ହୋଇଥିଲା। ବିରୋଧୀ ଦଳ ▶ପୃଷ୍ଠା-୧୦






# ରାଜ୍ୟବ୍ୟାପୀ ଡାକ୍ତରଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ

## ସରକାରୀ ହସ୍ପିଟାଲ୍‌ରେ ସ୍ୱାସ୍ଥ୍ୟ ସେବା ପ୍ରଭାବିତ

■ ଭୁବନେଶ୍ୱର, ୧।୭ (ସମିସ): ଜାତୀୟ ଡାକ୍ତର ଦିବସଠାରୁ ଓଡିଶା ମେଡିକାଲ୍ ସର୍ଭିସେସ୍ ଆସୋସିଏସନ୍ (ଓମସା) ଆରମ୍ଭ କରିଛି ରାଜ୍ୟବ୍ୟାପୀ କାର୍ଯ୍ୟବନ୍ଦ ଆନ୍ଦୋଳନ। ୧୦-ଦଫା ଦାବି ପୂରଣ ନ ହେବାରୁ ଡାକ୍ତରମାନେ କଳା ବ୍ୟାଜ୍ ପିନ୍ଧି ପ୍ରତିବାଦ କରିବା ସହ କାର୍ଯ୍ୟବନ୍ଦ କରିଥିବାରୁ ସରକାରୀ ହସ୍ପିଟାଲଗୁଡ଼ିକରେ ରୋଗୀ ସେବା ଗୁରୁତର ପ୍ରଭାବିତ ହୋଇଛି। ରାଜ୍ୟର ସମସ୍ତ ସରକାରୀ ଚିକିତ୍ସାଳୟରେ ଓପିଡି ଏବଂ ଇନ୍‌ଡୋର ସେବା ଗୁରୁତର ଭାବେ ପ୍ରଭାବିତ ହୋଇଥିବାରୁ ରୋଗୀମାନେ ବହୁ ଦୂରଦୂରାନ୍ତରୁ ଆସି ହସ୍ପିଟାଲରୁ ନିରାଶ ହୋଇ



ଫେରିଛନ୍ତି। କେନ୍ଦ୍ରୀୟ ବେତନ କ୍ରମ ଲାଗୁ, ବିନା ସର୍ତ୍ତରେ ଡାଇନାମିକ୍ ଆସ୍ୟୁର୍ଡ଼୍ କ୍ୟାରିୟର୍ ପ୍ରୋଗ୍ରେସନ୍ କାର୍ଯ୍ୟକାରୀ, ଡାକ୍ତରଙ୍କ ସୁରକ୍ଷା, ଖାଲି ପଦବୀ ପୂରଣ, ଅନ୍ୟାନ୍ୟ ଭତ୍ତା, ଟ୍ରାନ୍ସଫର୍ ନୀତି ଓ ସେବା ସୁନିଶ୍ଚିତତା ଲାଗି ଡାକ୍ତରମାନେ ଦାବି କରିଛନ୍ତି।

ଓମସା ପକ୍ଷରୁ କୁହାଯାଇଛି ଯେ ଗତ କିଛି ମାସ ଧରି ସରକାରଙ୍କୁ ସମୟ ଦିଆଯାଇଥିଲା, କିନ୍ତୁ କୌଣସି ପଦକ୍ଷେପ ନିଆଯାଇ ନାହିଁ। ଯଦି ଦାବି ପୂରଣ ନ ହୁଏ ତେବେ ଆନ୍ଦୋଳନ ଆହୁରି ତୀବ୍ର ହେବ। ଏହି ଆନ୍ଦୋଳନ ଯୋଗୁଁ ରାଜ୍ୟର ବିଭିନ୍ନ ଜିଲ୍ଲା ଭୁବନେଶ୍ୱର, କଟକ, ବ୍ରହ୍ମପୁର, ସମ୍ବଲପୁର, କଳାହାଣ୍ଡି ଆଦି ସରକାରୀ ହସ୍ପିଟାଲ୍‌ରେ ରୋଗୀ ସେବା ବ୍ୟାପକ ଭାବେ ପ୍ରଭାବିତ ହୋଇଛି। ସରକାର ଏହି ଆନ୍ଦୋଳନ ପ୍ରଶମିତ କରିବା ପାଇଁ ପଦକ୍ଷେପ ନ ନେଲେ ଜରୁରୀ ସେବା ଉପରେ ମଧ୍ୟ ପ୍ରଭାବ ପଡ଼ିବାର ଆଶଙ୍କା ସୃଷ୍ଟି ▶ପୃଷ୍ଠା-୧୦

## ବୈଦେଶିକ ସଚିବ ବିକ୍ରମ ମିଶ୍ରିଙ୍କ କାର୍ଯ୍ୟକାଳ ୧ ବର୍ଷ ପାଇଁ ବୃଦ୍ଧି

ନୂଆଦିଲ୍ଲୀ, ୧୭(ଏଜେନ୍ସି): କେନ୍ଦ୍ର ସରକାର ବୈଦେଶିକ ସଚିବ ବିକ୍ରମ ମିଶ୍ରିଙ୍କ କାର୍ଯ୍ୟକାଳକୁ ଆଉ ଏକ ବର୍ଷ ପାଇଁ ବୃଦ୍ଧି କରିଛନ୍ତି । କ୍ୟାବିନେଟର ନିଯୁକ୍ତି କମିଟି (ଏସିସି) ର ଅନୁମୋଦନ ଅନୁଯାୟୀ, ଶ୍ରୀ ମିଶ୍ରି ଏବେ ୨୦୨୭ ଜୁଲାଇ ୧୪ ପର୍ଯ୍ୟନ୍ତ ଏହି ଗୁରୁତ୍ୱପୂର୍ଣ୍ଣ ପଦବୀରେ କାର୍ଯ୍ୟ ଜାରି ରଖିବେ । ମିଶ୍ରି ୨୦୨୪



ଜୁଲାଇରେ ବୈଦେଶିକ ସଚିବ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ । ବର୍ତ୍ତମାନର ଜଟିଳ ବିଶ୍ୱରାଜନୈତିକ ପରିସ୍ଥିତିରେ ଭାରତର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କୂଟନୈତିକ କାର୍ଯ୍ୟକ୍ରମ ଯଥା ଜି୨୦ ସମ୍ପର୍କିତ କାର୍ଯ୍ୟକ୍ରମ, କ୍ୱାଡ୍ ପାଇଁ ପଦକ୍ଷେପ ଏବଂ ଆମେରିକା, ଚୀନ୍ ଓ ୟୁରୋପୀୟ ସଂଘ ସହିତ ଦ୍ୱିପାକ୍ଷିକ ଆଲୋଚନା ଆଦିର ସଫଳତା ଲକ୍ଷ୍ୟ ରହିଛି । ଏଥିପାଇଁ ବୈଦେଶିକ ମନ୍ତ୍ରଣାଳୟରେ ନିରନ୍ତରତା ଅତ୍ୟନ୍ତ ଆବଶ୍ୟକ ଥିବାରୁ ଏହି ବୃଦ୍ଧି ଆବଶ୍ୟକ ବୋଲି କୁହାଯାଇଛି । ୧୯୮୯ ବ୍ୟାଚର ଭାରତୀୟ ବୈଦେଶିକ ସେବା (ଆଇଏଫ୍ଏସ୍) ଅଧିକାରୀ ବିକ୍ରମ ମିଶ୍ରିଙ୍କର ଦୀର୍ଘକାଳୀନ ଅଭିଜ୍ଞତା ରହିଛି । ସେ ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦ୍ର କୁମାର ଗୁଜରାଲ, ମନମୋହନ ସିଂ ଏବଂ ବର୍ତ୍ତମାନର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବ୍ୟକ୍ତିଗତ ସଚିବ ଭାବେ ଦାୟିତ୍ୱ ତୁଲାଇଛନ୍ତି । ସେ ଚୀନ୍, ମ୍ୟାନମ୍ୟାର ଏବଂ ସ୍ପେନରେ ଭାରତର ରାଷ୍ଟ୍ରଦୂତ ଭାବେ କାର୍ଯ୍ୟ କରିବା ସହ ବ୍ରୁସେଲ୍ସ ଏବଂ ଟ୍ୟୁନିସରେ ମଧ୍ୟ କାର୍ଯ୍ୟ କରିଛନ୍ତି । ବୈଦେଶିକ ସଚିବ ପୂର୍ବରୁ ସେ ଉପ-ରାଷ୍ଟ୍ରୀୟ ସୁରକ୍ଷା ପରାମର୍ଶଦାତା ଦାୟିତ୍ୱ ତୁଲାଇଛନ୍ତି । ୨୦୨୦ରେ ପୂର୍ବ ଲଦାଖ ଏବଂ ଗଲୱାନ୍ ଘାଟି ସଂଘର୍ଷ ପରେ ଚୀନ୍ ସହ କୂଟନୈତିକ ସମ୍ପର୍କ ପରିଚାଳନାରେ ମିଶ୍ରି ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ ।

## ଖାମନେଇଙ୍କ ଅନ୍ତ୍ୟେଷ୍ଟିକ୍ରିୟାକୁ ଜୈନ ମୁନିଙ୍କୁ ନିମନ୍ତ୍ରଣ

ତେହେରାନ, ୧୭(ଏଜେନ୍ସି): ଇରାନର ପୂର୍ବତନ ସର୍ବୋଚ୍ଚ ଧାର୍ମିକ ନେତା ଆୟାତୋଲ୍ଲା ସେୟଦ ଅଲୀ ଖାମେନେଇଙ୍କ ଆଗାମୀ ରାଷ୍ଟ୍ରୀୟ ଅନ୍ତ୍ୟେଷ୍ଟିକ୍ରିୟା ପାଇଁ ଭାରତର ଜୈନ ମୁନି ଆଚାର୍ଯ୍ୟ ଲୋକେଶଙ୍କୁ ବିଶେଷ ଭାବେ ନିମନ୍ତ୍ରଣ କରାଯାଇଛି । ବିଶ୍ୱ ଶାନ୍ତି କେନ୍ଦ୍ରର ପ୍ରତିଷ୍ଠାତା ତଥା ସର୍ବଧର୍ମ ସମନ୍ୱୟର ପ୍ରବକ୍ତା ଆଚାର୍ଯ୍ୟ ଲୋକେଶଙ୍କୁ ମିଳିଥିବା ଏହି ନିମନ୍ତ୍ରଣ ଏବେ ଅନ୍ତର୍ଜାତୀୟ କୂଟନୀତି କ୍ଷେତ୍ରରେ ଏକ ବିରଳ ମୁହୂର୍ତ୍ତ ସୃଷ୍ଟି କରିଛି । ଜୁଲାଇ ୪ରୁ ୯ ତାରିଖ ପର୍ଯ୍ୟନ୍ତ ଇରାନର ବିଭିନ୍ନ ପବିତ୍ର ସହରରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଆଚାର୍ଯ୍ୟ ଲୋକେଶ ଗତ ତିନି ଦଶନ୍ଧିରୁ ଅଧିକ ସମୟ ଧରି ଜାତିସଂଘ ଏବଂ ବିଶ୍ୱର ବିଭିନ୍ନ ପ୍ରମୁଖ ମଞ୍ଚରେ ଜୈନ ଦର୍ଶନ, ଅହିଂସା ଓ ବିଶ୍ୱ ଶାନ୍ତିର ବାର୍ତ୍ତା ପ୍ରଚାର କରିଆସୁଛନ୍ତି । ରାଜନୈତିକ ଏବଂ ଆଦର୍ଶଗତ ମତଭେଦକୁ ଦୂର କରି ଧାର୍ମିକ ସଦ୍ଭାବନା ରକ୍ଷା କରିବାରେ ତାଙ୍କର ପ୍ରଚେଷ୍ଟା ପାଇଁ ଇରାନ ସରକାର ତାଙ୍କୁ ଏହି ସମ୍ମାନଜନକ କାର୍ଯ୍ୟକ୍ରମକୁ ଆମନ୍ତ୍ରଣ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ଭାରତ ସରକାରଙ୍କ ପକ୍ଷରୁ ସରକାରୀ ପ୍ରତିନିଧି ଭାବେ କେନ୍ଦ୍ର ବୈଦେଶିକ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ପବିତ୍ର ମାର୍ଗାରେଟା ଏବଂ ବିହାରର ରାଜ୍ୟପାଳ ଲେଫ୍ଟନାଣ୍ଟ ଜେନେରାଲ ସେୟଦ ଅତା ହସନେନ ଯୋଗଦେବେ । ଏହାସହିତ ବିଜେପି ସଭାପତି ନିତିନ ନବୀନ ଏବଂ କଂଗ୍ରେସ ସଭାପତି ଖଡ଼ଗେଙ୍କୁ ମଧ୍ୟ ଇରାନ ନିମନ୍ତ୍ରଣ କରିଛି ।

## ମହୁଆ ମୈତ୍ରଙ୍କ ସଭାରେ ଅଣ୍ଡା ମାଡ଼

ନଦିଆ, ୧୭(ଏଜେନ୍ସି): ପଶ୍ଚିମବଙ୍ଗର ନଦିଆ ଜିଲ୍ଲାର କାଲିଗଞ୍ଜଠାରେ ତୃଣମୂଳ କଂଗ୍ରେସ (ଟିଏମସି) ସାଂସଦ ମହୁଆ ମୈତ୍ରଙ୍କ ଏକ ଦଳୀୟ ବୈଠକ ଚାଲିଥିବା ସମୟରେ ତାଙ୍କୁ ଲକ୍ଷ୍ୟ କରି ଅଣ୍ଡା ମାଡ଼ ହୋଇଥିବା ଅଭିଯୋଗ ହୋଇଛି । ବିରୋଧୀ



ବିଜେପି ସମର୍ଥକମାନେ ବୈଠକ ସ୍ଥଳକୁ ଚାରିପଟୁ ଘେରିଯିବା ସହ ସେମାନଙ୍କୁ ସେଠାରୁ ବାହାରକୁ ଯିବାକୁ ଦେଇନଥିଲେ ବୋଲି ସାଂସଦ ଅଭିଯୋଗ କରିଛନ୍ତି । ସାମାଜିକ ଗଣମାଧ୍ୟମରେ କିଛି ଭିଡିଓ ସେୟାର କରି ମହୁଆ ମୈତ୍ର ଅଭିଯୋଗ କରିଛନ୍ତି ଯେ, କଳା ପତାକା ଧରିଥିବା ବିଜେପି କର୍ମୀମାନେ ରାସ୍ତା ଅବରୋଧ କରିବା ସହ ଝରକା ବାଟେ ଭିତରକୁ ଅଣ୍ଡା ଓ ଅନ୍ୟାନ୍ୟ ସାମଗ୍ରୀ ଫିଙ୍ଗିଥିଲେ, ଯାହା ମଧ୍ୟରୁ ଗୋଟିଏ ଅଣ୍ଡା ତାଙ୍କ ଦେହରେ ବାଜିଥିଲା । ଏହି ସମୟରେ ସେଠାରେ ଉପସ୍ଥିତ ପୋଲିସ କୌଣସି ପଦକ୍ଷେପ ନେଇନଥିବା ସେ ଅଭିଯୋଗ କରିଛନ୍ତି । ଅପରପକ୍ଷରେ, ଟିଏମସି ଏହାକୁ ଏକ ସୁଚିନ୍ତିତ ରାଜନୈତିକ ଆକ୍ରୋଶ ବୋଲି ଦର୍ଶାଇଥିବା ବେଳେ ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ରାଜନୈତିକ ଉତ୍ତେଜନା ପ୍ରକାଶ ପାଇଛି । ଏହି ଘଟଣାରେ ପୁଲିସ ଭୂମିକାକୁ ପାର୍ଟି ସମାଲୋଚନା କରିଛି ।

## ୨୧ ଘଣ୍ଟାର ଅପରେସନ ବିଫଳ ବୋରୱେଲରୁ ଶିଶୁର ମୃତଦେହ ଉଦ୍ଧାର

ଚଣ୍ଡିଗଡ଼, ୧୭(ଏଜେନ୍ସି): ହରିୟାଣାର ଅମ୍ବାଲା ଜିଲ୍ଲାରେ ୨୨୦ ଫୁଟ ଗଭୀର ଏକ ଖୋଲା ବୋରୱେଲରେ ପଡ଼ିଯାଇଥିବା ୪ ବର୍ଷର ଶିଶୁ ନିର୍ଭୟକୁ ଦୀର୍ଘ ୨୧ ଘଣ୍ଟାର କଠିନ ପରିଶ୍ରମ ପରେ ଉଦ୍ଧାର କରାଯାଇଛି । ହେଲେ ତା' ଜୀବନରକ୍ଷା ହୋଇପାରି ନାହିଁ । ଗତକାଲି ସକାଳେ ନିର୍ଭୟ ନିଜ ପିତା ମନଜିତଙ୍କ ସହ ବିଲକୁ ଯାଇଥିଲା । ଖେଳୁ ଖେଳୁ ସେଠାରେ ଥିବା ଏକ ୯ ଇଞ୍ଚ ଓସାରର ଖୋଲା ବୋରୱେଲ ଭିତରକୁ ଖସି ପଡ଼ିଥିଲା । ଶିଶୁଟିକୁ ବଞ୍ଚାଇବା ପାଇଁ ପ୍ରଶାସନ ପକ୍ଷରୁ ବଡ଼ ଧରଣର ଅପରେସନ ଆରମ୍ଭ କରାଯାଇଥିଲା । ଦୀର୍ଘ ୨୧ ଘଣ୍ଟାର ସଂଘର୍ଷ ପରେ ବୁଧବାର ଭୋର ପ୍ରାୟ ୩.୩୦ ମିନିଟରେ ତାକୁ ବୋରୱେଲରୁ ବାହାର କରାଯାଇଥିଲା । ହେଲେ ସେତେବେଳକୁ ତାର ଶରୀର ଶିଥିଳ ପଡ଼ିଯାଇଥିଲା । ଅମ୍ବାଲା ସିଭିଲ୍ ହସ୍ପିଟାଲରେ ପହଞ୍ଚିବା ବେଳକୁ ତାଙ୍କର ମୃତ୍ୟୁ ହୋଇସାରିଥିବା ଡାକ୍ତର କହିଛନ୍ତି । ଅମ୍ବାଲା ଡେପୁଟି କମିଶନର ଅଜୟ ସିଂହ ତୋମାର ଏହି ଘଟଣା ପାଇଁ ବୋରୱେଲ ମାଲିକଙ୍କ ଅବହେଳାକୁ ଦାୟୀ କରିଛନ୍ତି । ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ସ୍ପଷ୍ଟ କରିଛନ୍ତି । ଏଥିସହ ସମସ୍ତ ଚାଷୀଙ୍କୁ ନିଜ କ୍ଷେତରେ ଥିବା ବୋରୱେଲଗୁଡ଼ିକୁ ଘୋଡ଼ାଇ ରଖିବାକୁ ସେ ନିବେଦନ କରିଛନ୍ତି ।

## ଡାକ୍ତରଖାନାରେ ଅମାନୁଷିକତା



ରାୟବରେଲି, ୧୭(ଏଜେନ୍ସି): ଉତ୍ତର ପ୍ରଦେଶର ରାୟବରେଲି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ ଏକ ଅତି ନିନ୍ଦନୀୟ ଓ ଅମାନୁଷିକ ଘଟଣା ସାମ୍ନାକୁ ଆସିଛି । ଡାକ୍ତରଖାନାର ଜଣେ ମହିଳା ସଫେଇ କର୍ମଚାରୀ ଜଣେ ଅସହାୟ ରୋଗୀଙ୍କୁ ଅତି ଅମାନୁଷିକ ଭାବେ ମାତ୍ର ୩୫ ସେକେଣ୍ଡ ଭିତରେ ୧୦ ରୁ ଅଧିକ ଥର ଗୋଇଠା ମାରିବା ସହ ଗାଳିଗୁଲଜ କରୁଥିବାର ଏକ ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ୍ ହୋଇଛି । ଏହି ଘଟଣାକୁ ନେଇ ସାରା ଦେଶରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇବା ପରେ ପ୍ରଶାସନ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି । ରାଜ୍ୟ ଉପ-ମୁଖ୍ୟମନ୍ତ୍ରୀ ବ୍ରଜେଶ ପାଠକଙ୍କ ନିର୍ଦ୍ଦେଶ କ୍ରମେ, ଚିକିତ୍ସାଳୟ କର୍ତ୍ତୃପକ୍ଷ ସମ୍ପୃକ୍ତ ମହିଳା କର୍ମଚାରୀଙ୍କୁ ତୁରନ୍ତ ଚାକିରିରୁ ନିଲମ୍ବିତ କରିଛନ୍ତି । ଡାକ୍ତରଖାନାର ମୁଖ୍ୟ ଚିକିତ୍ସା ଅଧୀକ୍ଷକଙ୍କ ସୂଚନା ଅନୁଯାୟୀ, ନିଲମ୍ବିତ କର୍ମଚାରୀଙ୍କ ନାମ ପିଙ୍କି ଏବଂ ସେ ସେଠାରେ ସଫେଇ କର୍ମଚାରୀ ଭାବେ କାର୍ଯ୍ୟ କରୁଥିଲେ । ସରକାରୀ କର୍ମଚାରୀ ଆଚରଣ ବିଧି ଉଲ୍ଲଙ୍ଘନ ଅଭିଯୋଗରେ ତାଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରାଯାଇଛି । ଘଟଣାର ସଠିକ୍ ଅନୁସନ୍ଧାନ ପାଇଁ ତିନି ଜଣିଆ ଡାକ୍ତରୀ କମିଟି ଗଠନ କରାଯାଇଛି, ଯେଉଁମାନେ ଏକ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ରିପୋର୍ଟ ପ୍ରଦାନ କରିବେ । ଏହି ଘଟଣା ପରେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସମସ୍ତ ଜିଲ୍ଲା ଚିକିତ୍ସା ଅଧିକାରୀଙ୍କୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି ଯେ, ରୋଗୀଙ୍କ ସହ କୌଣସି ପ୍ରକାରର ଦୁର୍ବ୍ୟବହାର କିମ୍ବା ଅମାନୁଷିକ ଆଚରଣକୁ ଆଦୌ ବରଦାସ୍ତ କରାଯିବ ନାହିଁ ।

**ରୋଗୀଙ୍କୁ ୩୫ ସେକେଣ୍ଡରେ ୧୦ରୁ ଅଧିକ ଗୋଇଠା**



## ମୃତଦେହରୁ ଗାଏବ ମସ୍ତିଷ୍କ, ହୃତ୍‌ପିଣ୍ଡ ଓ ଫୁସଫୁସ

ନୂଆଦିଲ୍ଲୀ, ୧୭(ଏଜେନ୍ସି): ଭେନେଜୁଏଲାରେ ରହସ୍ୟଜନକ ଭାବେ ପ୍ରାଣ ହରାଇଥିବା ଜଣେ ଭାରତୀୟ ନାବିକଙ୍କ ମୃତଦେହ ସ୍ୱଦେଶ ଫେରିବା ପରେ ଏକ ଚାଞ୍ଚଲ୍ୟକର ତଥ୍ୟ ସାମ୍ନାକୁ ଆସିଛି । ଉତ୍ତର ପ୍ରଦେଶର ଦେଓରିଆ ଜିଲ୍ଲାର ବାସିନ୍ଦା ୩୩ ବର୍ଷୀୟ ରାକେଶ ଚୌହାନଙ୍କ ମୃତଦେହରୁ ମସ୍ତିଷ୍କ, ହୃତପିଣ୍ଡ, ଫୁସଫୁସ, ଯକୃତ ଓ କିଡନୀ ଭଳି ସମସ୍ତ ଗୁରୁତ୍ୱପୂର୍ଣ୍ଣ ଆଭ୍ୟନ୍ତରୀଣ ଅଙ୍ଗ ଗାଏବ ଥିବା ଜଣାପଡ଼ିଛି । ଏହି ଘଟଣା ପରେ ଭାରତୀୟ ନାବିକ ସଂଘ (ଏଫଏସୟୁଆଇ) ଏବଂ ମୃତକଙ୍କ ପରିବାର ଲୋକେ ଏହାର ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛନ୍ତି । ରାକେଶ ଗତ ୨୦୨୫ ନଭେମ୍ବରରେ ଏକ ବାଣିଜ୍ୟିକ ଜାହାଜରେ କାର୍ଯ୍ୟ କରିବାକୁ ଭେନେଜୁଏଲା ଯାଇଥିଲେ । ଚଳିତ ବର୍ଷ ମେ ମାସରେ ଜାହାଜରେ ପଡ଼ିଯିବା ଯୋଗୁଁ ତାଙ୍କର ମୃତ୍ୟୁ ହୋଇଥିବା ସମ୍ପୃକ୍ତ କମ୍ପାନୀ ପରିବାର ଲୋକଙ୍କୁ ଜଣାଇଥିଲା । ଗତ ଜୁନ୍ ୪ ତାରିଖରେ ମୃତଦେହ ଗାଁରେ ପହଞ୍ଚିବା ପରେ, ସନ୍ଦେହ ହେବାରୁ ଜିଲ୍ଲା ମାଜିଷ୍ଟ୍ରେଟ୍‌ଙ୍କ ନିର୍ଦ୍ଦେଶରେ ଭାରତରେ ଦ୍ୱିତୀୟ ଥର ପାଇଁ ଶବ ବ୍ୟବଚ୍ଛେଦ କରାଯାଇଥିଲା । ଡାକ୍ତରୀ ଦଳଙ୍କ ରିପୋର୍ଟ ଅନୁଯାୟୀ, ମୃତଦେହରେ ଗୋଟିଏ ହେଲେ ବି ଅଙ୍ଗ ନଥିଲା ଏବଂ ଶରୀରରେ ବ୍ୟାପକ ସିଲେଇ ଚିହ୍ନ ରହିଥିଲା । ଶରୀରରେ କୌଣସି ଅଙ୍ଗ ନଥିବାରୁ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିନାହିଁ । ଭେନେଜୁଏଲା ପ୍ରଶାସନ କିମ୍ବା ସମ୍ପୃକ୍ତ କମ୍ପାନୀ ପକ୍ଷରୁ କୌଣସି ଶବ ବ୍ୟବଚ୍ଛେଦ ରିପୋର୍ଟ କିମ୍ବା ସ୍ପଷ୍ଟୀକରଣ ଦିଆଯାଇ ନଥିବାରୁ ପରିବାର ଲୋକେ ସମ୍ପୂର୍ଣ୍ଣ ଅନ୍ଧାରରେ ରହିଛନ୍ତି । ସାଧାରଣତଃ ଅନୁସନ୍ଧାନ ପାଇଁ ପ୍ରଥମ ଶବ ବ୍ୟବଚ୍ଛେଦ ସମୟରେ କିଛି ଅଙ୍ଗ ବାହାର କରାଯାଉଥିଲେ ବି, ଏଭଳି ସମସ୍ତ ଅଙ୍ଗ ଗାଏବ ହେବା ଅଙ୍ଗ ଚୋରା ଚାଲାଣର ସନ୍ଦେହ ବଢ଼ାଉଛି । ଏହି ମାମଲାରେ ଭାରତୀୟ ଦୂତାବାସ ତୁରନ୍ତ ହସ୍ତକ୍ଷେପ କରି ନ୍ୟାୟ ଓ କ୍ଷତିପୂରଣ ପ୍ରଦାନ କରିବାକୁ ଦାବି ହୋଇଛି ।

# ପାଣି ପାଇଁ ଆଣ୍ଠେଇଲାଣି ପାକିସ୍ତାନ

ଇସଲାମାବାଦ, ୧୭(ଏଜେନ୍ସି): ଭୀଷଣ ଗ୍ରୀଷ୍ମ ପ୍ରବାହ ଏବଂ ଜଳ ସଙ୍କଟ ମଧ୍ୟରେ ଗତି କରୁଥିବା ପାକିସ୍ତାନ ଏବେ ସିନ୍ଧୁ ନଦୀ ଜଳ ଚୁକ୍ତିକୁ ନେଇ ସମ୍ପୂର୍ଣ୍ଣ ଭୟଭୀତ ହୋଇପଡ଼ିଛି । ଯଦି ଭାରତ ଓ ପାକିସ୍ତାନ ମଧ୍ୟରେ ହୋଇଥିବା ସିନ୍ଧୁ ନଦୀ ଜଳ ଚୁକ୍ତି ରଦ୍ଦ ହୁଏ, ତେବେ କାଗଜପତ୍ରରେ ଥିବା ସମଗ୍ର ବିଶ୍ୱ ବ୍ୟବସ୍ଥା ଭୁଶୁଡ଼ି ପଡ଼ିବ ବୋଲି ପାକିସ୍ତାନ ଚେତାବନୀ ଦେଇଛି । ୨୦୨୫ ମସିହା ଅପ୍ରେଲ ମାସରେ ପହଲଗାମଠାରେ ହୋଇଥିବା ଆତଙ୍କବାଦୀ ଆକ୍ରମଣରେ ୨୬ ଜଣ ସାଧାରଣ ନାଗରିକ ପ୍ରାଣ ହରାଇବା ପରେ ଭାରତ ଏହି ଜଳ ଚୁକ୍ତିକୁ ସ୍ଥଗିତ ରଖିଛି । ଏହା ପରେ ପାକିସ୍ତାନରେ ଜଳ ସଙ୍କଟ ଦେଖାଦେବାର ଆଶଙ୍କା ତୀବ୍ର ହୋଇଛି । ଏହି ସଙ୍କଟକୁ ନେଇ ପାକିସ୍ତାନର ରାଜଧାନୀ ଇସଲାମାବାଦଠାରେ ଏକ ସମ୍ମିଳନୀର ଆୟୋଜନ କରାଯାଇଥିଲା । ଏଥିରେ ପାକିସ୍ତାନର ଉପ-ପ୍ରଧାନମନ୍ତ୍ରୀ ଇଶାକ ଦାର୍ କହିଛନ୍ତି ଯେ, ଭାରତ ପକ୍ଷରୁ ସିନ୍ଧୁ ନଦୀ ଜଳ ଚୁକ୍ତିକୁ ସ୍ଥଗିତ ରଖିବା ସମ୍ପୂର୍ଣ୍ଣ ବେଆଇନ ଏବଂ ଜଳକୁ କେବେ ବି ରାଜନୈତିକ ଅସ୍ତ୍ର ଭାବେ ବ୍ୟବହାର କରାଯିବା ଉଚିତ ନୁହେଁ । ଏହା ସହ ସେ ଧମକପୂର୍ଣ୍ଣ ସ୍ୱରରେ କହିଛନ୍ତି ଯେ, ପାକିସ୍ତାନର ଜଳରାଶିକୁ ରୋକିବା କିମ୍ବା ବଦଳାଇବା ଚେଷ୍ଟାକୁ ଏକ 'ଯୁଦ୍ଧର ଆହ୍ୱାନ' ଭାବେ ଗ୍ରହଣ କରାଯିବ । ଅପରପକ୍ଷରେ, ପାକିସ୍ତାନ ପିପୁଲ୍ସ ପାର୍ଟି (ପିପିପି) ର ମୁଖ୍ୟ ବିଲାୱାଲ ଭୁଟ୍ଟୋ ଜରଦାରୀ କହିଛନ୍ତି ଯେ ସିନ୍ଧୁ ନଦୀ ପାକିସ୍ତାନର ଜୀବନରେଖା ଏବଂ ଏହାକୁ ନେଇ କୌଣସି ବୁଝାମଣା କରାଯିବ ନାହିଁ । ପାକିସ୍ତାନର ଅନ୍ୟ ଜଣେ ମନ୍ତ୍ରୀ ମୁସାଦିକ୍ ମଲିକ କହିଛନ୍ତି, ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ

**■ ସିନ୍ଧୁ ନଦୀ ଜଳ ଚୁକ୍ତି ବାତିଲକୁ ନେଇ ଚିନ୍ତା**
**■ ଚୁକ୍ତି ଭାଙ୍ଗିଲେ 'ଭୁଶୁଡ଼ି ପଡ଼ିବ ବିଶ୍ୱ ବ୍ୟବସ୍ଥା'**

ଗଠିତ ହୋଇଥିବା କୌଣସି ବିଶ୍ୱ ନିୟମ ସୁରକ୍ଷିତ ରହିବ ନାହିଁ ଯଦି ଏହି ଚୁକ୍ତି ଭାଙ୍ଗିଯାଏ । ଏହି ସମ୍ପର୍କରେ ନୂଆଦିଲ୍ଲୀ ପକ୍ଷରୁ ତୁରନ୍ତ କୌଣସି ପ୍ରତିକ୍ରିୟା ପ୍ରକାଶ ପାଇନଥିଲେ ମଧ୍ୟ ମିଳିତ ଜାତିସଂଘର ଏକ କାର୍ଯ୍ୟକ୍ରମରେ ଭାରତର ସ୍ଥାୟୀ ପ୍ରତିନିଧି ହରୀଶ ପର୍ବଥାନେନୀ ସ୍ପଷ୍ଟ କରିଛନ୍ତି ଯେ, ବାରମ୍ବାର ଉତ୍ତେଜନାମୂଳକ କାର୍ଯ୍ୟ ଏବଂ ଦ୍ୱିପାକ୍ଷିକ ଆଲୋଚନା ବିଫଳ ହେବା ପରେ ଭାରତ ଏହି ପଦକ୍ଷେପ ନେବାକୁ ବାଧ୍ୟ ହୋଇଛି । ଯେପର୍ଯ୍ୟନ୍ତ ପାକିସ୍ତାନ ଆତଙ୍କବାଦ ବିରୋଧରେ ଦୃଢ଼ ଏବଂ ସ୍ଥାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରିଛି, ସେପର୍ଯ୍ୟନ୍ତ ଏହି ସିନ୍ଧୁ ନଦୀ ଜଳ ଚୁକ୍ତି ସ୍ଥଗିତ ରହିବ । ବିଶ୍ୱ ବ୍ୟାଙ୍କର ମଧ୍ୟସ୍ଥତାରେ ୧୯୬୦ ମସିହାରେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ଏହି ସିନ୍ଧୁ ନଦୀ ଜଳ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା । ଏହି ନିୟମ ଅନୁଯାୟୀ, ପୂର୍ବ ନଦୀଗୁଡ଼ିକ (ରାବି, ସୁତଲେଜ



ଓ ବ୍ୟାସ) ର ଜଳ ଭାରତ ନିୟନ୍ତ୍ରଣ କରୁଥିବାବେଳେ ପଶ୍ଚିମ ନଦୀଗୁଡ଼ିକ (ସିନ୍ଧୁ, ଝେଲମ ଓ ଚେନାବ) ର ଜଳ ପାକିସ୍ତାନକୁ ମିଳିଥାଏ । ୧୯୬୫, ୧୯୭୧ ଏବଂ କାର୍ଗିଲ ଯୁଦ୍ଧ ସମୟରେ ମଧ୍ୟ ଏହି ଚୁକ୍ତି ବଳବତ୍ତର ରହିଥିଲା, ମାତ୍ର ୨୦୨୫ ମସିହାର ଆତଙ୍କବାଦୀ ଆକ୍ରମଣ ପରେ ଦୁଇ ଦେଶ ମଧ୍ୟରେ ସମ୍ପର୍କ ସମ୍ପୂର୍ଣ୍ଣ ବିଗିଡ଼ି ଯାଇଛି । ସୀମାପାର ଆତଙ୍କବାଦକୁ ପ୍ରଶ୍ରୟ ଦେଇ ଆସୁଥିବା ପାକିସ୍ତାନ ଏବେ ନିଜର ଦୁର୍ଦ୍ଦଶା ପାଇଁ ବିଶ୍ୱ ସମୁଦାୟ ଆଗରେ ଗୁହାରି କରୁଛି । ମାତ୍ର ଭାରତ ନିଜର ଆଭିମୁଖ୍ୟ ସ୍ପଷ୍ଟ କରିସାରିଛି ଯେ, ଆତଙ୍କବାଦ ଏବଂ ଆଲୋଚନା ଏକାଠି ଚାଲିପାରିବ ନାହିଁ ।

## ଅଶାନ୍ତ ହେଉଛି ପିଓକେ

ଇସଲାମାବାଦ, ୧୭(ଏଜେନ୍ସି): ପାକିସ୍ତାନ ଅଧିକୃତ କାଶ୍ମୀର (ପିଓକେ) ର ରାୱାଲାକୋଟ୍‌ଠାରେ ପାକିସ୍ତାନ ସରକାର ବିରୋଧରେ ଗଣ-ବିଦ୍ରୋହ ତୀବ୍ର ରୂପ ଧାରଣ କରିଛି । 'ଜାମ୍ମୁ ଆଣ୍ଡ କାଶ୍ମୀର ଆୱାମୀ ଆକ୍ସନ କମିଟି' (ଜେଏଏସି) ନେତୃତ୍ୱରେ ହଜାର ହଜାର ପ୍ରତିବାଦକାରୀ ଏକାଠି ହୋଇ 'ଆମେ ପାକିସ୍ତାନର ଅଂଶ ନୋହୁଁ' ବୋଲି ଖୋଲାଖୋଲି ଘୋଷଣା କରିଛନ୍ତି । ସରକାର ବିରୋଧୀ ଆନ୍ଦୋଳନକୁ ଦବାଇବା ପାଇଁ ପ୍ରଶାସନ ପକ୍ଷରୁ ଏପର୍ଯ୍ୟନ୍ତ ପ୍ରାୟ ୬୦୦ରୁ ଅଧିକ ସଂଗଠନକାରୀଙ୍କୁ ଗିରଫ କରାଯାଇଛି । ଏପରିକି ସରକାରଙ୍କ ଦ୍ୱାରା ୧ କୋଟି ଟଙ୍କାର ପୁରସ୍କାର ଘୋଷଣା ହୋଇଥିବା ମୁଖ୍ୟ ନେତା ଶୌକତ ନୱାଜ ମୀରଙ୍କୁ ମଧ୍ୟ ପୋଲିସ ଗିରଫ କରିଛି । ପୂର୍ବରୁ କେବଳ ମହଙ୍ଗା ମାଡ଼, ଖାଦ୍ୟ ସଙ୍କଟ ଓ ପ୍ରଶାସନିକ ଅବହେଳାକୁ ନେଇ ଆରମ୍ଭ ହୋଇଥିବା ଏହି ଆନ୍ଦୋଳନ ଏବେ ଏକ ବଡ଼ ରାଜନୈତିକ ବିଦ୍ରୋହର ରୂପ ନେଇଛି । ଆନ୍ଦୋଳନକାରୀଙ୍କ ଅଭିଯୋଗ ଅନୁଯାୟୀ, ଗତ ଦୁଇ ସପ୍ତାହ ମଧ୍ୟରେ ସୁରକ୍ଷାବଳ ଓ ଜନସାଧାରଣଙ୍କ ମଧ୍ୟରେ ହୋଇଥିବା ସଂଘର୍ଷରେ ପ୍ରାୟ ୨୨ ଜଣଙ୍କର ମୃତ୍ୟୁ ଘଟିଛି । ସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ପ୍ରଶାସନ ଅଞ୍ଚଳରେ ଇଣ୍ଟରନେଟ୍ ସେବା ବନ୍ଦ କରିଦେଇଛି । ଆସନ୍ତା ଜୁଲାଇ ୨୭ ତାରିଖରେ ଏହି ଅଞ୍ଚଳରେ ବିଧାନସଭା ନିର୍ବାଚନ ହେବାକୁ ଥିବାବେଳେ ଏଭଳି ହିଂସାତ୍ମକ ପରିସ୍ଥିତି ପାକିସ୍ତାନ ସରକାରଙ୍କ ପାଇଁ ବଡ଼ ଚିନ୍ତାର କାରଣ ପାଲଟିଛି ।

## ହତ୍ୟା ପରେ କେତନଙ୍କ ଫୋନ୍ ନେଇଯାଇଥିଲେ ସିୟା

ପୁଣେ, ୧୭(ଏଜେନ୍ସି): ପୁଣେର ଜଣାଶୁଣା ଜମିବାଡ଼ି ବ୍ୟବସାୟୀ କେତନ ଅଗ୍ରୱାଲଙ୍କ ରହସ୍ୟଜନକ ହତ୍ୟା ମାମଲାରେ ପୋଲିସ ଏକ ନୂଆ ତଥ୍ୟ ସାମ୍ନାକୁ ଆଣିଛି । ପୋଲିସର ସୂଚନା ଅନୁଯାୟୀ, ହତ୍ୟାକାଣ୍ଡ ପରେ କେତନଙ୍କ ମୋବାଇଲ୍ ଫୋନ୍ କିଛି ସମୟ ପାଇଁ ତାଙ୍କ ଭାବି ପତ୍ନୀ ସିୟା ଗୋୟଲଙ୍କ ପାଖରେ ଥିଲା, ଯାହାକୁ ସେ ପରବର୍ତ୍ତୀ ସମୟରେ କେତନଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲେ । ସେହି ସମୟ ମଧ୍ୟରେ ସିୟା ଫୋନ୍‌ରୁ କୌଣସି ଗୁରୁତ୍ୱପୂର୍ଣ୍ଣ ପ୍ରମାଣ କିମ୍ବା ବାର୍ତ୍ତା କାଟି ଦେଇଛନ୍ତି କିମ୍ବା ବଦଳାଇ ଦେଇଛନ୍ତି କି ନାହିଁ, ସେ ନେଇ ପୋଲିସ ବର୍ତ୍ତମାନ ଯାଞ୍ଚ କରୁଛି । ଗତ ଜୁନ୍ ୧୮ ତାରିଖରେ ପୁଣେ ଜିଲ୍ଲାର ଐତିହାସିକ ଲୋହଗଡ଼ ଦୁର୍ଗର ଏକ ପାହାଡ଼ ଉପରୁ ଠେଲି ଦେଇ କେତନଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି । ଏହି ଅଭିଯୋଗରେ ୨୦ ବର୍ଷୀୟା ସିୟା ଗୋୟଲ ଏବଂ ତାଙ୍କ ପ୍ରେମିକ ଚେତନ ଚୌଧୁରୀଙ୍କୁ ପୋଲିସ ଗିରଫ କରିଛି । ଆସନ୍ତା ନଭେମ୍ବର ମାସରେ କେତନ ଏବଂ ସିୟାଙ୍କର ବିବାହ ହେବାର ଥିଲା । ବୁଧବାର ଦିନ ପୁଣେ ଗ୍ରାମୀଣ ପୋଲିସ ଅଭିଯୁକ୍ତ ଚେତନଙ୍କୁ ଘଟଣାସ୍ଥଳକୁ ନେଇ

**ପ୍ରମାଣ ନଷ୍ଟ କରିବାକୁ ଉଦ୍ୟମ**

ସମ୍ପୂର୍ଣ୍ଣ ହତ୍ୟାକାଣ୍ଡର ପୁନଃ ପ୍ରଦର୍ଶନ ବା ରୂପାୟନ କରିଛି ।



ଏହାପୂର୍ବରୁ ରବିବାର ଦିନ ସିୟାଙ୍କ ଉପସ୍ଥିତିରେ ଏକ ପୁତଳାକୁ ପାହାଡ଼ରୁ ତଳକୁ ଫିଙ୍ଗି ପୋଲିସ ଘଟଣାର ଯାଞ୍ଚ କରିଥିଲା । କେତନଙ୍କ ପିତା ବିଶାଳ ଅଗ୍ରୱାଲ ପୋଲିସ ନିକଟରେ ଅଭିଯୋଗ କରିଛନ୍ତି ଯେ, କେତନ ପ୍ରାୟତଃ ସିୟା ଏବଂ ଚେତନଙ୍କ ଅତି ନିବିଡ଼ ସମ୍ପର୍କକୁ ନେଇ ଚିନ୍ତିତ ରହୁଥିଲେ ।

## ୩୦ ଦିନ ପର୍ଯ୍ୟନ୍ତ ଜେଲ୍‌ରେ ରହିଲେ ମନ୍ତ୍ରୀପଦ ଯିବ

ନୂଆଦିଲ୍ଲୀ, ୧୭: ୩୦ ଦିନ ପର୍ଯ୍ୟନ୍ତ ଜେଲରେ ରହିଲେ ମନ୍ତ୍ରୀ ପଦ ଯିବ । ସଂସଦର ଆଗାମୀ ମୌସୁମୀ ଅଧିବେଶନରେ ସରକାର ଏସଂପର୍କରେ ଏକ ସମ୍ବିଧାନ ସଂଶୋଧନ ବିଲ୍ ଆଣିବାକୁ ଯାଉଛନ୍ତି । ଯଦି ଜଣେ ମନ୍ତ୍ରୀଙ୍କୁ ଏଭଳି ଏକ ଅଭିଯୋଗରେ ଗିରଫ କରାଯାଇଛି, ଯେଉଁଥିରେ ୫ ବର୍ଷ କିମ୍ବା ତାଠାରୁ ଅଧିକ ସମୟ ପାଇଁ ଜେଲଦଣ୍ଡର ବ୍ୟବସ୍ଥା ଥିବ, ସେମାନଙ୍କ ପ୍ରତି ଏହି ନିୟମ ଲାଗୁ ହେବ । ସେମାନେ ୩୦ ଦିନ ପର୍ଯ୍ୟନ୍ତ ଜେଲରେ ରହିଲେ ୩୧ତମ ଦିନରେ ଆପେ ଆପେ ମନ୍ତ୍ରୀ ପଦ ହରାଇବେ । ଏହି ନିୟମ ପ୍ରଧାନମନ୍ତ୍ରୀ ଏବଂ ମୁଖ୍ୟମନ୍ତ୍ରୀଙ୍କ କ୍ଷେତ୍ରରେ ମଧ୍ୟ ଲାଗୁହେବ । ରାଷ୍ଟ୍ରପତି ଏବଂ ରାଜ୍ୟପାଳ ମଧ୍ୟ ସେମାନଙ୍କୁ ବରଖାସ୍ତ କରାପାରିବେ । ତେବେ ବିରୋଧୀ ଦଳ ଏହାକୁ ବିରୋଧ କରିଛନ୍ତି । ସେମାନେ ଅଭିଯୋଗ କରିଛନ୍ତି ବିରୋଧୀ ଦଳ ଶାସିତ ସରକାରଙ୍କୁ ଅସ୍ଥିର କରିବା ଲାଗି ସରକାର ଏହାର ରାଜନୈତିକ ଦୁରୁପଯୋଗ କରିବାର ଯଥେଷ୍ଟ ସମ୍ଭାବନା ରହିଛି । ଏହା ଉଭୟ କେଜ୍ରିୱାଲ ଏବଂ ହେମନ୍ତ ସୋରେନଙ୍କ କ୍ଷେତ୍ରରେ ଦେଖାଦେଇଛି ।

**ସଂସଦରେ ଆସିବ ନୂଆ ବିଲ୍**

## ଭାରତ-ପାକ୍ ସମ୍ପର୍କ ସୁଧାରିବା ପାଇଁ ମୋଦୀ ଓ ସରିଫ୍‌ଙ୍କୁ ୧୧୭ ବିଶିଷ୍ଟ ନାଗରିକଙ୍କ ଚିଠି

ନୂଆଦିଲ୍ଲୀ, ୧୭(ଏଜେନ୍ସି): ଭାରତ ଏବଂ ପାକିସ୍ତାନ ମଧ୍ୟରେ ଚାଲିଥିବା ତିକ୍ତତା ଦୂର କରି ଶାନ୍ତି ପ୍ରତିଷ୍ଠା ଓ ଦ୍ୱିପାକ୍ଷିକ ଆଲୋଚନା ପୁନର୍ବାର ଆରମ୍ଭ କରିବା ପାଇଁ ଦୁଇ ଦେଶର ୧୧୭ ଜଣ ବିଶିଷ୍ଟ ବ୍ୟକ୍ତି ମିଳିତ ଭାବେ ଅପିଲ୍ କରିଛନ୍ତି । ଏହି ପରିପ୍ରେକ୍ଷୀରେ ସେମାନେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ପାକିସ୍ତାନର ପ୍ରଧାନମନ୍ତ୍ରୀ ଶେହବାଜ ସରିଫ୍‌ଙ୍କୁ ଏକ ସ୍ପଷ୍ଟ ପତ୍ର ଲେଖିଛନ୍ତି । ଏହି ପତ୍ରରେ ଭାରତର ୬୧ ଜଣ ଏବଂ ପାକିସ୍ତାନର ୫୬ ଜଣ ପ୍ରମୁଖ ରାଜନେତା, ପୂର୍ବତନ କୂଟନୀତିଜ୍ଞ ଏବଂ ବୁଦ୍ଧିଜୀବୀ ସ୍ୱାକ୍ଷର କରିଛନ୍ତି । ଏହି ନାଗରିକମାନେ ଦୁଇ ଦେଶର ସରକାରଙ୍କୁ ଦୀର୍ଘଦିନର ଶତ୍ରୁତା ଶେଷ କରି ପୂର୍ଣ୍ଣ କୂଟନୈତିକ ସମ୍ପର୍କ ସ୍ଥାପନ କରିବାକୁ ଅନୁରୋଧ କରିଛନ୍ତି । ଏହା ସହିତ ଉଭୟ ଦେଶରେ ଉଚ୍ଚାୟୁକ୍ତ ନିଯୁକ୍ତି, ସାଧାରଣ ଭିସା ସେବା ପୁନଃ ପ୍ରଚଳନ, ବାଣିଜ୍ୟିକ ବିମାନ ଚଳାଚଳ ପାଇଁ ଆକାଶମାର୍ଗ ଖୋଲିବା ଏବଂ ଅଟ୍ଟାରୀ-ୱାଘା ସୀମା ଦେଇ ବାଣିଜ୍ୟ କାରବାର ଆରମ୍ଭ କରିବାକୁ ଚିଠିରେ ପ୍ରସ୍ତାବ ଦିଆଯାଇଛି । ଏହା ସହ ଶ୍ରୀନଗର-ମୁଜାଫରାବାଦ ବସ୍ ସେବା ଏବଂ କାର୍ତ୍ତାରପୁର କରିଡର ଭଳି ସାଂସ୍କୃତିକ ତଥା ଧାର୍ମିକ ସ୍ଥଳଗୁଡ଼ିକୁ ଯାତାୟାତ ସହଜ କରିବାକୁ ସେମାନେ ନିବେଦନ କରିଛନ୍ତି । ଚିଠିରେ ଉଲ୍ଲେଖ କରାଯାଇଛି ଯେ, ଭାରତ ଏବଂ ପାକିସ୍ତାନ ମିଶି ସମଗ୍ର ବିଶ୍ୱ ଜନସଂଖ୍ୟାର ପ୍ରାୟ ପଞ୍ଚମାଂଶ । ଏହି ଦୁଇ ଦେଶର ଯୁବପିଢ଼ିଙ୍କ ଭବିଷ୍ୟତ, ପ୍ରଗତି ଏବଂ ଆଞ୍ଚଳିକ ସ୍ଥିରତା ପାଇଁ ପରସ୍ପର ମଧ୍ୟରେ ଶାନ୍ତିପୂର୍ଣ୍ଣ ଆଲୋଚନା ହିଁ ଏକମାତ୍ର ମାଧ୍ୟମ ।

# ଆସାମରେ ବନ୍ୟା ପରିସ୍ଥିତି ସଙ୍ଗିନ

ଗୌହାଟୀ, ୧୭(ଏଜେନ୍ସି): ଆସାମରେ ବନ୍ୟା ପରିସ୍ଥିତି ଅତ୍ୟନ୍ତ ଗମ୍ଭୀର ରୂପ ଧାରଣ କରିଛି । ଲଗାତାର ବର୍ଷା ଯୋଗୁଁ ବ୍ରହ୍ମପୁତ୍ର ସମେତ ଅନ୍ୟାନ୍ୟ ପ୍ରମୁଖ ନଦୀଗୁଡ଼ିକ ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଛନ୍ତି । ଏହାଦ୍ୱାରା ରାଜ୍ୟର ୬ଟି ଜିଲ୍ଲାର ପ୍ରାୟ ୪୬, ୦୦୦ରୁ ଅଧିକ ଲୋକ ଜଳବନ୍ଦୀ ଅବସ୍ଥାରେ ରହିଛନ୍ତି । ଚଳିତ ବନ୍ୟା ଋତୁରେ ଧେମାଜୀ ଜିଲ୍ଲାରେ ଜଣେ ମହିଳାଙ୍କର ପ୍ରାଣହାନି ଘଟିଛି, ଯାହା ଚଳିତ ବର୍ଷର ପ୍ରଥମ

**■ ବିପଦ ସଙ୍କେତ ଉପରେ ବ୍ରହ୍ମପୁତ୍ର**
**■ ୬ଟି ଜିଲ୍ଲାର ୪୬ ହଜାର ପ୍ରଭାବିତ**

ବନ୍ୟାଜନିତ ମୃତ୍ୟୁ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି । ଆସାମ ସରକାରଙ୍କ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ସୂଚନା ଅନୁଯାୟୀ, ରାଜ୍ୟର ଧେମାଜୀ, ନଳବାଡ଼ି, ଡିବ୍ରୁଗଡ଼, ଚିରାଙ୍ଗ, ଲଖିମପୁର ଏବଂ ବିଶ୍ୱନାଥ ଜିଲ୍ଲାର ପ୍ରାୟ ୨୨୧ଟି ଗ୍ରାମ ବନ୍ୟା ଜଳରେ ବୁଡ଼ି ରହିଛି । ଏହା ମଧ୍ୟରୁ ଧେମାଜୀ ଜିଲ୍ଲା ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହୋଇଛି, ଯେଉଁଠାରେ ପ୍ରାୟ ୪୫, ୦୦୦ରୁ ଅଧିକ ଲୋକ ପ୍ରଭାବିତ ହୋଇଛନ୍ତି । ବନ୍ୟା ଯୋଗୁଁ ୩, ୮୦୯ ହେକ୍ଟରରୁ ଅଧିକ ଚାଷଜମି ପାଣିରେ ବୁଡ଼ି ରହିବା ସହ ବହୁଳ ପରିମାଣରେ ଫସଲ ନଷ୍ଟ ହୋଇଛି । ସରକାରଙ୍କ ପକ୍ଷରୁ ପ୍ରଭାବିତ ଅଞ୍ଚଳରେ ରିଲିଫ୍ ଓ ଉଦ୍ଧାର କାର୍ଯ୍ୟ ଜୋରଦାର କରାଯାଇଛି । ବାସହୀନ ହୋଇପଡ଼ିଥିବା ଲୋକମାନଙ୍କ ପାଇଁ ବିଭିନ୍ନ ସ୍ଥାନରେ ଆଶ୍ରୟ ସ୍ଥଳୀ ଏବଂ ସାମଗ୍ରୀ ବଣ୍ଟନ କେନ୍ଦ୍ର ଖୋଲାଯାଇଛି । ମଣିଷଙ୍କ ସହ




ପ୍ରାୟ ୮୮, ୦୦୦ରୁ ଅଧିକ ଗୃହପାଳିତ ପଶୁ ମଧ୍ୟ ଏହି ବନ୍ୟାରେ ପ୍ରଭାବିତ ହୋଇଥିବା ଜଣାପଡ଼ିଛି । ବନ୍ୟା ପ୍ରପୀଡ଼ିତ ଅଞ୍ଚଳରେ ଭିତ୍ତିଭୂମିର ବ୍ୟାପକ କ୍ଷତି ଘଟିଥିବା ବେଳେ ପ୍ରଶାସନ ପରିସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖିଛି ।

## କେବଳ ପ୍ରମାଣପତ୍ର ଥିଲେ ହିନ୍ଦୁ ବିବାହ ବୈଧ ନୁହେଁ

### ପରମ୍ପରା ଓ ରୀତିନୀତି ମଧ୍ୟ ଜରୁରୀ: ଗୁଜରାଟ ହାଇକୋର୍ଟ

ଅହମଦାବାଦ, ୧୭(ଏଜେନ୍ସି): କେବଳ ମ୍ୟାରେଜ୍ ସାର୍ଟିଫିକେଟ୍ (ବିବାହ ପ୍ରମାଣପତ୍ର) କିମ୍ବା ପଞ୍ଜୀକରଣ (ରେଜିଷ୍ଟ୍ରେସନ) ଆଧାରରେ ଏକ ହିନ୍ଦୁ ବିବାହକୁ ଆଇନଗତ ଭାବେ ବୈଧ କୁହାଯାଇପାରିବ ନାହିଁ ବୋଲି ଗୁଜରାଟ ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ସୂଚନା ଦେଇଛନ୍ତି । କୋର୍ଟ କହିଛନ୍ତି ଯେ, ହିନ୍ଦୁ ବିବାହ ଆଇନ (ହିନ୍ଦୁ ମ୍ୟାରେଜ ଆକ୍ଟ) ଅନୁଯାୟୀ ନିର୍ଦ୍ଧାରିତ ସମସ୍ତ ରୀତିନୀତି ଏବଂ ପରମ୍ପରା ପାଳନ କରାଯାଇଥିଲେ ହିଁ ବିବାହକୁ ସ୍ୱୀକୃତି ମିଳିବ । ଯେଉଁ ସମୁଦାୟରେ ସପ୍ତପଦୀ (ଅଗ୍ନି ଚାରିପଟେ ସାତ ଫେରା) ର ନିୟମ ରହିଛି, ସେଠାରେ ଏହି ରୀତି ସମ୍ପନ୍ନ ନହେବା ପର୍ଯ୍ୟନ୍ତ ବିବାହ ଅସମ୍ପୂର୍ଣ୍ଣ ରହିବ । ଜଷ୍ଟିସ ଇଲେଶ ଜେ. ଭୋରା ଏବଂ ଜଷ୍ଟିସ ଆରଟି ବାଚ୍ଛାନୀଙ୍କୁ ନେଇ ଗଠିତ ଏକ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରି ସ୍ପଷ୍ଟ କରିଛନ୍ତି ଯେ, ମ୍ୟାରେଜ୍ ସାର୍ଟିଫିକେଟ୍ କେବଳ ପୂର୍ବରୁ ସମ୍ପନ୍ନ ହୋଇଥିବା ଏକ ବିବାହର ଦଲିଲ ପ୍ରମାଣ ମାତ୍ର । ଏହା ନିଜେ କୌଣସି ବିବାହ ସୃଷ୍ଟି କରେନାହିଁ । ବିବାହ କେବଳ 'ଗୀତ-ନାଚ' କିମ୍ବା 'ଖିଆପିଆ'ର ଉତ୍ସବ ନୁହେଁ, ଏହା ଏକ ପବିତ୍ର ସଂସ୍କାର । ବ୍ରିଟେନରେ ରହୁଥିବା ଜଣେ ପ୍ରବାସୀ ଭାରତୀୟ ଯୁବକ ଅଭିଯୋଗ କରିଥିଲେ ଯେ, ଚାକିରି କରାଇଦେବା ବାହାନାରେ ଅହମଦାବାଦର ଜଣେ ଯୁବତୀ କାଗଜପତ୍ରରେ ତାଙ୍କ ସ୍ୱାକ୍ଷର ନେଇ ଜାଲ୍ ମ୍ୟାରେଜ୍ ସାର୍ଟିଫିକେଟ୍ ପ୍ରସ୍ତୁତ



କରିଛନ୍ତି । ସେମାନଙ୍କ ମଧ୍ୟରେ କୌଣସି ବିବାହ ରୀତିନୀତି ହୋଇନଥିଲା । ପରିବାର ଅଦାଲତ (ଫ୍ୟାମିଲି କୋର୍ଟ) ପୂର୍ବରୁ ଯୁବକଙ୍କ ଆବେଦନକୁ ଖାରଜ କରିଦେଇଥିଲେ । ମାତ୍ର ହାଇକୋର୍ଟରେ ଶୁଣାଣି ବେଳେ ଯୁବତୀ ଜଣକ ନିଜେ ସ୍ୱୀକାର କରିଥିଲେ ଯେ କୌଣସି ବୈଦିକ ରୀତିନୀତି ହୋଇନାହିଁ କି ସେମାନେ ସ୍ୱାମୀ-ସ୍ତ୍ରୀ ଭାବେ ରହିନାହାନ୍ତି । ଏହି ଆଧାରରେ ଗୁଜରାଟ ହାଇକୋର୍ଟ ପରିବାର ଅଦାଲତଙ୍କ ନିଷ୍ପତ୍ତିକୁ ରଦ୍ଦ କରିବା ସହ ଉକ୍ତ ବିବାହକୁ ଅବୈଧ ଘୋଷଣା କରିଛନ୍ତି ।

■ ରଥଖଳାରୁ...

# ରଥରେ ସଂଯୋଗ ହେଲା ଋଷି ପଟା



ପୁରୀ,୧।୭(ସମିସ): ରଥଯାତ୍ରାକୁ ଆଉ ୧୫ ଦିନ ରହିଲା। ଏପଟେ ରଥଖଳାରେ ତିନିରଥ ନିର୍ମାଣ ଶେଷ ପର୍ଯ୍ୟାୟରେ। ବୁଧବାର ପ୍ରତ୍ୟେକ ରଥରେ ୮ଟି ଲେଖାଏଁ ଋଷି ପଟା ସଂଯୋଗ ହୋଇଛି। ଏହି ଋଷି ପଟା ତିନିରଥର ବେକିରେ (ତୃତୀୟ ଭୂଇଁ ବା ଅଗ ଭୂଇଁରୁ ବଡ଼ ଥଳ ପୋଟଳ ପର୍ଯ୍ୟନ୍ତ) ପୋଟଳକୁ ଟେକି ଧରିଥିବା ୮ଟି ପୋଟଳ ନାହାକାରେ କଣ୍ଟା ବାଡ଼ିଆଯାଇ ସଂଯୋଗ କରାଯାଇଛି। ସିଂହାସନରୁ ଓହ୍ଲାଇବା ଏବଂ ସିଂହାସନକୁ ବିଜେ ପାଇଁ ଶାଳ କାଠର ନୂତନ ମାଲ କାଠର ଚଉପଟ କାର୍ଯ୍ୟ ସରିଛି। ରୂପକାର ସେବକମାନେ ତିନିରଥର ପ୍ରଭାରେ ରୂପ ଖୋଦେଇ କାର୍ଯ୍ୟ ସମ୍ପୂର୍ଣ୍ଣ କରିଛନ୍ତି। ଏଥିସହ ଚିତ୍ରକାର ସେବକଙ୍କୁ ଖୋଦେଇ ରୂପରେ ରଙ୍ଗ କାର୍ଯ୍ୟ ପାଇଁ ହସ୍ତାନ୍ତର କରିଛନ୍ତି। ଚିତ୍ରକାର ସେବକମାନେ ତିନିରଥର ୮୧ଟି ପାର୍ଶ୍ୱ ଦେବଦେବୀ ମୂର୍ତ୍ତି, ସମସ୍ତ ହଂସ ପଟା, ତିନିରଥର ୬ଟି ଶୁଆ, ୩ଟି ଅଁଳା, ତିନିରଥର ସଖୀ, ଶିଖର ଡମ୍ବରୁ, ୬ଟି କଳସ, ୩ଟି ପିତ୍ତଳ କଳସ, ୧୨ଟି ଘଣ୍ଟି, ପ୍ରତି ରଥର ୮ଟି ଲେଖାଏଁ ହାତୀପଟା, ମଗର ପଟା, ଋଷି ପଟା ଏବଂ ଠେକେରା ବାଡ଼ ଇତ୍ୟାଦିରେ ରଙ୍ଗ କାର୍ଯ୍ୟ ଶେଷ କରି ତିନିରଥର ବାହ୍ୟ ଅଂଶଗୁଡ଼ିକରେ ରଙ୍ଗ ଦେଉଛନ୍ତି। କମାର ସେବକମାନେ କଳସ ପାଇଁ କଳସ ଫାନ୍ଦ କଣ୍ଟା ନିର୍ମାଣ ସହ ୩ଟି ନୂତନ ବ୍ରେକ୍ ପୁଲିରେ ଲାଗିବା ପାଇଁ ୬ଟି ଲେଖାଏଁ ଲୁହା କଡ଼ା ନିର୍ମାଣ ଜାରି ରଖିଛନ୍ତି। ଗୁରୁବାର ତିନିରଥର ଦୁଆର ବେଢ଼ା ରଥ ଉପରକୁ ଉଠିବା କାର୍ଯ୍ୟକ୍ରମ ରହିଛି। ରଥକୁ ଦୁଆର ବେଢ଼ା ଉଠିଲା ପରେ ଦୁଆର ବେଢ଼ା ଚନ୍ଦ୍ରଶାଳୀରେ ଧ୍ୱଜ ବତା ଫିଟିଙ୍ଗ୍ କରାଯିବ। ଧ୍ୱଜ ବତା ଫିଟିଙ୍ଗ୍ ପରେ ରଥ କନା ପଡ଼ିବା ପୂର୍ବରୁ ଚାରି ପାର୍ଶ୍ୱ କୋଣଗୁଡ଼ିକରେ ୮ଟି ଲେଖାଏଁ କଣି ଫାଉଡ଼ା ସଂଯୋଗ ସହ ରଥ ଚାରି ପାର୍ଶ୍ୱରେ ହାତୀ ଆଳମାଳ ପୋଟଳ ତଳୁ ଦୁଆର ବେଢ଼ା ପର୍ଯ୍ୟନ୍ତ ସଂଯୋଗ ହେବ। ଏହାପରେ ରଥ ଉପରକୁ କଳସ ଉଠି ରଥରେ କନା ପଡ଼ିବା ସହ କନକ ମୁଣ୍ଡିରେ ପିତ୍ତଳ ଚଦର ଫିଟିଙ୍ଗ୍ କାର୍ଯ୍ୟ ସମାନ୍ତରାଳ ଭାବେ ଜାରି ରହିବ।

'ନିଶାମୁକ୍ତ ଓଡ଼ିଶା' ଅଭିଯାନ

# ଗଠନ ହେବ ଆଣ୍ଟି ନାର୍କୋଟିକ୍ସ ଟାସ୍କ ଫୋର୍ସ




■ ୩ ଜିଲ୍ଲାରେ ପ୍ରତିଷ୍ଠା ହେବ ସ୍ୱତନ୍ତ୍ର ଏନଡିପିଏସ୍ କୋର୍ଟ
■ ୨୧ ମାସରେ ୧୯୧୧ କୋଟିର ଗଞ୍ଜେଇ ଚାଷ ନଷ୍ଟ
■ ୨୧୦୬ କୋଟିର ଗଞ୍ଜେଇ ଓ ୨୨୫ କୋଟିର ଗଞ୍ଜେଇ ତେଲ ଜବତ

ଭୁବନେଶ୍ୱର ୧।୭ (ସମିସ): ନିଶାମୁକ୍ତ ଓଡ଼ିଶା ଗଠନ ଦିଗରେ ଓଡ଼ିଶା ପୁଲିସ ମାଇଲଖୁଣ୍ଟ ସ୍ଥାପନ କରିଛି। ବେଆଇନ ନିଶା କାରବାର, ଗଞ୍ଜେଇ ଚାଷ, ମାଦକଦ୍ରବ୍ୟ ଚୋରାଚାଲାଣ ଓ ଆନ୍ତଃରାଜ୍ୟ ଡ୍ରଗ୍ ନେଟ୍‌ୱର୍କ ବିରୋଧରେ 'ଶୂନ୍ୟ ସହନଶୀଳତା' ନୀତି ଆଧାରରେ ଚାଲିଥିବା ଅଭିଯାନ ରାଜ୍ୟକୁ ଜାତୀୟ ସ୍ତରରେ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିଛି। ଏହି ପରିପ୍ରେକ୍ଷୀରେ ଆଜି ଭୁବନେଶ୍ୱରସ୍ଥିତ ପୁଲିସ ଭବନରେ ଜାତୀୟ ସ୍ତରୀୟ ପ୍ରାକ୍-ବିଚାରାଧୀନ ଜବତ ମାଦକଦ୍ରବ୍ୟ ବିନଷ୍ଟୀକରଣ ସ୍ୱତନ୍ତ୍ର ଅଭିଯାନ ସମ୍ପର୍କିତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭାରତ ସରକାରଙ୍କ ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ (ଏନସିବି)ର ନିର୍ଦ୍ଦେଶ ଅନୁଯାୟୀ ଜୁନ୍ ୨୬ ତାରିଖରୁ ଜୁଲାଇ ୧୦ ତାରିଖ ପର୍ଯ୍ୟନ୍ତ ଜାତୀୟ ସ୍ତରୀୟ ପ୍ରାକ୍-ପରୀକ୍ଷା ନିଶା ନିବାରଣ ସ୍ୱତନ୍ତ୍ର ଅଭିଯାନ ସାରା ଦେଶରେ କାର୍ଯ୍ୟକାରୀ କରାଯାଉଛି। 'ନିଶାମୁକ୍ତ, ସୁରକ୍ଷିତ ଓ ସଶକ୍ତ ଓଡ଼ିଶା ଗଠନ ହେଉଛି ଓଡ଼ିଶା ପୁଲିସର ସର୍ବୋଚ୍ଚ ପ୍ରାଥମିକତା। ନିଶା କାରବାର ଓ ଚୋରାଚାଲାଣ ବିରୋଧରେ ଆଗାମୀ ଦିନରେ ଅଭିଯାନକୁ ଆହୁରି ବ୍ୟାପକ କରାଯିବ' ବୋଲି ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୁଲିସ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ କହିଥିଲେ। ଜନସଚେତନତାକୁ ଗୁରୁତ୍ୱ ଦେଇ ରାଜ୍ୟର ସମସ୍ତ ୩୫ଟି ପୁଲିସ ଜିଲ୍ଲାର ୫୫୦ରୁ ଅଧିକ ଥାନାରେ ନିଶା ବିରୋଧୀ ଶପଥ ପାଠ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଏଥିରେ ୨୫ ହଜାରରୁ ଅଧିକ ନାଗରିକ, ୪୮୮୨ ଜଣ ଛାତ୍ରଛାତ୍ରୀ ଓ ୩୩୭ ଜଣ ଶିକ୍ଷକ ସକ୍ରିୟ ଭାବେ ସାମିଲ ହୋଇ ନିଶାମୁକ୍ତ ସମାଜ ଗଠନର ସଂକଳ୍ପ ନେଇଛନ୍ତି।

ନିଶା କାରବାର ସମ୍ପର୍କିତ ମାମଲାର ତ୍ୱରିତ ବିଚାର ପ୍ରକ୍ରିୟାକୁ ସୁନିଶ୍ଚିତ କରିବା ପାଇଁ ଭୁବନେଶ୍ୱର, ଖୋର୍ଦ୍ଧା, ଅନୁଗୁଳ ଓ ସମ୍ବଲପୁରରେ ୪ଟି ସ୍ୱତନ୍ତ୍ର ଏନଡିପିଏସ୍ କୋର୍ଟ ସ୍ଥାପନ କରିବାକୁ ରାଜ୍ୟ ସରକାର ଅନୁମୋଦନ କରିଛନ୍ତି ବୋଲି ସେ କହିଥିଲେ। ସେହିପରି ଡିଜିପି କହିଛନ୍ତି ଯେ ଜଣେ ଏଡିଜି ପାହ୍ୟାର ବରିଷ୍ଠ ଅଧିକାରୀଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଆଣ୍ଟି ନାର୍କୋଟିକ୍ସ ଟାସ୍କ ଫୋର୍ସ (ଏଏନଟିଏଫ୍) ଗଠନ କରାଯିବ। ଏହା ଅଧୀନରେ ରାଜ୍ୟର ବିଭିନ୍ନ ସ୍ଥାନରେ ୧୦ଟି ୟୁନିଟ୍ ଓ ୧୯ଟି ସ୍ୱତନ୍ତ୍ର ଇଣ୍ଟେଲିଜେନ୍ସ ୟୁନିଟ୍ କାର୍ଯ୍ୟ କରିବ। ପ୍ରତିବର୍ଷ ଅତିକମରେ ୧୦୦ ଜଣ ପ୍ରମୁଖ ଡ୍ରଗ୍ ମାଫିଆଙ୍କ ବିରୋଧରେ ଏନଡିପିଏସ୍ ଆଇନ ଅନୁଯାୟୀ କଠୋର ପଦକ୍ଷେପ ଗ୍ରହଣ କରିଯିବା ସେ ସୂଚନା ଦେଇଥିଲେ।

ଉଲ୍ଲେଖଯୋଗ୍ୟ ଯେ, ଜୁଲାଇ ୨୦୨୪ରୁ ମାର୍ଚ୍ଚ ୨୦୨୬ ଅର୍ଥାତ୍ ୨୧ ମାସ ମଧ୍ୟରେ ରାଜ୍ୟବ୍ୟାପୀ ଅଭିଯାନରେ ୬୩ ହଜାର ୭୨୦ ଏକରରୁ ଅଧିକ ବେଆଇନ ଗଞ୍ଜେଇ ଚାଷ ନଷ୍ଟ କରାଯାଇଛି। ଏହାର ଆନୁମାନିକ ମୂଲ୍ୟ ୧୯୧୧ କୋଟି ଟଙ୍କା ହେବ ବୋଲି ଆକଳନ କରାଯାଉଛି। ସେହି ସମୟ ମଧ୍ୟରେ ୨୪୪୫ଟି ଏନଡିପିଏସ୍ ମାମଲା ରୁଜୁ କରାଯାଇ ୪୨୧ ଟନ୍ ଗଞ୍ଜେଇ ଜବତ କରାଯାଇ ୩୫୦୨ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୨,୧୦୬ କୋଟି ଟଙ୍କା ହେବ। ରାଜ୍ୟର ଖୋର୍ଦ୍ଧା, ଅନୁଗୋଳ, ବାଲେଶ୍ୱର, ଗଞ୍ଜାମ, ବଲାଙ୍ଗିର, କୋରାପୁଟ ଓ ସୁନ୍ଦରଗଡ଼ ସ୍ଥିତ ୭ଟି ଅନୁମୋଦିତ ଇନ୍ସିନେରେଟର କେନ୍ଦ୍ରରେ ପ୍ରାୟ ୮୦ ଟନ୍ ଗଞ୍ଜେଇ, ୧୧.୪ କିଲୋଗ୍ରାମ ବ୍ରାଉନସୁଗର ଓ ୩୬୩୮ ବୋତଲ କଫ୍ ସିରପ ନଷ୍ଟ କରିବାର ଲକ୍ଷ୍ୟ ରଖାଯାଇଛି। ଅଭିଯାନ ଆରମ୍ଭ ହେବା ପରଠାରୁ ୩୬ ଟନ୍ ଗଞ୍ଜେଇ ସଫଳତାର ସହ ନଷ୍ଟ କରାଯାଇଥିବା ବେଳେ ଅବଶିଷ୍ଟ ଜବତ ମାଦକଦ୍ରବ୍ୟକୁ ଆଇନଗତ ପ୍ରକ୍ରିୟାରେ ପର୍ଯ୍ୟାୟକ୍ରମେ ଧ୍ୱଂସ କରାଯିବ। କାର୍ଯ୍ୟକ୍ରମରେ କ୍ରାଇମବ୍ରାଞ୍ଚ ଡିଜି ବିନୟ ତୋଷ ମିଶ୍ର, କ୍ରାଇମବ୍ରାଞ୍ଚ ଆଇଜି ସାର୍ଥକ ଷଡ଼ଙ୍ଗୀ, ଏସ୍‌ଟିଏଫ୍ ଡିଆଇଜି କନ୍‌ୱର ବିଶାଳ ସିଂଙ୍କ ସମେତ ପୁଲିସ ବିଭାଗର ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଦିଅର ଆକ୍ରମଣରେ ଭାଉଜ ମୃତ, ପୁତୁରା ଗୁରୁତର

ବେଲଗୁଣ୍ଠା,୧।୭(ସମିସ): ଘରୋଇ ଅଶାନ୍ତିରୁ ଚାଲି ଯାଇଛି ମହିଳାଙ୍କ ଜୀବନ। ଏହିଭଳି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ବେଲଗୁଣ୍ଠା ବ୍ଲକ୍ ତଥା ଗାଙ୍ଗପୁର ଥାନା ଅନ୍ତର୍ଗତ ପାଲକଷଣ୍ଡା ଗ୍ରାମରେ। ଦୁଇ ପରିବାର ମଧ୍ୟରେ ହଣାକଟା ଘଟି ଜଣେ ମହିଳା ମୃତ୍ୟୁ ବରଣ କରିଥିବା ବେଳେ ତାଙ୍କ ପୁଅ ଗୁରୁତର ଆହତ ହୋଇଥିବା ସୂଚନା ମିଳିଛି। ମୃତ୍ୟୁ ବରଣ କରିଥିବା ମହିଳା ଜଣଙ୍କ ହେଲେ ପାଲକଷଣ୍ଡା ଗ୍ରାମର ଗୌର ପ୍ରଧାନଙ୍କ ସ୍ତ୍ରୀ ଭାସି ପ୍ରଧାନ (୫୦)। ସେ ଗ୍ରାମରେ ଛେଳି ଚରାଇ ନିଜ ପରିବାରର ଜୀବିକା ନିର୍ବାହ କରୁଥିଲେ। ମିଳିଥିବା ଖବର ପ୍ରକାରେ କିଛି ଦିନ ହେବ ଭାସିଙ୍କ ପରିବାର ଏବଂ ତାଙ୍କ ଦିଅର ମୁରଲୀ ପ୍ରଧାନଙ୍କ ପରିବାର ମଧ୍ୟରେ ଅଶାନ୍ତି ଲାଗି ରହିଥିଲା। ଗ୍ରାମର କିଛି ପ୍ରତ୍ୟକ୍ଷଦର୍ଶୀଙ୍କ ଠାରୁ ମିଳିଥିବା ସୂଚନା ପ୍ରକାରେ ମଙ୍ଗଳବାର ଭାସି ପ୍ରଧାନ ଏବଂ ମୁରଲୀ ପ୍ରଧାନଙ୍କ ପରିବାର ମଧ୍ୟରେ ବଚସା ହୋଇଥିଲା। ଆଜି ଅପରାହ୍ନ ତିନି ଘଣ୍ଟା ସମୟରେ ଭାସି ପ୍ରଧାନ ପାଲକଷଣ୍ଡା ଗ୍ରାମର ଶ୍ରୀ ଶ୍ରୀ ନୀଳକଣ୍ଠେଶ୍ୱର ମନ୍ଦିର ନିକଟରେ ଥିବା ଜମିରେ ଛେଳି ଚରାଉ ଥିବା ବେଳେ ଛେଳି ପଲ ମୁରଲୀଙ୍କ ରାଶି କ୍ଷେତରେ ପଶିଯାଇଥିଲେ। ଏହାକୁ କେନ୍ଦ୍ର କରି ମୁରଲୀଙ୍କ ପରିବାର ଏବଂ ଭାସି ମଧ୍ୟରେ ପୁଣି ବଚସା ହେବା ସହିତ ଏହା ହଣାକଟାର ସୂତ୍ରପାତ ହୋଇଥିଲା। ଉଭୟ ପରିବାର ମଧ୍ୟରେ ହୋଇଥିଲା ହଣାକଟା। ଭାସିଙ୍କ ଟାଙ୍ଗିଆ ଚୋଟରେ ମୁରଲୀ ପ୍ରଧାନଙ୍କ ପରିବାର ଲୋକେ ସାମାନ୍ୟ ଆହତ ହୋଇଥିବା ବେଳେ ମୁରଲୀ ପ୍ରଧାନ, ତାଙ୍କ ସ୍ତ୍ରୀ ବିନି ଏବଂ ପୁଅ ପ୍ରିନ୍ସର ମିଳିତ ଆକ୍ରମଣରେ ଭାସି ମୃତ୍ୟୁ ବରଣ କରିବା ସହ ତାଙ୍କ ପୁଅ ନାରାୟଣ (୨୨) ଗୁରୁତର ଆହତ ହୋଇଥିଲେ। କିନ୍ତୁ ଭାସି ମୃତ୍ୟୁ ବରଣ କରିଥିବା ମୁରଲୀ ପ୍ରଧାନଙ୍କ ଜାଣି ନପାରି ସେମାନେ ଗାଙ୍ଗପୁର ଥାନାକୁ ଭାସିଙ୍କ ନାମରେ ଅଭିଯୋଗ କରିବାକୁ ଆସିଥିଲେ। କିନ୍ତୁ କୌଣସି ସୂତ୍ରରୁ ମୁରଲୀଙ୍କ ପରିବାର ଲୋକଙ୍କ ଆକ୍ରମଣରେ ଭାସି ମୃତ୍ୟୁ ବରଣ କରିଥିବା ଖବର ପୋଲିସ ପାଇଯାଇଥିବାରୁ ପୋଲିସ୍ ବର୍ତ୍ତମାନ ମୁରଲୀ, ତାଙ୍କ ସ୍ତ୍ରୀ ଏବଂ ପୁଅକୁ ଥାନାରେ ଅଟକ ରଖିଥିବା ଜଣା ପଡ଼ିଛି। ଅନ୍ୟପଟେ ଭାସିଙ୍କ ମୃତଦେହ ଘଟଣା ସ୍ଥଳରେ ପଡ଼ି ରହିଥିବା ବେଳେ ଗୁରୁତର ନାରାୟଣଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ମେଡ଼ିକାଲକୁ ପଠାଇଥିବା ଜଣା ପଡ଼ିଛି। ଘଟଣା ସ୍ଥଳକୁ ଗଞ୍ଜାମ ଆଡିସନାଲ ଏସପି ରଞ୍ଜନ କୁମାର ଦେ, ଭଞ୍ଜନଗର ଏସଡିପିଓ ତ ଦୀପକ ମିଶ୍ର, ଗାଙ୍ଗପୁର ଥାନା ଅଧିକାରୀ ବନ ବିହାରୀ ପ୍ରଧାନଙ୍କ ସମେତ ଗାଙ୍ଗପୁର ପୋଲିସ ବାହିନୀ ଯାଇ ଘଟଣାର ତଦନ୍ତ କରୁଛନ୍ତି।

# ତାରାତାରିଣୀ ମନ୍ଦିର ନିକଟ ହୋଟେଲରୁ ମିଳିଲା ଯୁବକଙ୍କ ମୃତଦେହ

ପୁରୁଷୋତ୍ତମପୁର,୧।୭(ସମିସ): ଗଞ୍ଜାମ ଜିଲ୍ଲା ପୁରୁଷୋତ୍ତମପୁର ଥାନା ଅନ୍ତର୍ଗତ ତାରାତାରିଣୀ ମନ୍ଦିର ନିକଟରେ ଥିବା ହୋଟେଲ ଲକ୍ଷ୍ମୀପ୍ରିୟା ନିକଟରୁ ବୁଧବାର ସକାଳେ ଯୁବକଙ୍କ ମୃତଦେହ ଉଦ୍ଧାର କରାଯାଇଛି। ମୃତ ଯୁବକ ଜଣକ ମନୋଜ କୁମାର ସ୍ୱାଇଁ। ତାଙ୍କ ଘର ପୁରୀ ବୋଲି ଜଣାପଡିଛି। ଖବର ପାଇ ପୁରୁଷୋତ୍ତମପୁର ଏସ୍‌ଡିପିଓ ସୁଜିତ କୁମାର ନାୟକ ଓ ଆଇଆଇସି କୁଳମଣି ସେଠୀ ଘଟଣାସ୍ଥଳକୁ ଯାଇ ମୃତଦେହକୁ ଜବତ କରି ୧୫/୨୬ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଲାଇଛନ୍ତି। ଶବ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରିଥିଲେ। ସୂଚନାଯୋଗ୍ୟ, ତାରାତାରିଣୀ ମନ୍ଦିରର ରୋପୱେ ମରାମତି ନିମନ୍ତେ ମନୋଜଙ୍କ ସମେତ ୫ ଜଣ ଯୁବକ ଗତ ୨୮ ତାରିଖରୁ ଆସି ହୋଟେଲରେ ୨ଟି ରୁମ୍ ରହୁଥିଲେ। ମୃତ୍ୟୁର ସଠିକ କାରଣ ସ୍ପଷ୍ଟ ହୋଇ ନ ଥିବାବେଳେ ମୃତଦେହଟି ହୋଟେଲ ତଳେ ପଡିଥିବା ସହ ପ୍ରବଳ ରକ୍ତସ୍ରାବ ହେଉଥିବାରୁ ଏହା ଏକପ୍ରକାର ସନ୍ଦେହ ଘେରରେ ରହିଛି। ପୋଲିସ ତଦନ୍ତ ପରେ ହିଁ ଘଟଣାର ପ୍ରକୃତ କାରଣ ସ୍ପଷ୍ଟ ହେବ।

# ଆଜି ପ୍ରକାଶ ପାଇବନି +୩ ଦ୍ୱିତୀୟ ରାଉଣ୍ଡ ମେଧା ତାଲିକା

ଭୁବନେଶ୍ୱର, ୧।୭(ସମିସ): ଚଳିତ ଶିକ୍ଷାବର୍ଷରେ +୩ ପ୍ରଥମ ବର୍ଷରେ ନାମଲେଖା ପାଇଁ ଆସନ୍ତାକାଲି ଅର୍ଥାତ୍ ଗୁରୁବାର ଦିନ ଦ୍ୱିତୀୟ ରାଉଣ୍ଡ ମେଧା ତାଲିକା ପ୍ରକାଶ ପାଇବାର ଥିଲା। ମାତ୍ର ଏହାକୁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସ୍ଥଗିତ ରଖାଯାଇଛି। କେଉଁ ନିର୍ଦ୍ଦିଷ୍ଟ କାରଣ ପାଇଁ ନାମଲେଖା ପ୍ରକ୍ରିୟାକୁ ସ୍ଥଗିତ ରଖାଯାଇଛି, ତାହା ସ୍ପଷ୍ଟ କରାଯାଇ ନଥିବାବେଳେ ସଂଶୋଧିତ ସମୟସୂଚୀ ଖୁବଶୀଘ୍ର ସାମ୍ସ ପୋର୍ଟାଲରେ ପ୍ରକାଶ କରାଯିବ ବୋଲି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

# ଅକ୍ଟୋବର ଶେଷ ସୁଦ୍ଧା ପୁଲିସ୍ ଏସ୍‌ଆଇ ପରୀକ୍ଷା

ଭୁବନେଶ୍ୱର, ୧।୭(ସମିସ): ଚଳିତବର୍ଷ ଅକ୍ଟୋବର ଶେଷ ସୁଦ୍ଧା ସରିବ ପୁଲିସ୍ ଏସ୍‌ଆଇ ନିଯୁକ୍ତି ପରୀକ୍ଷା। ଏନେଇ ଆଜି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ଓଡ଼ିଶା ୟୁନିଫର୍ମ ସର୍ଭିସ୍ ଷ୍ଟାଫ୍ ସିଲେକ୍ସନ୍ କମିଶନ (ଓୟୁଏସ୍‌ଏସ୍‌ଏସ୍‌ସି) ଅଧ୍ୟକ୍ଷ ରଶ୍ମିରଞ୍ଜନ ସ୍ୱାଇଁ। ପରୀକ୍ଷା ସମ୍ପର୍କରେ ସେ କହିଛନ୍ତି ଯେ ପୂର୍ବରୁ ଆବେଦନ କରିଥିବା ସମସ୍ତ ପିଲା ପରୀକ୍ଷା ଦେଇପାରିବେ। ଆବେଦନକାରୀଙ୍କ ସଂଖ୍ୟାରେ କୌଣସି ପରିବର୍ତ୍ତନ ହେବନାହିଁ। ସେହିପରି ସିଲାବସ୍ ଓ ପରୀକ୍ଷା ଢାଞ୍ଚା ମଧ୍ୟ ଅପରିବର୍ତ୍ତିତ ରହିବ। ଓପିଆର୍‌ବି ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତିରେ ଦିଆଯାଇଥିବା ସିଲାବସ୍ ଅନୁଯାୟୀ ପରୀକ୍ଷା ହେବ। ପରୀକ୍ଷା ପାଇଁ ସମସ୍ତ କାର୍ଯ୍ୟ ଆରମ୍ଭ ହୋଇସାରିଛି। ସମସ୍ତ କାର୍ଯ୍ୟ ସଠିକ୍ ଦିଗରେ ମଧ୍ୟ ଆଗେଇ ଚାଲିଛି। ତ୍ରୁଟିଶୂନ୍ୟ ଓ ସ୍ୱଚ୍ଛତାର ସହ ପରୀକ୍ଷା କରିବା ତାଙ୍କର ପ୍ରାଥମିକତା ହେବ ବୋଲି କହିବା ସହ ଆଶାୟୀମାନଙ୍କୁ ପାଠପଢ଼ା ଜାରି ରଖିବାକୁ ପରାମର୍ଶ ଦେଇଛନ୍ତି। ଅଧ୍ୟକ୍ଷଙ୍କ ସ୍ପଷ୍ଟୀକରଣ ପରେ ଧାରଣାରେ ବସିଥିବା ଆଶାୟୀମାନେ ଆନ୍ଦୋଳନ ପ୍ରତ୍ୟାହାର କରିଛନ୍ତି। ସୂଚନାଯୋଗ୍ୟ ଯେ ୨୦୨୫ ଜାନୁଆରୀରେ ପ୍ରାୟ ୯୩୩ ପଦରେ ପୁଲିସ୍ ଏସ୍‌ଆଇ ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲେ ମଧ୍ୟ ଏଯାଏଁ ପରୀକ୍ଷା ହୋଇପାରିନି। ଚାକିରି ବିକ୍ରି ମସୁଧା କରୁଥିବା ଏକ ଆନ୍ତଃରାଜ୍ୟ ଗ୍ୟାଙ୍ଗ ଧରା ପଡ଼ିବା ପରେ ସିବିଆଇ ତଦନ୍ତ ଜାରି ରହିଛି। ବର୍ତ୍ତମାନ ସୁଦ୍ଧା ଏହି ଘଟଣାରେ ଅନେକ ବ୍ୟକ୍ତି ଗିରଫ ହୋଇଛନ୍ତି।

ଓଡ଼ିଶାରେ ପହଞ୍ଚିଲେ କଂଗ୍ରେସ ପ୍ରଭାରୀ ଲାଲ୍‌ଜୀ ଦେଶାଇ

# ଆଜିଠୁ ୨ ଦିନ ମାରାଥନ୍ ବୈଠକ

ଭୁବନେଶ୍ୱର,୧।୭(ସମିସ): ରାଜ୍ୟ କଂଗ୍ରେସ ପ୍ରଭାରୀ ଭାବେ ନିଯୁକ୍ତି ପାଇବା ପରେ ପ୍ରଥମ ଥର ପାଇଁ ତିନିଦିନିଆ ଓଡ଼ିଶା ଗସ୍ତରେ ଆସିଛନ୍ତି ଲାଲାଜୀ ଦେଶାଇ। ଆଜି ରାତି ପ୍ରାୟ ୮ଟା ବେଳେ ସେ ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିବା ପରେ ରାଜ୍ୟ କଂଗ୍ରେସ ପକ୍ଷରୁ ତାଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ପିସିସି ସଭାପତି ଭକ୍ତ ଚରଣ ଦାସ ଏବଂ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମଙ୍କ ସମେତ ଦଳର ବହୁ ବରିଷ୍ଠ ନେତା ଓ କର୍ମୀ ବିମାନବନ୍ଦରରେ ଉପସ୍ଥିତ ରହି ଶ୍ରୀ ଦେଶାଇଙ୍କୁ ସ୍ୱାଗତ କରିଛନ୍ତି।

କଂଗ୍ରେସ ଭବନରେ ଏକ ସାମ୍ବାଦିକ ସମ୍ମିଳନୀରେ ସେ କହିଛନ୍ତି ଯେ ଓଡ଼ିଶାରେ କଂଗ୍ରେସର ଅନେକ ସମ୍ଭାବନା ରହିଛି। ସତ୍ତା ନୁହେଁ, ବରଂ ଜନସେବା, ରାଷ୍ଟ୍ରନିର୍ମାଣ ଓ ଜନତାଙ୍କ ହୃଦୟ ଜିତିବା ହିଁ ଦଳର ମୂଳ ଲକ୍ଷ୍ୟ ହେବା ଉଚିତ। ୨୫ ବର୍ଷ ହେଲା କ୍ଷମତା ନ ଥାଇ ମଧ୍ୟ ସମସ୍ତେ ଏକାଠି ରହିବା ହିଁ କଂଗ୍ରେସର ଅସଲ ବଳ ବୋଲି ସେ କହିଛନ୍ତି। ରାହୁଲ ଗାନ୍ଧୀଙ୍କ 'ଭାରତ ଯୋଡ଼ ଯାତ୍ରା'ର ପ୍ରମୁଖ ସାରଥୀ ଲାଲାଜୀଙ୍କ ଅଭିଜ୍ଞତାକୁ ପିସିସି ସଭାପତି ଭକ୍ତ ଚରଣ ଦାସ ପ୍ରଶଂସା କରିବା ସହ ଦଳର ଅନ୍ତଃକନ୍ଦଳ ଦୂର କରିବା ଏବଂ କିଛି ବଡ଼




ନେତାଙ୍କୁ ବୁଝାଇ ଦଳକୁ ଆଗକୁ ନେବାକୁ ନୂଆ ପ୍ରଭାରୀଙ୍କୁ ଅନୁରୋଧ କରିଛନ୍ତି। ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ କହିଛନ୍ତି, ବିଜେପି ସରକାରକୁ ଦୁଇ ବର୍ଷରେ ଲୋକ ପରଖି ସାରିଥିବାରୁ ୨୦୨୯ରେ ଓଡ଼ିଶା ବିଧାନସଭାରେ କଂଗ୍ରେସ ଆସିବାର ସମ୍ଭାବନା ଅଛି, ତେଣୁ ଲୋକଙ୍କ ପାଖକୁ ଯାଇ ଦଳକୁ ସୁଦୃଢ଼ କରିବା ଜରୁରୀ। ଆଗକୁ ହେବାକୁ ଥିବା ପଞ୍ଚାୟତ ଓ ପୌର ନିର୍ବାଚନ ପାଇଁ କଂଗ୍ରେସ ଭବନରେ ଜିଲ୍ଲା ସଭାପତି ଓ ବରିଷ୍ଠ ନେତାଙ୍କ ସହ ହେବାକୁ ଥିବା ପ୍ରଭାରୀଙ୍କ ଏହି ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକକୁ ନେଇ ଏବେ ସାରା କଂଗ୍ରେସ ଶିବିର ବେଶ୍ ଉତ୍ସାହିତ ଅଛି।

ଗୁରୁବାରଠାରୁ ସେ ଭୁବନେଶ୍ୱରସ୍ଥିତ କଂଗ୍ରେସ ଭବନରେ ରାଜ୍ୟର ସମସ୍ତ ଜିଲ୍ଲା ସଭାପତି, ବରିଷ୍ଠ ନେତୃବୃନ୍ଦ ସହ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ କରିବେ। ରାଜ୍ୟରେ ଆଗକୁ ହେବାକୁ ଥିବା ପଞ୍ଚାୟତ ଓ ପୌର ନିର୍ବାଚନ ପାଇଁ ଦଳର ତୃଣମୂଳ ସ୍ତରର ସଂଗଠନକୁ ସୁଦୃଢ଼ କରିବା, କର୍ମୀଙ୍କ ଭିତରେ ନୂଆ ଉତ୍ସାହ ଭରିବା ହିଁ ନୂଆ ପ୍ରଭାରୀଙ୍କ ମୂଳ ଲକ୍ଷ୍ୟ ରହିବ ବୋଲି ଜଣାପଡ଼ିଛି।

# ଆଜି ବାହାରିବ ସିପିଇଟି ଓ ବିଇଡି ପରୀକ୍ଷା ଫଳ

ଭୁବନେଶ୍ୱର, ୧।୭(ସମିସ): ଚଳିତ ଶିକ୍ଷାବର୍ଷରେ ସ୍ନାତକୋତ୍ତର ନାମଲେଖା ପ୍ରକ୍ରିୟା ବହୁ ବିଳମ୍ବ ହୋଇଥିବାବେଳେ ଏବେଯାଏଁ ପ୍ରବେଶିକା ପରୀକ୍ଷା (ସିପିଇଟି) ଫଳ ପ୍ରକାଶ ପାଇନାହିଁ। ନାମଲେଖା ସାରି ଆସନ୍ତା ୧୦ ତାରିଖରୁ ସ୍ନାତକୋତ୍ତର ପାଠପଢ଼ା ଆରମ୍ଭ ହେବ ବୋଲି ଉଚ୍ଚଶିକ୍ଷା ବିଭାଗ ପୂର୍ବରୁ ସୂଚନା ଦେଇଥିଲେ ମଧ୍ୟ ଏହା ଏକପ୍ରକାର ଅନିଶ୍ଚିତ ଲାଗୁଛି। ସେହିପରି ବିଇଡି ନାମଲେଖା ପାଇଁ ପ୍ରବେଶିକା ପରୀକ୍ଷା ଫଳ ମଧ୍ୟ ଏବେ ଯାଏଁ ପ୍ରକାଶ ପାଇନାହିଁ। ଏପରି ସ୍ଥିତିରେ ଆସନ୍ତା କାଲି ଉଭୟ ପ୍ରବେଶିକା ପରୀକ୍ଷାର ଫଳ ସହିତ ନାମଲେଖା ପାଇଁ ଟାଇମ୍‌ଲାଇନ୍ ପ୍ରକାଶ ପାଇବ ବୋଲି ଉଚ୍ଚଶିକ୍ଷା ବିଭାଗର ଯୁଗ୍ମ ସଚିବ ମୌସୁମୀ ନାୟକ ସୂଚନା ଦେଇଛନ୍ତି। ଶ୍ରୀମତୀ ନାୟକ ଆହୁରି କହିଛନ୍ତି ଯେ ସିପିଇଟି ଓ ବିଇଡି ପ୍ରବେଶିକା ପରୀକ୍ଷା ଫଳ ପ୍ରକାଶ ପାଇଁ ପ୍ରକ୍ରିୟା ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଆନୁସଙ୍ଗିକ ବୈଷୟିକ ପ୍ରସ୍ତୁତି ପରେ ଆସନ୍ତା କାଲି ପରୀକ୍ଷା ଫଳ ପ୍ରକାଶ ପାଇବ।

ସୂଚନାଯୋଗ୍ୟ, ଚଳିତବର୍ଷ ମେ ୫ ତାରିଖରୁ ୧୬ ତାରିଖ ଯାଏଁ ସିପିଇଟି ପରୀକ୍ଷା ହୋଇଥିଲା। ଏହାର ଦିନକ ପରେ ପ୍ରୋଭିଜିନାଲ୍ ଉତ୍ତର କି' ପ୍ରକାଶ ପାଇଥିବାବେଳେ ୨୨ ତାରିଖ ମଧ୍ୟରେ ପରୀକ୍ଷାର୍ଥୀମାନେ ଉତ୍ତରକୁ ନେଇ ଆପତ୍ତି କରିଥିଲେ। ଏହାକୁ ଦେଢ଼ ମାସ ଅତିକ୍ରାନ୍ତ ହୋଇଥିଲେ ମଧ୍ୟ ପରୀକ୍ଷା ଫଳ ପ୍ରକାଶ ପାଇନାହିଁ। ସେହିପରି ଗତବର୍ଷ ଜୁଲାଇ ପହିଲା ସୁଦ୍ଧା ପିଜି ପାଇଁ ଦ୍ୱିତୀୟ ରାଉଣ୍ଡ ନାମଲେଖା ସରିଥିଲା। ଫଳରେ ଚଳିତବର୍ଷ ପାଠପଢ଼ା ଆରମ୍ଭ କରିବାରେ ବିଳମ୍ବ ହେବା ଏକ ପ୍ରକାର ନିଶ୍ଚିତ ହୋଇଛି। ଅନୁରୂପ ଭାବେ ବିଇଡି ନାମଲେଖା ପ୍ରକ୍ରିୟା ମଧ୍ୟ ବିଳମ୍ବ ହୋଇଛି।

# ୫ରେ ପ୍ରକାଶ ପାଇବ ଚିଠା ଭୋଟର ତାଲିକା

## ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଅଧ୍ୟକ୍ଷତାରେ ସର୍ବଦଳୀୟ ବୈଠକ



ଭୁବନେଶ୍ୱର,୧।୭(ସମିସ): ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଆର୍‌ଏସ୍ ଗୋପାଳନ ଆଜି ରାଜ୍ୟର ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳଗୁଡ଼ିକର ପ୍ରତିନିଧିମାନଙ୍କ ସହ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ କରିଛନ୍ତି। ଏହି ବୈଠକରେ ସ୍ୱତନ୍ତ୍ର ସଘନ ସଂଶୋଧନ-୨୦୨୬ (ଏସ୍‌ଆଇଆର)ର ପରିଗଣନା ଫର୍ମ ବଣ୍ଟନ ଓ ସଂଗ୍ରହ କାର୍ଯ୍ୟର ସଫଳ ସମାପ୍ତି, ଡିଜିଟାଇଜେସନର ପ୍ରଗତି ଏବଂ ଚିଠା ଭୋଟର ତାଲିକା ପ୍ରକାଶନ ପାଇଁ ପ୍ରସ୍ତୁତିର ସମୀକ୍ଷା କରାଯାଇଛି। କୌଣସି ବି ଯୋଗ୍ୟ ଭୋଟର ଯେପରି ବାଦ୍ ନପଡ଼ନ୍ତି ଏବଂ ଭୋଟର ତାଲିକା ଯେପରି ସଠିକ୍, ସମାବେଶୀ ଓ ତ୍ରୁଟିଶୂନ୍ୟ ରହେ, ତାହା ନିଶ୍ଚିତ କରିବାରେ ସାହାଯ୍ୟ କରିବା ପାଇଁ ଚିଠା ଭୋଟର ତାଲିକାର ଯାଞ୍ଚ ଏବଂ ଦାବି ଓ ଆପତ୍ତି ପ୍ରକ୍ରିୟାରେ ସକ୍ରିୟ ଭାବେ ଅଂଶଗ୍ରହଣ କରିବାକୁ ମୁଖ୍ୟ ନିର୍ବାଚନ ଅଧିକାରୀ ସମସ୍ତ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳଗୁଡ଼ିକୁ ଅନୁରୋଧ କରିଛନ୍ତି।

ଚିଠା ଭୋଟର ତାଲିକା ପ୍ରକାଶ ପାଇଲା ପରେ କୌଣସି ପ୍ରକାରର ଆପତ୍ତି କିମ୍ବା ଅଭିଯୋଗ ଥିଲେ, ୫ ଜୁଲାଇରୁ ୪ ଅଗଷ୍ଟ ୨୦୨୬ ମଧ୍ୟରେ ଆପତ୍ତି ଦାଖଲ କରାଯାଇପାରିବ। ୫ ଜୁଲାଇ ପରେ ଯଦି ଚିଠା ଭୋଟର ତାଲିକାରେ କୌଣସି ତ୍ରୁଟି ପରିଲକ୍ଷିତ ହୁଏ, ଫର୍ମ-୬ ମାଧ୍ୟମରେ ନୂତନ ନାମ ଯୋଡ଼ାଯାଇପାରିବ। ଫର୍ମ-୭ ଦେଇ ଭୋଟର ତାଲିକାରୁ ନାମ ବାଦ୍ ଓ ଫର୍ମ-୮ ମାଧ୍ୟମରେ ଯେକୌଣସି ପ୍ରକାରର ସଂଶୋଧନ କରାଯାଇପାରିବ। ଏହି ବୈଠକରେ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ସମେତ ଅତିରିକ୍ତ ସିଇଓ ସୁଶାନ୍ତ କୁମାର ମିଶ୍ର, ଡେପୁଟି ସିଇଓ ଡଃ ଲକ୍ଷ୍ମୀପ୍ରସାଦ ସାହୁ, ଅନାମିକା ସିଂଙ୍କ ସମେତ ରାଜନୈତିକ ଦଳ ବିଜୁ ଜନତା ଦଳ ପକ୍ଷରୁ ଦେବୀ ପ୍ରସାଦ ମିଶ୍ର ଓ ବିଜୟ କୁମାର ନାୟକ, ବହୁଜନ ସମାଜ ପାର୍ଟି ପକ୍ଷରୁ ମଧୁସୂଦନ ଯାଦବ, ସିପିଆଇ(ଏମ୍) ପକ୍ଷରୁ ସୁରେଶ ଚନ୍ଦ୍ର ପାଣିଗ୍ରାହୀ, ଭାରତୀୟ ଜାତୀୟ କଂଗ୍ରେସ ପକ୍ଷରୁ ପ୍ରକାଶ ମିଶ୍ର, ଆମ୍ ଆଦମୀ ପାର୍ଟି ପକ୍ଷରୁ ସନ୍ଦିପ୍ତ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ଅକ୍ଟୋବରରେ ଶିମିଳିପାଳକୁ ଆସିବେ ମହାବଳ

## ଆଉ ଦୁଇଟି ବାଘୁଣୀ ଓ ଗୋଟିଏ ମହାବଳ ଆଣିବା ନେଇ ଯୋଜନା

ବାରିପଦା, ୧।୭ (ସମିସ): ମହାରାଷ୍ଟ୍ରର ବାଘୁଣୀ "ଜୀନତ୍" ମା' ହେବା ପରେ ଶିମିଳିପାଳ ବ୍ୟାଘ୍ର ଅଭୟାରଣ୍ୟରେ ମହାବଳ ବଂଶ ବୃଦ୍ଧି ପାଇଛି। ପ୍ରତି ମାସରେ ବାଘୁଣୀ ସହ ଶାବକଙ୍କ ଗୋଟିଏ ପରେ ଗୋଟିଏ ଚିତ୍ର ସାମ୍ନାକୁ ଆସୁଥିବାରୁ ଦ୍ୱିତୀୟ ପର୍ଯ୍ୟାୟ ମହାବଳ ବାଘ ସ୍ଥାନାନ୍ତର ଦିଗରେ ବନ



ବିଭାଗ ଅଣ୍ଟା ଭିଡ଼ିଛି। ଦ୍ୱିତୀୟ ପର୍ଯ୍ୟାୟରେ ଦୁଇଟି ବାଘୁଣୀ ଓ ଗୋଟିଏ ମହାବଳ ଅଣାଯାଇ ଶିମିଳିପାଳରେ ଛାଡ଼ିବାକୁ ଯୋଜନା ହୋଇଛି। ତେବେ ସେମାନଙ୍କୁ କେଉଁ ଅଞ୍ଚଳରେ ଛଡ଼ାଯିବ ସେନେଇ ଏପର୍ଯ୍ୟନ୍ତ ଚୂଡ଼ାନ୍ତ ହୋଇନାହିଁ।

ବର୍ତ୍ତମାନ ସମୟରେ ମୌସୁମୀ ବାୟୁ ସାରା ଦେଶରେ ଅଗ୍ରସର ହେବା ସହ ବର୍ଷା ଲାଗିରହିଥିବାରୁ ଜଙ୍ଗଲରେ ମହାବଳ ଚିହ୍ନଟ ଓ ସ୍ଥାନାନ୍ତର ପ୍ରକ୍ରିୟା ସମ୍ଭବପର ହେବ ନାହିଁ। ତେଣୁ ବର୍ଷା ଛାଡ଼ିବା ପରେ ହିଁ ଏହି ପ୍ରକ୍ରିୟା ଆଗେଇବ। ମହାରାଷ୍ଟ୍ରର ଯେଉଁ ଜଙ୍ଗଲରୁ ମହାବଳ ଆସିବ ସେନେଇ ସେଠାକାର ରାଜ୍ୟ ସରକାରଙ୍କ ସହ ଆଲୋଚନା ଶେଷ ହୋଇଥିବା ଜଣାପଡ଼ିଛି। ବନ ବିଭାଗର ଜଣେ ଅଧିକାରୀ କହିଛନ୍ତି ଯେ ଦ୍ୱିତୀୟ ପର୍ଯ୍ୟାୟ ବାଘ ସ୍ଥାନାନ୍ତର ପୂର୍ବରୁ ଅନେକ ଔପଚାରିକ କାର୍ଯ୍ୟ ଶେଷ କରିବାକୁ ପଡ଼ିବ। ସାତକୋଶିଆ ବ୍ୟାଘ୍ର ଅଭୟାରଣ୍ୟରେ ଯେଉଁଭଳି ପରିସ୍ଥିତି ଉପୁଜିଥିଲା ତାହାକୁ ଏଡ଼ାଇବାକୁ ସମସ୍ତ ପ୍ରକାର ପ୍ରସ୍ତୁତି ହେଉଛି। ଶିମିଳିପାଳ ଅଭୟାରଣ୍ୟକୁ ମହାବଳ ଆଣିବାକୁ ରାଜ୍ୟ ସରକାର ବହୁତ ସକାରାତ୍ମକ ରହିଛନ୍ତି। ତେବେ ବାସସ୍ଥାନ ଓ ବାଘ ଚୟନ ସବୁଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ। "ଜୀନତ୍' କ୍ଷେତ୍ରରେ ବାସସ୍ଥାନ ଖାପଖୁଆଇବା ନେଇ ଯେଉଁଭଳି ସମସ୍ୟା ହୋଇଥିଲା ତା'ର ଯେପରି ପୁନରାବୃତ୍ତି ନ ହୁଏ ସେଥିପ୍ରତି ସତର୍କତା ଅବଲମ୍ବନ କରାଯାଇଛି। କ୍ଷେତ୍ରୀୟ ଅଧିକାରୀଙ୍କ ସହ ମଧ୍ୟ ଏନେଇ ବାରମ୍ବାର ଆଲୋଚନା ଚାଲିଛି। ପର୍ଯ୍ୟାୟକ୍ରମେ ମହାବଳ ଆସିବା ପରେ ଏନ୍‌କ୍ଲୋଜରରେ ୩ ମାସ ରଖାଯାଇ ଗତିବିଧି ଉପରେ ନଜର ରଖାଯିବ। ଶିମିଳିପାଳ ଅଭୟାରଣ୍ୟରେ ଖାପଖୁଆଇବା ପରେ ଯାଇ ବାହାରକୁ ଛଡ଼ାଯିବ। କେବଳ ଶିମିଳିପାଳ ନୁହେଁ, ଦେବ୍ରିଗଡ଼ ଅଭୟାରଣ୍ୟକୁ ମଧ୍ୟ ମହାବଳ ସ୍ଥାନାନ୍ତର କରିବାକୁ ମଧ୍ୟ ନିଷ୍ପତ୍ତି ହୋଇଛି। ତେବେ ବର୍ଷା ସରିବା ପରେ ପ୍ରକ୍ରିୟା ଆଗେଇବ ବୋଲି ଅଧିକାରୀ ଜଣକ ସୂଚନା ଦେଇଛନ୍ତି।

# ଆଫଗାନିସ୍ତାନରେ ୫.୫ ତୀବ୍ରତାର ଭୂକମ୍ପ

କାବୁଲ,୧୭(ଏଜେନ୍ସି): ଆଫଗାନିସ୍ତାନର ଉତ୍ତର-ପୂର୍ବ ଭାଗରେ ଥିବା ପାର୍ବତ୍ୟ ଅଞ୍ଚଳରେ ବୁଧବାର ଏକ ଶକ୍ତିଶାଳୀ ଭୂକମ୍ପ ଅନୁଭୂତ ହୋଇଛି। ରିକ୍ଟର ସ୍କେଲରେ ଏହାର ତୀବ୍ରତା ୫.୫ ଥିବା ରେକର୍ଡ କରାଯାଇଛି। ତେବେ ବର୍ତ୍ତମାନ ସୁଦ୍ଧା କାହାରି ପ୍ରାଣହାନି କିମ୍ବା ସମ୍ପତ୍ତି ନଷ୍ଟ ହେବାର ଖବର ମିଳିନାହିଁ। ୟୁନାଇଟେଡ୍ ଷ୍ଟେଟ୍ସ ଜିଓଲୋଜିକାଲ୍ ସର୍ଭେ (ୟୁଏସ୍‌ଜିଏସ୍)ର ସୂଚନା ଅନୁଯାୟୀ, ଏହି ଭୂକମ୍ପର କେନ୍ଦ୍ରସ୍ଥଳ ଆଫଗାନିସ୍ତାନର ବଦାକ୍ସାନ ପ୍ରଦେଶସ୍ଥିତ ଫୁର୍ମ ନିକଟରେ ରହିଛି। ଭୂପୃଷ୍ଠରୁ ଏହାର ଗଭୀରତା ପ୍ରାୟ ୨୧୬.୭ କିଲୋମିଟର ରହିଥିଲା। ଭୂକମ୍ପର ଗଭୀରତା ଅଧିକ ଥିବାରୁ ଭୂପୃଷ୍ଠରେ ଏହାର ପ୍ରଭାବ କମ୍ ରହିଥାଇପାରେ ବୋଲି ଅନୁମାନ କରାଯାଉଛି। ଏହି ଝଟକା ପଡ଼ୋଶୀ ପାକିସ୍ତାନ ଏବଂ ମଧ୍ୟ ଏସିଆର କିଛି ଅଂଶରେ ମଧ୍ୟ ଅନୁଭୂତ ହୋଇଛି। ଆଫଗାନିସ୍ତାନର ଏହି ଅଞ୍ଚଳ ବିଶେଷ କରି ହିନ୍ଦୁକୁଶ ପର୍ବତମାଳା ଅଧିକ ଭୂକମ୍ପ ପ୍ରବଣ ଅଟେ। ଫୁର୍ମ ଅଞ୍ଚଳଟି ଭାରତୀୟ ଏବଂ ୟୁରେସିଆନ୍ ଟେକ୍ଟୋନିକ୍ ପ୍ଲେଟ୍‌ର ମିଳନ ସ୍ଥଳ ନିକଟରେ ଅବସ୍ଥିତ ହୋଇଥିବାରୁ ଏଠାରେ ବାରମ୍ବାର ଭୂକମ୍ପ ଅନୁଭୂତ ହୁଏ। ସୂଚନାଯୋଗ୍ୟ, ଆଫଗାନିସ୍ତାନ ବିଗତ କିଛି ବର୍ଷ ହେବ ଅନେକ ଭୟଙ୍କର ଭୂକମ୍ପର ସାମ୍ନା କରିଛି। ସେପ୍ଟେମ୍ବର ୨୦୨୫ରେ ପୂର୍ବ ଆଫଗାନିସ୍ତାନରେ ୬.୦ ତୀବ୍ରତାର ଭୂକମ୍ପ ଯୋଗୁଁ ପ୍ରାୟ ୨,୨୦୦ ରୁ ଅଧିକ ଲୋକଙ୍କର ମୃତ୍ୟୁ ଘଟିଥିଲା। ଅକ୍ଟୋବର ୨୦୨୩ରେ ହେରାଟ ଅଞ୍ଚଳରେ ହୋଇଥିବା ଭୂକମ୍ପରେ ୨,୦୦୦ ରୁ ଅଧିକ ଲୋକ ଜୀବନ ହରାଇଥିଲେ।

**ନୂଆଦିଲ୍ଲୀରେ ପହଞ୍ଚିଲେ ଜାପାନ ପ୍ରଧାନମନ୍ତ୍ରୀ**

# ଓଡ଼ିଶାର ସବୁଜ ଆମୋନିଆ ପ୍ରକଳ୍ପ ଉପରେ ହେବ ଆଲୋଚନା

ନୂଆଦିଲ୍ଲୀ,୧୭(ଏଜେନ୍ସି): ଜାପାନ ପ୍ରଧାନମନ୍ତ୍ରୀ ସାନେ ତାକାଇଚି ତିନି ଦିନିଆ ଭାରତ ଗସ୍ତରେ ଆସି ବୁଧବାର ସନ୍ଧ୍ୟାରେ ନୂଆଦିଲ୍ଲୀରେ ପହଞ୍ଚିଛନ୍ତି। ପ୍ରଧାନମନ୍ତ୍ରୀ ହେବା ପରେ ତାକାଇଚିଙ୍କର ଏହା ହେଉଛି ପ୍ରଥମ ଭାରତ ଗସ୍ତ। ଭାରତ-ଜାପାନ ସମ୍ପର୍କ ପାଇଁ ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରାଯାଉଛି। କେନ୍ଦ୍ର ମନ୍ତ୍ରୀ ଜିତେନ୍ଦ୍ର ସିଂହ ତାଙ୍କୁ ବିମାନବନ୍ଦରରେ ସ୍ୱାଗତ କରିଥିଲେ। ପଶ୍ଚିମ ଏସିଆରେ ସୃଷ୍ଟି ଅସ୍ଥିରତା ଏବଂ ଚୀନର ବର୍ଦ୍ଧିତ ପ୍ରଭାବ ଯୋଗୁଁ ଆଞ୍ଚଳିକ ରଣନୀତି ଦ୍ରୁତ ଗତିରେ ପରିବର୍ତ୍ତନ ହେଉଥିବା ସମୟରେ ତାଙ୍କର ଏହି ଗସ୍ତ ବେଶ ଗୁରୁତ୍ୱ ବହନ କରୁଛି। ଦୁଇ ଦେଶ ମଧ୍ୟରେ ୨୦ତମ ବାର୍ଷିକ ଶିଖର ସମ୍ମିଳନୀ ମଧ୍ୟ ଚାଲିଛି, ଯେଉଁଠାରେ ପ୍ରତିରକ୍ଷା, ଭାରତ-ପ୍ରଶାନ୍ତ ମହାସାଗର, ଶକ୍ତି ସୁରକ୍ଷା, କୃତ୍ରିମ ବୁଦ୍ଧିମତ୍ତା (ଏଆଇ), ଅର୍ଦ୍ଧପରିବାହୀ, ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ ଏବଂ ନୂତନ ପ୍ରଯୁକ୍ତିବିଦ୍ୟା ଉପରେ ପ୍ରମୁଖ ନିଷ୍ପତ୍ତି ନିଆଯାଇପାରିବ। ହେଲେ ଜାପାନୀ ସହଯୋଗରେ ଓଡ଼ିଶାରେ ବିକଶିତ ହେଉଥିବା ସବୁଜ ଆମୋନିଆ ପ୍ରକଳ୍ପ ମଧ୍ୟ ଏହି ଆଲୋଚନାର ଏକ ପ୍ରମୁଖ କେନ୍ଦ୍ରବିନ୍ଦୁ ହେବ ବୋଲି ଆଶା କରାଯାଉଛି।

**ଏଆଇଠାରୁ ସେମିକଣ୍ଡକ୍ଟର ପର୍ଯ୍ୟନ୍ତ ଅନେକ ଗୁରୁତ୍ୱପୂର୍ଣ୍ଣ ଚୁକ୍ତିନାମା ଉପରେ ରହିବ ନଜର**

ଏକ ମୁକ୍ତ ଏବଂ ନିୟମ-ଭିତ୍ତିକ ଭାରତ-ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ର ଭାରତ-ଜାପାନ ଆଲୋଚନାର ଏକ ପ୍ରମୁଖ କେନ୍ଦ୍ରବିନ୍ଦୁ ହେବ। ଜାପାନ ଚଳିତ ବର୍ଷ ଏହାର ନୂତନ ଭାରତ-ପ୍ରଶାନ୍ତ ମହାସାଗରୀୟ ନୀତି ଉନ୍ମୋଚନ କରିଛି, ଯାହା ପଶ୍ଚିମ ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ର ଏବଂ ଚୀନ୍ ସହିତ ବଢୁଥିବା ଉତ୍ତେଜନା ଉପରେ ଅଧିକ ଗୁରୁତ୍ୱ ଦିଏ। ଭାରତକୁ ଏହି ରଣନୀତିରେ ଏକ ପ୍ରମୁଖ ଅଂଶୀଦାର ଭାବରେ ବିବେଚନା କରାଯାଉଛି। ଦୁଇ ଦେଶ ଆର୍ଥିକ ସୁରକ୍ଷା ଉପରେ ଏକ ମିଳିତ ଘୋଷଣା ଏବଂ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ସହଯୋଗ ଉପରେ ଏକ ମିଳିତ ବିବୃତ୍ତି ଜାରି କରିପାରନ୍ତି। ଭାରତ ଏବଂ ଜାପାନ ପ୍ରାୟ ୧୦ଟି ବୁଝାମଣାପତ୍ରରେ ଦସ୍ତଖତ କରୁଛନ୍ତି। ଏଥିରେ ପ୍ରମୁଖ କ୍ଷେତ୍ରଗୁଡ଼ିକ ମଧ୍ୟରେ ଶକ୍ତି ସୁରକ୍ଷା, ବାୟୋଗ୍ୟାସ୍, ତେଲ ଏବଂ ଗ୍ୟାସ୍ କ୍ଷେତ୍ରରେ ଅପଷ୍ଟ୍ରିମ୍ ବିକାଶ, ଗୁରୁତ୍ୱପୂର୍ଣ୍ଣ ଖଣିଜ ଅନୁସନ୍ଧାନ, ବ୍ୟାଟେରୀ ପ୍ରଯୁକ୍ତିବିଦ୍ୟା, କୃତ୍ରିମବୁଦ୍ଧିମତ୍ତା (ଏଆଇ), ଔଷଧ, ସବୁଜ ଆମୋନିଆ ପ୍ରକଳ୍ପ ଏବଂ ପରବର୍ତ୍ତୀ ପିଢ଼ିର ଗତିଶୀଳତା ସହଭାଗୀତା ଅନ୍ତର୍ଭୁକ୍ତ। ଜାପାନୀ ସହଯୋଗରେ ଓଡ଼ିଶାରେ ବିକଶିତ ହେଉଥିବା ସବୁଜ ଆମୋନିଆ ପ୍ରକଳ୍ପ ମଧ୍ୟ ଏକ ପ୍ରମୁଖ କେନ୍ଦ୍ରବିନ୍ଦୁ ହେବ ବୋଲି ଆଶା କରାଯାଉଛି।

**ମହାନଦୀ ଟ୍ରିବ୍ୟୁନାଲଙ୍କ ଓଡ଼ିଶା ଗସ୍ତ ବେଳେ ୨.୪୧ କୋଟି ଖର୍ଚ୍ଚ**

# ସ୍ୱତନ୍ତ୍ର ଅଡିଟ୍ ଦାବି କଲା ମହାନଦୀ ବଞ୍ଚାଅ ଆନ୍ଦୋଳନ

ଭୁବନେଶ୍ୱର,୧୭(ସମିସ): ଗତ ୨୬ ଫେବୃଆରୀରୁ ୨ ମାର୍ଚ୍ଚ ପର୍ଯ୍ୟନ୍ତ ମହାନଦୀ ଜଳ ବିବାଦ ଟ୍ରିବ୍ୟୁନାଲଙ୍କ ଓଡ଼ିଶା ଗସ୍ତ ଅବସରରେ ରାଜ୍ୟ ସରକାର କରିଥିବା ୨,୪୧,୧୩,୯୫୦ ଟଙ୍କା ବ୍ୟୟର ସ୍ୱତନ୍ତ୍ର ବା ସ୍ପେଶାଲ ଅଡିଟ୍ ଓ କମ୍ପ୍ଲାଏନ୍ସ ଅଡିଟ୍ କରିବାକୁ ଦାବି କରିଛି ମହାନଦୀ ବଞ୍ଚାଅ ଆନ୍ଦୋଳନ। ଏହି ପ୍ରସଙ୍ଗରେ ସଂଗଠନ ପକ୍ଷରୁ ଭାରତର ନିୟନ୍ତ୍ରକ ଓ ମହାଲେଖା ପରୀକ୍ଷକ (ସିଏଜି)ଙ୍କ ନିକଟରେ ଏକ ବିସ୍ତୃତ ଜନସ୍ୱାର୍ଥ ସମ୍ବଳିତ ଦାବିପତ୍ର ଦାଖଲ କରାଯାଇଛି। ଏହି ଦାବିପତ୍ର ସମ୍ପୂର୍ଣ୍ଣ ଭାବରେ ସୂଚନା ଅଧିକାର ଆଇନ ଅନୁଯାୟୀ ଜଳ ସମ୍ପଦ ବିଭାଗରୁ ପ୍ରାପ୍ତ ସରକାରୀ ଦସ୍ତାବିଜ ଉପରେ ଆଧାରିତ ବୋଲି ସଂଗଠନ ପକ୍ଷରୁ କୁହାଯାଇଛି।

ଆରଟିଆଇ ଦସ୍ତାବିଜ ଅନୁସାରେ ଟ୍ରିବ୍ୟୁନାଲଙ୍କ ଗସ୍ତ ପାଇଁ ରାଜ୍ୟ ସରକାର ମୋଟ ୨,୪୧,୧୩,୯୫୦ ଟଙ୍କା ମଞ୍ଜୁର କରିଥିଲେ। ସେଥିରୁ ୧,୪୫,୫୫,୪୮୦ ଉପର ମହାନଦୀ ଅଞ୍ଚଳ ଗସ୍ତ ପାଇଁ ଏବଂ ୯୫,୫୮,୪୭୦ ତଳ ମହାନଦୀ ଅଞ୍ଚଳ ଗସ୍ତ ପାଇଁ ବ୍ୟୟ କରାଯାଇଥିବା ଉଲ୍ଲେଖ ରହିଛି। ଆରଟିଆଇ ମାଧ୍ୟମରେ ଉପର ମହାନଦୀ ଗସ୍ତର ବ୍ୟୟ ସମ୍ବନ୍ଧୀୟ ବିସ୍ତୃତ ତଥ୍ୟ ମିଳିଥିବା ବେଳେ, ସେଥିରେ ଏମ.ଏମ. ଇଭେଣ୍ଟ ମ୍ୟାନେଜମେଣ୍ଟକୁ ପ୍ରାୟ ୮୪.୧୧ ଲକ୍ଷ, ମେ ଫେୟାର ହୋଟେଲ୍ସ ଆଣ୍ଡ ରିସର୍ଟସ୍‌କୁ ୫୩.୯୫ ଲକ୍ଷ ସମେତ ଅନ୍ୟାନ୍ୟ ବ୍ୟୟର ବିବରଣୀ ରହିଛି। କିନ୍ତୁ ତଳ ମହାନଦୀ ଅଞ୍ଚଳ ପାଇଁ ଦର୍ଶାଯାଇଥିବା ୯୫.୫୮ ଲକ୍ଷ ବ୍ୟୟର ସବିଶେଷ ହିସାବ ଆରଟିଆଇରେ ପ୍ରଦାନ କରାଯାଇନାହିଁ। ଏହି ପରିପ୍ରେକ୍ଷୀରେ ମହାନଦୀ ବଞ୍ଚାଅ ଆନ୍ଦୋଳନ ସିଏଜିଙ୍କୁ ଅନୁରୋଧ କରିଛି ଯେ ସମଗ୍ର ବ୍ୟୟ ସାଧାରଣ ଆର୍ଥିକ ନିୟମ, ଓଡ଼ିଶା ଆର୍ଥିକ ନିୟମ ଏବଂ ପ୍ରଚଳିତ କ୍ରୟ ପ୍ରକ୍ରିୟା ଅନୁଯାୟୀ ହୋଇଛି କି ନାହିଁ, ସରକାରୀ ଅର୍ଥ ବ୍ୟବହାରରେ ସଞ୍ଚୟ, ସ୍ୱଚ୍ଛତା ଓ ଆର୍ଥିକ ଶୃଙ୍ଖଳାର ନୀତି ପାଳନ କରାଯାଇଛି କି ନାହିଁ, ବେସରକାରୀ ସଂସ୍ଥାମାନଙ୍କୁ ନିୟୋଜନରେ ନିୟମାନୁସାରେ ପ୍ରକ୍ରିୟା ଅନୁସରଣ କରାଯାଇଛି କି ନାହିଁ ସେ ସମ୍ବନ୍ଧରେ ଯାଞ୍ଚ କରାଯାଉ ଏବଂ ତଳ ମହାନଦୀ ଗସ୍ତର ବ୍ୟୟର ସମ୍ପୂର୍ଣ୍ଣ ବିବରଣୀ ପ୍ରଦାନ କରାଯାଉ। ଏହି ଅବସରରେ ମହାନଦୀ ବଞ୍ଚାଅ ଆନ୍ଦୋଳନର ଆବାହକ ସୁଦର୍ଶନ ଦାସ କହିଛନ୍ତି ଯେ ଏହି ଦାବିପତ୍ର କୌଣସି ବ୍ୟକ୍ତି କିମ୍ବା ଅନୁଷ୍ଠାନ ବିରୋଧରେ ଅଭିଯୋଗ ନୁହେଁ। ଏହାର ଏକମାତ୍ର ଉଦ୍ଦେଶ୍ୟ ହେଉଛି ଜନସାଧାରଣଙ୍କ ଅର୍ଥର ସ୍ୱଚ୍ଛ ଓ ଜବାବଦେହିତାପୂର୍ଣ୍ଣ ଉପଯୋଗକୁ ସୁନିଶ୍ଚିତ କରିବା। ସେ କହିଛନ୍ତି ଯେ ମହାନଦୀ ବିବାଦ କୋଟି କୋଟି ଲୋକଙ୍କ ଜଳ ନିରାପତ୍ତା, କୃଷି, ଜୀବିକା ଓ ପରିବେଶ ସହ ଜଡ଼ିତ ଥିବାରୁ ଏହି ସମ୍ବନ୍ଧୀୟ ପ୍ରତ୍ୟେକ ସରକାରୀ ବ୍ୟୟ ସମ୍ବିଧାନିକ ଅଡିଟ୍ ବ୍ୟବସ୍ଥାର ନିରୀକ୍ଷଣ ଅଧୀନକୁ ଆସିବା ଉଚିତ। ଏହି ଦାବିପତ୍ରର ନକଲ ପ୍ରିନ୍ସିପାଲ ଆକାଉଣ୍ଟାଣ୍ଟ ଜେନେରାଲ (ଅଡିଟ୍-୧), ଓଡ଼ିଶା, ମୁଖ୍ୟ ଶାସନ ସଚିବ, ଜଳ ସମ୍ପଦ ବିଭାଗର ପ୍ରଧାନ ସଚିବ, ଇଞ୍ଜିନିୟର-ଇନ୍-ଚିଫ୍, ଆକାଉଣ୍ଟାଣ୍ଟ ଜେନେରାଲ ଓ ମହାନଦୀ ଜଳ ବିବାଦ ଟ୍ରିବ୍ୟୁନାଲର ଅଧ୍ୟକ୍ଷଙ୍କୁ ମଧ୍ୟ ପ୍ରେରଣ କରାଯାଇଛି।

**■ ପଞ୍ଜୀକରଣ କାର୍ଯ୍ୟାଳୟରେ ସ୍ମାର୍ଟ୍ ନିରୀକ୍ଷଣ ବ୍ୟବସ୍ଥା ସଂକ୍ରାନ୍ତରେ ରାଜସ୍ୱ ମନ୍ତ୍ରୀଙ୍କ ସମୀକ୍ଷା**

# 'ସ୍ମାର୍ଟ ସର୍ଭେଲାନ୍ସ ସିଷ୍ଟମ୍'ରେ ଚିହ୍ନଟ ହେଲେ ଦଣ୍ଡିତ ହେବେ ଦୁର୍ନୀତିଖୋର୍

ଭୁବନେଶ୍ୱର,୧୭(ସମିସ): ରାଜସ୍ୱ ଓ ବିପର୍ଯ୍ୟୟ ରିଚାଳନା ବିଭାଗର ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଅଧ୍ୟକ୍ଷତାରେ ଆଇଜିଆର୍ ନିରୀକ୍ଷଣ ବ୍ୟବସ୍ଥା ସଂକ୍ରାନ୍ତରେ ଲୋକସେବା ଭବନଠାରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଓଡ଼ିଶାର ସମସ୍ତ ପଞ୍ଜୀକରଣ କାର୍ଯ୍ୟାଳୟରେ ଉନ୍ନତ ସିସିଟିଭି କ୍ୟାମେରା ମାଧ୍ୟମରେ ସ୍ମାର୍ଟ ନିରୀକ୍ଷଣ ବ୍ୟବସ୍ଥା, ଏହାର ସୁପରିଚାଳନା ଏବଂ ରକ୍ଷଣାବେକ୍ଷଣ ସମ୍ପର୍କରେ ଆଲୋଚନା କରାଯାଇଥିଲା। ସମନ୍ୱିତ ନିରୀକ୍ଷଣ ଏବଂ ମନିଟରିଂ ମାଧ୍ୟମରେ ରାଜ୍ୟର ସମସ୍ତ ପଞ୍ଜୀକରଣ କାର୍ଯ୍ୟାଳୟରେ ସୁରକ୍ଷା ଭିତ୍ତିଭୂମିକୁ ସୁଦୃଢ଼ କରିବା ନିମନ୍ତେ ମନ୍ତ୍ରୀ ଗୁରୁତ୍ୱାରୋ କରିବା ସହ ଦୁର୍ନୀତିମୁକ୍ତ ସେବା ସୁନିଶ୍ଚିତ କରିବା ନିମନ୍ତେ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ଅଧିକ ଆଲୋଚନା କରି ମନ୍ତ୍ରୀ କହିଲେ ଯେ ଅଧିକାରୀ ଏବଂ କର୍ମଚାରୀମାନଙ୍କୁ ବାଦ୍ ଦେଇ ଞ୍ଜୀକରଣ କାର୍ଯ୍ୟାଳୟକୁ ବିନା କୌଣସି କାରଣରେ ପ୍ରତ୍ୟହ ବାରମ୍ବାର ଆସୁଥିବା ମଧ୍ୟସ୍ଥିମାନଙ୍କ ଦ୍ୱାରା ହିଁ ଦୁର୍ନୀତି ହେବାର ସମ୍ଭାବନା ଥାଏ। ଏଥିନିମନ୍ତେ ସିସିଟିଭି କ୍ୟାମେରା ମାଧ୍ୟମରେ ସ୍ମାର୍ଟ୍ ସର୍ଭେଲାନ୍ସ ସିଷ୍ଟମର ବ୍ୟବସ୍ଥା କରାଯାଇ ଏଇ ତଥାକଥିତ ମଧ୍ୟସ୍ଥିମାନଙ୍କୁ ଚିହ୍ନଟ କରାଯିବ। ସ୍ମାର୍ଟ ସର୍ଭଲୋନ୍ସ ସିଷ୍ଟମକୁ ଏଆଇର ଉପଯୋଗ କରି ଅଧିକ ସୁଦୃଢ଼ ଏବଂ ପ୍ରଭାବଶାଳୀ କରାଯିବ। ସେହିପରି ରାଜସ୍ୱ ବିଭାଗର ବିଭିନ୍ନ କାର୍ଯ୍ୟାଳୟରେ ଅଧିକାରୀ ଏବଂ କର୍ମଚାରୀମାନଙ୍କ କାର୍ଯ୍ୟାଳୟରେ ଉପସ୍ଥିତି ଏବଂ କାର୍ଯ୍ୟରତ ସମୟ ସମ୍ପର୍କରେ ଦୃଷ୍ଟି ରଖାଯିବା ସହ କ୍ଷେତ୍ର ପରିଦର୍ଶନରେ ଯାଇଥିଲେ ଟ୍ରାକିଂ ମଧ୍ୟ କରାଯିବ। ରିୟଲ୍ ଟାଇମ୍ ମନିଟରିଂ ବା ପ୍ରତ୍ୟକ୍ଷ ସମୟ ତଦାରଖ ବ୍ୟବସ୍ଥା ପରି ନୂତନ ଜ୍ଞାନକୌଶଳ ଏବଂ ପ୍ରଯୁକ୍ତିବିଦ୍ୟାର ପ୍ରୟୋଗ କରି ରାଜସ୍ୱ ପ୍ରଶାସନକୁ ଦୁର୍ନୀତିମୁକ୍ତ କରିବା ସହ ଅଧିକ ଲୋକାଭିମୁଖୀ କରିବା ନିମନ୍ତେ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏହି ବୈଠକରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ ପାଢ଼ୀ, ରାଜ୍ୟ ପଞ୍ଜୀକରଣ ମହାନିର୍ଦ୍ଦେଶକ ପି. ଅନ୍ୱେଷା ରେଡ୍ଡୀ, ରାଜସ୍ୱ ବିଭାଗର ପ୍ରମୁଖ ଶାସନ ସଚିବ ପ୍ରକାଶ ମିଶ୍ର, ଅତିରିକ୍ତ ଶାସନ ସଚିବ ଦିଗନ୍ତ ରାଉତରାୟ, ସୁରଞ୍ଜନ ପ୍ରଧାନ ଏବଂ ଓକାକ୍‌ର ଅଧିକାରୀବୃନ୍ଦ ଉପସ୍ଥିତ ରହିଥିଲେ।

# ଜେଲ୍ ଗଲେ କୋଟିପତି ଅଫିସ୍ ଅଧୀକ୍ଷକ ଓ ଷ୍ଟିୱାର୍ଡ

ସମ୍ବଲପୁର, ୧୭ (ସମିସ) : ଆୟବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ମଙ୍ଗଳବାର ବୁର୍ଲାସ୍ଥିତ ଭିମ୍‌ସାରର ଏଷ୍ଟାବ୍ଲିସ୍‌ମେଣ୍ଟ ଅଧିକାରୀ ତଥା ଅଫିସ୍ ସୁପରିଣ୍ଟେଣ୍ଡେଣ୍ଟ ଧନୁର୍ଦ୍ଧର ବିଶ୍ୱାଳଙ୍କ ୪ଟି ସ୍ଥାନରେ ଏବଂ ଭିମ୍‌ସାରର ଷ୍ଟିୱାର୍ଡ ଅଶ୍ୱିନୀ ମେହେରଙ୍କ ୫ଟି ସ୍ଥାନରେ ଓଡ଼ିଶା ଭିଜିଲାନ୍ସ ପକ୍ଷରୁ ଏକକାଳୀନ ଚଢ଼ଉ କରାଯାଇଥିଲା। ତଦନ୍ତ ଜାରି ରହିଥିବାବେଳେ ଏପର୍ଯ୍ୟନ୍ତ ଶ୍ରୀ ବିଶ୍ୱାଳଙ୍କ ଜ୍ଞାତ ଆୟର ୨୩୪% ପରିମାଣର ଆୟ ବହିର୍ଭୂତ ସମ୍ପତ୍ତି ମିଳିଥିବାବେଳେ ଶ୍ରୀ ମେହେରଙ୍କ ଜ୍ଞାତ ଆୟର ୧୦୪% ଆୟ ବହିର୍ଭୂତ ସମ୍ପତ୍ତି ଠାବ କରାଯାଇଥିବା ଭିଜିଲାନ୍ସ ଏସ୍‌ପି ପ୍ରଦ୍ୟୁମ୍ନ ଦ୍ୱିବେଦୀ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ଉଭୟଙ୍କୁ ଭିଜିଲାନ୍ସ ଦ୍ୱାରା ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଥିବା ସେ କହିଛନ୍ତି।



ଭିଜିଲାନ୍ସ ସ୍ୱତନ୍ତ୍ର ଅଦାଲତରେ ଜାମିନ ନାମଞ୍ଜୁର ହେବାପରେ ସେମାନଙ୍କୁ ଜେଲକୁ ପଠାଇ ଦିଆଯାଇଥିବା ସୂଚନା ମିଳିଛି। ଓଡ଼ିଶା ଭିଜିଲାନ୍ସ ପକ୍ଷରୁ ଆୟ ବହିର୍ଭୂତ ସମ୍ପତ୍ତି ମାମଲାରେ ମଙ୍ଗଳବାର ଭିମ୍‌ସାରର ଏଷ୍ଟାବ୍ଲିସ୍‌ମେଣ୍ଟ ଅଧିକାରୀ ତଥା ଅଫିସ୍ ସୁପରିଣ୍ଟେଣ୍ଡାଣ୍ଟ ଧନୁର୍ଦ୍ଧର ବିଶ୍ୱାଳଙ୍କ ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଇଥିବାବେଳେ ଆୟଠାରୁ ୨୩୪% ଅଧିକ ସମ୍ପତ୍ତି ଠାବ କରାଯାଇଛି। ସମ୍ବଲପୁର ଭିଜିଲାନ୍ସରେ ଏକ ମାମଲା ରୁଜୁ କରି ଶ୍ରୀ ବିଶ୍ୱାଳଙ୍କୁ ଗିରଫ କରାଯାଇଛି। ଘର ତଲାସୀ ସମୟରେ, ଶ୍ରୀ ବିଶ୍ୱାଳ ଏବଂ ତାଙ୍କ ପରିବାର ସଦସ୍ୟଙ୍କ ନାମରେ କୋଟି କୋଟି ଟଙ୍କାର ସ୍ଥାବର ଏବଂ ଅସ୍ଥାବର ସମ୍ପତ୍ତି ଠାବ କରାଯାଇଥିଲା। ତନ୍ମଧ୍ୟରେ, ସମ୍ବଲପୁରର ଧନକଉଡ଼ାରେ ଅବସ୍ଥିତ ପ୍ରାୟ ୧୭୦୦ ବର୍ଗଫୁଟ କ୍ଷେତ୍ରଫଳ ସହିତ ଆବାସିକ ଦୁଇ ମହଲା କୋଠା, ସମ୍ବଲପୁରର ଗୁଡେସିଙ୍ଗାରେ ଅବସ୍ଥିତ ଗୋଟିଏ କୋଠା, ସମ୍ବଲପୁର ସହର ଉପକଣ୍ଠରେ ୩୨ଟି ମୂଲ୍ୟବାନ ପ୍ଲଟ୍ ଠାବ କରାଯାଇଛି।

**ଗୁଣିଗାରେଡ଼ିରୁ ହତ୍ୟା ମାମଲାରେ ଅଭିଯୁକ୍ତ ଦୋଷମୁକ୍ତ**

# କେବଳ ସମ୍ଭାବନାକୁ ଭିତ୍ତିକରି କାହାକୁ ଦୋଷୀ କୁହାଯାଇପାରିବ ନାହିଁ: ହାଇକୋର୍ଟ

କଟକ,୧୭(ସମିସ): ଗୁଣିଗାରେଡ଼ି ତଥା ଡାହାଣୀ ସନ୍ଦେହରୁ ହତ୍ୟା ଭଳି ଏକ ସଂଗୀନ ମାମଲାରେ ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଶୁଣାଇଛନ୍ତି। ପ୍ରମାଣ ଅଭାବ ଏବଂ ସାକ୍ଷ୍ୟ ସନ୍ଦେହଜନକ ହୋଇଥିବାରୁ ମାମଲାର ଅଭିଯୁକ୍ତ ଚାନ୍ଦୁ ଓରଫ ଛୋଟୁରାମ ମହାନ୍ତଙ୍କୁ ହାଇକୋର୍ଟ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ହାଇକୋର୍ଟ ନିଜ ରାୟରେ ସ୍ପଷ୍ଟ କରିଛନ୍ତି ଯେ, ଅପରାଧ ଯେତେ ଗୁରୁତର ହେବ, ପ୍ରମାଣ ସେତେ ସୁଦୃଢ଼ ହେବା ଆବଶ୍ୟକ। କେବଳ ଅନୁମାନ କିମ୍ବା ସମ୍ଭାବନାକୁ ଭିତ୍ତିକରି ହତ୍ୟା ମାମଲାରେ କାହାକୁ ଦୋଷୀ ସାବ୍ୟସ୍ତ କରାଯାଇପାରିବ ନାହିଁ। ନିମ୍ନଅଦାଲତ ଏହି ନିୟମକୁ ଅଣଦେଖା କରି କେବଳ ଭାବପ୍ରବଣତା ଆଧାରରେ (ଯେ ପୁଅ କେବେ ମା'ର ହତ୍ୟାକାରୀକୁ ନେଇ ମିଛ କହିବ ନାହିଁ) ରାୟ ଦେଇଥିଲେ। ବାରିପଦାର ଫାଷ୍ଟ ଟ୍ରାକ୍ କୋର୍ଟଙ୍କ ଦ୍ୱାରା ୨୦୦୪ ମସିହାରେ ପ୍ରଦତ୍ତ ଏହି ଆଜୀବନ କାରାଦଣ୍ଡାଦେଶକୁ ହାଇକୋର୍ଟ ରଦ୍ଦ କରିଛନ୍ତି। ଜଷ୍ଟିସ ମାନସ ରଞ୍ଜନ ପାଠକ ଓ ଜଷ୍ଟିସ ଶଶିକାନ୍ତ ମିଶ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରି ଏଭଳି ନିର୍ଦ୍ଦେଶ ଦେଇଛନ୍ତି। ୨୦୦୨ ମସିହା ଜୁନ୍ ୨୧ ତାରିଖରେ ମୟୂରଭଞ୍ଜ ଜିଲ୍ଲା ମହୁଲପଦା ଥାନା ଅଧୀନ ଅଞ୍ଚଳରେ ଠାକୁରୀ ମହାନ୍ତଙ୍କୁ ଏକ ଟାଙ୍ଗିଆରେ ଆକ୍ରମଣକରି ହତ୍ୟା କରାଯାଇଥିବା ଅଭିଯୋଗ ହୋଇଥିଲା। ମୃତକଙ୍କ ପୁଅ ଲକ୍ଷ୍ମଣ ମହାନ୍ତ ଏନେଇ ଥାନାରେ ଏତଲା ଦାୟର କରିଥିଲେ। ଅଭିଯୁକ୍ତ ଛୋଟୁରାମ ମହାନ୍ତ, ମୃତମହିଳା ଜଣକ ଡାହାଣୀ ବିଦ୍ୟା (ଗୁଣି ଗାରେଡ଼ି) କରୁଥିବା ସନ୍ଦେହ କରି ଏହି ହତ୍ୟା କରିଥିବା ଅଭିଯୋଗ ହୋଇଥିଲା। ୨୦୦୪ ମାର୍ଚ୍ଚ ୧୦ ତାରିଖରେ ବାରିପଦାର ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ (ଫାଷ୍ଟ ଟ୍ରାକ୍ କୋର୍ଟ) ପ୍ରତ୍ୟକ୍ଷଦର୍ଶୀଙ୍କ ସାକ୍ଷ୍ୟକୁ ଆଧାର କରି ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡାଦେଶ ଶୁଣାଇଥିଲେ। ଏହି ରାୟକୁ ଚ୍ୟାଲେଞ୍ଜ କରି ଅଭିଯୁକ୍ତ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

# ଭିଜିଲାନ୍ସ ମାମଲା ରଦ୍ଦ ଆବେଦନ ଖାରଜକଲେ ହାଇକୋର୍ଟ

କଟକ,୧୭(ସମିସ): ଖାଦ୍ୟ ଯୋଜନାରେ ଚାଉଳ ହେରଫେର ଅଭିଯୋଗରେ ରୁଜୁ ଭିଜିଲାନ୍ସ ମାମଲାକୁ ରଦ୍ଦ କରିବା ପାଇଁ ହୋଇଥିବା ଆବେଦନକୁ ହାଇକୋର୍ଟ ଖାରଜ କରିଦେଇଛନ୍ତି। ପ୍ରାୟ ୨୫ ବର୍ଷରୁ ଅଧିକ ସମୟଧରି ମାମଲା ବିଚାରାଧୀନ ଥିବାରୁ ଏହାକୁ ରଦ୍ଦ କରିବାକୁ ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଦେବଦତ୍ତ ଦାଶଙ୍କ ପକ୍ଷରୁ ରୁଜୁ ମାମଲାର ଶୁଣାଣି କରି ଡ. ଜଷ୍ଟିସ୍ ସଞ୍ଜୀବ କୁମାର ପାଣିଗ୍ରାହୀ ଆବେଦନକୁ ଅଗ୍ରାହ୍ୟ କରିବା ସହ ଆଇନ ଅନୁଯାୟୀ ବିଚାର ପ୍ରକ୍ରିୟା ଜାରି ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। କେବଳ ଅଧିକ ସମୟ ବିତିଯିବା ଆଧାରରେ ଏକ ଦୁର୍ନୀତି ମାମଲାକୁ ରଦ୍ଦ କରାଯାଇପାରିବ ନାହିଁ। ମାମଲାରେ ବିଳମ୍ବ ପାଇଁ ଆଇନଗତ ସ୍ଥଗିତାଦେଶ, ସାକ୍ଷୀମାନଙ୍କ ମୃତ୍ୟୁ ଏବଂ ଅଭିଯୁକ୍ତମାନଙ୍କର ନିଜସ୍ୱ ଆଭିମୁଖ୍ୟ ମଧ୍ୟକାରଣସାଜିଛି। ବର୍ତ୍ତମାନ ନିମ୍ନଅଦାଲତରେ ସାକ୍ଷ୍ୟଗ୍ରହଣ ପ୍ରକ୍ରିୟା ଜାରିରହିଥିବାରୁ ଏହି ପର୍ଯ୍ୟାୟରେ ମାମଲାକୁ ବନ୍ଦ କରିବା ଅନୁଚିତ ହେବ ବୋଲି ହାଇକୋର୍ଟ କହିଛନ୍ତି। ଗତ ୨୦୦୧ ମସିହା ଅକ୍ଟୋବର ୧୨ ତାରିଖରେ କଟକ ଜଗତପୁର ଗୋଦାମରୁ "କାମ ପାଇଁ ଖାଦ୍ୟ ଯୋଜନା" ଅଧୀନରେ ଶ୍ରମିକମାନଙ୍କ ପାଇଁ ଉଦ୍ଦିଷ୍ଟ ଚାଉଳକୁ ବେଆଇନ ଭାବେ କଟକ ମାଲଗୋଦାମକୁ ଚାଲାଣ କରାଯାଉଥିବା ନେଇ ଭିଜିଲାନ୍ସ ବିଭାଗକୁ ଖବର ମିଳିଥିଲା। କେତେକ ସରକାରୀ ଅଧିକାରୀ ଓ ବେସରକାରୀ ଠିକାଦାରଙ୍କ ମଧ୍ୟରେ ମଧୁଚନ୍ଦ୍ରିକା ଯୋଗୁଁ ଗରିବ କଲ୍ୟାଣ ଯୋଜନାର ଚାଉଳ ହେରଫେର କରାଯାଇ ସରକାରୀ ପାଣ୍ଠିର ବ୍ୟାପକ କ୍ଷତି ଘଟାଯାଇଥିବା ଅଭିଯୋଗ ହୋଇଥିଲା। ୨୦୨୪ ମସିହାରେ ଆବେଦନକାରୀ ଚାକିରିରୁ ଅବସର ନେଇଥିଲେ ମଧ୍ୟ ଏହି ମାମଲା ପାଇଁ ତାଙ୍କର ଅବସରକାଳୀନ ସମସ୍ତ ସୁବିଧା ସୁଯୋଗ ଓ ପେନସନ ବନ୍ଦ ରହିଛି। ମାମଲାରେ ସାକ୍ଷ୍ୟ ଗ୍ରହଣ ପ୍ରକ୍ରିୟା ଅତି ମନ୍ଥର ଗତିରେ ଚାଲିଛି ଏବଂ ଏହି ବିଳମ୍ବ ପାଇଁ କେବଳ ଅଭିଯୋଗପକ୍ଷ (ପ୍ରସିକ୍ୟୁସନ) ହିଁ ଦାୟୀ ବୋଲି ଦର୍ଶାଇ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ମାମଲାରେ ବିଳମ୍ବ ପାଇଁ କେବଳ ଭିଜିଲାନ୍ସ ଦାୟୀ ନୁହେଁ। ଜଣେ ସହ-ଅଭିଯୁକ୍ତଙ୍କ ଦ୍ୱାରା ହାଇକୋର୍ଟରୁ ସ୍ଥଗିତାଦେଶ ଅଣାଯାଇଥିବାରୁ ଦୀର୍ଘ ୨୦୧୮ ମସିହା ପର୍ଯ୍ୟନ୍ତ ବିଚାର ପ୍ରକ୍ରିୟା ବାଧାପ୍ରାପ୍ତ ହୋଇଥିଲା ବୋଲି ଭିଜିଲାନ୍ସ ଯୁକ୍ତି ଦର୍ଶାଇଥିଲା।

**୨୫ ବର୍ଷ ପରେ ବି ଚାଲିବ ବିଚାର ପ୍ରକ୍ରିୟା**


**କିଶୋର ନ୍ୟାୟ ଆଇନ ଓ ଶିଶୁଙ୍କ ପାଇଁ ରହିଥିବା ନିୟମାବଳୀର କାର୍ଯ୍ୟକାରୀକୁ ଗୁରୁତ୍ୱ**

# ଜନସ୍ୱାର୍ଥ ମାମଲା ରୁଜୁ ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ

କଟକ,୧୭(ସମିସ): ଶିଶୁଙ୍କ ସୁରକ୍ଷା ଓ ସେମାନଙ୍କ ସହ ପୁଲିସର ବ୍ୟବହାରକୁ ନେଇ ହାଇକୋର୍ଟ ଉଦବେଗ ପ୍ରକାଶ କରିଛନ୍ତି। ଏକ ନାବାଳକ ଶିଶୁକୁ ବେଆଇନ ଭାବେ ଅଟକ ରଖିବା ଓ ନିର୍ଯାତନା ଦେବା ଅଭିଯୋଗରେ ଦାୟର ହୋଇଥିବା ଏକ ହାବିୟସ କର୍ପସ ମାମଲାର ଶୁଣାଣି କରି ହାଇକୋର୍ଟ ଏହାକୁ ଏକ ଜନସ୍ୱାର୍ଥ ମାମଲାରେ ରୂପାନ୍ତରିତ କରିବାକୁ ରେଜିଷ୍ଟ୍ରିକୁ ନିର୍ଦ୍ଦେଶ ଦେଇଛନ୍ତି। ଜଣେ ନାବାଳକଙ୍କୁ ବେଆଇନ ଭାବେ ଥାନାରେ ଅଟକ ରଖାଯିବା ଘଟଣାର ବିଚାରବିଭାଗୀୟ ତଦନ୍ତ ପ୍ରସଙ୍ଗ ନେଇ ତାଙ୍କ ବାପା ଦାୟର କରିଥିବା ଏକ ହେବିୟସ କର୍ପସ ଆବେଦନର ଶୁଣାଣି କରି ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ଓ ଜଷ୍ଟିସ ଏମ.ଏସ.ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। କିଶୋର ନ୍ୟାୟ ଆଇନ ଓ ଶିଶୁଙ୍କ ପାଇଁ ରହିଥିବା ବିଭିନ୍ନ ନିୟମାବଳୀର କାର୍ଯ୍ୟକାରୀ କରାଯିବା ଉପରେ ହାଇକୋର୍ଟ ଗୁରୁତ୍ୱାରୋପ କରିଛନ୍ତି। ମାମଲାର ଶୁଣାଣି ସମୟରେ ପୂର୍ବ ନିର୍ଦ୍ଦେଶ ପାଳନ କରି ଭଦ୍ରକ ଏସପି, ପୀରହାଟ ଥାନା ଆଇଆଇସି ଓ ଏସଆଇ ବ୍ୟକ୍ତିଗତ ଭାବେ ଉପସ୍ଥିତ ଥିଲେ। ପ୍ରକାଶଥାଉକି ପୀରହାଟ ଥାନାର ଗତ ୨୦୨୫, ନଭେମ୍ବର ୨ର ସିସିଟିଭି ଫୁଟେଜ ସରକାରଙ୍କ ତରଫରୁ ଦାଖଲ କରାଯାଇଥିଲା ବେଳେ ଏଥିରେ ଆଇନଗତ ବ୍ୟବସ୍ଥାର ଉଲ୍ଲଂଘନ ସ୍ପଷ୍ଟ ହୋଇଥିଲା। କିଶୋର ନ୍ୟାୟ (ଶିଶୁଙ୍କ ଯତ୍ନ ଓ ସୁରକ୍ଷା) ନିୟମାବଳୀ, ୨୦୧୮ ଓ ମୂଳ ଆଇନ ଅନୁଯାୟୀ ଯେପରି ବ୍ୟବହାର ଶିଶୁ ପ୍ରତି ପ୍ରଦର୍ଶନ କରାଯିବା ତାହା କରାଯାଇନଥିବା ଜଣାପଡିଥିଲା। ଶିଶୁକୁ ଶରୀରିକ ନିର୍ଯାତନା ଦିଆଯାଇଥିବା ନେଇ କୌଣସି ତଥ୍ୟ ସିସିଟିଭି ଫୁଟେଜରୁ ଦେଖିବାକୁ ମିଳି ନଥିଲା। ଅନ୍ୟପକ୍ଷରେ ଶିଶୁକୁ ସଂଧ୍ୟା ୮ଟା ପୂର୍ବରୁ ଥାନାକୁ ଅଣାଯାଇଥିବା ବେଳେ ୪ଘଣ୍ଟା ପରେ ରାତି ୧୨ଟା ପରେ ସେ ବାପାଙ୍କ ସହିତ ସେଠାରୁ ଯାଇଥିଲା। ବେଆଇନ ଅଟକ ଓ ନିର୍ଯାତନା ଅଭିଯୋଗରେ ଏହି ମାମଲା ରୁଜୁ ହୋଇଥିଲା। ଆବେଦନକାରୀଙ୍କ ତରଫରୁ ଅସୁତୋଷ ରାଉତ ମାମଲା ପରିଚାଳନା କରୁଥିଲେ।

**ସଚିବସ୍ତରୀୟ ବୈଠକ**

# ପ୍ରମାଣଭିତ୍ତିକ ନୀତି ଓ କୃତ୍ରିମ ବୁଦ୍ଧିମତ୍ତା ଉପରେ ଗୁରୁତ୍ୱ



ଭୁବନେଶ୍ୱର,୧୭(ସମିସ): ରାଜ୍ୟରେ ସୁଶାସନକୁ ଅଧିକ ଫଳପ୍ରଦ, ସ୍ୱଚ୍ଛ ଓ ନାଗରିକକେନ୍ଦ୍ରିକ କରିବା, ପ୍ରଯୁକ୍ତି ଓ ପ୍ରମାଣଭିତ୍ତିକ ନୀତି ନିର୍ମାଣକୁ ପ୍ରୋତ୍ସାହନ ଦେବା ଉପରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଗୁରୁତ୍ୱ ଦେଇଛନ୍ତି। ସଚିବ ସ୍ତରୀୟ ବୈଠକରେ ଅଧ୍ୟକ୍ଷତା କରି ଶ୍ରୀମତୀ ଗର୍ଗ ବିଭାଗୀୟ କାର୍ଯ୍ୟଦକ୍ଷତାର ସମୀକ୍ଷା କରିବା ସହ ବିଭିନ୍ନ ପ୍ରମୁଖ ଉନ୍ନୟନମୂଳକ କାର୍ଯ୍ୟକ୍ରମର ଅଗ୍ରଗତି ଆଦି ବିଷୟରେ ବୁଝିଛନ୍ତି। ବୈଠକରେ ବୈଜ୍ଞାନିକ ଗବେଷଣା, ତଥ୍ୟ ବିଶ୍ଳେଷଣ ଏବଂ କ୍ଷେତ୍ରସ୍ତରୀୟ ପରୀକ୍ଷଣ ମାଧ୍ୟମରେ ସରକାରୀ ଯୋଜନାର ପ୍ରଭାବକୁ ଅଧିକ ସୁଦୃଢ଼ କରିବା ସହ ସମ୍ବଳର ସଠିକ୍ ବ୍ୟବହାର ଓ ଉତ୍ତମ ନୀତି ନିର୍ମାଣ ଉପରେ ଗୁରୁତ୍ୱ ଦେଇଛନ୍ତି।

ଅର୍ଥ ବିଭାଗ ପକ୍ଷରୁ ୩୦ ଜୁନ ୨୦୨୬ ସୁଦ୍ଧା ରାଜ୍ୟର ବ୍ୟୟ ଓ ରାଜସ୍ୱ ସ୍ଥିତିର ସମୀକ୍ଷା କରାଯାଇଥିଲା। ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକରେ ମୋଟ କାର୍ଯ୍ୟକ୍ରମ ବ୍ୟୟ ଗତବର୍ଷ ତୁଳନାରେ ଉଲ୍ଲେଖନୀୟ ଭାବେ ବୃଦ୍ଧି ପାଇଥିବାବେଳେ କୃଷି, ସାମାଜିକ କ୍ଷେତ୍ର ଓ ବିଭିନ୍ନ ଉନ୍ନୟନମୂଳକ ଯୋଜନାର ଅଗ୍ରଗତି ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା। ସମସ୍ତ ବିଭାଗକୁ ବଜେଟର ଫଳପ୍ରଦ ବ୍ୟବହାର, ପୁଞ୍ଜି ବ୍ୟୟରେ ଗତି ଆଣିବା ଓ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ପ୍ରକଳ୍ପ ସମ୍ପୂର୍ଣ୍ଣ କରିବାକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଥିଲେ। ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଭାଗ ପକ୍ଷରୁ କୃତ୍ରିମ ବୁଦ୍ଧିମତା ଆଧାରିତ ଓଡ଼ିଆ ଭାଷାର ଭଏସ୍ ବୋଟ୍ ସମ୍ପର୍କରେ ଉପସ୍ଥାପନା କରାଯାଇଥିଲା।

## ଝାରସୁଗୁଡ଼ା ସହର ହେବ ସମନ୍ୱିତ ବିକାଶ ମଡ଼େଲ


ଝାରସୁଗୁଡ଼ାକୁ ଏକ ସମନ୍ୱିତ ବିକାଶ ମଡେଲ୍ ଭାବେ ଗଢ଼ି ତୋଳିବା ପାଇଁ ୨୫ଟି ରଣନୀତିକ ପ୍ରକଳ୍ପର କାର୍ଯ୍ୟାନ୍ୱୟନ ନେଇ ଆଲୋଚନା କରାଯାଇଥିଲା। ସ୍ୱାସ୍ଥ୍ୟ , ଶିକ୍ଷା, ଶିଳ୍ପ, ଗମନାଗମନ , ବିମାନବନ୍ଦର ସମ୍ପ୍ରସାରଣ, ଡିଜିଟାଲ୍ ସେବା ଓ ସବୁଜ ଶକ୍ତି ଭଳି କ୍ଷେତ୍ରରେ ପଦକ୍ଷେପ ଜିଲ୍ଲାର ସର୍ବାଙ୍ଗୀଣ ବିକାଶ ଏବଂ ନୂତନ ରୋଜଗାରର ଦ୍ୱାର ଖୋଲିବ। ଏ ସମ୍ପର୍କରେ ଝାରସୁଗୁଡା ଜିଲ୍ଲାପାଳ କୁନାଲ ମୋତିରାମ ଚହ୍ୱାନ ଜନକଲ୍ୟାଣ, ନିବେଶ ଆକର୍ଷଣ ଓ ରୋଜଗାର ସୃଷ୍ଟିକୁ ପ୍ରାଥମିକତା ଦେଇ ବିକଶିତ ଝାରସୁଗୁଡା ଗଠନ ଦିଗରେ ପ୍ରଶାସନର ଦୃଢ଼ ପଦକ୍ଷେପ ନେଇ ରୋଡମ୍ୟାପ ପ୍ରସ୍ତୁତି ଉପରେ ଆଲୋଚନା କରିଥିଲେ।

**■ ଡାକ୍ତରୀ ଛାତ୍ରୀ ଚନ୍ଦ୍ରିକା ମୃତ୍ୟୁ ମାମଲା**

# ଭୀମସେନ ଟୁଡୁଙ୍କ ଜାମିନ ଖାରଜ

କଟକ,୧୭(ସମିସ): ବହୁ ଚର୍ଚ୍ଚିତ ଡାକ୍ତରୀ ଛାତ୍ରୀ ଚନ୍ଦ୍ରିକାଙ୍କ ମୃତ୍ୟୁ ମାମଲାରେ ଗିରଫ ହୋଇଥିବା ତାଙ୍କର ପୁରୁଷ ବନ୍ଧୁ ଓଏଏସ ଅଧିକାରୀ ଭୀମସେନ ପ୍ରସାଦ ଟୁଡୁଙ୍କ ଜାମିନ ଆବେଦନକୁ କଟକ ଅତିରିକ୍ତ ଦୌରାଜଜ୍ ତଥା ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତ ଖାରଜ କରିଛନ୍ତି। ଏହି ଘଟଣାରେ ତଦନ୍ତ ଜାରି ରହିଥିବା ବେଳେ ଅଭିଯୁକ୍ତ ତଦନ୍ତରେ ଅସହଯୋଗ କରିବାର ଓ ସାକ୍ଷୀଙ୍କୁ ପ୍ରଭାବିତ କରିବାର ସମ୍ଭାବନା ଥିବାରୁ ଅଦାଲତ ଜାମିନ ଦେବାକୁ ମନା କରିଛନ୍ତି। ମାମଲାର ବିବରଣୀରୁ ପ୍ରକାଶ ଯେ ପୀଡ଼ିତାଙ୍କ ମୃତ ଦେହ କାଠଯୋଡିରେ ଭାସୁଥିବା ଖବର ଜୁନ୍ ୪ରେ ବାରଙ୍ଗ ଥାନାରୁ ପାଇ ଚନ୍ଦ୍ରିକାଙ୍କ ପରିବାର ତରଫରୁ ଏତଲା ଦିଆଯାଇଥିଲା। ବାରଙ୍ଗ ଥାନା ପୁଲିସ ମାମଲା ରୁଜୁ କରିବା ସହିତ ଜୁନ ୧୩ରେ ଶ୍ରୀ ଟୁଡୁଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ସେ କଟକ ଦୌରା ଅଦାଲତରେ ଜୁନ୍ ୧୭ରେ ଜାମିନ ଆବେଦନ ଦାୟର କରିଥିଲେ। ଜାମିନ ଆବେଦନ ଶୁଣାଣି ପାଇଁ ଅତିରିକ୍ତ ଦୌରାଜଜ୍ ଅଦାଲତକୁ ସ୍ଥାନାନ୍ତର ହୋଇଥିଲା। ଅଭିଯୁକ୍ତଙ୍କ ସମ୍ପୃକ୍ତି ନେଇ ତଦନ୍ତ ଜାରି ରହିଛି ବୋଲି ସରକାରଙ୍କ ତରଫରୁ ତଥ୍ୟ ଉପସ୍ଥାପନ କରାଯାଇଥିଲା। ବାରଙ୍ଗ ପୁଲିସ ଦ୍ୱାରା ଗିରଫ ହେବା ପରେ ଗତ ଜୁନ୍ ୨୭ରେ ଶ୍ରୀ ଟୁଡୁଙ୍କୁ ସରକାରୀ ଚାକିରିରୁ ବହିଷ୍କାର କରାଯାଇଥିଲା।

# କଳା ରିବନ୍ କାଟି କାର୍ଯ୍ୟାଳୟ ଉଦ୍‌ଘାଟନ କଲେ ଆଶାୟୀ




ଭୁବନେଶ୍ୱର, ୧୭(ସମିସ): ଦୀର୍ଘ ଦେଢ଼ ବର୍ଷ ହେଲା ପୁଲିସ ଏସ୍‌ଆଇ ନିଯୁକ୍ତି ପରୀକ୍ଷା ହୋଇପାରୁନି। ଦୁଇଥର ପରୀକ୍ଷା ତାରିଖ ଦେଇଥିଲେ ମଧ୍ୟ ପ୍ରଶ୍ନପତ୍ର ଲିକ୍ ପାଇଁ ବାତିଲ୍ କରାଯାଇଛି। ଓପିଆର୍‌ବି ବ୍ୟାପକ ଅନିୟମିତତା କଲା ବୋଲି ସରକାର ଓୟୁଏସ୍‌ଏସ୍‌ଏସ୍‌ସି ଗଠନ କରିଛନ୍ତି। ମାତ୍ର ଏହି ସଂସ୍ଥା ମଧ୍ୟ ଦୀର୍ଘ ୩ ମାସ ହେବ ପରୀକ୍ଷା ପ୍ରକ୍ରିୟା ତ୍ୱରାନ୍ୱିତ କରିପାରୁନି। ତ୍ୱରିତ ପରୀକ୍ଷା କରିବା ଦାବିରେ ନୂତନ ଭାବେ ଖୋଲିଥିବା ଓୟୁଏସ୍‌ଏସ୍‌ଏସ୍‌ସି କାର୍ଯ୍ୟାଳୟ ସମ୍ମୁଖରେ ଷ୍ଟୁଡେଣ୍ଟ ଏଗେନେଷ୍ଟ କରପସନ୍ ନେତୃତ୍ୱରେ ଶତାଧିକ ଆଶାୟୀ ଧାରଣା ଦେବା ସହ ଅଭିନବ ଢ଼ଙ୍ଗରେ ପ୍ରତିବାଦ କରିଛନ୍ତି। ଅଫିସ୍ ଉଦ୍‌ଘାଟନ ହୋଇ ନ ଥିବାରୁ ପରୀକ୍ଷା ତାରିଖ ଦେଇ ପାରୁ ନାହାନ୍ତି କି ବୋଲି ପ୍ରଶ୍ନ କରିବା ସହ କଳା ରିବନ କାଟି କାର୍ଯ୍ୟାଳୟକୁ ଉଦଘାଟନ କରିଦେଇଛନ୍ତି। ସଂଗଠନର ଆବାହକ ବିଭୁତି ଭୂଷଣ ମହାପାତ୍ର କହିଛନ୍ତି ଯେ, ଦୀର୍ଘ ୩ ମାସ ହେବ ଓୟୁଏସ୍‌ଏସ୍‌ଏସ୍‌ସି ଗଠନ ସରିଥିଲେ ମଧ୍ୟ ଏଯାଏଁ ୱେବସାଇଟ୍ ପ୍ରସ୍ତୁତ ହୋଇପାରି ନାହିଁ। ଦୀର୍ଘ ୨ବର୍ଷ ଧରି ପ୍ରସ୍ତୁତି କରୁଥିବା ପିଲାମାନେ ଧୈର୍ଯ୍ୟ ହରାଇଛନ୍ତି। ପରୀକ୍ଷା ତାରିଖ ଦେଉ ନଥିବାରୁ ସେମାନଙ୍କ ଭବିଷ୍ୟତ ନେଇ ମଧ୍ୟ ସନ୍ଦିହାନ ହୋଇପଡ଼ିଛନ୍ତି। ଧାରଣାସ୍ଥଳ ଦେଇ ପିସିସି ସଭାପତି ଯାଉଥିବା ଦେଖି ଆଶାୟୀମାନେ ତାଙ୍କୁ ଅଟକାଇବା ଅସୁବିଧା ଜଣାଇଥିଲେ। ସେ ମଧ୍ୟ ପରୀକ୍ଷାର୍ଥୀଙ୍କ ଦୁର୍ଦ୍ଦଶାକୁ ବୁଝି ସେମାନଙ୍କ ସହ ଆଲୋଚନା କରିଥିଲେ। ପରୀକ୍ଷାର୍ଥୀଙ୍କ ସହ ଯାଇ ଓୟୁଏସ୍‌ଏସ୍‌ଏସ୍‌ସି ଅଧ୍ୟକ୍ଷଙ୍କ ସହ ଆଲୋଚନା କରିବା ପରେ ଅକ୍ଟୋବର ସୁଦ୍ଧା ପରୀକ୍ଷା ସରିବ ବୋଲି ଅଧ୍ୟକ୍ଷ ସ୍ପଷ୍ଟ ସୂଚନା ଦେଇଥିଲେ।

**ପରୀକ୍ଷା ତ୍ୱରାନ୍ୱିତ କରିବା ଦାବିରେ ଆଶାୟୀଙ୍କ ଧାରଣା**

# କଟକ ସିଟି



## ଅଧପନ୍ତରିଆ ହୋଇ ପଡ଼ିଲା ତାଳଦଣ୍ଡା କେନାଲ କାମ

# ଖରିଫ ଫସଲ ପାଇଁ ଜଳସେଚନ ଚିନ୍ତା

କଟକ,୧।୭ (ସମିସ):



ତାଳଦଣ୍ଡା କେନାଲର ୱାଲ ଲାଇନିଂ କାମ ଯେଉଁଠି ଥିଲା ସେଇଠି ଅଟକିଛି। ଚଳିତବର୍ଷ ଖରିଫ ଫସଲ ପାଇଁ କେନାଲରେ ପାଣି ଆସିବା ପୂର୍ବରୁ ଲାଇନିଂ କାମ ଶେଷ ହେବ ବୋଲି କୁହାଯାଇଥିଲା ବେଳେ ଏହା ବେଶି ବାଟ ଆଗେଇପାରିନଥିବା ଜଣାପଡ଼ିଛି। ଯୋବ୍ରା ଠାରୁ କଲ୍ୟାଣିନଗର ପର୍ଯ୍ୟନ୍ତ କେନାଲ ୱାଲ୍‌କୁ ଅତ୍ୟାଧୁନିକ ତଥା ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ ସିମେଣ୍ଟ ମିଶ୍ରିତ 'ସିନ୍ଥେଟିକ୍ ମାଟ୍ରେସ୍' ବ୍ୟବହାର କରାଯାଇ ଲାଇନିଂ କାର୍ଯ୍ୟ କରାଯାଇଥିଲା। ହେଲେ ଏବେ ବି ଏଠାରୁ ନୂଆବଜାର ପର୍ଯ୍ୟନ୍ତ ହେବାକୁ ଥିବା କାମ ଅଧପନ୍ତରିଆ ଅବସ୍ଥାରେ ପଡ଼ିରହିଛି। ଗୋଟିଏ ପଟରେ କଚ୍ଛପ ଗତିରେ ଚାଲିଥିବା କାମ ପାଇଁ ଧାର୍ଯ୍ୟ ସମୟରେ ଉଭୟ କଟକ ଓ ଜଗତସିଂହପୁର ଜିଲ୍ଲାକୁ କେନାଲରେ ପାଣି ଛଡ଼ାଯିବା ନେଇ ଆଶଙ୍କା ଉପୁଜିଛି। କଟକ ଜିଲ୍ଲାରେ ରହିଥିବା ୧ ଲକ୍ଷ ୮୮ ହଜାର ୧୫୦ ହେକ୍ଟର ଜମିରେ କେବଳ ଖରିଫ ଚାଷ କରାଯାଉଥିବାବେଳେ ଏହାର ସିଂହ ଭାଗ ଅର୍ଥାତ୍ ୧ଲକ୍ଷ ୩୦ହଜାର ହେକ୍ଟର ଜମିରେ କେବଳ ଧାନ ଚାଷ କରାଯାଇଥାଏ। ତାଳଦଣ୍ଡା କେନାଲ ପାଣି ଓ ଶାଖା କେନାଲ ମାଧ୍ୟମରେ ହିଁ ୨୮ହଜାର୮୦୦ହେକ୍ଟର ଜମିକୁ ଜଳସେଚନ କରାଯାଇଥାଏ। ସେହିଭଳି ତାଳଦଣ୍ଡା କେନାଲ ଓ ଏଥରୁ ବାହାରିଥିବା ମାଛଗାଁ କେନାଲ ଜରିଆରେ ମଧ୍ୟ ପଡୋଶୀ ଜଗତସିଂହପୁର ଜିଲ୍ଲାର ୩୦ହଜାର ହେକ୍ଟର ଜମିରେ ଜଳସେଚନ ସୁବିଧା ମିଳିଥାଏ। ତାଳଦଣ୍ଡା କେନାଲର ନୂଆବଜାର ନିକଟରେ ଏକ ସେତୁ ନିର୍ମାଣ କାର୍ଯ୍ୟ ଜାରି ରହିଥିବା ବେଳେ ଏହାର ୨୫ପ୍ରତିଶତ କାମ ଶେଷ ହୋଇପାରିନି। ସେହିଭଳି କେନାଲ ମଧ୍ୟକୁ ସହରର ଯାବତୀୟ ବର୍ଜ୍ୟ ଜଳ ୮ଗୋଟି ଡ୍ରେନ ଦେଇ ନିଷ୍କାସନ କରାଯାଇଆସୁଛି। ଏହି ଡ୍ରେନ ଗୁଡିକ ମାତୃଭବନରୁ ବିଦ୍ୟାଧରପୁର ମଧ୍ୟରେ ରହିଥିବା ବେଳେ କେନାଲରେ ସିନ୍ଥେଟିକ ମ୍ୟାଟ୍ରେସ ୱାଲ ବଦଳରେ କଂକ୍ରିଟ ୱାଲ କରାଯିବାର ଯୋଜନା ରହିଛି। ନୂଆବଜାର ନିକଟରେ ସେତୁ କାମ ଚାଲୁଥିବାରୁ କେନାଲ ଦେଇ ଆସୁଥିବା ବର୍ଜ୍ୟଜଳ ଓ ବର୍ଷା ଜଳକୁ ସେଠାରେ ବର୍ତ୍ତମାନ ଅଟକାଯାଇଛି। ଜୁନ ମାସରେ ନିଅଣ୍ଟିଆ ବର୍ଷା ପାଇଁ ଚାଷୀକୂଳ ହତାଶ ହୋଇପଡିଥିବା ବେଳେ ଏବେ ବି କେନାଲ ଜଳକୁ ଚାହିଁ ବସିଛନ୍ତି। ମହାନଦୀରେ ପାଣି ଆସିବା ପୂର୍ବରୁ କେନାଲରେ ଜଳପ୍ରବାହ ଧାରାକୁ ସ୍ୱାଭାବିକ କରିବା ପାଇଁ ଆବଶ୍ୟକ କାମ ଶୀଘ୍ର ଶେଷ କରିବା ପାଇଁ ଦାବି ହୋଇଛି। ଯୋବ୍ରାଠାରୁ ବାହାରିଥିବା ୮୪ କିଲୋମିଟର ବ୍ୟାପୀ ତାଳଦଣ୍ଡା କେନାଲ ଏବେ ଜଳଶୂନ୍ୟ ହୋଇଯାଇଛି। ବର୍ତ୍ତମାନ ଖରିଫ ଋତୁରେ ଚାଷୀମାନେ ସେମାନଙ୍କର ବିଭିନ୍ନ କିସମର ଚାଷ କରିବା ପାଇଁ ଆଗଭର ହେଉଥିଲେ ହେଁ ବର୍ଷା ଅଭାବ ଓ ଜଳଶୂନ୍ୟ ତାଳଦଣ୍ଡା କେନାଲ ସେମାନଙ୍କୁ ଚିନ୍ତାରେ ପକାଇଛି। ଗତ ଜୁନ ମାସ ଶେଷ ସୁଦ୍ଧା ଜିଲ୍ଲାରେ ଖରିଫ ଚାଷ ପାଇଁ ୨୧୦ ମିଲିମିଟର ବର୍ଷାର ଆବଶ୍ୟକତା ଥିଲା ବେଳେ ୫୦ପ୍ରତିଶତ କମ ବର୍ଷା ହୋଇଛି। ଗୋଟିଏ ପଟରେ ସ୍ୱଳ୍ପ ବୃଷ୍ଟି, ଅନ୍ୟ ପଟରେ କେନାଲର ଜଳ ଯୋଗାଣ ବନ୍ଦ ଯୋଗୁଁ ଏବେ ଖରିଫ ଚାଷ ପ୍ରଭାବିତ ହେବା ନେଇ ଆଶଙ୍କା ଦେଖାଦେଇଛି। ପ୍ରକାଶଥାଉକି ଜିଲ୍ଲାରେ ଗତ ବର୍ଷ ଏହି ସମୟ ବେଳକୁ ଚାଷୀ ମାନେ ତଳି ପକା କାମ ଶେଷ କରିଥିବା ବେଳେ ଏଥର ଏପର୍ଯ୍ୟନ୍ତ ଆରମ୍ଭ ହୋଇପାରିନାହିଁ।

## ପତ୍ନୀହନ୍ତା ସ୍ୱାମୀର ଆଜୀବନ କାରାଦଣ୍ଡାଦେଶ କୋହଳ କଲେ ହାଇକୋର୍ଟ

**କଟକ, ୧।୭ (ସମିସ):** ଜଗତସିଂହପୁର ଜିଲ୍ଲାର ଏକ ଚାଞ୍ଚଲ୍ୟକର ପତ୍ନୀ ହତ୍ୟା ମାମଲାରେ ନିମ୍ନଅଦାଲତଙ୍କ ଦ୍ୱାରା ଦୋଷୀ ସାବ୍ୟସ୍ତ ସ୍ୱାମୀକୁ ପ୍ରଦତ୍ତ ଆଜୀବନ କାରାଦଣ୍ଡାଦେଶର ପରିବର୍ତ୍ତନ କରିଛନ୍ତି ହାଇକୋର୍ଟ। ହାଇକୋର୍ଟ ଏହାକୁ ସଂକଳ୍ପବଦ୍ଧ ହତ୍ୟା ନୁହେଁ, ବରଂ 'ଉତ୍ତେଜନାପୂର୍ଣ୍ଣ ପରିସ୍ଥିତିରେ ଘଟିଥିବା ହତ୍ୟା' ବୋଲି ବିଚାର କରି ଅଭିଯୁକ୍ତର ଦଣ୍ଡାଦେଶକୁ ୧୦ ବର୍ଷକୁ ହ୍ରାସ କରିଛନ୍ତି। ଜଷ୍ଟିସ ମାନସ ରଞ୍ଜନ ପାଠକ ଓ ଜଷ୍ଟିସ ଶଶିକାନ୍ତ ମିଶ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ଅଭିଯୁକ୍ତ କାଳିଆ ଓରଫ୍ ରବି ନାୟକଙ୍କ ଆବେଦନର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ମାମଲାର ବିବରଣୀ ଅନୁଯାୟୀ, ଅଭିଯୁକ୍ତ ରବି ନାୟକ ଗୀତା ଭୋଇଙ୍କୁ ପ୍ରେମ ବିବାହ କରିଥିଲେ ଏବଂ ସେମାନଙ୍କର ତିନୋଟି ସନ୍ତାନ ଥିଲେ। ମାତ୍ର ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ସମ୍ପର୍କ ଭଲ ନ ଥିବାରୁ ଏବଂ ପ୍ରତିଦିନ ମାରପିଟ୍ ହେଉଥିବାରୁ ଗୀତା ନିଜ ବାପଘର ଜଗତସିଂହପୁର ଜିଲ୍ଲା ବିରିଡି ଅଞ୍ଚଳରେ ରହୁଥିଲେ। ୨୦୦୪ ମସିହା ନଭେମ୍ବର ୯ ତାରିଖ ମଧ୍ୟାହ୍ନ ପ୍ରାୟ ୧୨ଟା ସମୟରେ ରବି ନିଜ ଶ୍ୱଶୁର ଘରକୁ ଆସି ଗୀତାଙ୍କୁ ନିଜ ସହ ଯିବାକୁ ବାଧ୍ୟ କରିଥିଲେ। ଗୀତା ମନା କରିବାରୁ ଉଭୟଙ୍କ ମଧ୍ୟରେ ପ୍ରବଳ ଝଗଡ଼ା ହୋଇଥିଲା। ଏଥିରେ ଉତକ୍ଷପ୍ତ ହୋଇ ରବି ଏକ ସାବଳ ସାହାଯ୍ୟରେ ଗୀତାଙ୍କ ମୁଣ୍ଡ ପଛପଟେ ଶକ୍ତ ଆଘାତ କରିଥିଲେ, ଯାହାଫଳରେ ଘଟଣାସ୍ଥଳରେ ହିଁ ଗୀତାଙ୍କର ମୃତ୍ୟୁ ହୋଇଥିଲା। ଗୀତାଙ୍କ ମା' ଶାନ୍ତିଲତା ରଥଙ୍କ ଏତଲା ଆଧାରରେ ଜଗତସିଂହପୁର ପୁଲିସ ମାମଲା ରୁଜୁକରି ତଦନ୍ତ କରିଥିଲା। ୨୦୦୬ ଅକ୍ଟୋବର ୩୧ ତାରିଖରେ ଜଗତସିଂହପୁରର ଅତିରିକ୍ତ ଦୌରା ଜଜ୍ ଅଭିଯୁକ୍ତ ରବିକୁ ଦଫା ୩୦୨ (ହତ୍ୟା) ଅଧୀନରେ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡାଦେଶ ଦେଇଥିଲେ। ଏହା ବିରୋଧରେ ଅଭିଯୁକ୍ତ ଜେଲ୍‌ରୁ ଅପିଲ୍ ଦାୟର କରିଥିଲା।

## ଏସ୍‌ସିବି ଜୁନିଅର ଡାକ୍ତରଙ୍କ କଳାବ୍ୟାଜ୍ ପରିଧାନ



**କଟକ, ୧।୭ (ସମିସ):** ଓଏମ୍‌ଏସ୍‌ଏ ପକ୍ଷରୁ ଦିଆଯାଇଥିବା ପ୍ରତିବାଦ ଡାକରାକୁ ସମର୍ଥନ ଜଣାଇ ଆଜିଠାରୁ କଟକ ଏସ୍‌ସିବି ମେଡିକାଲ କଲେଜ ଓ ହସ୍‌ପିଟାଲର ଜୁନିଅର ଡାକ୍ତରମାନେ କଳାବ୍ୟାଜ୍ ପରିଧାନ କରିଛନ୍ତି। ମେଡିକାଲର ପ୍ରାୟ ୧ହଜାରରୁ ଅଧିକ ଜୁନିଅର ଡାକ୍ତର ମାନେ ଆଜି କଳା ବ୍ୟାଜ ପିନ୍ଧି ପ୍ରତିବାଦ କରିବା ସହ କାର୍ଯ୍ୟ କରିଛନ୍ତି। ପ୍ରକାଶଥାଉକି ଏସସିବି ଜୁନିଅର ଡାକ୍ତର ଆସୋସିଏସନ (ଜେଡିଏ) ପକ୍ଷରୁ ଓଏମ୍‌ଏସ୍‌ଏ (ଓମସା)ର ୧୦ ଦଫା ସମ୍ବଳିତ ଦାବିପତ୍ରକୁ ସମର୍ଥନ କରାଯାଇଛି। ଏସସିବି ଜେଡିଏ ସଭାପତି ଚିନ୍ମୟ ପ୍ରଧାନ ଆବଶ୍ୟକ ପଡିଲେ ଆଗକୁ କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଛନ୍ତି। ଯୋଗ୍ୟତା ତାରିଖ ଠାରୁ କେନ୍ଦ୍ରୀୟ ବେତନ ଗଠନ ଅନୁଯାୟୀ ଡିଏସିପିର କାର୍ଯ୍ୟକାରିତା, ଓଏମ୍‌ଏଚ୍‌ଏସ ବେତନ ଗଠନର ସଂଶୋଧନ ଏବଂ ଲେଭଲ-୧୫ର ପୂର୍ବ ସର୍ତ୍ତାବଳୀର ଉଚ୍ଛେଦ, ସମସ୍ତ ଗ୍ରେଡ ଆନୁପାତିକ କ୍ୟାଡର ପୁନର୍ଗଠନ, ସୁପର ସ୍ପେଶାଲିଷ୍ଟ, ସ୍ପେଶାଲିଷ୍ଟ, ଡିପ୍ଲୋମାଧାରୀ, ପ୍ରଶାସକ ମାନଙ୍କ ପାଇଁ କ୍ରମବର୍ଦ୍ଧିଷ୍ଣୁ ପ୍ରୋତ୍ସାହନ, କ୍ୟାଡର ପୁନର୍ଗଠନ ଆଦି ଦାବି କରାଯାଇଛି।

## କେନ୍ଦ୍ରୀୟ ଧାନ ଗବେଷଣା ଅନୁଷ୍ଠାନରେ ଧାନ ସ୍ୱାସ୍ଥ୍ୟ କ୍ଲିନିକର ଶୁଭାରମ୍ଭ

**କଟକ, ୧।୭ (ସମିସ):** ଆଇସିଏଆର୍‌କେନ୍ଦ୍ରୀୟ ଧାନ ଗବେଷଣା ଅନୁଷ୍ଠାନର ଫସଲ ସୁରକ୍ଷା ବିଭାଗର ଧାନ ସ୍ୱାସ୍ଥ୍ୟ କ୍ଲିନିକ୍ ଆଜି ଠାରୁ ନିୟମିତ ଭାବେ ନିଦାନ ଓ ପରାମର୍ଶ ସେବା ଆରମ୍ଭ କରିଛି। ଏହି କ୍ଲିନିକ୍‌ର ଉଦ୍‌ଘାଟନ କରିଛନ୍ତି ଆଇସିଏଆର୍‌କେନ୍ଦ୍ରୀୟ ଧାନ ଗବେଷଣା ପ୍ରତିଷ୍ଠାନ, କଟକର ନିର୍ଦ୍ଦେଶକ ଡ.ଜି.ଏ.କେ. କୁମାର। ଫସଲ ସୁରକ୍ଷା ବିଭାଗର ମୁଖ୍ୟ ଡ. ଏସ.ଡି.ମହାପାତ୍ର , ସମସ୍ତ ବିଭାଗୀୟ ମୁଖ୍ୟ, ବରିଷ୍ଠ ପ୍ରଶାସନିକ ଅଧିକାରୀ, ବରିଷ୍ଠ ଅର୍ଥ ଓ ହିସାବ ଅଧିକାରୀ ଏବଂ ଫସଲ ସୁରକ୍ଷା ବିଭାଗର ସମସ୍ତ କର୍ମଚାରୀଙ୍କ ଉପସ୍ଥିତିରେ ଏହା କରାଯାଇଥିଲା। ଧାନ ଫସଲର ସ୍ୱାସ୍ଥ୍ୟ ସମସ୍ୟା ପାଇଁ ସମୟୋପଯୋଗୀ, ନିର୍ଭରଯୋଗ୍ୟ ଓ ବିଶେଷଜ୍ଞ ସହାୟତା ପ୍ରଦାନ କରିବା ଉଦ୍ଦେଶ୍ୟରେ ଏହି କ୍ଲିନିକ୍ ସ୍ଥାପନ କରାଯାଇଛି। ଏଠାରେ କ୍ଷେତ୍ର ପର୍ଯ୍ୟବେକ୍ଷଣ ଏବଂ ଆବଶ୍ୟକ ହେଲେ ପରୀକ୍ଷାଗାରରେ ପରୀକ୍ଷା ମାଧ୍ୟମରେ ଧାନର କୀଟପତଙ୍ଗ, ରୋଗ, ନେମାଟୋଡ୍ ଏବଂ ପୋଷକ ତତ୍ତ୍ୱର ଅଭାବ ଜନିତ ଲକ୍ଷଣର ବୈଜ୍ଞାନିକ ନିଦାନ କରାଯିବ। ସଠିକ୍ ନିଦାନ ପାଇଁ କୃଷକ ଏବଂ ଅନ୍ୟ ସମ୍ପୃକ୍ତ ବ୍ୟକ୍ତିମାନଙ୍କୁ ସମସ୍ୟା ଥିବା ଧାନ ଗଛର ନମୁନା ସହିତ ଧାନର କିସମ, ଫସଲର ବୃଦ୍ଧି ପର୍ଯ୍ୟାୟ, ଚାଷ ସ୍ଥାନ ଏବଂ ସମ୍ଭବ ହେଲେ କ୍ଷେତ୍ରର ଫଟୋ ନେଇ ଆସିବାକୁ ଅନୁରୋଧ କରାଯାଉଛି। ଧାନର ଉତ୍ପାଦନ ବୃଦ୍ଧି କରିବା, ପରିବେଶ ଅନୁକୂଳ ଓ ସ୍ଥାୟୀ ଫସଲ ସୁରକ୍ଷା ପଦ୍ଧତିକୁ ପ୍ରୋତ୍ସାହନ ଦେବା ଏବଂ କୃଷକ ସମାଜ ମଧ୍ୟରେ ବୈଜ୍ଞାନିକ ଜ୍ଞାନର ବ୍ୟାପକ ପ୍ରସାର କରିବା।

## ବହି ବିଭ୍ରାଟ ନେଇ କଂଗ୍ରେସର ପ୍ରତିବାଦ



**କଟକ, ୧।୭ (ସମିସ):** ପିଲାଙ୍କ ପାଠପଢ଼ା ବହିରେ ଅସଂଖ୍ୟ ତ୍ରୁଟି ଓ ଭୁଲ ବହି ଛାପା ପାଇଁ ସରକାରଙ୍କ କୋଟି କୋଟି ଟଙ୍କା ପାଣିରେ ପଡ଼ିବା ନେଇ ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବି କରିଛି କଟକ-ଚୌଦ୍ୱାର କଂଗ୍ରେସ। ଏଥିସହ ଦଳ ପକ୍ଷରୁ ମୁଖ୍ୟ-ସଂଯୋଜକ ମାନସ ପରିଡ଼ାଙ୍କ ନେତୃତ୍ୱରେ ରାଜ୍ୟ ଗଣଶିକ୍ଷା ମନ୍ତ୍ରୀଙ୍କ ନାମରେ କଟକ ମଧୁପାଟଣା ଥାନାରେ ଏତଲା ଦିଆଯାଇଛି। ସମ୍ପ୍ରତି ଜାତୀୟ ଶିକ୍ଷା ନୀତି-୨୦୨୨କୁ ରାଜ୍ୟ ସରକାର ଲାଗୁକରି ପ୍ରଥମ ଶ୍ରେଣୀରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପାଠ୍ୟ ପୁସ୍ତକକୁ ବଦଳାଇ ନୂତନ ପାଠ୍ୟ ପୁସ୍ତକ ପ୍ରକାଶ କଲେ ମାତ୍ର ଶୈକ୍ଷିକ ଶିକ୍ଷା ବ୍ୟବସ୍ଥାକୁ ଧୂଳିସାତ୍ କରାଯାଇଥିବା ଅଭିଯୋଗ କରିଛି କଂଗ୍ରେସ। ଏସବୁ ପାଇଁ ରାଜ୍ୟ ଗଣଶିକ୍ଷା ମନ୍ତ୍ରୀଙ୍କୁ ଦାୟୀ କରି ତାଙ୍କ ନାମରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଦାବି କରି ଏତଲା ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ-ସଂଯୋଜକ ମାନସ ପରିଡ଼ାଙ୍କ ସହିତ ଯୁବନେତା ହରିଶଙ୍କର ରାଉତ୍, ବରିଷ୍ଠ କଂଗ୍ରେସ ନେତା ନିର୍ମଳ ସ୍ୱାଇଁ ଓ ଅଶୋକ ନାୟକ, ପୂର୍ବତନ କର୍ପୋରେଟର ପ୍ରଶାନ୍ତ ଭୋଇ ଓ ହିମାଂଶୁ ରାଉତ୍, ସଚିଦାନନ୍ଦ ରାଉତ୍, ଶେଖ୍ ଜାଫର, ଦୀପକ ସାହୁ, ଅଜୟ ଦାସ ଓ ପ୍ରତ୍ୟୁଷ ସାହୁ, ଦିବ୍ୟରଞ୍ଜନ ପ୍ରଧାନ, ଉମାକାନ୍ତ ସାହୁ, ପ୍ରକାଶ ମୁଦୁଲି, ରଜନୀକାନ୍ତ ବସ୍ତିଆ ଓ ରଶ୍ମିକାନ୍ତ ସାମଲ, ଲକ୍ଷ୍ମୀଧର ଶରଣ , ଆଇନଜୀବୀ ଜ୍ୟୋତି ରଞ୍ଜନ ପରିଜାଙ୍କ ସମେତ ସ୍ୱପ୍ନ କୁମାର ସ୍ୱାଇଁ, ରଞ୍ଜନ ବେହେରା, ଲିପୂଲ୍ ରାଉତ୍ ପ୍ରମୁଖ ଯୋଗଦେଇ ଥିଲେ।

## ପ୍ରଧାନଶିକ୍ଷକଙ୍କ ଯୋଗଦାନ



**କଟକ, ୧।୭ (ସମିସ):** ରେଭେନ୍ସା କଲିଜିଏଟ୍ ସ୍କୁଲର ବରିଷ୍ଠ ଶିକ୍ଷକ ବିଶ୍ୱନାଥ ମିଶ୍ର ପଦୋନ୍ନତି ପାଇ ବୁଧବାର କଟକ ମାରୱାଡି ହାଇସ୍କୁଲରେ ପ୍ରଧାନଶିକ୍ଷକ ଭାବରେ ଯୋଗଦାନ କରିଛନ୍ତି। ଶ୍ରୀ ମିଶ୍ର ବିଦ୍ୟାଳୟର ପ୍ରଧାନଶିକ୍ଷକ ବାବେ ଦାୟିତ୍ୱ ନେବାପରେ ଛାତ୍ରଛାତ୍ରୀ ଏବଂ ଶିକ୍ଷକ ଶିକ୍ଷୟିତ୍ରୀମାନେ ସ୍ୱାଗତ କରିଥିଲେ।

## ଡିପିଏସ୍ କଳିଙ୍ଗ ସ୍କାଉଟ୍ ଓ ଗାଇଡ୍ ଛାତ୍ରଛାତ୍ରୀଙ୍କ ଶପଥ ଗ୍ରହଣ



**ଫୁଲନଖରା, ୧।୭ (ସମିସ):** କଟକ ସଦର ଥାନା ଅଧିନ ଦିଲ୍ଲୀ ପବ୍ଲିକ୍ ସ୍କୁଲ, କଳିଙ୍ଗରେ ସ୍କାଉଟ୍ ଓ ଗାଇଡ୍ ଛାତ୍ରଛାତ୍ରୀଙ୍କ ଶପଥଗ୍ରହଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଷଷ୍ଠ ଶ୍ରେଣୀର ଛାତ୍ରଛାତ୍ରୀମାନେ ଔପଚାରିକ ଭାବରେ ସ୍କାଉଟ୍ ଓ ଗାଇଡ୍ ଆନ୍ଦୋଳନରେ ନିଜକୁ ସାମିଲ କରିବା ସହ ସମସ୍ତ ନିୟମ ପାଳନ କରିବା, ଦେଶର ସେବା କରିବା ଏବଂ ସର୍ବଦା ଅନ୍ୟମାନଙ୍କୁ ସାହାଯ୍ୟ କରିବାର ଶପଥ ଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରୋ ଭାଇସ୍ ଚେୟାରପର୍ସନ ମାଳା ମିଶ୍ର ଅତିଥି ଭାବରେ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଶୃଙ୍ଖଳାବଦ୍ଧ, ଦାୟିତ୍ୱବାନ ଓ ସର୍ବଦା ଅନ୍ୟମାନଙ୍କ ସେବା ପାଇଁ ପ୍ରସ୍ତୁତ ରହିବାକୁ ପ୍ରେରଣା ଦେଇଥିଲେ। ଏକ୍‌ଜିକ୍ୟୁଟିଭ୍ ଟ୍ରଷ୍ଟି ସୁନୟନା ପାତ୍ରୋ ଉକ୍ତ ସଭାକୁ ସମ୍ବୋଧନ କରିଥିବା ବେଳେ ଅଧ୍ୟକ୍ଷ ଶୁଭବ୍ରତ ମୁଖାର୍ଜୀ ସ୍ୱାଗତଭାଷଣ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପାଧ୍ୟକ୍ଷ ସଞ୍ଜୟ ଜେନା, ଉପାଧ୍ୟକ୍ଷା ସ୍ୱାତୀ ନାଥ ଏବଂ ପ୍ରଧାନଶିକ୍ଷକ ମୁସ୍ତାକ ଅହମ୍ମଦ ପ୍ରମୁଖ ଏହି ଉତ୍ସବରେ ଉପସ୍ଥିତ ଥିଲେ। ଏହି ଅବସରରେ ରାଜ୍ୟ ପୁରସ୍କାରପ୍ରାପ୍ତ ସ୍କାଉଟ୍ ଓ ଗାଇଡ୍‌ମାନଙ୍କୁ ବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମସ୍ତ କାର୍ଯ୍ୟକ୍ରମକୁ ସ୍କାଉଟ୍ ମାଷ୍ଟର ନୀରଦ ଚନ୍ଦ୍ର ଆର୍ଯ୍ୟ, ଗାଇଡ୍ କ୍ୟାପ୍‌ଟେନ୍ ସୁନନ୍ଦା ବୋଷ ପରିଚାଳନା କରିଥିଲେ। ଗାଇଡ୍ କ୍ୟାପ୍‌ଟେନ୍ ପାର୍ବଣୀ ଘୋଷ ଧନ୍ୟବାଦ ଅର୍ପଣ କରିଥିଲେ।

## ବିନାସୂଚନାରେ ସୂତାହାଟ ଡାକଘର ବନ୍ଦ କରାଯିବାକୁ ନେଇ ଅସନ୍ତୋଷ

**କଟକ, ୧।୭ (ସମିସ):** କଟକ ମହାନଗର ନିଗମର ୧୭ନମ୍ବର ୱାର୍ଡ ଅଧୀନ ସୂତାହାଟ ନ୍ୟୁ କଲୋନୀ ଠାରେ ଥିବା ଡାକଘର ଦୀର୍ଘ ୮୦ ବର୍ଷ ହେବ ଅଞ୍ଚଳବାସୀଙ୍କୁ ସେବା ଯୋଗାଇ ଆସୁଥିଲା। ଏହି ଅଞ୍ଚଳର ଅଧିକାଂଶ ଲୋକ ରିକ୍ସା ଚଳାଇ, ବାସନ ମାଜି , ସଫେଇ କାର୍ଯ୍ୟ, ମୂଲ ଲାଗି ନିଜ ଗୁଜୁରାଣ ମେଣ୍ଟାନ୍ତି। ଯାହାଫଳରେ କଷ୍ଟ ଅର୍ଜିତ ଧନରୁ କିଛି ସଞ୍ଚୟ କରି ନିକଟସ୍ଥ ଡାକ ଘରେ ଚାଲି ଚାଲି ଯାଇ ସଞ୍ଚୟ ପୁଞ୍ଜି ଜମା କରିପାରୁଥିଲେ।କୌଣସି ସୂଚନା ନ ଦେଇ ପୁଲିସ ସହାୟତାରେ ଡାକ ବିଭାଗର କର୍ମଚାରୀ ଆସି ଆସବାପତ୍ର ନେଇ କାର୍ଯ୍ୟାଳୟରେ ତାଲା ପକାଇଦେଇଥିଲେ। ସାମୂହିକ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଉକ୍ତ ସ୍ଥାନରେ ପୁନଶ୍ଚ ଡାକଘର କାର୍ଯ୍ୟକାରୀ କରି ସେବା ଯୋଗାଇବା ଦାବିରେ କଟକ ସହର ଡିଭିଜନର ଡାକ ବିଭାଗ ଅଧୀକ୍ଷକଙ୍କ ଜରିଆରେ ପ୍ରଧାନମନ୍ତ୍ରୀଙ୍କୁ ଦାବିପତ୍ର ଦିଆଯାଇଛି। ଆମ୍ ଆଦମୀ ପାର୍ଟି କଟକ ଜିଲ୍ଲା ଯୁବ ସଭାପତି ଆଶୁତୋଷ ପରିଡ଼ାଙ୍କ ନେତୃତ୍ୱରେ ନଗର ଯୁବ ସଭାପତି ରୋହିତ୍ କୁମାର ନନ୍ଦ, ଅମ୍ବିକା ନନ୍ଦ ସୂତାହାଟ ପଡାବାସୀ ସ୍ନେହାଶିଷ କର, ଦିଲୀପ ଜି, ରଞ୍ଜିତା ପରିଡ଼ା, ସାଗରିକା ଦାସ, ରୋଜାଲିନ ଦାସ, ଜ୍ୟୋତ୍ସ୍ନାରାଣୀ ସେନା, ହେମା ରାଓ, ରେଖାରାଣୀ ଦେ ଉପସ୍ଥିତ ଥିଲେ।

## ପଲ୍ଲୀକବି ନନ୍ଦକିଶୋର ବଳଙ୍କ ସ୍ମୃତି ଉତ୍ସବ



**କଟକ, ୧।୭ (ସମିସ):** ପଲ୍ଲୀ ଜୀବନର ନିଆରା ରୂପକାର, କବି, ପ୍ରାବନ୍ଧିକ, ଔପନ୍ୟାସିକ ଏବଂ ବହୁ ସନେଟର ରଚୟିତା ପଲ୍ଲୀକବି ନନ୍ଦକିଶୋର ବଳଙ୍କ ୯୮ତମ ତିରୋଧାନ ଦିବସ ପାଳିତ ହୋଇଯାଇଛି। କଟକ ସାହିତ୍ୟ ସଂସଦ ଆନୁକୂଲ୍ୟରେ ଉତ୍କଳ ସାହିତ୍ୟ ସମାଜ ପ୍ରାଙ୍ଗଣରେ ଆୟୋଜିତ ଏହି ସ୍ମୃତି ଉତ୍ସବରେ ଡକ୍ଟର ଭାବଗ୍ରାହୀ ରାଉତ ଅଧ୍ୟକ୍ଷତା କରିଥିଲେ। ଏହି କାର୍ଯ୍ୟକ୍ରମରେ ସାମ୍ବାଦିକ ଉମାଶଙ୍କର ସାହୁ, ସାରସ୍ୱତ ସଂଗଠକ ରଣଜିତ ସାହୁ, ସାମ୍ବାଦିକ ଶରତ କୁମାର ମଲ୍ଲିକ, ଚୌଧୁରୀ କାଶୀନାଥ ମଲ୍ଲିକ, ସାହିତ୍ୟିକ ଅଖିଳେଶ ମହାନ୍ତି, ସାହିତ୍ୟିକା ଦୀପା ଦାସ, ନିରଞ୍ଜନ ସିଂ, ରବୀନ୍ଦ୍ର ମହାନ୍ତି, ଫଟୋ ସାମ୍ବାଦିକ ସରୋଜ କୁମାର ମଲ୍ଲିକ, ସାମ୍ବାଦିକ ଜିତେନ୍ଦ୍ର ପଣ୍ଡା ପ୍ରମୁଖ କବି ନନ୍ଦକିଶୋରଙ୍କ ସାହିତ୍ୟର ବହୁ ଅନାଲୋଚିତ ଦିଗ ଉପରେ ଆଲୋକପାତ କରିଥିଲେ।

■ ବିଡାନାସୀ କପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

## ଇଲାଇଟ -୧୧ ଚାମ୍ପିଅନ



**କଟକ,୧।୭(ସମିସ):** ଗ୍ରେଟ୍‌ର ବିଡାନାସୀ ସ୍ପୋର୍ଟସ କ୍ଲବ୍ ପକ୍ଷରୁ 'ବିଡାନାସୀ କପ୍ ୨୦୨୬' କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ବିଡ଼ାନାସୀ ଖେଳ ପଡ଼ିଆଠାରେ ଅନୁଷ୍ଠିତ ହୋଇଛି। ଟୁର୍ଣ୍ଣାମେଣ୍ଟର ଫାଇନାଲରେ ଉଭୟଦଳ ଉତ୍କୃଷ୍ଟ ଖେଳ ପ୍ରଦର୍ଶନ କରିଥିଲାବେଳେ ଇଲାଇଟ-୧୧ ଚାମ୍ପିଅନ ହୋଇଥିଲା ବେଳେ ଡିଭାଇନ ୱାରିଅର୍ସ ରନର୍ସ ଅପ୍ ହୋଇଛି। କଟକ ମହାନଗର ନିଗମର ମେୟର ସୁବାସ ଚନ୍ଦ୍ର ସିଂହ, ଓଡ଼ିଶା ପୁଲିସ୍ ଅଫିସର୍ସ ଆସୋସିଏସନ୍ ସଭାପତି ଅସିତ କୁମାର ଜେନା, ସରକାରୀ ପ୍ଲିଡର ଆଇନଜୀବୀ ରାମକୃଷ୍ଣ ରଥ ଓ ସମାଜସେବୀ ସୁରେଶ ଚନ୍ଦ୍ର ବିଶ୍ୱାଳ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ମନୋଜ କୁମାର ମହାନ୍ତି, କ୍ଲବ୍‌ର ଉପଦେଷ୍ଟା ଆଇନଜୀବୀ ଜଗନ୍ନାଥ ମହାନ୍ତି, ସମାଜସେବୀ ବିଜୟ ବେହେରା, ଜ୍ୟୋତି ରଞ୍ଜନ କର ଓ ରାମଚନ୍ଦ୍ର ଦାସ ପୁରସ୍କାର ବିତରଣ କରିଥିଲେ। ମଦନ ଦାସ ପ୍ଲେୟାର୍ ଅଫ୍ ଦ ଟୁର୍ଣ୍ଣାମେଣ୍ଟ ଓ ଶ୍ରେଷ୍ଠ ବ୍ୟାଟସମ୍ୟାନ୍ ଏବଂ ସୂର୍ଯ୍ୟନାରାୟଣ ସାହୁ ବୋଲର୍ ଭାବେ ପୁରସ୍କୃତ ହୋଇଥିଲେ।

## କଟକ ମହାନଗର ନିଗମ ପକ୍ଷରୁ ବନମହୋତ୍ସବ

# ଚାରାରୋପଣ କରି ପରିବେଶ ସୁରକ୍ଷାର ବାର୍ତ୍ତାଦେଲେ ସ୍କୁଲ ଛାତ୍ରଛାତ୍ରୀ

କଟକ,୧।୭(ସମିସ):




ପରିବେଶ ସୁରକ୍ଷାର ବାର୍ତ୍ତା ନେଇ କଟକ ମହାନଗର ନିଗମ ପକ୍ଷରୁ ବନ ମହୋତ୍ସବ-୨୦୨୬ ପାଳନ କରାଯାଇଛି। ବୁଧବାର ବାଲିଯାତ୍ରା ପଡ଼ିଆର କଟକ ଇନ୍ କଟକ ପରିସରରେ କଟକ ମହାନଗର ନିଗମର ମେୟର ସୁବାସ ସିଂହଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କମିଶନର କିରନଦୀପ୍ କୌର ସହୋତା, ସହକାରୀ ବନସଂରକ୍ଷକ ସିଦ୍ଧାର୍ଥ ଶଙ୍କର ସାହୁ, ଡେପୁଟି ମେୟର ଦମୟନ୍ତୀ ମାଝୀ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ ଅଧିକାରୀ ଇଂ ରଶ୍ମିତା ପ୍ରିୟଦର୍ଶିନୀ, ସହରାଞ୍ଚଳ ବନଖଣ୍ଡ ଅଧିକାରୀ ଶର୍ମିଳୀ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ମହାନଗର ନିଗମର ସମସ୍ତ ଅଧିକାରୀ, ସିଡିଏ ସେକ୍ଟର-୬ ଡିଏଭି ସ୍କୁଲ, ପଟ୍ଟାପୋଲ ସରକାରୀ ତେଲୁଗୁ ସ୍କୁଲର ଛାତ୍ରଛାତ୍ରୀ ଏବଂ ବିଭିନ୍ନ ସାମାଜିକ ସଂଗଠନର ସଦସ୍ୟମାନେ ଯୋଗଦେଇ ପରିବେଶ ସୁରକ୍ଷା ଓ ସବୁଜ କଟକ ଗଠନ ପାଇଁ ସଚେତନତାର ବାର୍ତ୍ତା ପ୍ରସାର କରିଥିଲେ। ସମସ୍ତେ ନିଶ୍ଚୟ ଗଛ ଲଗାଇ କଟକକୁ ଏକ ସୁସ୍ଥ, ସବୁଜ ଓ ସ୍ୱଚ୍ଛ କଟକ ଭାବେ ଗଢ଼ିବା ବୋଲି ମେୟର ଶ୍ରୀ ସିଂହ କହିଥିଲେ। କାର୍ଯ୍ୟକ୍ରମରେ ପରିବେଶ ବିଜ୍ଞାନୀ କାଞ୍ଚନବାଳା ବିହାରୀ, ସହକାରୀ ପରିବେଶ ବିଜ୍ଞାନୀ ବିଶ୍ୱନାଥ ସେଠୀ ଓ ସୁଭାଶିଷ ମାହାରୀ , କର୍ପୋରେଟର ଏ ଶ୍ରୀଦେବୀ, ବନଲତା ପ୍ରଧାନ, ଆରତୀ ସାହୁ ପ୍ରମୁଖ ସାମିଲହୋଇ ପରିବେଶ ସୁରକ୍ଷାର ବାର୍ତ୍ତା ଦେଇଥିଲେ। ଅତିରିକ୍ତ କମିଶନର ସୋନା ଟୁଡୁ ପ୍ରାରମ୍ଭିକ ଅଭିଭାଷଣ ପ୍ରଦାନ କରିଥିବାବେଳେ କମିଶନର କିରଣଦୀପ୍ କୌର ସହୋତା ଧନ୍ୟବାଦ ଅର୍ପଣ କରିଥିଲେ। ଆସିଷ୍ଟାଣ୍ଟ କମିଶନର ସୀମାଜେନା ପରିଚାଳନା କରିଥିଲେ।

# ସମ୍ପାଦକୀୟ



ଇତିହାସର ପୁନରାବୃତ୍ତି ହୁଏ, ପ୍ରଥମେ ଏକ ଦୁଃଖଦ ଘଟଣା ଭାବେ ଏବଂ ଦ୍ୱିତୀୟରେ ଏକ ପ୍ରହସନ ଭାବେ।
-କାର୍ଲ ମାର୍କସ୍

ସକାଳ
THE SAKALA

## ଡିଜିଟାଲ ଇଣ୍ଡିଆର କଷଣ

ଆଧାର ଏକ କାର୍ଡ ନା ନମ୍ବର? ଏହା ଇଚ୍ଛାଧୀନ ନା ବାଧ୍ୟତାମୂଳକ? ଏହି ପ୍ରଶ୍ନ ଓ ପ୍ରସଙ୍ଗ ଏକାଧିକ ଥର ନ୍ୟାୟପାଳିକାର କାଠଗଡ଼ାକୁ ଯାଇଛି। ସର୍ବୋଚ୍ଚ ନ୍ୟାୟାଳୟ ଏକାଧିକ ଥର 'ଆଧାର'କୁ ବାଧ୍ୟତାମୂଳକ କରାଯାଇପାରିବ ନାହିଁ ବୋଲି ରାୟ ଦେଇଛନ୍ତି। ଶେଷଥର ପାଇଁ ସର୍ବୋଚ୍ଚ ନ୍ୟାୟାଳୟ ୨୦୧୮ ସେପ୍ଟେମ୍ବର ମାସରେ 'ଜଷ୍ଟିସ୍ କେ ଏସ୍ ପୁଟ୍ଟାସ୍ୱାମୀ ବନାମ ଭାରତ ସରକାର' ମାମଲାରେ ସ୍ପଷ୍ଟ କରିଥିଲେ ଯେ ବିଭିନ୍ନ ଜନକଲ୍ୟାଣମୂଳକ ସରକାରୀ ଯୋଜନାର ହିତାଧିକାର ପାଇଁ 'ଆଧାର' ସଂଯୋଗ ଆବଶ୍ୟକ; କିନ୍ତୁ 'ଆଧାର' ସଂଯୋଗର ଅନୁପସ୍ଥିତି ଆଳରେ କୌଣସି ହିତାଧିକାରୀଙ୍କୁ ଯୋଜନାର ଲାଭ ପାଇବାରୁ ବଞ୍ଚିତ କରାଯାଇପାରିବ ନାହିଁ। ବିଡ଼ମ୍ବନା ହେଉଛି ଓଡ଼ିଶାରେ ଗତଦୁଇବର୍ଷ ମଧ୍ୟରେ ସର୍ବୋଚ୍ଚ ନ୍ୟାୟାଳୟଙ୍କ ଉପରୋକ୍ତ ରାୟର ସର୍ବାଧିକ ଉଲ୍ଲଙ୍ଘନ ହେବା ସହିତ ଗରିବ ହିତାଧିକାରୀଙ୍କୁ ଇ-କେୱାଇସି ଆଳରେ ନ୍ୟାଯ୍ୟ ଅଧିକାରରୁ ମାସ ମାସ ଧରି ବଞ୍ଚିତ କରାଯାଇଛି।

ଗତବର୍ଷ ରାସନ୍ ବା ପଡ଼ିକାର୍ଡଧାରୀଙ୍କ ପାଇଁ ଇ-କେୱାଇସି ନବୀକରଣ ବାଧ୍ୟତାମୂଳକ କରାଯିବା ପରେ ଓଡ଼ିଶାର ଲକ୍ଷ ଲକ୍ଷ ହିତାଧିକାରୀ ଖାଦ୍ୟ ସୁରକ୍ଷା ଯୋଜନାରୁ ବଞ୍ଚିତ ହୋଇଥିଲେ। ସେମାନଙ୍କ ଭିତରେ ଅଯୋଗ୍ୟ ହିତାଧିକାରୀ ବା ଜାଲ୍ ପଡ଼ିକାର୍ଡ ଧାରୀ ନଥିଲେ ବୋଲି କୁହାଯାଇପାରିବ ନାହିଁ। ତେଣୁ ଖାଦ୍ୟ ସୁରକ୍ଷା ଯୋଜନାର ହିତାଧିକାର ପ୍ରକ୍ରିୟାକୁ ସ୍ୱଚ୍ଛ ଓ ଲକ୍ଷ୍ୟଭିତ୍ତିକ କରିବା ପାଇଁ ବୈଧ ପରିଚୟ ଓ ଚିହ୍ନଟକୁ ମଧ୍ୟ କେହି ମନା କରୁନାହାନ୍ତି। କିନ୍ତୁ କିଛି ପ୍ରତିଶତ ଜାଲ୍ ହିତାଧିକାରୀଙ୍କ ପାଇଁ ଲକ୍ଷ ଲକ୍ଷ ଗରିବ ହିତାଧିକାରୀ ମାସ ମାସ ଧରି ରାସନ ଓ ଖାଦ୍ୟ ସୁରକ୍ଷା ଅଧିକାରରୁ ବଞ୍ଚିତ କରାଯିବ କେଉଁ ନ୍ୟାୟରେ? ଚଳିତ ବର୍ଷ ମଧ୍ୟ ସେଭଳି ବିଡ଼ମ୍ବନାର ପୁନରାବୃତ୍ତି ଘଟିଛି। ମାସ ମାସ ଧରି ବାର୍ଦ୍ଧକ୍ୟ ଭତ୍ତା ଦିଆଯାଇ ନ ଥିବା ବେଳେ ଏବେ ଆଧାର ଲିଙ୍କ ବାହାନା ଖୋଜାଯାଉଛି। ସରକାର ନିର୍ଦ୍ଦେଶ ଦେଇଛନ୍ତି ଯେ ଆଧାର ଲିଙ୍କ ନଥିଲେ ଆଉ ବାର୍ଦ୍ଧକ୍ୟ ଭତ୍ତା ମିଳିବ ନାହିଁ। ଯେଉଁମାନେ ବାର୍ଦ୍ଧକ୍ୟ ଭତ୍ତା ପାଉଛନ୍ତି ସେମାନଙ୍କ ମଧ୍ୟରୁ ୯୬ ପ୍ରତିଶତ ନିରକ୍ଷର ଓ ଅଳ୍ପଶିକ୍ଷିତ। ଡିଜିଟାଲ୍ ସ୍ୱାକ୍ଷରତା, ଆଧାର ଲିଙ୍କ, ଇକେୱାଇସି ଭଳି ଜଟିଳ ବ୍ୟବସ୍ଥାକୁ ସେମାନେ ନା ବୁଝିପାରିବେ ନା ସେମାନଙ୍କୁ କେହି ବୁଝାଇପାରିବେ। ଏହି ବାସ୍ତବତାକୁ ଯେ ସରକାର କିମ୍ବା ବିଭାଗୀୟ ବାବୁମାନେ ହୃଦୟଙ୍ଗମ କରି ନ ଥିବେ ତାହା ମଧ୍ୟ ବିଶ୍ୱାସଯୋଗ୍ୟ ନୁହେଁ। ତଥାପି ହିତାଧିକାରୀଙ୍କୁ ବୈଷୟିକତା ତ୍ରୁଟି ଆଳରେ ଅଧିକାରରୁ ବଞ୍ଚିତ କରିବା ସାମ୍ବିଧାନିକ ଅଧିକାରର ଉଲ୍ଲଙ୍ଘନ ନୁହେଁ କି? ଆଜି ଆମ ଦେଶ ଡିଜିଟାଲ୍ ଇଣ୍ଡିଆର ସଫଳତାର ଦଶନ୍ଧି ପୂର୍ତ୍ତି ମହୋତ୍ସବ ପାଳନ କରୁଥିବା ବେଳେ ଡିଜିଟାଲ୍ ପାହାରର କଷଣ କେତେ ଯୁକ୍ତିଯୁକ୍ତ ତାହା ମଧ୍ୟ ବିଚାର୍ଯ୍ୟ।

ଏଭଳି ବିଡ଼ମ୍ବନା ଓ ବ୍ୟତିକ୍ରମର ମୂଳାଧାର ହେଉଛି ଡିଜିଟାଲ୍ ଇଣ୍ଡିଆର ସୂଚନା ପ୍ରଯୁକ୍ତି ବିଦ୍ୟାର ଜଟିଳ ପ୍ରକ୍ରିୟା। ଜନଜୀବନକୁ ସାବଲୀଳ, ସହଜ ଓ ସରଳ କରିବା ସହିତ ମାନବ ସଭ୍ୟତାକୁ ଉନ୍ନତ କରିବା ଲାଗି ବିଜ୍ଞାନ ସର୍ବଦା ଅଭିପ୍ରେତ। କିନ୍ତୁ ବିଜ୍ଞାନ ଯଦି ସୁଖ ବଦଳରେ ଦୁଃଖ ଦିଏ, ଜୀବନକୁ ସହଜ କରିବା ବଦଳରେ ଯଦି ଯନ୍ତ୍ରଣାସିକ୍ତ କରିଦିଏ ତେବେ ତାହା ବିଜ୍ଞାନର ଅଭିଶାପ ବୋଲି କହିବାକୁ ହେବ। ମହତ୍ ଉଦ୍ଦେଶ୍ୟରେ ଚଳିତ ଶତାବ୍ଦୀର ପ୍ରାରମ୍ଭରୁ ଭାରତରେ ଆରମ୍ଭ ହୋଇଥିବା ଡିଜିଟାଲ୍ ବିପ୍ଳବ ଏବେ ଡିଜିଟାଲ୍ ଭାରତର ରୂପ ନେଇ ସେଭଳି ଅଭିଶପ୍ତ ଘଟଣାମାନଙ୍କୁ ଜନ୍ମ ଦେଇଚାଲିଛି। ଆମ ଭିତରୁ ପ୍ରାୟ ଅଧିକାଂଶ ଭୁକ୍ତଭୋଗୀଙ୍କ ଅନୁଭବ ଓ ଅନୁଭୂତି ଏହା ଯେ - ଡିଜିଟାଲ୍ ବିପ୍ଳବ କାମକୁ ଆରାମଦାୟକ ଓ ସତ୍ୱର କରିଦେଇଛି। କିନ୍ତୁ ଏହାର ପାଦେ ପାଦେ ବିପଦ ରହିଛି। ସାକ୍ଷରତା ଓ ସଚେତନତା ବିନା ଡିଜିଟାଲ୍ ଦୁନିଆ ଅପରାଧର ଏକ ମାୟାନଗରୀ ଭାବେ ପ୍ରମାଣିତ ହୋଇଛି। ଏପରିକି ଉଚ୍ଚଶିକ୍ଷିତ ବୈଷୟିକ ଜ୍ଞାନସମ୍ପନ୍ନ ବ୍ୟକ୍ତିବିଶେଷ ମଧ୍ୟ ଡିଜିଟାଲ୍ ଦୁନିଆର ମାୟାଜାଲରେ ପଡ଼ି ଯନ୍ତ୍ରଣା ଭୋଗୁଛନ୍ତି।

ଡିଜିଟାଲ୍ ଦୁନିଆକୁ ଏଡ଼ାଇ ଯିବା ଆଜିର ସମୟରେ ଅସମ୍ଭବ। ବ୍ୟବସ୍ଥା ଓ ପ୍ରକ୍ରିୟାକୁ ଡିଜିଟାଲାଇଜେସନ୍ କରିବାରେ କେହି ଆପତ୍ତି କରୁନାହାନ୍ତି। କିନ୍ତୁ ସମ୍ପୂର୍ଣ୍ଣ ପ୍ରସ୍ତୁତି ବିନା ଏହାର ପ୍ରୟୋଗ କିଭଳି ବିପତ୍ତି ଓ ବିଭ୍ରାଟମାନ ସୃଷ୍ଟି କରିପାରେ ତାହା ବାହାନଗା ମର୍ମନ୍ତୁଦ ରେଳ ଦୁର୍ଘଟଣା ସମେତ ଓଡ଼ିଶାରେ ରାସନ୍ ଓ ଭତ୍ତା ବଣ୍ଟନ ବ୍ୟତିକ୍ରମକୁ ଉଦାହରଣ ରୂପେ ନିଆଯାଇପାରେ। ଗତ ପାଞ୍ଚବର୍ଷ ଭିତରେ ଯେଉଁ କେତେକ ରେଳ ଦୁର୍ଘଟଣା ଘଟିଛି ସେଥିମଧ୍ୟରୁ ପ୍ରାୟ ୯୯ ପ୍ରତିଶତ ପଛରେ ଡିଜିଟାଲ୍ ବ୍ୟବସ୍ଥାକୁ ଦାୟୀ କରାଯାଇପାରେ। ଡିଜିଟାଲ୍ ସିଗନାଲ୍ ବା ଭିଡ଼ ନିୟନ୍ତ୍ରଣକୁ ଅତ୍ୟାଧୁନିକ ଜ୍ଞାନକୌଶଳ ବଳରେ ସୁସଂଯତ ଓ ତ୍ରୁଟିଶୂନ୍ୟ କରିବା ପାଇଁ ଡିଜିଟାଲ ଜ୍ଞାନକୌଶଳର ଭରପୂର ପ୍ରୟୋଗ କରାଯାଇଥିବା ବେଳେ ତାହାର ସାମାନ୍ୟ ତମ ଅପ୍ରସ୍ତୁତି ଯୋଗୁଁ ଯେଉଁ ଦୁର୍ଘଟଣାମାନ ଘଟୁଛି ସେଥିମଧ୍ୟରୁ ୨୦୨୩ର ବାହାନଗା ରେଳଦୁର୍ଘଟଣା ଇତିହାସରେ ଅପାସୋରା ହୋଇ ରହିଯିବ।

ଡିଜିଟାଲ୍ ଇଣ୍ଡିଆର ଆଉ ଏକ ନକାରାତ୍ମକ ଦିଗ ଏବେ ସାମ୍ନାକୁ ଆସିଛି। ପଶ୍ଚିମବଙ୍ଗରେ ଏସ୍ଆଇଆର ପ୍ରକ୍ରିୟାରେ ଭୋଟର ତାଲିକାରୁ ବାଦ୍ ପଡ଼ିଥିବା ବ୍ୟକ୍ତି ଓ ପରିବାର ବିଭିନ୍ନ ଜନକଲ୍ୟାଣକାରୀ ସରକାରୀ ଯୋଜନାରୁ ବଞ୍ଚିତ ହେବେ ବୋଲି ପଶ୍ଚିମବଙ୍ଗର ନବନିର୍ବାଚିତ ସରକାର ଘୋଷଣା କରିଛନ୍ତି। ଭୋଟର ତାଲିକାରୁ ବାଦ୍ ପଡ଼ିଥିବା କାରଣରୁ ପାସ୍‌ପୋର୍ଟ ମଧ୍ୟ ନବୀକରଣ ହୋଇପାରୁ ନ ଥିବା ଜଣାପଡ଼ିଛି। ଏହା କହିବା ବାହୁଲ୍ୟ ଯେ ଏସ୍ଆଇଆରରେ 'ତାର୍କିକ ବିସଙ୍ଗତି'(ଲଜିକାଲ୍ ଡିସ୍‌କ୍ରିପାନ୍ସି) ଭଳି ଯେଉଁ ଅସ୍ତ୍ରଟିକୁ ଉପଯୋଗ କରାଗଲା ସେଥିରେ ଅନ୍ୟାୟଭାବେ ଅନେକ ଯୋଗ୍ୟ ଭୋଟର ତାଲିକାରୁ ବାଦ୍ ପଡ଼ିଲେ। ଆଲ୍‌ଗୋରିଦିମ୍(ଡିଜିଟାଲ) ଦ୍ୱାରା ନିୟନ୍ତ୍ରିତ ଏହି ପ୍ରକ୍ରିୟାରେ ବାଦ୍ ପଡ଼ିଥିବା ଭାରତୀୟମାନେ ଏବେ ସେମାନଙ୍କ ନାଗରିକତ୍ୱ ହରାଇବା ପରି ସ୍ଥିତି ସୃଷ୍ଟି ହୋଇଛି ଏବଂ ସର୍ବୋଚ୍ଚ ନ୍ୟାୟାଳୟରେ ମାମଲା ବୋଝ ବଢ଼ିଚାଲିଛି। ସ୍ୱଳ୍ପକ୍ଷମ ପୂର୍ଣ୍ଣପ୍ରସ୍ତୁତିର ଅନୁପସ୍ଥିତିରେ 'ଡିଜିଟାଲ୍ ଇଣ୍ଡିଆ'ରେ ଯେଉଁଭଳି ଭାବେ ସାଇବର ଅପରାଧ, ଡିଜିଟାଲ୍ ଆରେଷ୍ଟ, ହ୍ୟାକିଂ ଅପରାଧମାନ ବଢ଼ିଚାଲିଛି ତାହା ମଧ୍ୟ କାହାକୁ ଅଛପା ନାହିଁ। ବିଦ୍ୟାଳୟମାନଙ୍କରେ 'ଆଧାର' ଓ 'ଅପାର' ସଂଯୋଗର ବାଧ୍ୟବାଧକତା ଜନ୍ମ ଦେଇଥିବା ଜଟିଳତା, ସମସ୍ୟା ଓ ଯନ୍ତ୍ରଣା ଅଭିଭାବକଙ୍କ ଛଡ଼ା ଆଉ କେହି ହୃଦୟଙ୍ଗମ କରିପାରିବେ ନାହିଁ।

ତେଣୁ ଶ୍ରୁତିମଧୁର ଡିଜିଟାଲ୍ ଇଣ୍ଡିଆକୁ ତିକ୍ତ-ଅନୁଭବମୁକ୍ତ କରିବାକୁ ହେଲେ ନୀତିନିର୍ଦ୍ଧାରଣ ସ୍ତରରେ ଆହୁରି ପରିପକ୍ୱତା ଆବଶ୍ୟକ। ପ୍ରଚାରସର୍ବସ୍ୱ ମାନସିକତାକୁ ତ୍ୟାଗ କରି ପ୍ରଭାବସର୍ବସ୍ୱ ନୀତି ନିର୍ଦ୍ଧାରଣ ନ ହେବା ଯାଏଁ ଡିଜିଟାଲ ଇଣ୍ଡିଆର ଏଭଳି ଅଦେଖା ଓ ଅକୁହା କଷଣ ଓ ଉଦାହରଣମାନ ବଢ଼ିଚାଲିଥିବ। ●

## ନିର୍ବାଚନ ପୂର୍ବରୁ ଓ ପରେ

**ଅକ୍ଷୟ କୁମାର ମିଶ୍ର**

ଜନସାଧାରଣ ସବୁବେଳେ ଆଶା କରନ୍ତି ତାଙ୍କର ଯିଏ ନେତା ହେବେ ସେ ଜଣେ ଭଲ ସେବକ ହୁଅନ୍ତୁ। ତାଙ୍କର ଭାବମୂର୍ତ୍ତି ନିର୍ମଳ ହେଉ। ସେ ନିଃସ୍ୱାର୍ଥପର, ନିରାଡ଼ମ୍ବର, ନିଷ୍କଳଙ୍କ ଓ ନିରପେକ୍ଷ ହୁଅନ୍ତୁ। ଦୟା, କ୍ଷମା, ଉଦାରତା, ସହନଶୀଳତା ଆଦି ମାନବୀୟ ଗୁଣର ସେ ଅଧିକାରୀ ହୁଅନ୍ତୁ। ସର୍ବୋପରି ଜଣେ ଜ୍ଞାନୀ ମଣିଷ ହୁଅନ୍ତୁ। ଲୋକଙ୍କର ଏହି ଭାବନାକୁ ଆମ ଦେଶର ତଥାକଥିତ ନେତାମାନେ ବେଶ୍ ଭଲଭାବରେ ଜାଣିଛନ୍ତି। ସେଇଥିପାଇଁ ବୋଧହୁଏ ନିର୍ବାଚନ ପୂର୍ବରୁ ସେମାନଙ୍କର ଗୋଟିଏ ରୂପ ନିର୍ବାଚନ ପରେ ଆଉ ଏକ ରୂପ।

ନିର୍ବାଚନ ପୂର୍ବରୁ ସବୁ ନେତା ଭଦ୍ର, ସରଳ, ମିଷ୍ଟଭାଷୀ। ଏମିତି ଆଚରଣ ପ୍ରଦର୍ଶନ କରନ୍ତି ସତେଯେମିତି ସାମାନ୍ୟତମ ଲୋଭ ବା ମୋହର ବଶବର୍ତ୍ତୀ ନୁହନ୍ତି ସେମାନେ। ସାଧାରଣ ବେଶଭୂଷା, ସରଳ ଜୀବନଯାପନ ଲୋକଙ୍କୁ ଆକୃଷ୍ଟ କଲା ଭଳି। ଆହାରେ ଭଲ-ମନ୍ଦ ନାହିଁ। ଜାତି-ଅଜାତି ଆଉ ସ୍ଥାନ-କାଳ-ପାତ୍ରର ବାଛବିଚାର ନାହିଁ। ଯେଉଁଠି ଯେମିତି ମିଳେ ତାହା ଆଗ୍ରହର ସହିତ ଖାଇ ନିଅନ୍ତି। କାହା ପିଣ୍ଡାର ଛିଣ୍ଡା ମଶିଣାରେ, ମନ୍ଦିର ଅଗଣାରେ, ମେଳଣ ପଡ଼ିଆରେ, ଘାସ ଉପରେ ବସି ଲୋକଙ୍କ ଅନ୍ତରଙ୍ଗ ହେବାକୁ ଉଦ୍ୟମ କରନ୍ତି। କାହାର ବିପଦ ଆପଦରେ ଅଯାଚିତ ଭାବେ ଆସି ପହଞ୍ଚି ଯାଆନ୍ତି। ବେଳେ ବେଳେ ଶବ ଶୋଭାଯାତ୍ରାରେ କୋକେଇରେ କାନ୍ଧ ଦେଇ ମଶାଣି ପର୍ଯ୍ୟନ୍ତ ଯାଆନ୍ତି। ବଦମାସ, ଚୋର, ଡକାୟତ ବି ସାଧୁ ପାଲଟି ଯାଆନ୍ତି ନିର୍ବାଚନ ସମୟରେ। ଦାନୀ ହରିଶ୍ଚନ୍ଦ୍ର ଭଳି ଦାନ ଦକ୍ଷିଣା ଦେବାରେ ମଧ୍ୟ କାର୍ପଣ୍ୟ ପ୍ରକାଶ କରନ୍ତି ନାହିଁ। ଲୋକେ କୁହା ବୁଲା କରନ୍ତି 'ମଣିଷ ଭଳି ମଣିଷଟିଏ। ନେତା ହେବ ତ ଏମିତି।'

ଲୋକଙ୍କର କଳନା ଭୁଲ ପ୍ରମାଣିତ ହୁଏ ନିର୍ବାଚନ ପରେ। ସମସ୍ତ ପ୍ରଶଂସା ତିରସ୍କାରର ରୂପ ନିଏ। ବାରମ୍ବାର ନିଜକୁ ପ୍ରଶ୍ନ ପଚାରିବାକୁ ଇଚ୍ଛା ହୁଏ, ଏତେ ଶୀଘ୍ର ସେମାନେ ବଦଳି ଯାଉଛନ୍ତି କେମିତି? ନିର୍ବାଚନ ଜିଣିବାର ମାସେ ଦୁଇ ମାସ ଭିତରେ ସବୁକିଛି ବଦଳି ଯାଉଛି। ପଖାଳ ଖାଇବା ତ ଦୂରର କଥା ଦେଖା ଦର୍ଶନ ମିଳୁ ନାହିଁ। କୌଣସି ଜରୁରୀ କାମରେ ସାକ୍ଷାତ କରିବାକୁ ଗଲେ ସହଜେ ସମ୍ଭବ ହେଉ ନାହିଁ। 'ସାର୍ ଶୋଇଛନ୍ତି', 'ସାର୍ ଆଜି ଦେଖା ହୋଇ ପାରିବେ ନାହିଁ', 'ବହୁ ନାମୀଦାମୀ ଲୋକଙ୍କ ପାଇଁ ସମୟ ସ୍ଥିର ହୋଇଛି', 'କେଉଁଠୁ ଆସିଛ, କାମ କ'ଣ...?' ଏମିତି କେତେ ଶୁଣେଇ ଦେବ ଦରୱାନ୍। ଅତି କାକୁସ୍ଥ ହେଲେ ଉତ୍ତର ଆସିବ, 'ଠିକ୍ ଅଛି ଗୋଟିଏ କାଗଜରେ ନାମ ଠିକଣା ଲେଖିଦିଅ। ପ୍ରାଇଭେଟ୍ ଆସିଷ୍ଟାଣ୍ଟଙ୍କୁ ଦେବି।' ଅଳ୍ପ କେତୋଟି ଦିନ ଭିତରେ ରାଜଧାନୀରେ ଦାମୀ ବଙ୍ଗଳା ତିଆରି ହେଉଛି। ଘରର ଯେତେ ସଦସ୍ୟ ସମସ୍ତଙ୍କ ପାଇଁ ନିଜ ପସନ୍ଦର ଗାଡ଼ି କିଣା ହେଉଛି। ପୁଅ ଝିଅମାନେ ଆଉ ସରକାରୀ ଶିକ୍ଷାନୁଷ୍ଠାନରେ ପଢ଼ୁ ନାହାନ୍ତି। ଏମିତିକି ଏକଦା ଦେଶଭକ୍ତିର ଡିଣ୍ଡିମ ପିଟୁଥିବା ବାବୁ ତାଙ୍କ ପୁଅଝିଅଙ୍କୁ ବିଦେଶରେ ପାଠ ପଢ଼ାଉଛନ୍ତି। ଅଳ୍ପ କେତେଜଣଙ୍କୁ ଛାଡ଼ିଦେଲେ ନିର୍ବାଚନ ପରେ ନବେ ପ୍ରତିଶତ ନେତାଙ୍କ ନିକଟରେ ନୀତି, ଆଦର୍ଶ କେବଳ ମୁଖନିଃସୃତ ବାଣୀ। ଅସଲରେ ଦୁର୍ନୀତିର ପାହାଡ଼ ଆରୋହଣ କରିବାରେ ପ୍ରତିଦ୍ୱନ୍ଦ୍ୱିତା ଚାଲିଛି ନେତାଙ୍କ ଭିତରେ।

ଗଣତନ୍ତ୍ରର ପୃଷ୍ଠଭୂମିରେ ଛିଡ଼ା ହୋଇ ଆମେ ଯଦି ନିରୀକ୍ଷଣ କରିବା ତେବେ ଅତି ସହଜରେ ଜାଣି ପାରିବା କେବଳ ଜନପ୍ରତିନିଧିଙ୍କଠାରେ ପରିବର୍ତ୍ତନ ଘଟୁନାହିଁ। ରାଜନୈତିକ ଦଳଗୁଡ଼ିକ ମଧ୍ୟ ଅନେକମାତ୍ରାରେ ନିଜର ନୀତି ଓ କାର୍ଯ୍ୟଧାରାରେ ପରିବର୍ତ୍ତନ ଘଟାଉଛନ୍ତି। ନିର୍ବାଚନ ପୂର୍ବରୁ ଯେଉଁ କଥା ସବୁ କୁହନ୍ତି ନିର୍ବାଚନ ପରେ ସେସବୁ କାମରେ ପ୍ରତିଫଳିତ ହୁଏ ନାହିଁ। ସବୁଠାରୁ ବଡ଼ କଥା ହେଉଛି କ୍ଷମତାରେ ରହିବା ଏବଂ କ୍ଷମତାକୁ ନିରଙ୍କୁଶ ଉପଭୋଗ କରିବା ନିମନ୍ତେ ଯୋଜନା ପ୍ରସ୍ତୁତ କରୁଛନ୍ତି। ଯେନତେନ ପ୍ରକାରେ ଦଳର ଶକ୍ତି ବୃଦ୍ଧି କରିବା ପାଇଁ ବିଭିନ୍ନ ଅସାଧୁ ପନ୍ଥା ଅବଲମ୍ବନ କରୁଛନ୍ତି।

ଆଲୋଚନାକୁ ଆଣିଲେ ଅନେକ ଘଟଣା ଆସିବ। ତେବେ ଅଳ୍ପ କେତୋଟି ଘଟଣା ସମ୍ପର୍କରେ ଆଲୋଚନା କରିବା। ଏଇ କିଛିବର୍ଷ ହେଲା ଆମେ ଦେଖୁଛୁ ନିର୍ବାଚନ ପରେ ସରକାରୀ ଦଳ କେମିତି ଅନ୍ୟ ଦଳରୁ ନିର୍ବାଚିତ ପ୍ରତିନିଧିମାନଙ୍କୁ ନିଜ ପକ୍ଷକୁ ନେବା ପାଇଁ ଲାଗି ପଡୁଛନ୍ତି। ବିଶେଷକରି ରାଜ୍ୟସଭା ସାଂସଦଙ୍କ ଉପରେ ଲୋଲୁପ ଦୃଷ୍ଟି ପକାଇଛନ୍ତି। ଆମ ରାଜ୍ୟର ତିନି ଜଣ ବିଜେଡି ଦଳର ସାଂସଦ ପଦବୀରୁ ଇସ୍ତଫା ଦେଇ ସରକାରୀ ଦଳରେ ସାମିଲ ହେବା ଏବଂ ସଙ୍ଗେ ସଙ୍ଗେ ଦଳୀୟ ଟିକଟ ଦେଇ ପୁନର୍ବାର ସେମାନଙ୍କୁ ରାଜ୍ୟସଭାକୁ ନେଇଯିବାରେ ନୈତିକତାକୁ କେମିତି ସମ୍ପୂର୍ଣ୍ଣ ବିସର୍ଜନ ଦିଆଗଲା ତାହା ସଭିଏଁ ଦେଖିଲେ। ଏମିତି ଏକ ଇସ୍ତଫା ନାଟକ ହେଲା କେବଳ ମାତ୍ର ଦଳବଦଳ ଆଇନରୁ ରକ୍ଷା ପାଇବା ପାଇଁ। 'ଆପ୍' ଦଳର ସାତ ଜଣ ରାଜ୍ୟସଭା ସାଂସଦ କେମିତି ପଟ୍ଟ ପରିବର୍ତ୍ତନ କଲେ ତାହା ସଭିଏଁ ଦେଖିଛନ୍ତି। ଏବେ ଦୃଷ୍ଟି ପଡ଼ିଛି ପଶ୍ଚିମବଙ୍ଗର ତୃଣମୂଳ କଂଗ୍ରେସ ଉପରେ। ଏହି ଦଳର ସଂକେତରେ ଭୋଟ୍ ନେଇ ନିର୍ବାଚିତ ହୋଇଥିବା ସାଂସଦମାନଙ୍କ ଉପରେ। ୨୮ ଜଣ ସାଂସଦଙ୍କ ମଧ୍ୟରୁ ୨୦ ଜଣ ସାଂସଦ ଏନ୍‌ଡିଏକୁ ସମର୍ଥନ ଦେବାକୁ ଘୋଷଣା କରିବା ପୂର୍ବରୁ ସେହି ରାଜ୍ୟର ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ଯିଏ ସେମାନଙ୍କର ଘୋର ବିରୋଧୀ ଥିଲେ ତାଙ୍କ ସହିତ ଗୋପନ ବୈଠକ କରିବା ଦଳର ଭିତିରି ଉଦ୍ଦେଶ୍ୟକୁ ପଦାରେ ପକାଇ ଦେଇଛି। ନିର୍ବାଚନ ପୂର୍ବରୁ ଦଳ ଏମାନଙ୍କ ବିରୁଦ୍ଧରେ ପ୍ରଚାର କରୁଥିଲା, ଏମାନଙ୍କ ବିରୁଦ୍ଧରେ ଦୁର୍ନୀତି ଅଭିଯୋଗ ଆଣୁଥିଲା। ମାତ୍ର ନିର୍ବାଚନ ପରେ ନିଜ ଦଳକୁ କୋଳେଇ ନେଉଛି ସବୁକୁ ଭୁଲି। ରାଜ୍ୟସଭା ନିର୍ବାଚନ ସମୟରେ ସରକାରୀ ଦଳମାନେ କେଉଁ ଆଭିମୁଖ୍ୟ ନେଉଛନ୍ତି ତାହା ବିଭିନ୍ନ ରାଜ୍ୟର ଦାଣ୍ଡରେ ପଡ଼ି ଗଡ଼ୁଛି। ଓଡ଼ିଶାରେ ବୋଧହୁଏ ଏହା ସବୁ ସୀମା ଟପି ଯାଇଛି।

ନିର୍ବାଚନ ପରେ ଆଉ ଏକ ଘଟଣା ହେଉଛି ଦଳ ଭାଙ୍ଗିବା। ମହାରାଷ୍ଟ୍ରରେ ଶିବସେନା ଏବଂ ଏନ୍.ସି.ପି. କେମିତି ଏବଂ କେଉଁଥି ପାଇଁ ଭାଙ୍ଗିଲା କାହାକୁ ଅଛପା ନାହିଁ। ଏବେ ପଶ୍ଚିମବଙ୍ଗରେ ସେହି ସମାନ ନାଟକର ପୁନରାବୃତ୍ତି। ପନ୍ଦର ବର୍ଷ ଶାସନ କଲା ପରେ ତୃଣମୂଳ କଂଗ୍ରେସ ନିର୍ବାଚନରେ ପରାଜିତ ହେଲା ଏବଂ ଅଶୀ ବିଧାୟକଙ୍କୁ ନେଇ ବିରୋଧୀ ଦଳ ଆସନରେ ବସିଲା। ମାତ୍ର ମାସେ ଯାଇନି ଅଶୀରୁ ଷାଠିଏ ବିଧାୟକ ମିଶି ନୂତନ ତୃଣମୂଳ କଂଗ୍ରେସ ଗଠନ କଲେ। ନିର୍ବାଚନ ପୂର୍ବରୁ ଯେଉଁମାନେ ଅତ୍ୟନ୍ତ କୁତ୍ସିତ ଭାଷାରେ କଟୁ ସମାଲୋଚନା କରୁଥିଲେ ନିର୍ବାଚନ ପରେ ସେମାନେ ପ୍ରଶଂସାରେ ଶତମୁଖୀ। ପରମ ଶତ୍ରୁ ପରମ ମିତ୍ର ପାଲଟି ଯାଉଛି। ନିର୍ବାଚନ ପୂର୍ବରୁ ଦଳ ଡେଇଁବା ଆମ ଦେଶରେ ରାଜନୈତିକ ସଂସ୍କୃତି ପାଲଟି ଯାଇଛି। ଦେଶର ଜନଗଣ ମଧ୍ୟ ଏହାକୁ ଗ୍ରହଣ କରିନେଇଛନ୍ତି। ନିର୍ବାଚନ ପରେ ସାଧାରଣ ଲୋକେ କିଛି ସୁବିଧା ସୁଯୋଗ ପାଇବା ଆଶାରେ କ୍ଷମତାସୀନ ଦଳକୁ ଯାଆନ୍ତି। କିନ୍ତୁ ଗୋଟିଏ ଦଳରୁ ଜିଣି ଅନ୍ୟ ଦଳକୁ ଯିବା ଭୟରେ ନା ଭକ୍ତିରେ ତାହା ହିଁ ବିଚାର୍ଯ୍ୟ। ଯାହା ଦେଖାଯାଉଛି ଅଧିକାଂଶ କ୍ଷେତ୍ରରେ ଭୟ ଗ୍ରାସ କରୁଛି ଏହି ନେତାମାନଙ୍କୁ। ସଭିଏଁ ଅନୁଭବ କଲେଣି ଶାସକ ଶ୍ରେଣୀରେ ରହିଲେ ସବୁପ୍ରକାର ଅପକର୍ମକୁ ଲୁଚାଇ ହେବ। ଅଧିକନ୍ତୁ ଉଦ୍‌ବୃତ୍ତ କ୍ଷମତାର ଉପଭୋଗ କରିହେବ ଯଦି ମନ୍ତ୍ରୀ ପଦଟିଏ ମିଳିଗଲା। ମାତ୍ର ଏହି କ୍ଷେତ୍ରରେ ରାଜନୈତିକ ଦଳମାନଙ୍କୁ ଅଧିକ ଦାୟୀ କରାଯାଇ ପାରେ। ଦଳର ଦୁର୍ନୀତି ସହିତ ସାଲିସ ଏବଂ ଆଦର୍ଶଗତ ବିଚ୍ୟୁତି ଯୋଗୁଁ ଏଭଳି ଘଟଣା ଘଟୁଛି ଯାହା ଗଣତନ୍ତ୍ରର ପକ୍ଷ ଛେଦନ କରୁଛି।

ବ୍ୟକ୍ତି ଓ ଦଳମାନଙ୍କର ଏଭଳି ଅବାଞ୍ଛିତ ପରିବର୍ତ୍ତନ ଗଣ କିମ୍ବା ଗଣତନ୍ତ୍ର କାହା ପାଇଁ ଶୁଭଙ୍କର ନୁହେଁ। ଏହା ଅନ୍ୟାୟ, ଅନୀତି ଓ ଦୁର୍ନୀତିକୁ ପ୍ରୋତ୍ସାହନ ଯୋଗାଏ। ବ୍ୟକ୍ତିବାଦର ଉତ୍ଥାନ ଘଟାଏ। ସୁବିଧାବାଦ ରାଜନୀତିକୁ ଲାଳନ ପାଳନ କରି ବଡ଼ କରାଏ। ଏହାକୁ ରୋକାଯାଇ ପାରିବ ଯଦି ଜନଗଣ ସଚେତନ ହେବେ। ଯେଉଁଦିନ ଜନଗଣ ନିର୍ଭୀକତାର ସହିତ ପ୍ରଶ୍ନ ପଚାରିବେ ଏବଂ ଏ ପ୍ରକାର ଅସାଧୁ, ଅନୈତିକ କାର୍ଯ୍ୟଗୁଡ଼ିକୁ ସାହସର ସହିତ ବିରୋଧ କରିବେ ସେହିଦିନ ପ୍ରକୃତ ଗଣତନ୍ତ୍ରର ପ୍ରତିଷ୍ଠା ସମ୍ଭବ ହେବ। ନହେଲେ ଆମେ କେବଳ ନିଜକୁ ଦୋଷ ଦେଇ ଚାଲିଥିବା ଏବଂ କହି ଚାଲିଥିବା 'ଯିଏ ଲଙ୍କାକୁ ଗଲା ସିଏ ରାବଣ ହେଲା।' ●

ମୋ : ୯୯୩୮ ୭୬୩୨୩୭

## କେବେ ପୂରଣ ହେବ ଭାରତର ବିଶ୍ୱକପ୍ ସ୍ୱପ୍ନ?

**ବରୁଣ କୁମାର ମହାପାତ୍ର**

ବିଶ୍ୱର ସବୁଠାରୁ ଲୋକପ୍ରିୟ ଖେଳ ଫୁଟବଲ୍। ତେଣୁ 'ଫିଫା ବିଶ୍ୱକପ୍'ରେ ଖେଳିବା ପ୍ରତ୍ୟେକ ଦେଶର ସ୍ୱପ୍ନ ହୋଇଥାଏ। ତେବେ ଫୁଟବଲର ଏହି ମହାକୁମ୍ଭରେ ୧୪୦ କୋଟି ଜନସଂଖ୍ୟା ବିଶିଷ୍ଟ ଭାରତର ଅନୁପସ୍ଥିତି ଦେଶବାସୀଙ୍କ ପାଇଁ ନିରାଶାର କାରଣ ହୋଇଆସିଛି। ବିଶ୍ୱକପ୍ ଯୋଗ୍ୟତା ଅର୍ଜନ କରିବାରେ ଭାରତର ଏପରି ବାରମ୍ବାର ବିଫଳତା ବିଶେଷଜ୍ଞମାନଙ୍କୁ ବିସ୍ମିତ କରିଛି। ଆମ ଦେଶରେ ଫୁଟବଲ୍ ପ୍ରତିଭାଙ୍କ ଅଭାବ ନାହିଁ। ଅଥଚ ଭାରତ ବିଶ୍ୱକପ ପାଇଁ ଯୋଗ୍ୟତା ହାସଲ କରିବାରେ ସଂଘର୍ଷ କରୁଛି। ଦିଲ୍ଲୀ ଠାରୁ ବି ଛୋଟ କ୍ୟୁରାସାଓ ଓ କେପ୍ ଭର୍ଦେ ଭଳି ଦେଶ ଚଳିତ ବିଶ୍ୱକପ୍‌ରେ ଖେଳୁଥିବା ବେଳେ ବିଶ୍ୱର ସର୍ବାଧିକ ଜନବହୁଳ ରାଷ୍ଟ୍ର କାହିଁକି ଯୋଗ୍ୟତା ଅର୍ଜନ କରିପାରୁ ନାହିଁ? କୋଉଠି ରହୁଛି ଅଭାବ? କେବେ ପୂରଣ ହେବ ଭାରତର ବିଶ୍ୱକପ୍ ସ୍ୱପ୍ନ?

ଏକଦା ଏସିଆରେ ଭାରତୀୟ ଫୁଟବଲର ଏକ ସ୍ୱତନ୍ତ୍ର ପରିଚୟ ଥିଲା। ଭାରତ ୧୯୬୨ ଏସିଆନ୍ ଗେମ୍ସରେ ସ୍ୱର୍ଣ୍ଣପଦକ ଜିତିଥିଲା। ଏପରିକି ୧୯୫୦ 'ଫିଫା' ବିଶ୍ୱକପ୍ ପାଇଁ ଭାରତ ଯୋଗ୍ୟତା ଅର୍ଜନ କରିଥିଲା। କିନ୍ତୁ ଆର୍ଥିକ ପ୍ରତିବନ୍ଧକ ଓ ଅନ୍ତର୍ଜାତୀୟ ଯାତ୍ରା ସମ୍ପର୍କରେ ସଚେତନତାର ଅଭାବ ଯୋଗୁଁ ଦଳ ବିଶ୍ୱକପରୁ ଓହରି ଯାଇଥିଲା। ସମୟକ୍ରମେ ଅନ୍ୟ ଦେଶଗୁଡ଼ିକ ଦ୍ରୁତ ଅଗ୍ରଗତି କରିଥିବା ବେଳେ ଭାରତ ପଛରେ ପଡ଼ିଯାଇଥିଲା। ଆଜି ଜାପାନ, ଦକ୍ଷିଣ କୋରିଆ, ଅଷ୍ଟ୍ରେଲିଆ, ସାଉଦି ଆରବ, କତାର ଭଳି ଦେଶ ବିଶ୍ୱକପ୍‌ରେ ନିୟମିତ ଖେଳୁଛନ୍ତି। କିନ୍ତୁ ଭାରତ ଯୋଗ୍ୟତା ପର୍ଯ୍ୟାୟ ପର୍ଯ୍ୟନ୍ତପହଞ୍ଚି ପାରୁନାହିଁ।

ଭାରତୀୟ ଫୁଟବଲର ଏହି ଅନ୍ତହୀନ ଦୁର୍ଦ୍ଦଶାର ପ୍ରମୁଖ କାରଣ ହେଉଛି ତୃଣମୂଳ ସ୍ତରରେ ଫୁଟବଲର ଦୁର୍ବଳ ଭିତ୍ତି। ଫୁଟବଲ୍‌ରେ ସଫଳତା ସାଉଁଟିଥିବା ଦେଶଗୁଡ଼ିକରେ ୫-୬ ବର୍ଷ ବୟସରୁ ହିଁ ପିଲାମାନଙ୍କୁ ବୈଜ୍ଞାନିକ ଢଙ୍ଗରେ ପ୍ରଶିକ୍ଷଣ ଦିଆଯାଏ। ସ୍କୁଲ, କ୍ଲବ ଓ ସ୍ଥାନୀୟ ଲିଗ୍ ମଧ୍ୟରେ ସୁଦୃଢ଼ ସମନ୍ୱୟ ରହିଥାଏ। ଭାରତରେ ଏପରି ସୁବ୍ୟବସ୍ଥିତ ଏକାଡେମୀ ଓ ଦକ୍ଷ ପ୍ରଶିକ୍ଷକଙ୍କ ସଂଖ୍ୟା କେବଳ କିଛି ରାଜ୍ୟ ଓ ସହରରେ ସୀମିତ। ଫଳରେ ପ୍ରତିଭାର ଅଭାବ ନ ଥିଲେ ମଧ୍ୟ ଅନେକ ଖେଳାଳି ସଠିକ୍ ମାର୍ଗଦର୍ଶନ ପାଉ ନାହାନ୍ତି। ଦ୍ୱିତୀୟ ବଡ଼ ସମସ୍ୟା ହେଉଛି ଭିତ୍ତିଭୂମିର ଅଭାବ। ଉନ୍ନତମାନର ଫୁଟବଲ ପଡ଼ିଆ, ପ୍ରଶିକ୍ଷଣ କେନ୍ଦ୍ର, କ୍ରୀଡ଼ା ବିଜ୍ଞାନ, ଫିଟନେସ୍ ବ୍ୟବସ୍ଥା, ଫିଜିଓଥେରାପି ଓ ଆଧୁନିକ କୋଚିଂ ସୁବିଧା ଏପର୍ଯ୍ୟନ୍ତ ସମଗ୍ର ଦେଶରେ ଉପଲବ୍ଧ ନୁହେଁ। ଆଜିର ଫୁଟବଲ କେବଳ ଦକ୍ଷତାର ଖେଳ ନୁହେଁ; ବରଂ ଏହା ବୈଜ୍ଞାନିକ ଢଙ୍ଗରେ ପ୍ରସ୍ତୁତି, ଶାରୀରିକ କ୍ଷମତା ଓ ମାନସିକ ଦୃଢ଼ତାର ଏକ ପରୀକ୍ଷା। ଏହିସବୁ ମାନଦଣ୍ଡରେ ଆମର ଖେଳାଳି ଅନ୍ୟ ଦେଶମାନଙ୍କଠାରୁ ପଛରେ ପଡ଼ିଯାଇଛନ୍ତି।

ଆମ ଦେଶରେ କ୍ରିକେଟ୍ ଖେଳର ଲୋକପ୍ରିୟତା ମଧ୍ୟ ଫୁଟବଲର ବିକାଶରେ କିଛିମାତ୍ରାରେ ଅନ୍ତରାୟ ସୃଷ୍ଟି କରୁଛି। ଆଇପିଏଲ୍ ଯୁଗରେ ପ୍ରତିଭାଶାଳୀ ଯୁବକମାନେ ଅଧିକ ରୋଜଗାର, ଖ୍ୟାତି ପାଇଁ କ୍ରିକେଟକୁ ପସନ୍ଦ କରୁଛନ୍ତି। ଫୁଟବଲରେ ଏପର୍ଯ୍ୟନ୍ତ ସେହିସ୍ତରର ଆର୍ଥିକ ସୁରକ୍ଷା ଓ ପେଶାଦାର ସୁଯୋଗ ସୃଷ୍ଟି ହୋଇପାରିନାହିଁ। ଆଇପିଏଲ୍ ଢାଞ୍ଚାରେ ୨୦୧୪ରେ ଇଣ୍ଡିଆନ୍ ସୁପର ଲିଗ୍ (ଆଇଏସ୍ଏଲ୍) ଆରମ୍ଭ ହେବା ପରେ ଭାରତୀୟ ଫୁଟବଲ୍ ପାଇଁ ଆଶା ସଞ୍ଚାର ହୋଇଥିଲା। ହେଲେ ଭାରତୀୟ ଫୁଟବଲ୍ ସଂଘ (ଏଆଇଏଫ୍ଏଫ୍)ର ଅଣପେଶାଦାର ମନୋବୃତ୍ତି ଯୋଗୁଁ ଏହି ଲିଗ୍ ପାଇଁ ଏବେ ପ୍ରାୟୋଜକ ଖୋଜିବା କଷ୍ଟକର ହୋଇପଡ଼ିଛି।

ବିଶ୍ୱର ଏକ ଅଗ୍ରଣୀ ଫୁଟବଲ୍ ଦେଶ ହେବାକୁ ହେଲେ ଭାରତକୁ କେବଳ ଏସିଆର ଶ୍ରେଷ୍ଠ ଦଳଗୁଡ଼ିକ ବିପକ୍ଷରେ ନିୟମିତ ଭାବେ ଖେଳିବାକୁ ପଡ଼ିବନି, ବରଂ ସେମାନଙ୍କର ବୈଷୟିକ ମାନଦଣ୍ଡ ଏବଂ ଗତି ସହିତ ତାଳ ଦେଇ ଆଗକୁ ବଢ଼ିବାକୁ ହେବ। ବିଶ୍ୱର ଶ୍ରେଷ୍ଠ ତଥା ତୀବ୍ର ପ୍ରତିଯୋଗିତାମୂଳକ ଲିଗ୍ ଭାବେ ବିବେଚିତ ୟୁରୋପୀୟ ଓ ଦକ୍ଷିଣ ଆମେରିକୀୟ ଫୁଟବଲ୍ ଲିଗ୍‌ରେ ଆମ ଖେଳାଳିମାନଙ୍କର ଖେଳିବାର ଅଭିଜ୍ଞତା ସୀମିତ। ଏହାଛଡ଼ା ଭାରତୀୟ ଫୁଟବଲ ପ୍ରଶାସନରେ ସ୍ୱଚ୍ଛତା, ସ୍ପଷ୍ଟ ରୋଡମ୍ୟାପ୍‌ର ଅଭାବ ଓ ବାରମ୍ବାର ନୀତି ପରିବର୍ତ୍ତନ ମଧ୍ୟ ଏହି ଖେଳର ବିକାଶରେ ବାଧକ ସାଜିଛି। କୌଣସି ଦେଶ ବର୍ଷେ କିମ୍ବା ଦୁଇ ବର୍ଷରେ ବିଶ୍ୱକପ୍ ଦଳ ପ୍ରସ୍ତୁତ କରି ନ ଥାଏ। ଏଥିପାଇଁ ୧୦ରୁ ୧୫ ବର୍ଷର ନିରନ୍ତର ଯୋଜନା, ଧୈର୍ଯ୍ୟ ଓ ସୁସଂଗଠିତ କାର୍ଯ୍ୟକ୍ରମ ଆବଶ୍ୟକ। ଫୁଟବଲ୍ ପ୍ରଶାସନ ପେଶାଦାର ଏବଂ ଦୂରଦୃଷ୍ଟିସମ୍ପନ୍ନ ନହେବା ଯାଏଁ ବିଶ୍ୱକପ୍ ଖେଳିବା ଲକ୍ଷ୍ୟ ଅଧୁରା ରହିବ।

ପ୍ରଥମେ ସ୍କୁଲସ୍ତରରୁ ଫୁଟବଲକୁ ଏକ ସଂଗଠିତ ଆନ୍ଦୋଳନରେ ପରିଣତ କରିବାକୁ ପଡ଼ିବ। ପ୍ରତ୍ୟେକ ଜିଲ୍ଲାରେ ଫୁଟବଲ ଏକାଡେମୀ, ନିୟମିତ ଯୁବ ଲିଗ୍ ଓ ପ୍ରତିଭା ଚିହ୍ନଟ ବ୍ୟବସ୍ଥା ଗଢ଼ି ଉଠିବା ଦରକାର। ଅଭିଜ୍ଞ ଦେଶୀ ଓ ବିଦେଶୀ ପ୍ରଶିକ୍ଷକଙ୍କ ସହାୟତାରେ ଯୁବ ଖେଳାଳିଙ୍କୁ ବୈଜ୍ଞାନିକ ପ୍ରଶିକ୍ଷଣ ଦେବା ଆବଶ୍ୟକ। ଜାତୀୟ ଲିଗ୍‌କୁ ଅଧିକ ପ୍ରତିଯୋଗିତାମୂଳକ କରିବା ସହ ଯୁବ ଭାରତୀୟ ଖେଳାଳିଙ୍କୁ ନିୟମିତ ସୁଯୋଗ ଦେବା ଦରକାର। ଏହାଛଡ଼ା ଶକ୍ତିଶାଳୀ ଦଳମାନଙ୍କ ସହ ନିୟମିତ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ ଖେଳିବା ଦ୍ୱାରା ଆମ ଖେଳାଳିଙ୍କ ଦକ୍ଷତା ଓ ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ସେମାନେ ଅନ୍ତର୍ଜାତୀୟ ସ୍ତରରେ ଅଭିଜ୍ଞତା ହାସଲ କରିବେ। ଭାରତୀୟ ଫୁଟବଲ ସଂଘକୁ ଏପରି ପ୍ରତିଯୋଗିତାମୂଳକ ମ୍ୟାଚ୍ ସଂଖ୍ୟା ବୃଦ୍ଧି କରିବା ଆବଶ୍ୟକ।

ସରକାର, ଫୁଟବଲ ସଂଘ, କର୍ପୋରେଟ୍ ସଂସ୍ଥା, ଶିକ୍ଷାନୁଷ୍ଠାନ ଏବଂ ସମାଜର ସମସ୍ତ ଅଂଶୀଦାର ଏକାଠି କାମ କଲେ ଭାରତୀୟ ଫୁଟବଲରେ ନୂଆ ଅଧ୍ୟାୟ ଆରମ୍ଭ ହୋଇପାରିବ। କେବଳ ସ୍ୱଳ୍ପକାଳୀନ ସଫଳତା ନୁହେଁ, ବରଂ ଦୀର୍ଘମିଆଦୀ ଲକ୍ଷ୍ୟକୁ ଆଖିଆଗରେ ରଖି ଏଥିରେ ନିବେଶ କରିବାକୁ ହେବ। ବିଶ୍ୱକପ୍‌ରେ ଭାରତ ଖେଳିବା କଷ୍ଟକର ହୋଇଥିଲେ ମଧ୍ୟ ଅସମ୍ଭବ ନୁହେଁ। ଆବଶ୍ୟକ କେବଳ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱ, ସ୍ୱଚ୍ଛ ପ୍ରଶାସନ, ନିରନ୍ତର ପରିଶ୍ରମ ଓ ଦୀର୍ଘମିଆଦୀ ଯୋଜନା। ଏହା ହୋଇପାରିଲେ 'ଫିଫା' ବିଶ୍ୱକପ୍ ମଞ୍ଚରେ ତ୍ରିରଙ୍ଗା ଉଡ଼ିବ ଏବଂ ଭାରତୀୟ ଫୁଟବଲପ୍ରେମୀଙ୍କ ସ୍ୱପ୍ନ ସାକାର ହେବ। ●

ବ୍ରହ୍ମପୁର, ମୋ:୭୦୦୮୦୭୮୩୯୬

## ଶ୍ରୀମନ୍ଦିରରେ ରାଧାଦାମୋଦର ବେଶ

**ବ୍ରଜକିଶୋର ଦାଶ**

### ତତ୍ତ୍ୱ ଓ ତଥ୍ୟରେ ଶ୍ରୀଜଗନ୍ନାଥ



ଅଳଙ୍କାର ପ୍ରିୟ ହରି। ଏହି ଆପ୍ତବାକ୍ୟ ଅନୁସାରେ ଶ୍ରୀଜଗନ୍ନାଥ ଅଳଙ୍କାର ପ୍ରିୟ ଦେବତା। ଶ୍ରୀଜଗନ୍ନାଥଙ୍କ ବେଶ ପରିପାଟିରୁ ଜଣାଯାଏ, ମହାପ୍ରଭୁ ଚାରିପ୍ରକାର ଅଳଙ୍କାର ଯଥା ବସ୍ତ୍ର ଅଳଙ୍କାର, ପୁଷ୍ପ ଅଳଙ୍କାର, ସୁବର୍ଣ୍ଣ ଅଳଙ୍କାର ଓ ସୋଲ, ଜରି ଜମ୍ବୁରା ନିର୍ମିତ ଅଳଙ୍କାରରେ ଭୂଷିତ ହୋଇଥା'ନ୍ତି। ଭାରତର କୌଣସି ଦେବମନ୍ଦିରରେ ଠାକୁରମାନଙ୍କୁ ଏଭଳି ଆକର୍ଷଣୀୟ ବହୁବିଧ ସାମଗ୍ରୀ ତଥା ଅଳଙ୍କାରରେ ମଣ୍ଡିତ କରିବାର ଦେଖାଯାଏ ନାହିଁ।

ପୁରାଣ ବର୍ଣ୍ଣିତ ବିଭିନ୍ନ ଲୀଳାକୁ ଆଧାର କରି ବର୍ଷସାରା ଶ୍ରୀମନ୍ଦିରରେ ଅନେକ ବେଶ ଅନୁଷ୍ଠିତ ହେଉଛି। ବାରମାସରେ ବିଷ୍ଣୁଙ୍କୁ ବାରଟି ନାମରେ ନାମିତ କରାଯାଇଛି। କାର୍ତ୍ତିକ ମାସରେ ବିଷ୍ଣୁଙ୍କର ନାମ ଦାମୋଦର। ଏହିମାସରେ ଶ୍ରୀମନ୍ଦିରରେ ରାଧାଦାମୋଦର ବେଶ ଅନୁଷ୍ଠିତ ହେଉଥିବା କଥା ସମସ୍ତେ ଜାଣନ୍ତି। କିନ୍ତୁ ପ୍ରକୃତପକ୍ଷେ ରାଧାଦାମୋଦର ବେଶ ଶ୍ରୀମନ୍ଦିରରେ ଆଶ୍ୱିନ ଶୁକ୍ଳପକ୍ଷ ଏକାଦଶୀଠାରୁ କାର୍ତ୍ତିକ ଶୁକ୍ଳପକ୍ଷ ଦଶମୀ ପର୍ଯ୍ୟନ୍ତ ଏକମାସ ହୋଇଥାଏ। କେତେକ ଆଲୋଚକଙ୍କ ମତରେ ରାଇଦାମୋଦର ପୂଜାର କଥାବସ୍ତୁକୁ ନେଇ ରାଧାଦାମୋଦର ବେଶ ହେଉଥିବାର କୁହାଯାଏ। ରାଧା ଓ କୃଷ୍ଣଙ୍କୁ ନେଇ ବିଭିନ୍ନ ଗ୍ରନ୍ଥରେ ଏ ପୂଜା ସମ୍ବନ୍ଧରେ ଉଲ୍ଲେଖ ଥିବା ଜଣାଯାଏ। ଏପରିକି କେହିକେହି ରାଧାଦାମୋଦର ବେଶ ଶ୍ରୀଚୈତନ୍ୟଙ୍କ ପ୍ରେରଣାରେ ପ୍ରତାପରୁଦ୍ରଦେବଙ୍କ ସମୟରେ ଆରମ୍ଭ ହୋଇଥିବାର କହୁଥିଲା ବେଳେ ଅନ୍ୟ କେହି ଜୟଦେବ ଓ ନିମ୍ବାର୍କ ରାଧାକୃଷ୍ଣ ଯୁଗଳ ମୂର୍ତ୍ତିର ଉପାସକ ଥିବାରୁ ଏବଂ ସେ ନିମ୍ବାର୍କ ସଂପ୍ରଦାୟର ମଠରେ ରହୁଥିବାରୁ ତାଙ୍କ ସମୟରୁ ଏହାର ପ୍ରାରମ୍ଭ ହୋଇ ଥାଇପାରେ କେହି କହିଥା'ନ୍ତି। ଏହା ଗବେଷଣାସାପେକ୍ଷ।

ଶ୍ରୀମନ୍ଦିରରେ ଅନୁଷ୍ଠିତ ରାଧାଦାମୋଦର ବେଶ ଏହିପରି। ଅବକାଶ ନୀତି ବଢ଼ିବା ପରେ ସବୁଦିନ ପରି ଶ୍ରୀବିଗ୍ରହଙ୍କୁ ବାରଲାଗି ପାଟ ପରିଧାନ କରାଯାଇଥାଏ। ରବିବାର ନାଲିରଙ୍ଗ, ସୋମବାର ଧଳାଛିଟ ମିଶା ଶୁକ୍ଳରଙ୍ଗ, ମଙ୍ଗଳବାର ପାଞ୍ଚରଙ୍ଗ ମିଶା ବାରପାଟିଆ, ବୁଧବାର ନୀଳରଙ୍ଗ, ଗୁରୁବାର ହଳଦିଆ ରଙ୍ଗ, ଶୁକ୍ରବାର ଶୁକ୍ଳରଙ୍ଗ ଓ ଶନିବାର କଳାରଙ୍ଗର ପାଟ ଠାକୁରମାନେ ପରିଧାନ କରିଥା'ନ୍ତି। ରାଧାଦାମୋଦର ବେଶରେ ମା'ସୁଭଦ୍ରା ବାରଲାଗି ପାଟ ଉପରେ ପ୍ରତିଦିନ ନାଲି ଲେହେଙ୍ଗା ପରିଧାନ କରିଥା'ନ୍ତି। ସେହିପରି ଶ୍ରୀସୁଦର୍ଶନ ଏକାରଙ୍ଗର ନାଲି କୁଞ୍ଚ ପ୍ରତିଦିନ ଲାଗି ହୁଅନ୍ତି। ରାଧାଦାମୋଦର ବେଶରେ ବସ୍ତ୍ରର ଏ ପ୍ରକାର ବ୍ୟତିକ୍ରମ ପରିଲକ୍ଷିତ ହୋଇଥାଏ। ଦୁଇଠାକୁର ଏ ବେଶରେ କାନ୍ଧପଇଟି ଲାଗି ହୁଅନ୍ତି। ଶ୍ରୀଜୀଉଙ୍କର ସ୍କନ୍ଧଦେଶରେ ଲାଗି ହେଉଥିବା ଏହା ଏକ ବାଇଶିହାତିଆ ଚାଦର, ଉତ୍ତରୀୟ ବା କାନ୍ଧବସ୍ତ୍ର ଅଟେ। ଏହି କାନ୍ଧପଇଟି ବାର ଅନୁସାରେ ନିଶ୍ଚିତ ନ ହୋଇ ବାରଲାଗି ପାଟର ରଙ୍ଗର ଦେଖି ନାଲି, ନୀଳ କିମ୍ବା ହଳଦିଆ ରଙ୍ଗର ହୋଇଥାଏ। ରାଧାଦାମୋଦର ବେଶରେ ଲାଗି ହେଉଥିବା ସମସ୍ତ ବସ୍ତ୍ର ଚାଙ୍ଗଡ଼ା ମେକାପ ଯୋଗାଉଥିବା ବେଳେ ମା'ସୁଭଦ୍ରାଙ୍କ ନାଲି ଲେହେଙ୍ଗା, ଶ୍ରୀସୁଦର୍ଶନଙ୍କ କୁଞ୍ଚ ଓ ଦୁଇଠାକୁରଙ୍କ କାନ୍ଧପଇଟି ସୁବର୍ଣ୍ଣ ଅଳଙ୍କାର ସହିତ ଭଣ୍ଡାରମେକାପ ସେବକ ଯୋଗାଇଥା'ନ୍ତି।

ଏ ବେଶରେ ତିଳକ ବ୍ୟତୀତ ଛଅ ମୂର୍ତ୍ତି ସୁବର୍ଣ୍ଣ ଅଳଙ୍କାର ଯଥା, ଘାଗଡ଼ା ମାଳି, ଚନ୍ଦ୍ରସୂର୍ଯ୍ୟ ଓ ଓଡ଼ିଆଣି, ଚନ୍ଦ୍ରିକା ନଳୀଭୁଜ ଓ କୁଣ୍ଡଳ ଲାଗି ହୁଅନ୍ତି। ତିନିବିଗ୍ରହଙ୍କ ଶ୍ରୀଅଙ୍ଗରେ ସୁବର୍ଣ୍ଣ ଘାଗଡ଼ା ମାଳି, କପାଳରେ ସୂର୍ଯ୍ୟଚନ୍ଦ୍ର (ସୁନାର ଧାରେ ଜହ୍ନ ଉପରେ ସୂର୍ଯ୍ୟଭଳି ଏକ ମସ୍ତକ ଆଭୁଷଣ), ଓଡ଼ିଆଣି (ଠାକୁରଙ୍କ କଟି ଦେଶରେ ଏକ ପ୍ରକାର ଅଳଙ୍କାର ଯାହାକୁ କମରପଟି ବୋଲି କୁହାଯାଏ, ଅଣ୍ଟାଲୁଗାକୁ ଧରି ରଖିବା ପାଇଁ ଏକ ଅଳଙ୍କାର) ଏବଂ ଦୁଇ ଠାକୁରଙ୍କୁ ଚନ୍ଦ୍ରିକା ଲାଗି କରାଯାଏ। ପ୍ରତିଦିନ ଅନୁଷ୍ଠିତ ହେଉଥିବା ବଡ଼ସିଂହାର ବେଶରେ ଶ୍ରୀବିଗ୍ରହଙ୍କୁ ତୁଳସୀ ଘେରା ଗଭା ଉପରେ ଦୟଣାମାଳୀ ସେବକ ପ୍ରସ୍ତୁତ କରି ଦେଇଥିବା ତିନି ପୁଷ୍ପ ଚନ୍ଦ୍ରିକା ଲାଗି ହେଉଥିଲେ ହେଁ ରାଧାଦାମୋଦର ବେଶରେ ମା'ସୁଭଦ୍ରାଙ୍କୁ ସୁବର୍ଣ୍ଣ ଚନ୍ଦ୍ରିକା ଲାଗି ହୋଇ ନ ଥାଏ। ଏପରିକି ଏ ମାସକ ମଧ୍ୟରେ ପଡୁଥିବା ଶନିବାର ଦିନମାନଙ୍କରେ କୌଣସି ବିଗ୍ରହ ସୁବର୍ଣ୍ଣ ଚନ୍ଦ୍ରିକା ଲାଗି ହୋଇ ନ ଥା'ନ୍ତି। ଏତଦ୍‌ବ୍ୟତୀତ ଦୁଇଠାକୁର କର୍ଣ୍ଣରେ କୁଣ୍ଡଳ ପରିଧାନ କରିଥିଲା ବେଳେ ମା'ସୁଭଦ୍ରାଙ୍କ ମସ୍ତକରେ ତଡ଼ଗି ଲାଗିହୁଏ। ପ୍ରତ୍ୟେକ ସୁନାବେଶରେ ଦୁଇଠାକୁରଙ୍କୁ ଶ୍ରୀଭୁଜ ଲାଗି ହେଉଥିବା ବେଳେ ରାଧାଦାମୋଦର ବେଶରେ ଦୁଇଠାକୁରଙ୍କୁ ନଳିଭୁଜ ଲାଗି ହୋଇଯାଏ। ଶ୍ରୀଭୁଜ ମହାପ୍ରଭୁଙ୍କର ସୁବର୍ଣ୍ଣ ନିର୍ମିତ ହସ୍ତଯୁଗଳ, ଯେଉଁଥିରେ ଶ୍ରୀଜଗନ୍ନାଥ ରୌପ୍ୟ ଶଙ୍ଖ ଓ ସୁବର୍ଣ୍ଣ ଚକ୍ର ଧରିଥିଲା ବେଳେ ଶ୍ରୀବଳଭଦ୍ର ହଳ ଓ ମୂଷଳ ଧାରଣ କରିଥା'ନ୍ତି। ନଳିଭୁଜ ଶ୍ରୀଜୀଉଙ୍କର ହସ୍ତର ଅଗ୍ରଭାଗକୁ ଆବୃତ କଲା ଭଳି ଏକ ସୁବର୍ଣ୍ଣ ଆଭୁଷଣ ମାତ୍ର। ଏହି ନଳିଭୁଜର ବହିର୍ଭାଗରେ ଶ୍ରୀଜଗନ୍ନାଥଙ୍କ ନିମନ୍ତେ ଶଙ୍ଖଚକ୍ର ଓ ଶ୍ରୀବଳଭଦ୍ରଙ୍କ ନଳିଭୁଜରେ ହଳମୂଷଳ ଚିହ୍ନ ରହିଥାଏ।

ରାଧାଦାମୋଦର ବେଶରେ କମ୍ ପରିମାଣରେ ପୁଷ୍ପ ଅଳଙ୍କାର ଲାଗି ହୋଇଥାଏ। କେବଳ ଝୁମ୍ପା (ଶ୍ରୀମୁଖର ତିଳକ ତଳୁ ନାସାଗ୍ର ପର୍ଯ୍ୟନ୍ତ ଲମ୍ବିଥିବା ଏକ ପୁଷ୍ପ ଅଳଙ୍କାର), ଗୁଣା (ନାକଫୁଲ ପରି ଏକ ପୁଷ୍ପ ଭୂଷା, ଅଧରମାଳା (ଗଳାରେ ଶୋଭା ପାଉଥିବା ଏକ ପୁଷ୍ପ ମାଲ୍ୟ ଯାହା ଅଧର ପର୍ଯ୍ୟନ୍ତ ଲମ୍ବିଥାଏ) ଲାଗି ହୋଇଥାଏ। ଜରି, ଜମ୍ବୁରା ବା ସୋଲ ନିର୍ମିତ କୌଣସି ବେଶ ଉପକରଣ ଲାଗି ହୋଇ ନ ଥାଏ। କେବଳ ବାଉଁଶ ପାତିଆରେ ନିର୍ମିତ ଏକ ଟୋପର ବାରଲାଗି ପାଟ ରଙ୍ଗର ଲୁଗାରେ ଆବୃତ କରାଯାଇ ଦୁଇଠାକୁରଙ୍କର ଶ୍ରୀମସ୍ତକରେ ରଖାଯାଇ ତା'ଉପରେ ସୁବର୍ଣ୍ଣ ଚନ୍ଦ୍ରିକା ଲାଗି କରାଯାଇଥାଏ। ଅବକାଶ ନୀତିପରେ ଅନୁଷ୍ଠିତ ହେଉଥିବା ଏହି ବେଶ ସକାଳଧୂପ ପର୍ଯ୍ୟନ୍ତ ରହି ଭୋଗମଣ୍ଡପ ପୂଜା ପୂର୍ବରୁ ଓଲାଗି ହୋଇଥାଏ।

କାର୍ତ୍ତିକମାସରେ ଭଗବାନ ମତ୍ସ୍ୟ ଅବତାର ଧାରଣ କରି ଶଙ୍ଖାସୁରକୁ ବଧ କରିଥିଲେ। ବିଷ୍ଣୁ କାର୍ତ୍ତିକ ମାସରେ ଜଳରେ ନିବାସ କରୁଥିବାରୁ ପୁଣ୍ୟଲାଭ ନିମନ୍ତେ ତୀର୍ଥ ପୁଷ୍କରିଣୀରେ ପ୍ରାତଃ ସ୍ନାନ ପରେ ଶ୍ରୀକ୍ଷେତ୍ରବାସୀ ତଥା କାର୍ତ୍ତିକ ବ୍ରତଧାରୀ ଓ ହବିଷ୍ୟାଳୀମାନେ ଶ୍ରୀମନ୍ଦିରକୁ ଆସି ରାଧାଦାମୋଦର ବେଶ ଦର୍ଶନ ପୂର୍ବକ ନିଜକୁ କୃତାର୍ଥ ମଣିଥା'ନ୍ତି। ●

ମୋ: ୯୪୩୭ ୬୩୩୯୨୨



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ତାମିଲନାଡୁ ଗ୍ୟାସ୍ ଲିକ୍ ଘଟଣା: ଆଉ ଜଣେ ଯୁବତୀଙ୍କ ମୃତ୍ୟୁ

## ଦଲାଲ ମୁଣ୍ଡରେ ଦୋଷଦେଇ ଖସିଯିବେକି ସରକାରୀ ଅଧିକାରୀ ?

କେନ୍ଦୁଝର,୧।୭(ସମିସ): ତାମିଲନାଡୁର ତିରୁଭଲ୍ଲୁର ଜିଲ୍ଲା ପେରିୟାପାଲ୍ଲୀଆମ ନିକଟରେ ଥିବା ସେଣ୍ଟ ପିଟର୍ସ ପର୍ଲ ସି-ଫୁଡ ଏକ୍ସପୋର୍ଟ କମ୍ପାନୀରେ ଏମୋନିଆ ଗ୍ୟାସ ଲିକ ଘଟଣାରେ ଆଉ ଜଣେ ଓଡ଼ିଆ ଯୁବତୀଙ୍କ ମୃତ୍ୟୁ ହୋଇଛି। ମୃତ ଯୁବତୀ କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ବ୍ଲକ ଖରବା ଗ୍ରାମର ଭୀମ ଜୁଆଙ୍ଗଙ୍କ ଝିଅ ଅଞ୍ଜନା ଜୁଆଙ୍ଗ ବୋଲି ଜଣାପଡିଛି। ବୁଧବାର ବେଳକୁ ମୃତ୍ୟୁସଂଖ୍ୟା ୧୪ରେ ପହଞ୍ଚିଛି। ସମସ୍ତେ ପ୍ରାୟ ଜୁଆଙ୍ଗ ଜନଜାତି ବର୍ଗର ଅଟନ୍ତି। ଜିଲ୍ଲାରେ ଜନଜାତି ଜୁଆଙ୍ଗ ସଂଖ୍ୟା ଖୁବ କମ ହୋଇଥିବାବେଳେ ଅକାଳରେ ଏମାନଙ୍କ ମୃତ୍ୟୁ ହୋଇଛି। ସରକାରୀ କଳର ଅବ୍ୟବସ୍ଥା କାରଣରୁ ହୋଇଥିବାରୁ ଚିନ୍ତାର କାରଣ ସାଜିଛି। ଏଠାରୁ ଦଲାଲ ମାଧ୍ୟମରେ ତାମିଲନାଡୁ ଯାଇ ବିପଦସଂକୁଳ ଅବସ୍ଥାରେ ଜୁଆଙ୍ଗମାନେ କିପରି କାମ କରୁଛନ୍ତି ଏହି ଦୁର୍ଘଟଣା ଏକ ନମୁନା ମାତ୍ର। ଏହା ପ୍ରଶାସନର ଢିଲାପଣିଆ ଏବଂ ଦଲାଲଙ୍କ ସହିତ ଶ୍ରମ ବିଭାଗ କର୍ମଚାରୀଙ୍କ ଭିତିରି ସମ୍ପର୍କକୁ ଦର୍ଶଉଛି। ତେଲକୋଇ, ବାଂଶପାଳ, ହରିଚନ୍ଦନପୁର ସମେତ ବିଭିନ୍ନ ବ୍ଲକରେ ଅତିରିକ୍ତ ଶ୍ରମ ଅଧିକାରୀ ଦାୟିତ୍ୱରେ ରହିଛନ୍ତି. କିନ୍ତୁ ତାଙ୍କର ପରିସୀମା ଭିତରେ ଛୋଟ ଛୋଟ ଝିଅମାନେ ବେଆଇନ ଭାବେ ଦାଦନ ଖଟିବାକୁ ବାହାରକୁ ଯାଉଛନ୍ତି କିପରି ଏବଂ ବ୍ଲକ ଶ୍ରମ ଅଧିକାରୀମାନେ କିଛି ଜାଣି ପାରୁନାହାନ୍ତି କିପରି ତାକୁ ନେଇ ପ୍ରଶ୍ନ ହେଉଛି। ଶ୍ରମ ବିଭାଗର ବ୍ଲକସ୍ତରୀୟ ଅଧିକାରୀମାନେ ଦଲାଲମାନଙ୍କ ନାମରେ ଥାନାରେ ମାମଲା ରୁଜୁ କରି ନିଜ ଦାୟିତ୍ୱରୁ ଖସିଯିବାକୁ ଅଭିଯୋଗ ହେଉଛି।

## ଦଲାଲ ଶ୍ରୀକାନ୍ତ ଜୁଆଙ୍ଗ ନାଁରେ ଏକାଧିକ ଥାନାରେ ମାମଲା ରୁଜୁ

ତେଲକୋଇ: ତାମିଲନାଡୁ ଗ୍ୟାସ ଦୁର୍ଘଟଣାରେ କେନ୍ଦୁଝର ଜିଲ୍ଲାର ୧୪ ଜଣ ଶ୍ରମିକଙ୍କ ମୃତ୍ୟୁ ଘଟଣାରେ ଜିଲ୍ଲା ଶ୍ରମ ବିଭାଗ ସଂପୃକ୍ତ ଥିବା ଦଲାଲ ତଥା ଶିଶୁ ଶ୍ରମିକ ଚାଲାଣକାରୀ ଶ୍ରୀକାନ୍ତ ଜୁଆଙ୍ଗ ନାମରେ ବିଭିନ୍ନ ଥାନାରେ ଲିଖିତ ଅଭିଯୋଗ କରିଛି। ଅଭିଯୋଗ ଆଧାରରେ ଜିଲ୍ଲାର ତେଲକୋଇ, ପଣ୍ଡାପଡ଼ା, ହରିଚନ୍ଦନପୁର, ଦୈତାରି, ସଦର ଥାନା, କାଞ୍ଜିପାଣି, ନୟାକୋଟ ଆଦି ଥାନାରେ ମାମଲା ରୁଜୁ ହୋଇଛି। ତେଲକୋଇ ଥାନା ତାଳପଦା ପଞ୍ଚାୟତ ରଙ୍ଗମାଟିଆ ଗ୍ରାମର ଶ୍ରୀକାନ୍ତ ଜୁଆଙ୍ଗ ଜିଲ୍ଲାର ବିଭିନ୍ନ ସ୍ଥାନରୁ ନାବାଳିକାଙ୍କୁ ପ୍ରଲୋଭନ ଦେଖାଇ ତାମିଲନାଡୁସ୍ଥିତ ଏକ ଚିଙ୍ଗୁଡ଼ି ପ୍ରକ୍ରିୟାକରଣ ଫ୍ୟାକ୍ଟ୍ରିକୁ କାର୍ଯ୍ୟ କରିବାକୁ ଚାଲାଣ କରୁଥିଲା। ଗତ ୨୧ ତାରିଖ ଉକ୍ତ ଫ୍ୟାକ୍ଟ୍ରିରେ ଆମୋନିଆ ଗ୍ୟାସ ଲିକେଜ୍ ହେବାରୁ ଜିଲ୍ଲାର ୧୪ ଜଣ ଜୁଆଙ୍ଗ ଜନଜାତି ଶ୍ରମିକ ଜୀବନ ଯାଇଛି। ଯାହାକୁ ନେଇ ଶ୍ରମ ବିଭାଗ ଆଇନଗତ ପଦକ୍ଷେପ ନେଇଥିବା ଜଣାପଡ଼ିଛି।

## ବାଣପୁର ଭିଡ଼ହିଂସା

## ନିଜ ନିର୍ବାଚନମଣ୍ଡଳୀରେ ଆଇନ ରକ୍ଷାରେ ଫେଲ୍ ଆଇନମନ୍ତ୍ରୀ: ଓଜେସି

ଭୁବନେଶ୍ୱର,୧।୭(ସମିସ): ଆଇନମନ୍ତ୍ରୀଙ୍କ ନିଜ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବାଣପୁର ଠାରେ ଘଟିଥିବା ଭିଡ଼ ହିଂସାର ବର୍ବରତା ଓ ପୁଲିସର ନିଷ୍କ୍ରିୟତା ବିରୋଧରେ ବର୍ଷିଛି ଓଜେସି। ବୁଧବାର ପାର୍ଟି କାର୍ଯ୍ୟାଳୟ ଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ମନ୍ତ୍ରୀଙ୍କ ନିରବତା ଏବଂ ଆଇନଶୃଙ୍ଖଳା ପରିସ୍ଥିତିର ଅଧୋଗତିକୁ ନେଇ ପାର୍ଟିର ମିଡିଆ ସେଲ୍ ଅଧକ୍ଷ ପ୍ରଶାନ୍ତ ଶତପଥୀ ସରକାରଙ୍କୁ କଡ଼ା ସମାଲୋଚନା କରିଛନ୍ତି।

ସେ କହିଛନ୍ତି ଯେ ଗତ ୨୮ ଜୁନ୍ ଅପରାହ୍ନ ୪ଟା ସମୟରେ ତୋଫାନ ନାୟକ ନାମକ ୩୨ ବର୍ଷୀୟ ଦଳିତ ଯୁବକ ନିଜ ଗାଁ ଭୀମପୁର ଠାରୁ ପାଖରେ ଥିବା ଖଣତ ଗାଁକୁ ବୁଲିଯାଇଥିବାବେଳେ ଚୋର ସନ୍ଦେହରେ କିଛି ଅସାମାଜିକ ତତ୍ତ୍ୱ ଖୁଣ୍ଟରେ ବାନ୍ଧି ନିସ୍ତୁକ ପିଟିଲେ। ଗଛରୁ ନଡ଼ିଆ ତୋଳି ପରିବାର ନିର୍ବାହ କରୁଥିବା ଜଣେ ଗରିବ ଦଳିତ ପିଲାକୁ ପିଟି ପିଟି ମାରି ଦିଆଗଲା। ଘଟଣା ସମ୍ପର୍କରେ ପୁଲିସକୁ ଖବର ଦେବାପରେ ଦୁଇ ଘଣ୍ଟା ବିଳମ୍ବରେ ପୁଲିସ ଆସି ତୋଫାନଙ୍କୁ ଭିଡ଼ ହିଂସାରୁ ଉଦ୍ଧାର କରି ଥାନାକୁ ନେଲେ। ଥାନାରେ ସନ୍ଧ୍ୟା ୬ଟାରୁ ରାତି ୯ଟାଯାଏଁ ତାଙ୍କୁ ରଖାଗଲା। କିନ୍ତୁ ଗୁରୁତର ଭାବେ ଆହତ ହୋଇଥିଲେ ମଧ୍ୟ ତାଙ୍କୁ ଡାକ୍ତରଖାନାକୁ ନିଆଗଲା ନାହିଁ। କେଉଁ ଅଦୃଶ୍ୟ ଚାପରେ ପୁଲିସ ଭିଡ଼ ହିଂସାର ଶିକାର ଗୁରୁତର ଯୁବକଙ୍କୁ ଡାକ୍ତରଖାନାକୁ ନନେଇ ୩ ଘଣ୍ଟା ଥାନାରେ ରଖିବା ପରେ ତାଙ୍କ ବାପା ଭିକାରୀ ନାୟକଙ୍କ ପାଖରୁ ଟିପଚିହ୍ନ ମରା ଅଣ୍ଡରଟେକିଂ ରଖି ତାଙ୍କ ପରିବାରକୁ ହସ୍ତାନ୍ତର କରିଦେଲେ ତାହା ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ଅନ୍ୟପଟେ ଏହି ଘଟଣାକୁ ୨ ଦିନ ବିତି ଯାଇଥିଲେ ମଧ୍ୟ ଦୃର୍ବୃର୍ତ୍ତଙ୍କ ବିରୋଧରେ ପୁଲିସ କୌଣସି କାର୍ଯ୍ୟାନୁଷ୍ଠାନ ନେଇନଥିଲା। ଅତି ଅମାନବୀୟ ଘଟଣାକ୍ରମେ ପୁଅର ଶବକୁ ଭୁବନେଶ୍ୱରରେ ଛାଡ଼ି ବାପା ଭିକାରି ନାୟକ ୧୦୦ କିମି ଦୂର ବାଣପୁର ଯାଇ ଥାନାରେ ଜଣେଇଲା ପରେ ଏତଲା ପଞ୍ଜୀକରଣ କରାଯାଇଥିଲା।




ତୋଫାନଙ୍କୁ ଭିଡ଼ ହିଂସାରୁ ଉଦ୍ଧାର କରିବା ସମୟରେ ଦୃର୍ବୃର୍ତ୍ତଙ୍କୁ କାହା ଚାପରେ ପୁଲିସ ଗିରଫ କଲାନାହିଁ ବୋଲି ଶ୍ରୀ ଶତପଥୀ ପ୍ରଶ୍ନ କରିଛନ୍ତି। ଏହା ସହିତ ଏହି ଘଟଣାରେ ଦୋଷୀଙ୍କ ବରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ସାଙ୍ଗକୁ ଥାନାରେ ନିର୍ଯାତନା ଅଭିଯୋଗ ଉପରେ ତଦନ୍ତ ପାଇଁ ପାର୍ଟି ଦାବି କରିଛି। କର୍ତ୍ତବ୍ୟରେ ଅବହେଳା କରିଥିବା ପୁଲିସ ଅଧିକାରୀଙ୍କୁ ନିଲମ୍ବନ ସାଙ୍ଗକୁ ମୃତକଙ୍କ ପରିବାରକୁ ୫୦ ଲକ୍ଷ ଟଙ୍କାର ସହାୟତା ରାଶି ପ୍ରଦାନ କରିବା ସହ ନିଜ ନିର୍ବାଚନମଣ୍ଡଳୀରେ ଆଇନଶୃଙ୍ଖଳା ରକ୍ଷା କରିବାରେ ବ୍ୟର୍ଥ ଆଇନମନ୍ତ୍ରୀ ତାଙ୍କ ବିଭାଗରୁ ଇସ୍ତଫା ଦିଅନ୍ତୁ ବୋଲି ପାର୍ଟି ଦାବି କରିଛି। ଏହି ସାମ୍ବାଦିକ ସମ୍ମିଳନୀରେ ଦଳର ମୁଖପାତ୍ର ଶୁଭେନ୍ଦୁ ମଲ୍ଲିକ ଏବଂ ସୋମନାଥ ରାଉତ ଉପସ୍ଥିତ ଥିଲେ।

## ଓଡ଼ିଆ ଚଳଚ୍ଚିତ୍ର 'ଆଫା' କରମୁକ୍ତ

ଭୁବନେଶ୍ୱର,୧।୭(ସମିସ): ଚଳଚ୍ଚିତ୍ର ନିର୍ଦ୍ଦେଶକ ପ୍ରୀତିରାଜ ଶତପଥୀଙ୍କ ଦ୍ୱାରା ନିର୍ଦ୍ଦେଶିତ ଏବଂ ନୈନା ଦାଶ ତିୱାରୀଙ୍କ ଦ୍ୱାରା ପ୍ରଯୋଜିତ ଓଡିଆ ଚଳଚ୍ଚିତ୍ର 'ଆଫା'କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କରମୁକ୍ତ ଘୋଷଣା କରିଛନ୍ତି। ଏହି ଚଳଚ୍ଚିତ୍ରଟି ଅଙ୍ଗଦାନର ବିଷୟବସ୍ତୁ ଉପରେ ଆଧାରିତ। ମାନବିକତାକୁ




ପ୍ରେରଣା ଦେବା ଏବଂ ଯୁବସମାଜ ମଧ୍ୟରେ ସଚେତନତା ସୃଷ୍ଟି କରିବା ଦିଗରେ ଏହି ଚଳଚ୍ଚିତ୍ରର କାହାଣୀ ଖୁବ୍ ଗୁରୁତ୍ୱପୂର୍ଣ୍ଣ। ଏଥିରେ ଦୀର୍ଘଦିନ ଧରି ଗୁରୁତର ରୋଗରେ ପୀଡ଼ିତ ଏକ ୧୬ ବର୍ଷର ଝିଅ ନିଜ ଅଙ୍ଗ ଦାନ କରିବା ପାଇଁ ଆଗେଇ ଆସିଛି। ଜୀବନର ସମସ୍ତ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ଏହି ଅସୀମ ସାହସର ବିଷୟବସ୍ତୁକୁ ନେଇ ପ୍ରସ୍ତୁତ ଚଳଚ୍ଚିତ୍ରଟି ଏକ ସାମାଜିକ ଆଦର୍ଶ ସୃଷ୍ଟି କରିବାରେ ସଫଳ ହେବ ବୋଲି ଆଶା କରାଯାଉଛି।



### ପଶ୍ଚିମ ରେଳବାଇ - ରତଲାମ ମଣ୍ଡଳ

**ଇ-ଟେଣ୍ଡର ବିଜ୍ଞପ୍ତି**

ଟେଣ୍ଡର ନଂ.:SnT_RTM_PSSA_25_01_R ତାରିଖ:୨୯.୦୬.୨୦୨୬

1) କାର୍ଯ୍ୟର ନାମ : ପଶ୍ଚିମ ରେଳବାଇର ରତଲାମ ମଣ୍ଡଳର ସିଗ୍ନାଲ ଓ ଟେଲିକମ୍ (S&T) ବିଭାଗର ବିଭିନ୍ନ ପ୍ରକଳ୍ପ ପାଇଁ ପ୍ରୋଜେକ୍ଟ ସୁପରଭିଜନ ସର୍ଭିସେସ୍ ଏଜେନ୍ସି (PSSA) ନିଯୁକ୍ତି। 2) ଟେଣ୍ଡରର ଆନୁମାନିକ ମୂଲ୍ୟ : ଟ.9,06,75,098/- 3) ବିଡ୍ ସୁରକ୍ଷା / ଅମାନତ ଜମା : ଟ.18,13,500/- 4) ଟେଣ୍ଡର ଦସ୍ତାବେଜର ମୂଲ୍ୟ: ନିଃଶୁଳ୍କ (NIL) 5) ପ୍ରି-ବିଡ୍ ସମ୍ମିଳନୀ : 06.07.2026, ସମୟ 12:00 ଘଣ୍ଟା (IST) 6) ବିଡ୍ ଦାଖଲର ଶେଷ ତାରିଖ ଓ ସମୟ : 27.07.2026 ଦିନ 15:00 ଘଣ୍ଟା। 7) ଟେକ୍ନିକାଲ ବିଡ୍ ଖୋଲିବାର ତାରିଖ ଓ ସମୟ : 27.07.2026 ଦିନ 15:30 ଘଟିକା। 8) କମର୍ଶିଆଲ ବିଡ୍ ଖୋଲିବାର ତାରିଖ : ଟେକ୍ନିକାଲ ବିଡ୍ ମୂଲ୍ୟାଙ୍କନ ପରେ ପୃଥକ ଭାବେ ସୂଚନା ଦିଆଯିବ। 9) ପ୍ରସ୍ତାବର ବୈଧତା : ଟେଣ୍ଡର ଖୋଲିବା ତାରିଖ ଠାରୁ 120 ଦିନ। 10) କାର୍ଯ୍ୟ ସମାପ୍ତି ଅବଧି : ୨୪ ମାସ। 11) ଟେଣ୍ଡରିଂ ଶାଖାର କ୍ଷମତାପ୍ରାପ୍ତ ଅଧିକାରୀ ଓ ବିଡ୍ ଖୋଲିବା ସ୍ଥାନ : ଉପ ମୁଖ୍ୟ ସିଗ୍ନାଲ ଓ ଟେଲିକମ୍ ଇଞ୍ଜିନିୟର (ୱର୍କ୍ସ), ରତଲାମ, DRM କାର୍ଯ୍ୟାଳୟ, ରତଲାମ, ମଧ୍ୟପ୍ରଦେଶ। 12) ଇ-ଟେଣ୍ଡର ପୋର୍ଟାଲ : www.ireps.gov.in ଇ-ଟେଣ୍ଡର ପୋର୍ଟାଲରେ ଟେଣ୍ଡର ଦେଖିପାରିବେ ଏବଂ ପ୍ରସ୍ତାବ କେବଳ ସେହି ଇ-ଟେଣ୍ଡର ପୋର୍ଟାଲ ମାଧ୍ୟମରେ ଦାଖଲ କରିବାକୁ ହେବ। CRY/06/120

Like us on: facebook.com/WesternRly

### ଓଡିଶା ଆଦର୍ଶ ବିଦ୍ୟାଳୟ, ଅଇଁଳାଚୁଆଁ, କଣ୍ଟାମାଳ, ବୌଦ୍ଧ

**ବିଜ୍ଞାପନ**

**ଓଡିଶା ଆଦର୍ଶ ବିଦ୍ୟାଳୟ, ଅଇଁଳାଚୁଆଁ ଛାତ୍ରାବାସର ଅସ୍ଥାୟୀ ନିଯୁକ୍ତି ନିମନ୍ତେ ବିଜ୍ଞାପନ**

ଓଡିଶା ସରକାରଙ୍କ ଅଧୀନରେ ପରିଚାଳିତ ବୌଦ୍ଧ ଜିଲ୍ଲାର ଓଡିଶା ଆଦର୍ଶ ବିଦ୍ୟାଳୟ, (Non-KGBV) Warden, Head Cook, Assistant-Cook, Chowkidar cum Sweeper ପଦବୀ ପାଇଁ ଅସ୍ଥାୟୀ ନିୟୋଜନ ନିମନ୍ତେ ଯୋଗ୍ୟ ପ୍ରାର୍ଥୀଙ୍କ ଠାରୁ ନିର୍ଦ୍ଧାରିତ ଫର୍ମରେ ଦରଖାସ୍ତ ଆହ୍ୱାନ କରାଯାଉଅଛି । ଉକ୍ତ ପଦବୀ ପାଇଁ ଆବେଦନ କରୁଥିବା ପ୍ରାର୍ଥୀମାନେ ପୁରୁଷ ହେବା ଆବଶ୍ୟକ । ସମସ୍ତ ପଦବୀ ସମ୍ପୂର୍ଣ୍ଣ ଭାବରେ ଅସ୍ଥାୟୀ ଅଟେ । ଆବେଦନ ଫର୍ମରେ ଆବଶ୍ୟକ ପ୍ରମାଣପତ୍ର ସଂଲଗ୍ନ କରି ତା.୦୩.୦୭.୨୦୨୬ ରୁ ତା.୧୭.୦୭.୨୦୨୬ ମଧ୍ୟରେ ଓଡିଶା ଆଦର୍ଶ ବିଦ୍ୟାଳୟ, ଅଇଁଳାଚୁଆଁ ଠିକଣାରେ ରେଜିଷ୍ଟ୍ରି ପୋଷ୍ଟ / ସ୍ପିଡ୍ ପୋଷ୍ଟ / ସିଧାସଳଖ ବିଦ୍ୟାଳୟ କାର୍ଯ୍ୟାଳୟରେ, କେବଳ କାର୍ଯ୍ୟଦିବସରେ ସକାଳ ୧୦.୦୦ ରୁ ସଂଧ୍ୟା ୪.୦୦ ମଧ୍ୟରେ ଆବେଦନ କରିବା ଆବଶ୍ୟକ । ବିଜ୍ଞାପନର ସମ୍ପୂର୍ଣ୍ଣ ବିବରଣୀ ଏବଂ ଆବେଦନ https://boudh.odisha.gov.in ଏବଂ https://oav.edu.in/OAVAIN ରେ ଉପଲବ୍ଧ ଅଟେ ।

ସ୍ୱା/ ଅଧକ୍ଷ
ଓଡିଶା ଆଦର୍ଶ ବିଦ୍ୟାଳୟ, ଅଇଁଳାଚୁଆଁ

### ପଶ୍ଚିମ ରେଳବାଇ - ରତଲାମ ମଣ୍ଡଳ

**ଇ-ଟେଣ୍ଡର ବିଜ୍ଞପ୍ତି**

1) ଇ-ଟେଣ୍ଡର ନଂ.: RTM-2026-27-63, 2) କାର୍ଯ୍ୟର ନାମ: GDA–NAD ସେକ୍ସନର ମେଘନଗର ଏବଂ ଦାହୋଦ ଷ୍ଟେସନରେ ସାମଗ୍ରୀ ଶେଡ଼ର ଆବରଣ (କଭର୍ ଶେଡ) ନିର୍ମାଣ ଏବଂ ପୃଷ୍ଠଭାଗର ଉନ୍ନତିକରଣ କାର୍ଯ୍ୟ। 3) ଆନୁମାନିକ ପରିମାଣ : ବିସ୍ତୃତ ଟେଣ୍ଡର ସୂଚନାନୁସାରେ। 4) ଟେଣ୍ଡରର ଆନୁମାନିକ ମୂଲ୍ୟ : ଟ.22,36,87,576.70 5) ଅମାନତ ରାଶି : ଟ.44,73,800.00, 6) କାର୍ଯ୍ୟ ସମାପ୍ତି ଅବଧି : 24 ମାସ। 7) ୱେବସାଇଟ୍‌ରେ ଅପଲୋଡ୍ ତାରିଖ : 26.06.2026, 8) ଟେଣ୍ଡର ଖୋଲିବାର ତାରିଖ : 20.07.2026। ବିସ୍ତୃତ ଟେଣ୍ଡର ବିଜ୍ଞପ୍ତି, ଯୋଗ୍ୟତା ମାନଦଣ୍ଡ ଏବଂ ସର୍ତ୍ତାବଳୀ www.ireps.gov.in ୱେବସାଇଟ୍‌ରେ ଉପଲବ୍ଧ। CRY/06/121

Like us on: facebook.com/WesternRly

### AFFIDAVIT

I, Hemanta Kumar Mohanty, aged about 52 years, S/o- Durga Charan Mohanty, resident of At- GA Plot No.54, Rev. Plot No.384, Flat No. S-4, Sourya Complex, Surya Nagar, Near OUAT, Khandagiri, Bhubaneswar, Dist- Khordha, PIN-751003, Odisha declared by this affidavit No. 1332, dtd- 01/07/2026 that now onwards I shall be known as **HEMANT KUMAR MOHANTY** for all future purposes.

### ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ
### ନିୟନ୍ତ୍ରିତ ବଜାର କମିଟି, କୋରାପୁଟ , ଜିଲ୍ଲା : କୋରାପୁଟ

ନିର୍ବାଚନ ନୋଟିସ ସଂଖ୍ୟା : ୧୨୨୧ /୨୦୨୬ ତା: ୦୧/୦୭/୨୦୨୬

୧୯୫୬ ମସିହା ଓଡିଶା କୃଷିଜାତ ଦ୍ରବ୍ୟ ବିପଣନ ଆଇନର ଧାରା ୬ ଓ ୧୯୫୮ ମସିହା ଓଡିଶା କୃଷିଜାତ ଦ୍ରବ୍ୟ ବିପଣନ ନିୟମ ୩ ରୁ ୨୪ ଅନୁସାରେ ଏବଂ କୋରାପୁଟ ଜିଲ୍ଲାପାଳଙ୍କ ଆଦେଶନାମାନୁସାରେ ଆମଠାରେ ନ୍ୟସ୍ତ ହୋଇଥିବା କ୍ଷମତା ଅନୁଯାୟୀ ଆମ୍ଭେ ଶ୍ରୀ ଚନ୍ଦ୍ର ସେଠିଆ, ଓ.ସି.ଏସ (୨), ସହକାରୀ ନିବନ୍ଧକ, ସମବାୟ ସମିତି ସମୂହ, କୋରାପୁଟ ତଥା ନିର୍ବାଚନ ଅଧିକାରୀ, ନିୟନ୍ତ୍ରିତ ବଜାର କମିଟି, କୋରାପୁଟ ଏତଦ୍ୱାରା ଘୋଷଣା କରୁଅଛୁ ଯେ, ଉକ୍ତ କମିଟିର ସଦସ୍ୟ ନିର୍ବାଚନ ନିମ୍ନଲିଖିତ କାର୍ଯ୍ୟସୂଚୀ ଅନୁଯାୟୀ ଆସନ୍ତା ତା ୨୩.୦୮.୨୦୨୬ ରିଖ (ରବିବାର) ଦିନ ଅନୁଷ୍ଠିତ ହେବ । ଅତଏବ କୋରାପୁଟ ରାଜସ୍ୱ ଉପଖଣ୍ଡର କୃଷକ ସଂଗଠନ, ବ୍ୟବସାୟୀ ଗୋଷ୍ଠି ଏବଂ ସ୍ୱାୟତ୍ତ ଶାସନ ସଂସ୍ଥା ସମୂହ ଉକ୍ତ ନିର୍ବାଚନରେ ଅଂଶ ଗ୍ରହଣ କରିବାକୁ ସେମାନଙ୍କର ଅବଗତି ନିମିତ୍ତ ଜଣାଇ ଦିଆଯାଉଅଛି ।

**ନିର୍ବାଚନରେ ପୂରଣ ହେବାକୁ ଥିବା ସ୍ଥାନର ସଂଖ୍ୟା :**

| କ୍ରମିକ ସଂଖ୍ୟା | ନିର୍ବାଚନ ମଣ୍ଡଳୀର ନାମ | ସ୍ଥାନ ସଂଖ୍ୟା |
|---|---|---|
| ୧. | କୃଷକ ନିର୍ବାଚନ ମଣ୍ଡଳୀ | ୮ (ଆଠ) |
| ୨. | ବ୍ୟବସାୟୀ ନିର୍ବାଚନ ମଣ୍ଡଳୀ | ୪ (ଚାରି) |
| ୩. | ସ୍ୱାୟତ୍ତ ଶାସନ ସଂସ୍ଥା | |
| କ. | ପୌରପାଳିକା | ୧ (ଏକ) |
| ଖ. | ଗ୍ରାମ ପଞ୍ଚାୟତ | ୧ (ଏକ) |
| | ସର୍ବମୋଟ | ୧୪ (ଚଉଦ) |

**ନିର୍ବାଚନ କାର୍ଯ୍ୟସୂଚୀ**

| କ୍ରମିକ ସଂଖ୍ୟା | ବିଷୟ / କାର୍ଯ୍ୟ | ତାରିଖ | ସମୟ | ନିର୍ଦ୍ଧାରିତ ସ୍ଥାନ |
|---|---|---|---|---|
| ୧. | ପ୍ରାଥମିକ ଭୋଟର ତାଲିକା ପ୍ରକାଶନ (ନୋଟିସ ବୋର୍ଡରେ) | ୨୦.୦୭.୨୦୨୬ ରୁ ୨୬.୦୭.୨୦୨୬ | ପୂର୍ବାହ୍ନ ୧୧.୦୦ ଘଣ୍ଟା ଠାରୁ ଅପରାହ୍ନ ୫.୦୦ ଘଣ୍ଟା ପର୍ଯ୍ୟନ୍ତ | ନିୟନ୍ତ୍ରିତ ବଜାର କମିଟି କାର୍ଯ୍ୟାଳୟ,କୋରାପୁଟ |
| ୨. | ପ୍ରାଥମିକ ଭୋଟର ତାଲିକା ଅଭିଯୋଗ ଦାଖଲ | ୨୭.୦୭.୨୦୨୬ | ପୂର୍ବାହ୍ନ ୧୧.୦୦ ଘଣ୍ଟା ଠାରୁ ୨.୦୦ ଘଣ୍ଟା ମଧ୍ୟରେ | ନିୟନ୍ତ୍ରିତ ବଜାର କମିଟି କାର୍ଯ୍ୟାଳୟ,କୋରାପୁଟ |
| ୩. | ପ୍ରାଥମିକ ଭୋଟର ତାଲିକା ଅଭିଯୋଗର ବିଚାର | ୨୮.୦୭.୨୦୨୬ | ପୂର୍ବାହ୍ନ ୧୧.୦୦ ଘଣ୍ଟା ଠାରୁ ୨.୦୦ ଘଣ୍ଟା ମଧ୍ୟରେ | ନିୟନ୍ତ୍ରିତ ବଜାର କମିଟି କାର୍ଯ୍ୟାଳୟ,କୋରାପୁଟ |
| ୪. | ଚୂଡାନ୍ତ ଭୋଟର ତାଲିକା ପ୍ରକାଶନ (ନୋଟିସ ବୋର୍ଡରେ) | ୨୯.୦୭.୨୦୨୬ | ଅପରାହ୍ନ ୦୩.୦୦ ଘଣ୍ଟା ସମୟରେ | ନିୟନ୍ତ୍ରିତ ବଜାର କମିଟି କାର୍ଯ୍ୟାଳୟ,କୋରାପୁଟ |
| ୫. | ପ୍ରାର୍ଥୀ ମନୋନୟନ ପତ୍ର ଦାଖଲ | ୩୦.୦୭.୨୦୨୬, ୩୧.୦୭.୨୦୨୬, ୦୧.୦୮.୨୦୨୬ | ପୂର୍ବାହ୍ନ ୧୦.୦୦ ଘଣ୍ଟା ଠାରୁ ୨.୦୦ ଘଣ୍ଟା ମଧ୍ୟରେ | ନିୟନ୍ତ୍ରିତ ବଜାର କମିଟି କାର୍ଯ୍ୟାଳୟ,କୋରାପୁଟ |
| ୬. | ପ୍ରାର୍ଥୀ ମନୋନୟନ ପତ୍ରର ତାଲିକା ପ୍ରକାଶନ (ନୋଟିସ ବୋର୍ଡରେ) | ୦୧.୦୮.୨୦୨୬ | ଅପରାହ୍ନ ୦୫.୦୦ ଘଣ୍ଟା ସମୟରେ | ନିୟନ୍ତ୍ରିତ ବଜାର କମିଟି କାର୍ଯ୍ୟାଳୟ,କୋରାପୁଟ |
| ୭. | ପ୍ରତିଦ୍ୱନ୍ଦି ପ୍ରାର୍ଥୀଙ୍କ ଦ୍ୱାରା ମନୋନୟନ ପତ୍ର ତନଖି | ୦୩.୦୮.୨୦୨୬ | ପୂର୍ବାହ୍ନ ୧୧.୦୦ ଘଣ୍ଟା ଠାରୁ ୨.୦୦ ଘଣ୍ଟା ମଧ୍ୟରେ | ନିୟନ୍ତ୍ରିତ ବଜାର କମିଟି କାର୍ଯ୍ୟାଳୟ,କୋରାପୁଟ |
| ୮. | ମନୋନୟନ ପତ୍ର ବିରୁଦ୍ଧରେ ଅଭିଯୋଗ ପତ୍ର ଦାଖଲ | ୦୪.୦୮.୨୦୨୬ | ପୂର୍ବାହ୍ନ ୧୧.୦୦ ଘଣ୍ଟା ଠାରୁ ୨.୦୦ ଘଣ୍ଟା ମଧ୍ୟରେ | ନିୟନ୍ତ୍ରିତ ବଜାର କମିଟି କାର୍ଯ୍ୟାଳୟ,କୋରାପୁଟ |
| ୯. | ମନୋନୟନ ପତ୍ର ବିରୁଦ୍ଧରେ ଅଭିଯୋଗର ଶୁଣାଣି ଓ ଯାଞ୍ଚ | ୦୫.୦୮.୨୦୨୬ | ପୂର୍ବାହ୍ନ ୧୧.୦୦ ଘଣ୍ଟା ଠାରୁ ୨.୦୦ ଘଣ୍ଟା ମଧ୍ୟରେ | ନିୟନ୍ତ୍ରିତ ବଜାର କମିଟି କାର୍ଯ୍ୟାଳୟ,କୋରାପୁଟ |
| ୧୦. | ବିଧି ସମ୍ମତ ମନୋନୟନ ପତ୍ରର ତାଲିକା ପ୍ରକାଶନ (ନୋଟିସ ବୋର୍ଡରେ) | ୦୬.୦୮.୨୦୨୬ | ଅପରାହ୍ନ ୦୩.୦୦ ଘଣ୍ଟା ସମୟରେ | ନିୟନ୍ତ୍ରିତ ବଜାର କମିଟି କାର୍ଯ୍ୟାଳୟ,କୋରାପୁଟ |
| ୧୧. | ମନୋନୟନ ପତ୍ର ପ୍ରତ୍ୟାହାରର ଶେଷ ତାରିଖ | ୦୭.୦୮.୨୦୨୬ | ପୂର୍ବାହ୍ନ ୧୧.୦୦ ଘଣ୍ଟା ଠାରୁ ୨.୦୦ ଘଣ୍ଟା ମଧ୍ୟରେ | ନିୟନ୍ତ୍ରିତ ବଜାର କମିଟି କାର୍ଯ୍ୟାଳୟ,କୋରାପୁଟ |
| ୧୨. | ଚୂଡାନ୍ତ ମନୋନୟନ ପତ୍ରର ତାଲିକା ସଙ୍କେତ ସହ ପ୍ରକାଶନ (ନୋଟିସ ବୋର୍ଡରେ) | ୦୮.୦୮.୨୦୨୬ | ଅପରାହ୍ନ ୦୪.୦୦ ଘଣ୍ଟା ସମୟରେ | ନିୟନ୍ତ୍ରିତ ବଜାର କମିଟି କାର୍ଯ୍ୟାଳୟ,କୋରାପୁଟ |
| ୧୩. | ଆବଶ୍ୟକ ସ୍ଥଳେ ଭୋଟ ଗ୍ରହଣ | ୨୩.୦୮.୨୦୨୬ | ପୂର୍ବାହ୍ନ ୦୭.୦୦ ଘଣ୍ଟା ଠାରୁ ଅପରାହ୍ନ ୩.୦୦ ଘଣ୍ଟା ପର୍ଯ୍ୟନ୍ତ | ପରେ ଜଣାଇ ଦିଆଯିବ |
| ୧୪. | ଭୋଟ ଗଣତି ଓ ଫଳାଫଳ ପ୍ରକାଶନ | ୨୩.୦୮.୨୦୨୬ | ଭୋଟ ଗ୍ରହଣ ଶେଷ ହେବା ପରେ | ପରେ ଜଣାଇ ଦିଆଯିବ |

- ଇଚ୍ଛୁକ ପ୍ରାର୍ଥୀ ସମ୍ପାଦକ, ନିୟନ୍ତ୍ରିତ ବଜାର କମିଟି, କୋରାପୁଟଙ୍କ ଠାରେ ଟ. ୫.୦୦ (ପାଞ୍ଚ ଟଙ୍କା) ମାତ୍ର ଦାଖଲ କରି ମନୋନୟନ ପତ୍ର ପାଇ ପାରିବେ ।

ନିର୍ବାଚନ ଅଧିକାରୀ
ନିୟନ୍ତ୍ରିତ ବଜାର କମିଟି, କୋରାପୁଟ ତଥା
ସହକାରୀ ନିବନ୍ଧକ,ସମବାୟସମିତି ସମୂହ, କୋରାପୁଟ

### COLLECTORATE: MALKANGIRI 24001/262/2627
### OBSERVATION HOME AND SPECIAL HOME (BOY'S), MALKANGIRI

Letter No.: 166/OH&SH/MKG/26, Date: 01.07.2026

**ADVERTISEMENT**

Applications are invited from interested and eligible candidates to fill the vacancies at **Observation Home (OH) & Special Home (SH), Malkangiri**. The process of engagement shall be laid down in **Resolution No. 10102/WCD-CW-MISC-0023/2020 dated 15.09.2020** issued by the **Women & Child Development Department, Government of Odisha, Bhubaneswar**. All the posts are **purely temporary, time-bound and co-terminus with the scheme**. The period of engagement will initially be for **11 months** and may be extended further based on the candidate's performance appraisal report each year.

Eligible candidates may submit their applications along with all required documents and testimonials addressed to the: **Superintendent Observation Home and Special Home Goudaguda, Malkangiri.** The application should reach **latest by 30.07.2026 before 5.00 PM** through **Speed Post / Registered Post only**. Separate applications in sealed cover must be submitted for each post, clearly superscribing the **name of the post applied for** on the top of the envelope. Applications received after the due date and time, or submitted by hand or through any other mode, shall not be entertained and will be rejected. The authority reserves the right to cancel the advertisement for any post or all posts without assigning any reason. The details of vacancies, eligibility criteria, application form and other terms & conditions are available on the District website: www.malkangiri.odisha.gov.in

OIPR-24001/24382/1/26-27/0005 Collector & District Magistrate, Malkangiri

### AFFIDAVIT

By virtue of an affidavit sworn before the Notary Public, Bhubaneswar, dtd 01.07.2026, I, Rudranarayan Rout, Address At/P.O- Badalo, P.S- Motanga, Dist- Dhenkanal, PIN- 759020 declare that I have changed my name from Rudra Rout to Rudranarayan Rout. Henceforth, I shall be known as **Rudranarayan Rout** for all purposes.

**Rudranarayan Rout**

### LOST

I, **Ranjan Mohapatra** do here by declare that, the original ROR/Patta, Khatian No-703/2336, Plot No-297/2147/3603, Mouza-Patrapada has been misplaced somewhere and a complaint has been lodged at Lingaraj Police Station, Bhubaneswar, vide No.019 **Dt.23.06.26.** If found by anybody, Please **Contact-8260024523**. I also declare that I have not mortgaged this with any bank or Individual/ financial institutions.

### AFFIDAVIT

By virtue of an affidavit sworn before Executive Magistrate, Soro on dt. 25.6.2026 I, Pradeep Kumar Jena, S/o-Babaji Jena, At-/Po-Kesharipur, Ps- Soro, Dist.-Balasore-756045, declare that I have changed my name from Prdeep Nayak to Pradeep Kumar Jena. Henceforth, I shall be known as **Pradeep Kumar Jena** for all purposes.

### AFFIDAVIT

By virtue of an affidavit sworn before Executive Magistrate, Bhubaneswar, **I, Dhaneswar Samal**, S/o.: Late Banambar Samal, Resident of Plot No.: 1047, Talasahi, Patia, PO: Patia, PS: Chandrasekharpur, Bhubaneswar-751024, Dist.: Khurdha, Odisha declare by this Affidavit No.: 18184, Dt: 24.06.2026. I have changed my name from Dhanaswar Samal to **Dhaneswar Samal**. Henceforth, I shall be known as **Dhaneswar Samal** for all purposes.

### ପୌରପରିଷଦ କାର୍ଯ୍ୟାଳୟ, ପାରଳାଖେମୁଣ୍ଡି, ଗଜପତି 13001/1031/2627
### OFFICE OF THE MUNICIPAL COUNCIL, PARALAKHEMUNDI, GAJAPATI

Phone No.: **06815-222052,** e-Mail: parala.mply@gmail.com
Letter No.: 2442, Date: 01.07.2026

**QUOTATION CALL NOTICE**

Sealed quotations are invited from agencies having relevant certificate with valid GST No. and past experience for the work **"Beautification / road painting of Palace Street road"** on the occasion of **Ratha Yatra 2026**. The tender paper will be available on payment of **Rs. 2,000/- (Rupees Two Thousand only)** (which is **non-refundable**) in the shape of Demand Draft in any Nationalized Bank payable at Paralakhemundi in favour of **Executive Officer, Paralakhemundi Municipality** or by payment of cash. The prescribed bid documents & related terms and conditions can be downloaded from www.gajapati.odisha.gov.in or purchased from the office from **02.07.2026**. The quotations should reach this office **on or before 08.07.2026 by 5.00 PM** through **Speed Post / Registered Post only** and will be opened on **09.07.2026 at 11.00 AM** in the presence of the agency or their authorized representative, if any.

Quotation incomplete in any respect or received after the due date & time will be summarily rejected. The undersigned reserves the right to accept or reject any or all quotations without assigning any reason thereof.

OIPR-13001/13145/1/26-27/0004 **Executive Officer, Paralakhemundi Municipality**

### Office of CSO-cum-District Manager Odisha State Civil Supplies Corporation Ltd.

District: Malkangiri
Phone No. 9438200051
7001/53/2627

TENDER No.: 2233 Dated: 29.06.2026

**Cost of Tender Document is Rs. 1000/- inclusive of GST for Cluster Malkangiri District (through online mode).**

Online tenders are invited from eligible bidders for selection and appointment of **Transport Contractors** for transportation of **Paddy from Paddy Purchase Centers (PPCs) / Mandis to Rice Mill points (within or outside the district)** for the **KMS: 2025-26**.

| | | |
|---|---|---|
| 1 | Availability of tender documents | From Date **01.07.2026** www.tendersodisha.gov.in & www.oscsc.in & www.foododisha.in |
| 2 | Date, time and venue for pre-bid conference | **On dt 04.07.2026, At- Collectorate, Malkangiri** |
| 3 | Last date and time for **online** submission of complete Tender Documents with enclosures | Through e-Procurement Portal: **www.tendersodisha.gov.in** **Upto 5.00 PM on dt. 21.07.2026** |
| 4 | Date, time and venue for opening of Technical Bid by the Tender Committee | **On dt 22.07.2026 At 11.00 AM at Collectorate, Malkangiri** |
| 5 | Date, time and venue of submission of original documents in support of scanned copies uploaded in the portal for verification | **On dt 22.07.2026 At 11.30 AM at Collectorate, Malkangiri** |
| 6 | Date, time and venue of Financial Bid opening by the Tender Committee (Only of Technically Qualified Bidders) | To be announced after technical bid evaluation. |
| 7 | Validity Period | Tender are to remain open for acceptance for **180 days** from the date of issue of tender. |
| 8 | Language of the tender | The tender should be prepared by the bidder in **English language only.** |
| 9 | Helpdesk Telephone Number | **CSO-cum-DM's Contact Number: 9438200051** |

**N.B.**
1. If the Office happens to be closed on the date of opening of tenders, tenders will be opened on the next working day in the same time.
2. District Level Tender Committee (DLTC) reserves the right to cancel any/all of the tenders at any time without assigning any reason thereof.
3. Further details can be obtained in the website **www.tendersodisha.gov.in**.
4. The bidder must deposit Tender Document Fee and EMD at the time of submission of tender through online payment gateway service.
5. Any amendment/cancellation/re-tender/corrigendum please refer to the website **www.tendersodisha.gov.in** & **www.foododisha.in**.

OIPR-7001/7035/1/26-27/0005 **CSO-cum-District Manager, OSCSC Ltd., Malkangiri**

### OFFICE OF THE SUPERINTENDING ENGINEER, KHORDHA (R&B) DIVISION, KHORDHA 34001/419/2627

**INVITATION FOR BIDS (IFB)**

**E-mail:** pwdoff_khd@yahoo.com
Tender Call Notice
Bid Identification No. S.E.-KHD-(R&B)-08/2026-27
Letter No. 3362 dtd. 29/06/2026

The Superintending Engineer, Khordha (R&B) Division, Khordha on behalf of the Governor of Odisha invites Percentage Rate bids in **Single Cover System** from valid **MV/HT** or **Empanelled Fire licensed agency of Class D or above** authorized by Odisha Fire & Emergency Service having **MoU with associate electrical contractor (MV/HT or Above)** having valid license from ELBO. The Court Affidavit should have specific mention of the name, address of the two parties, license number, date of validity and issuing authority, and the name of the work for which the agreement is signed, for conformity with DTCN registered with the State Governments and Contractors of equivalent Grade/Class registered with Central Government/MES/Railways for execution of the E.I. Work. The bidder not registered under the State Government has to register under the State PWD & ELBO in the appropriate class of eligibility before signing of the agreement.

1. **Nature of Work:** Electrical Works
2. **No. of Work:** 09 Nos.
3. **Tender Cost:**
   - Sl. No. 01 to 07 & 09 – **Rs. 6,000.00 (Online)**
   - Sl. No. 08 – **Rs. 4,000.00 (Online)**
4. **Class of Contractor:**
   - **Sl. No. 01 to 08:** Empanelled Fire licensed agency of Class D or above authorized by Odisha Fire & Emergency Service having MoU with associate electrical contractor (MV/HT or Above) having valid license from ELBO. The Court Affidavit should have specific mention of the name, address of the two parties, license number, date of validity and issuing authority, and the name of the work for which the agreement is signed.
   - **Sl. No. 09:** MV/HT
5. **Availability of Bid Documents on the Website:** From **04.07.2026 at 10.30 A.M.** to **13.07.2026 at 5.00 P.M.**
6. **Date of Opening of Bids: 14.07.2026 at 11.00 A.M.**
7. **Bidders have to participate in ONLINE bidding only.** Further details can be seen on the website: https://tenderodisha.gov.in. Any information regarding **Addendum / Corrigendum / Cancellation of tender** can be available in the said website.

OIPR-34001/34095/1/26-27/0008 **Superintending Engineer, Khordha (R&B) Division, Khordha**

### Office of CSO-cum-District Manager Odisha State Civil Supplies Corporation Ltd.

District: Malkangiri
Phone No. 9438200051
7001/52/2627

TENDER No.: 2232 Dated: 29.06.2026

**Cost of Tender Document is Rs. 11800/- inclusive of GST**

Online Tenders are invited from eligible bidders for selection and appointment of **Level-I Transport Contractors** for transportation of Wheat from Food Storage Depot (FSD), FCI to Rice Receiving Centres (RRC).

| | | |
|---|---|---|
| 1 | Availability of tender documents | From Date **01.07.2026** www.tendersodisha.gov.in & www.oscsc.in & www.foododisha.in |
| 2 | Date, time and venue for pre-bid conference | **On dt 04.07.2026, At- Collectorate, Malkangiri** |
| 3 | Last date and time for **online** submission of complete Tender Documents with enclosures | Through e-Procurement Portal: **www.tendersodisha.gov.in** **Upto 5.00 PM on dt. 21.07.2026** |
| 4 | Date, time and venue for opening of Technical Bid by the Tender Committee | **On dt 22.07.2026 At 11.00 AMat Collectorate, Malkangiri** |
| 5 | Date, time and venue of submission of original documents in support of scanned copies uploaded in the portal for verification | **On dt 22.07.2026 At 11.30 AMat Collectorate, Malkangiri** |
| 6 | Date, time and venue of Financial Bid opening by the Tender Committee (Only of Technically Qualified Bidders) | To be announced after technical bid evaluation. |
| 7 | Validity Period | Tender are to remain open for acceptance for **180 days** from the date of issue of tender. |
| 8 | Language of the tender | The tender should be prepared by the bidder in **English language only.** |
| 9 | Helpdesk Telephone Number | **CSO-cum-DM's Contact Number: 9438200051** |

**N.B.**
1. If the Office happens to be closed on the date of opening of tenders, tenders will be opened on the next working day in the same time.
2. District Level Tender Committee (DLTC) reserves the right to cancel any/all of the tenders at any time without assigning any reason thereof.
3. Further details can be obtained in the website **www.tendersodisha.gov.in**.
4. The bidder must deposit Tender Document Fee and EMD at the time of submission of tender through online payment gateway service.
5. Any amendment/cancellation/re-tender/corrigendum please refer to the website **www.tendersodisha.gov.in** & **www.foododisha.in**.

OIPR-7001/7035/1/26-27/0004 **CSO-cum-District Manager, OSCSC Ltd., Malkangiri**

# ବିଦ୍ୟୁତ୍ ସଂଯୋଗ ନାହିଁ; ବସୁଧା ଯୋଜନା ଦିଗହରା

## ପିଇବା ପାଣି ପାଇଁ ଲୋକେ ହଟହଟା

ନିଶ୍ଚିନ୍ତକୋଇଲି, ୧।୭(ସମିସ)

ନିଶ୍ଚିନ୍ତକୋଇଲି ଗ୍ରାମ୍ୟ ପରିମଳ ଓ ପାନୀୟ ଜଳଯୋଗାଣ ବିଭାଗ ଅଧୀନରେ ଥିବା କୋଳ ପଞ୍ଚାୟତରେ ଦୀର୍ଘ ଦେଢ ବର୍ଷ ହେବ ବସୁଧା ଯୋଜନାରେ ପାନୀୟ ଜଳ ଯୋଗାଣ କରାଯାଇ ପାରୁନାହିଁ। ବିଦ୍ୟୁତ ସଂଯୋଗ ହୋଇ ପାରୁ ନ ଥିବାରୁ ଜଳ ପ୍ରକଳ୍ପ ଚାଲିପାରୁ ନ ଥିବା ନେଇ ଲୋକମାନେ ଅଭିଯୋଗ କରିଛନ୍ତି। ପ୍ରଥମେ ପମ୍ପ ହାଉସ ମାଧ୍ୟମରେ ପାନୀୟ ଯୋଗାଣ କରାଯାଉଥିବା ବେଳେ ବିଦ୍ୟୁତ ଟ୍ରାନ୍ସଫର୍ମର ନଷ୍ଟ ହୋଇଯିବାରୁ ବିଦ୍ୟୁତ ଯୋଗାଣ ବନ୍ଦ ହୋଇଯାଇଥିଲା। ପରେ ଏହି ପ୍ରକଳ୍ପକୁ ଉନ୍ନତମାନର କରିବା ପାଇଁ ବସୁଧା ଯୋଜନାରେ ସରକାରଙ୍କ ପକ୍ଷରୁ ୧ କୋଟି ୨୦ ଲକ୍ଷ ଟଙ୍କା ଅନୁଦାନ ଯୋଗାଇ ଦିଆଯାଇଥିଲା। ଟେଣ୍ଡର ମାଧ୍ୟମରେ ଠିକାଦାର ଚୟନ କରାଯାଇ ଏହି ପ୍ରକଳ୍ପ କାର୍ଯ୍ୟ ଦେଢ ବର୍ଷ ହେବ ଶେଷ ହୋଇଥିଲେ ମଧ୍ୟ ବିଦ୍ୟୁତ ସଂଯୋଗ ନ ଥିବାରୁ ଠିକାଦାର ଏହି ପ୍ରକଳ୍ପକୁ ପରୀକ୍ଷା ନ କରିପାରି ବିଭାଗକୁ ହସ୍ତାନ୍ତର କରିପାରୁନାହିଁ। ବିଭାଗୀୟ ପକ୍ଷରୁ ଟାଟା ପାୱାର କମ୍ପାନୀକୁ ନିୟମାନୁଯାୟୀ ସମସ୍ତ କାଗଜପତ୍ର ସହିତ ଆର୍ଥିକ ଅର୍ଥ ଜମା କରାଯାଇଥିଲେ ମଧ୍ୟ ଦାୟିତ୍ୱ ହାନତା ପାଇଁ ବିଦ୍ୟୁତ ବିଭାଗ ଏହି ପ୍ରକଳ୍ପକୁ ବିଦ୍ୟୁତ ସଂଯୋଗ କରୁନଥିବା ନେଇ ଅଭିଯୋଗ କରାଯାଇଛି। ଅପରପକ୍ଷରେ ପ୍ରକଳ୍ପ ଚାଲି ନ ପାରିବାରୁ ଲୋକ ପିଇବା ପାଣି ପାଇବା ପାଇଁ ହଟହଟା ହେଉଥିଲା ବେଳେ ଏହି ପଞ୍ଚାୟତରେ ବସୁଧା ଯୋଜନା ବିଫଳତା ପାଲଟିଛି। ସରକାରଙ୍କ ପକ୍ଷରୁ ସହରାଞ୍ଚଳ ଭଳି ଗ୍ରାମାଞ୍ଚଳରେ ଘରେ ଘରେ ନଳଯୋଗେ ପାନୀୟ ଜଳ ଯୋଗାଇ ଦେବା ପାଇଁ ବ୍ୟବସ୍ଥା କରିବା ପାଇଁ ଏହି ପ୍ରକଳ୍ପ ନିର୍ମାଣ କାର୍ଯ୍ୟ କରାଯାଇଛି। ଏହି ପ୍ରକଳ୍ପ କାର୍ଯ୍ୟକାରୀ ନ ହେବାରୁ ଏହା ଉପରେ ନିର୍ଭର କରୁଥିବା ୫ ହଜାରରୁ ଅଧିକ ଲୋକେ ପାନୀୟ ଜଳ ନ ପାଇ ସମସ୍ୟାରେ ପଡ଼ୁଛନ୍ତି। ଏହି ପଞ୍ଚାୟତରେ କୋଳ, ମଲ୍ଲୀପୁର, କୁଲୁକିପଡ଼ା ଓ ରାମଚନ୍ଦ୍ରପୁର ୪ଟି ଗ୍ରାମକୁ ପାନୀୟ ଜଳ ଯୋଗାଇଦେବା ନିମନ୍ତେ ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ୨ଲକ୍ଷ ଲିଟର କ୍ଷମତା ବିଶିଷ୍ଟ ଏକ ଓଭର ହେଡ୍ ପାଣି ଟାଙ୍କି ନିର୍ମାଣ କାର୍ଯ୍ୟ ଶେଷ ହୋଇଥିଲା ବେଳେ ଏଠାରେ ଏକ ବୋରୱେଲ୍ କାର୍ଯ୍ୟ ମଧ୍ୟ କରାଯାଇଛି। ଏହାଛଡ଼ା ପ୍ରତ୍ୟେକ ଗ୍ରାମକୁ ପାଣି ଯିବା ପାଇଁ ନଳ ବିଛାଇବା କାର୍ଯ୍ୟ ଶେଷ ହୋଇ ପ୍ରତ୍ୟେକ ଗ୍ରାମରେ ଟ୍ୟାପ୍ ସଂଯୋଗ କରାଯାଇଛି। ଏକ ହଜାରରୁ ଅଧିକ ପରିବାର ଏହି ପ୍ରକଳ୍ପରୁ ପାନୀୟ ଜଳ ପାଇବା ପାଇଁ ଅପେକ୍ଷା କରି ରହିଛନ୍ତି; ହେଲେ ଟାଟା ପାୱାର କମ୍ପାନୀ ଏହି ପ୍ରକଳ୍ପକୁ ବିଦ୍ୟୁତ ସଂଯୋଗ କରୁ ନ ଥିବାରୁ ଏହା ଗତ ଦେଢ ବର୍ଷ ହେବ ଚାଲି ନ ପାରି ବନ୍ଦ ହୋଇ ପଡ଼ିଥିବା ଦେଖାଯାଇଛି। ଦୀର୍ଘ ଦେଢ ବର୍ଷ ହେବ ପ୍ରକଳ୍ପ କାର୍ଯ୍ୟ ଶେଷ ହୋଇ ପଡ଼ିରହିଥିବା ବେଳେ ଗାଁ ଗହଳିରେ ଝିଆରି ହୋଇଥିବା କେତେକ ଟ୍ୟାପ୍ ଚୋରୀ ହୋଇ ଯାଉଥିବା ବେଳେ କେତେକ ପାଣି ଷ୍ଟାଣ୍ଡ ପଏ ମଧ୍ୟ ଭାଙ୍ଗିଯିବାର ଦେଖାଯାଇଛି। ଏହି ପ୍ରକଳ୍ପକୁ ଚଳାଇବା ପାଇଁ ଗ୍ରାମବାସୀ ବହୁବାର ବିଭାଗୀୟ ଉଚ୍ଚ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ ଏଥିପ୍ରତି କିଛି ପଦକ୍ଷେପ ନିଆଯାଉନଥିବାରୁ ସାଧାରଣ ଅସନ୍ତୋଷ ଦେଖାଦେଖାଦେଇଛି। ଗତ ଗ୍ରୀଷ୍ମଋତୁରେ ଲୋକମାନେ ପିଇବା ପାଣି ନ ପାଇ ବହୁ ଅସୁବିଧା ଭୋଗ କରୁଥିଲା ବେଳେ ଏବେ ବର୍ଷାଋତୁରେ ମଧ୍ୟ ପିଇବା ପାଣିର ଆବଶ୍ୟକତା ଥିବାରୁ ତୁରନ୍ତ ଏହି ପ୍ରକଳ୍ପକୁ ବିଦ୍ୟୁତ ସଂଯୋଗ କରାଯାଇ ପାନୀୟ ଜଳ ଯୋଗାଇ ଦେବା ନିମନ୍ତେ ଲୋକମାନେ ଦାବି କରିଛନ୍ତି।

## କେନ୍ଦ୍ରାପଡ଼ା କେନାଲ କେନ୍ଦୁପାଟଣା ପୋଲରେ ଫାଟ

ନିଶ୍ଚିନ୍ତକୋଇଲି, ୧।୭(ସମିସ) : କେନ୍ଦୁପାଟଣା ଜଳସମ୍ପଦ ବିଭାଗ ଅଧୀନରେ ଥିବା କେନ୍ଦ୍ରାପଡ଼ା କେନାଲ ଉପରେ କେନ୍ଦୁପାଟଣା ବଜାର ନିକଟରେ ରହିଥିବା ପୋଲଟିରେ ଫାଟ ସୃଷ୍ଟି ହୋଇଥିବା ନେଇ ଅଭିଯୋଗ ହୋଇଛି। ଦୀର୍ଘ ବର୍ଷ ହେବ ବିଭାଗୀୟ ପକ୍ଷରୁ ରକ୍ଷଣା ବେକ୍ଷଣ ଅଭାବ ଯୋଗୁଁ ଏଭଳି ଅବସ୍ଥା ସୃଷ୍ଟି ହୋଇଥିବା ଦେଖାଦେଇଛି। ତୁରନ୍ତ ଉକ୍ତ ପୋଲକୁ ମରାମତି କରା ନ ଗଲେ କେତେବେଳେ ଯେ ଅଘଟଣ ଘଟିବ ସେ ନେଇ ଆଶଙ୍କା ପ୍ରକାଶ ପାଇଛି। କଟକ-ଚାନ୍ଦବାଲି ମୁଖ୍ୟ ରାସ୍ତା କେନ୍ଦୁପାଟଣା ଛକ ନିକଟରୁ ନରେନ୍ଦ୍ରପୁର ପର୍ଯ୍ୟନ୍ତ ଯାଇଥିବା ମୁଖ୍ୟ ରାସ୍ତାରେ ଏହି ପୋଲଟି ରହିଛି। ପ୍ରତେକ ଦିନ ଏହି ପୋଲ ଉପରେ ଭାରୀଯାନ ସହ ଅନେକ ଚାରିଚକିଆ ଯାନବାହନ ଯାତାୟାତ କରିଥାଆନ୍ତି। ପୂର୍ବରୁ ଓପିଜିସି ବିଦ୍ୟୁତ କଂପାନୀ ଏହି ପୋଲ ଦ୍ୱାରା କେନ୍ଦ୍ରାପଡ଼ା କେନାଲ ପାଣିକୁ ଅଟକାଇ ବିଦ୍ୟୁତ ଉତ୍ପାଦନ ପାଇଁ ତା'ର ଟରବାଇନ୍ ଘୂରାଉଥିଲା। ଏବେ ଏଠାରୁ ବିଦ୍ୟୁତ ଉତ୍ପାଦନ ବନ୍ଦ୍ ହୋଇଥିବା ବେଳେ ଉକ୍ତ ପୋଲଟିର ବିଭିନ୍ନ ସ୍ଥାନରେ ଫାଟ ସୃଷ୍ଟି ହୋଇଛି। ହେଲେ ଓପିଜିସି କଂପାନୀ ପକ୍ଷରୁ ଏହାକୁ ମରାମତି କରାଯାଉ ନାହିଁ। ଜଳସେଚନ ବିଭାଗ ପକ୍ଷରୁ ଏହାକୁ ଗୁରୁତ୍ୱ ଦେଇ ଏଠାରେ ଏକ ନୂତନ ପୋଲ ନିର୍ମାଣ କରାଇବା କିମ୍ବା ଏହାକୁ ତଦାରଖ କରି ତୁରନ୍ତ ମରାମତି କରିବା ପାଇଁ ପଦକ୍ଷେପ ନେବାକୁ ଦାବି ହୋଇଛି।

## ବିଡି କଲେଜ ଅଧ୍ୟକ୍ଷାଙ୍କୁ ସମ୍ବର୍ଦ୍ଧନା

ନିଶ୍ଚିନ୍ତକୋଇଲି ୧।୭(ସମିସ) : ନିଶ୍ଚିନ୍ତକୋଇଲି ବ୍ଲକ ଅଧୀନ ନତକାଇଠାରେ ଥିବା ବଲ୍ଲଭୀଦେବୀ ମହିଳା ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷା ପ୍ରଫେସର ଡ. ପୁଷ୍ପିତା ଜେନା ତାଙ୍କ ଚାକିରୀରୁ ଅବସର ଗ୍ରହଣ କରିଛନ୍ତି। ଏହି ଅବସରରେ କଲେଜ ପକ୍ଷରୁ ତାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଭାରପ୍ରାପ୍ତ ଅଧ୍ୟକ୍ଷ ସୂର୍ଯ୍ୟମଣୀ ସ୍ୱାଇଁଙ୍କ ସଂଯୋଜନାରେ ଏଥିରେ ମୁଖ୍ୟ ଅତିଥି ଭାବେ ମାହାଙ୍ଗା ବିଧାୟକ ଶାରଦା ପ୍ରସାଦ ପ୍ରଧାନ ଯୋଗଦେଇଥିବା ବେଳେ ସମ୍ମାନୀତ ଅତିଥି ଭାବେ +୨ ଅଧ୍ୟକ୍ଷା ନିରୁପମା ସ୍ୱାଇଁ, ଅଧ୍ୟାପିକା ଡ. ରୀତା ଷଡଙ୍ଗୀ, ଡ. ଜୟନ୍ତୀ ସାହୁ, କ୍ଷିତିଶ ଭୂୟାଁ, ଦେବାଶିଷ ନାୟକ, ଦେବଯାନୀ ରାଉତ, ଲୋପାମୁଦ୍ରା ରଥ, ଅନ୍ନପୂର୍ଣ୍ଣା ଜେନା, ଶୁଭଶ୍ରୀ ନାୟକ, ସୁନିତା ଶୁଭଦର୍ଶିନୀ. ସସ୍ମିତା ଦାସ, ସୁଭାଶିଷ ଦାସ, ବଟକୃଷ୍ଣ ରାଉତ, ଅଶୋକ ରାଉତ, ପ୍ରଭାବତୀ ରାଉତ, ଉପେନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇ ବିଦାୟୀ ଅଧ୍ୟକ୍ଷାଙ୍କ କର୍ମମୟ ଜୀବନର ଉତ୍ତମ ଗୁଣାବଳୀ ସଂକ୍ରାନ୍ତରେ ଆଲୋକପାତ କରିଥିଲେ।

## ବ୍ଲକସ୍ତରୀୟ କୃଷକ ସମାବେଶ

କିଶନନଗର, ୧।୭(ସମିସ): କିଶୋରନଗର ତହସିଲ ଈଶାଣୀବ୍ରହ୍ମପୁର ପଞ୍ଚାୟତ ନେଉଟିଆକଣ ଦାନ୍ତ କାଠିଆ ମଠ ବଟ ମହାପୁରୁଷଙ୍କ ପୀଠରେ ବ୍ଲକସ୍ତରୀୟ କୃଷକ ସମାବେଶ ଅନୁଷ୍ଠିତ ହୋଇଯାଇଛି।ଏ ହି ଉପଲକ୍ଷେ ବ୍ଲକ କୃଷି ଅଧିକାରିଣୀ ଶୁଭସ୍ମିତା ମହାପାତ୍ରଙ୍କ ପୌରୋହିତ୍ୟ ଏବଂ ସୁଦାମବତୀ ବିଜେପି ମଣ୍ଡଳ ସଭାପତି ରଘୁନାଥ ଚୌଧୁରୀଙ୍କ ସଂଯୋଜନାରେ ଆୟୋଜିତ ପ୍ରାକୃତିକ ଓ ପ୍ରଗତିଶୀଳ କୃଷି ଆଲୋଚନା ଚକ୍ର ଓ କର୍ମଶାଳାକୁ କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ ଉଦ୍‌ଘାଟନ କରି କୃଷି ଓ କୃଷକର ଉନ୍ନତି ଦିଗରେ ଆଲୋକପାତ କରିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ କୃଷି ବିଜ୍ଞାନୀ ଡ. ରାଜନ୍ କାମ୍?ୋଜ, ରଞ୍ଜନ ମହନ୍ତ, ସହକାରୀ କୃଷି ଅଧିକାରୀ ଅଶୋକ ମଙ୍ଗରାଜ, ସହକାରୀ ଉଦ୍ୟାନ କୃଷି ଅଧିକାରିଣୀ ସ୍ୱାଗତିକା ସାହୁ, ପ୍ରାଣୀ ସମ୍ପଦ ଡ. ପ୍ରକାଶ ଚନ୍ଦ୍ର ବେହେରା, ସହକାରୀ ମତ୍ସ୍ୟ ଅଧିକାରୀ ଶରତ ମହାରଣା, ସହକାରୀ ମୃତ୍ତିକା ସଂରକ୍ଷଣ ଅଧିକାରିଣୀ ମଲ୍ଲୀମାଳା ସେଠୀ ପ୍ରମୁଖ ଯୋଗ ଦେଇ ଚାଷୀମାନଙ୍କୁ ନିଜ ନିଜ ବିଭାଗର କାର୍ଯ୍ୟକ୍ରମ ଉପରେ ସୂଚନା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସୁଶାନ୍ତ ସେଠୀ, ଦୀପକ କୁମାର ମହାନ୍ତି, ବିଦ୍ୟାଧର ବେହେରା, ପବିତ୍ର ସାହୁ, ବଳରାମ ସେଠୀ, ଚନ୍ଦନ ସାହୁ, ପ୍ରତାପ ସ୍ୱାଇଁ ପ୍ରମୁଖ ସହାୟତା କରିଥିଲେ।

## ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ବଡମ୍ବା, ୧।୭ (ସମିସ): ବଡମ୍ବା ବ୍ଲକ ମାଳତୀ ପଞ୍ଚାୟତ ଅଧୀନ ମାଳତୀ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ଚନ୍ଦ୍ରମଣୀ ରାଉତ ଆଜି ଶିକ୍ଷକତା ଜୀବନରୁ ଅବସର ଗ୍ରହଣ କରିଛନ୍ତି। ଗ୍ରାମ ସଭାପତି ଫକୀର ଚରଣ ବେହେରାଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ମାଳତୀ ପଞ୍ଚାୟତର ସରପଞ୍ଚ ରତ୍ନାକର ବେହେରା, ମୁଖ୍ୟବକ୍ତା ଭାବେ ନୂତନ ପେନସନ ଭୁକ୍ତ ଶିକ୍ଷକ ସଂଘର କଟକ ଜିଲ୍ଲା ଶିକ୍ଷକ ସଂଘର ଉପସଭାପତି ଶିକ୍ଷକ ନେତା ରମେଶ ଚନ୍ଦ୍ର ବେହେରା ଉପସ୍ଥିତ ଥିଲେ। ଶିକ୍ଷକ ବୀରବର ବାରିକଙ୍କ ସଂଯୋଜନା ଏବଂ ସହକାରୀ ଶିକ୍ଷକ ସମୀର ରାଉତଙ୍କ ତତ୍ତ୍ୱାବଧାନରେ ଦାଶରଥିପୁର କ୍ଲଷ୍ଟରର ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ। ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ପଦ୍ମଲୋଚନ କଅଁର, ଜନ୍ମେଜୟ ପଲେଇ, ଶରତ ସଂଗ୍ରାମ ସିଂହ, ଜନ୍ମେଶ୍ୱର ନାୟକ ଉପସ୍ଥିତ ଥିଲେ। ଶେଷରେ ସିଆରସିସି ନରେଶ ଚନ୍ଦ୍ର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ

## ଟାଙ୍ଗୀ ଥାନାରେ ନିଶା ମୁକ୍ତି ଅଭିଯାନ

ଟାଙ୍ଗୀ, ୧।୭(ସମିସ): କଟକ ଜିଲ୍ଲା ଟାଙ୍ଗୀ ଥାନା ପରିସରରେ ଥାନା ପକ୍ଷରୁ ନିଶାମୁକ୍ତି ଅଭିଯାନ ସଚେତନତା ବୁଧବାର ଅନୁଷ୍ଠିତ ହୋଇଯାଇଛି। ଥାନା ଭାର ପ୍ରାପ୍ତ ଅଧିକାରୀ ଡ଼ ବିକାଶ କୁମାର ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଏସଡିପିଓ ଉମାକାନ୍ତ ନାୟକ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ନିଶାମୁକ୍ତ ସମାଜ ଗଠନ ନିମନ୍ତେ ଶପଥ ପାଠ କରାଯାଇଥିଲା। କାର୍ଯ୍ୟକ୍ରମରେ ଟାଙ୍ଗୀ ଥାନା, ଡ୍ରିମସ ଓ ବିଶ୍ୱାଳି ଫାଣ୍ଡି ସହିତ ଏନ୍‌ଏଚ ପାଟ୍ରୋଲିଂ ପୋଲିସ ଅଧିକାରୀ ଯୋଗଦେଇଥିବା ବେଳେ ଅଞ୍ଚଳର ଯୁବ ଗୋଷ୍ଠୀ ଅଂଶ ଗ୍ରହଣ କରିଥିଲେ।

# ଆଦିବାସୀ ପରିବାର ପାଇଁ ସରକାରୀ ଯୋଜନା ସାତ ସପନ





● ସ୍ୱାଇଁଙ୍କ ମଜୁରୀ ଭରସାରେ ୧୧ ପ୍ରାଣୀ

● ଯକ୍ଷ୍ମା ରୋଗରେ ଶଯ୍ୟାଶାୟୀ ପରିବାର ମୁଖିଆ

ମାହାଙ୍ଗା, ୧।୭(ସମିସ): ମାହାଙ୍ଗାରେ ଗୋଟିଏ ଆଦିବାସୀ ପରିବାର ସରକାରୀ ଯୋଜନା ଲାଭ ଉଠାଇପାରୁ ନାହାନ୍ତି। ଘରର ମୁଖିଆ ଯକ୍ଷ୍ମା ରୋଗରେ ଆକ୍ରାନ୍ତ ହୋଇ ଶଯ୍ୟାଶାୟୀ ହୋଇଯାଇଛନ୍ତି। ମାହାଙ୍ଗା ବ୍ଲକ ଅନ୍ତର୍ଗତ କୁହୁଣ୍ଡା ପଞ୍ଚାୟତ ସୀମାରେ ଥିବା ଏକ ସରକାରୀ ଜମିରେ ଆଦିବାସୀ ସମ୍ପ୍ରଦାୟର ଡୁବୁଲା ବିରୁଆ (୫୩) ଏକ ଝାଟିମାଟି କୁଡ଼ିଆରେ ସପରିବାର ରହୁଛନ୍ତି। ସେମାନେ ପୂର୍ବରୁ ଯାଜପୁର ଜିଲ୍ଲା ବାଲିଚନ୍ଦ୍ରପୁର ଜାତୀୟ ରାଜପଥ କଡ଼ରେ ଚାଳିଆ କରି ରହୁଥିଲେ। ମାତ୍ର ଜାତୀୟ ରାଜପଥ ସମ୍ପ୍ରସାରଣରେ ତାଙ୍କ ଚାଳିଆ ଭାଙ୍ଗିଦିଆଯାଇଥିଲା। ସେବେଠାରୁ ସେ ଏଠାକୁ ଆସି ପରିବାର ସହ ୮ ବର୍ଷ ହେବ ରହୁଛନ୍ତି। ତାଙ୍କ ପରିବାର କହିଲେ ସ୍ତ୍ରୀ ଚାନ୍ଦ ବିରୁଆ (୪୬), ୪ ଝିଅ ସଜନି (୨୬), ସୂର୍ଯ୍ୟ (୨୩), ତୁଳସୀ (୭) ଓ ରାଣୀ (୪) ଙ୍କ ସମେତ ୨ ପୁଅ ହନୁ (୧୯ ) ଓ ଅର୍ଜୁନ (୧୫ )। ମା' ବାହାରକୁ କାମ କରିବାକୁ ଯାଇଥିବାରୁ ବଡ଼ ଝିଅ ବାପାଙ୍କ ସେବା ଶୁଶ୍ରୂଷା କରିବା ପାଇଁ ଆସି ସ୍ୱାମୀ, ୨ ପୁଅ ଓ ଗୋଟିଏ ଝିଅକୁ ଧରି ଏଠାରେ ରହୁଛନ୍ତି। ତାଙ୍କ ସ୍ୱାମୀ ଦିନ ମଜୁରିଆ ଭାବରେ କାମ କରି ବହୁ କଷ୍ଟରେ ସମସ୍ତଙ୍କ ପେଟ ପୋଷୁଛନ୍ତି। ଡୁବୁଲାଙ୍କ ଆଧାର କାର୍ଡ ନ ଥିବାରୁ କୌଣସି ସରକାରୀ ଯୋଜନାର ଲାଭ ମିଳିପାରୁନାହିଁ। ୨୦୧୩ରେ ବାଲିଚନ୍ଦ୍ରପୁରରେ ଥିଲାବେଳେ ତାଙ୍କର ଆଧାର କାର୍ଡ କରାଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ତାହା ହସ୍ତଗତ ହୋଇପାରିନାହିଁ। ଆଧାର କାର୍ଡ ସହ ମୋବାଇଲ ଫୋନ ଲିଙ୍କ ବାଧ୍ୟତାମୂଳକ କରାଯାଇଥିଲା। ହେଲେ ତାଙ୍କର ମୋବାଇଲ ଫୋନ ନ ଥିବାରୁ ସେ ଅଦ୍ୟାବଧି କୌଣସି କମ୍ପ୍ୟୁଟର କେନ୍ଦ୍ରରୁ ଆଧାର କାର୍ଡ ବାହାର କରି ପାରୁନାହାନ୍ତି। ଆଧାର ଓ ବ୍ୟାଙ୍କ ଆକାଉଣ୍ଟ ନ ଥିବାରୁ ସେ ଓ ତାଙ୍କ ପରିବାର ସଦସ୍ୟ ସ୍ୱାସ୍ଥ୍ୟ, ଶିକ୍ଷା, ରାଶନ ସାମଗ୍ରୀ, ପୁଷ୍ଟିକର ଆହାର ଆଦିରୁ ବଞ୍ଚିତ ହୋଇଛନ୍ତି। ଖାଦ୍ୟ ନ ପାଇ ଅର୍ଦ୍ଧାହାରରେ କାଳାତିପାତ କରିବାକୁ ସେମାନେ ବାଧ୍ୟ ହେଉଛନ୍ତି ବୋଲି ଝିଅ ସୂର୍ଯ୍ୟ ଅଭିଯୋଗ କରିଛନ୍ତି। ଆଧାର କାର୍ଡ ବିନା ରାସନ କାର୍ଡ ହୋଇ ପାରୁ ନ ଥିବାରୁ ଖାଦ୍ୟ ସୁରକ୍ଷା ଯୋଜନାରେ ସେମାନଙ୍କୁ ସାମିଲ କରାଯାଇ ପାରୁନାହିଁ ବୋଲି ସରପଞ୍ଚଙ୍କ ପ୍ରତିନିଧି ହେମନ୍ତ କୁମାର ପ୍ରଧାନ ପ୍ରକାଶ କରିଛନ୍ତି। ଅପରପକ୍ଷେ ଡୁବୁଲା ଦୀର୍ଘ ଦିନ ଧରି ଯକ୍ଷ୍ମା ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହୋଇ ନପାରି ଏବେ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି। ସେ ଏବେ କିଛି ଖାଦ୍ୟ ଖାଇପାରୁ ନ ଥିବା ବେଳେ କେବଳ ଫଳ ରସ ଓ ପାଣି ପିଉଛନ୍ତି। ଶିଶୁ ଓ କିଶୋରୀଙ୍କୁ ଅଙ୍ଗନବାଡ଼ି ପକ୍ଷରୁ ମିଳୁଥିବା ପୁଷ୍ଟିକର ଖାଦ୍ୟ ସେମାନଙ୍କ ପାଇଁ ସାତ ସପନ ପାଲଟିଛି। ଆଧାର କାର୍ଡ ନ ଥିବାରୁ ତାଙ୍କ ପରିବାରକୁ କୌଣସି ସରକାରୀ ସୁବିଧା ଦିଆଯାଇପାରୁନି ବୋଲି ସ୍ଥାନୀୟ ଅଙ୍ଗନବାଡି କର୍ମୀ ସଂଯୁକ୍ତା ପଣ୍ଡା କହିଛନ୍ତି।

ଏ ସମ୍ପର୍କରେ ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସ୍ପେସାଲ ଟିବି. ସୁପରଭାଇଜର (ଏସ୍‌ଟିଏସ୍) ଶୁଭଶ୍ରୀ ମହାନ୍ତି କହିଛନ୍ତି ଯେ ସେ ୨୪ ତାରିଖରେ ଡୁବୁଲାଙ୍କ ବିଷୟରେ ଜାଣିବା ପରେ କଫର ନମୁନା ସଂଗ୍ରହ ପାଇଁ କର୍ମଚାରୀଙ୍କୁ ପଠାଇଥିଲେ। ଅବସ୍ଥା ଗୁରୁତର ଥିବାରୁ ନମୁନା ସଂଗ୍ରହ ହୋଇପାରି ନଥିଲା। ଏନେଇ ସ୍ୱାସ୍ଥ୍ୟ କର୍ମୀମାନେ ଡୁବୁଲାଙ୍କୁ ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ୧୦୮ ଆମ୍ବୁଲାନ୍ସ ଯୋଗେ ନେଇଥିଲେ। ସେଠାରୁ ତାଙ୍କୁ କଟକ ବଡ ଡାକ୍ତରଖାନାକୁ ପଠାଇ ଦିଆଯାଇଥିଲା। ସ୍ୱାଇଁ ତାଙ୍କ ସହ ଆମ୍ବୁଲାନ୍ସରେ ଯାଇଥିଲେ। ଆମ୍ବୁଲାନ୍ସ କର୍ମଚାରୀମାନେ ସେଠାରେ ତାଙ୍କୁ ଛାଡ଼ିକି ଆସିବା ପରେ କିଛି ଚିକିତ୍ସା ସେବା ନ ମିଳିବାରୁ ସେମାନେ ବାଧ ହୋଇ ପୁଣି ରାତି ଅଧରେ ୧୫୦୦ ଟଙ୍କା ଅଟୋ ଭଡ଼ା କରି ଘରକୁ ଫେରିଥିବା ସ୍ୱାଇଁ କହିଛନ୍ତି। ଏ ସମ୍ପର୍କରେ ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ସ୍ୱାସ୍ଥ୍ୟ କର୍ମୀମାନେ ପୁନର୍ବାର ଡୁବୁଲାଙ୍କୁ ମାହାଙ୍ଗା ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣି ଗୁରୁତର ଅବସ୍ଥାରେ ତାଙ୍କୁ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି ବୋଲି ଟିବି. ସୁପରଭାଇଜର ଶ୍ରୀମତୀ ମହାନ୍ତି କହିଛନ୍ତି। ଏ ସମ୍ପର୍କରେ ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଅଧୀକ୍ଷକ ଡା.ତନୁସ୍ମିତା ବିନ୍ଧାଣୀଙ୍କ ମତାମତ ମିଳିପାରିନାହିଁ।

## ନନ୍ଦନକାନନ ଗେଟ୍ ଆଗରେ ଘୋର ଅନ୍ଧାର

ବାରଙ୍ଗ, ୧।୭(ସମିସ): ଦେଶ ବିଦେଶରେ ଖ୍ୟାତି ଅର୍ଜନ କରିଥିବା ନନ୍ଦନକାନନ ପ୍ରାଣୀ ଉଦ୍ୟାନର ମୁଖ୍ୟ ଫାଟକ ଆଜି ଘୋର ଅନ୍ଧାରରେ ବୁଡି ରହିଛି। ଗୋଟିଏ ବି ଲାଇଟ୍ ନାହିଁ। ଗୋଟିଏ ବି ଦାୟିତ୍ୱ ନେବାକୁ ଲୋକ ନାହିଁ। ଏହା ଟେକ୍ନିକାଲ୍ ତ୍ରୁଟି ନୁହେଁ, ଏହା ସମ୍ପୂର୍ଣ୍ଣ ଅପାରଗତା ବୋଲି ଲୋକେ କହିଲେଣି। କୋଟି କୋଟି ଟଙ୍କାର ଟିକେଟ୍ ଆଦାୟ କରୁଥିବା ଏକ ଜାତୀୟ ସ୍ତରର ପ୍ରାଣୀ ଉଦ୍ୟାନର ଗେଟ୍ ଆଗରେ ଗୋଟିଏ ବଲ୍ ଜାଳିବାକୁ କାହା ପାଖରେ ସମୟ ନାହିଁ। ସନ୍ଧ୍ୟା ପରେ ଉଦ୍ୟାନରୁ ବାହାରୁଥିବା ପର୍ଯ୍ୟଟକ ଓ ସ୍ଥାନୀୟ ଦୋକାନୀମାନେ ମୋବାଇଲ୍ ଟର୍ଚ୍ଚ ଜାଳି ଯାତାୟାତ କରୁଛନ୍ତି। ଚୋରି, ଦୁର୍ଘଟଣା, ଅସଦାଚରଣ ଘଟିଲେ କିଏ ଉତ୍ତର ଦେବେ? ପ୍ରଚାର ବେଳେ ନନ୍ଦନକାନନ ଆମ ଗର୍ବ, ଆଉ କାମ ବେଳେ ଗେଟ୍ ଆଗରେ ଅନ୍ଧାର। ଏହି ଦୁଇମୁହାଁ ନୀତିକୁ ଆଉ କେତେଦିନ ସହିବେ ଲୋକ ସାଧାରଣ ରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

## ନାବାଳିକାକୁ ବିବାହ କରି ଯୁବକ ଗିରଫ

ଟାଙ୍ଗୀ, ୧।୭(ସମିସ): ନାବାଳିକାକୁ ବିବାହ, ଦୁଷ୍କର୍ମ ଏବଂ ଗର୍ଭବତୀ କରିବା ଅଭିଯୋଗରେ ଟାଙ୍ଗୀ ଥାନା ଅଭିଯୁକ୍ତକୁ ବୁଧବାର ଗିରଫ କରି ଅଦାଲତ ଚାଲାଣ କରିଥିବା ଜଣାପଡ଼ିଛି। ଅଭିଯୁକ୍ତ ଜଣକ ହେଲେ ଟାଙ୍ଗୀ ଥାନା ତରତ ଗ୍ରାମର ବିଜୟ ପୂର୍ତ୍ତି (୨୦)। ସୂଚନା ଅନୁସାରେ ତରତ ଗ୍ରାମ ନିକଟସ୍ଥ ଗ୍ରାମରେ ନାବାଳିକାର ଘର ହୋଇଥିବାରୁ ଅଭିଯୁକ୍ତ ବିଜୟର ନାବାଳିକା ସହିତ ସମ୍ପର୍କ ଗଢ଼ିଉଠିଥିବା ସହ ରଜ ଉତ୍ସବରେ ତା ଘରକୁ ନେଇ ଆଦିବାସୀ ପରମ୍ପରା ଅନୁସାରେ ବିବାହ କରିଥିଲା। ବିବାହ ପରେ ନାବାଳିକା ଜଣକ ଗର୍ଭବତୀ ହେବାରୁ କଟକ ବଡ଼ମେଡ଼ିକାଲ ଏକ ପୁତ୍ର ସନ୍ତାନ ଜନ୍ମ କରିଥିଲେ। ଚିକିତ୍ସା କରୁଥିବା ଡାକ୍ତର ଜାଣିବାକୁ ପାଇଲେକି ଝିଅଟି ନାବାଳକା ହୋଇଥିବାରୁ ମଙ୍ଗଳବାଗ ଥାନା ପରେ ଟାଙ୍ଗୀ ଥାନାକୁ ଜଣାଇଥିଲେ। ଟାଙ୍ଗୀ ଥାନା ଅଧିକାରୀ ଡ଼ ବିକାଶ ସେଠୀ ସବୁ ତଦନ୍ତ କରି ଝିଅର ବୟସ ୧୪ ବର୍ଷ ବୋଲି ଜାଣିବା ପରେ ପୋକ୍ସୋ ଆଇନ୍ ବଳରେ ଅଭିଯୁକ୍ତକୁ ଗିରଫ କରି ଅଦାଲତ ଚାଲାଣ କରିଥିବା ଜଣାପଡ଼ିଛି।

## ନୂଆପାଟଣାରୁ ବୋଲେରୋ ଚୋରି ଅଭିଯୋଗ

ତିଗିରିଆ, ୧।୭(ସମିସ): ତିଗିରିଆ ଥାନା ଅଧୀନ ନୂଆପାଟଣା ଅଞ୍ଚଳରୁ ଗୋଟିଏ ବୋଲେରୋ ଚୋରି ହୋଇଥିବା ନେଇ ଗାଡିର ମାଲିକ ତିଗିରିଆ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଗାଡିର ମାଲିକ ବଡମ୍ବା ବ୍ଲକ ଶଙ୍ଖାମେରୀ ଗ୍ରାମର ମୃତ୍ୟୁଞ୍ଜୟ ସାହୁ ଆଜକୁ ଦୀର୍ଘ ବର୍ଷ ନୂଆପାଟଣା ଅଞ୍ଚଳରେ ରହୁଛନ୍ତି। ତାଙ୍କର ବୋଲେରୋ ନଂ ଓଡ଼ି୦୫ଏସ୦୦୩୧ଟି ନୂଆପାଟଣା ଅଞ୍ଚଳର ବ୍ରହ୍ମାନନ୍ଦ ସାହୁ ନାମକ ଜଣେ ବ୍ୟକ୍ତି ଚଳାଉଥିଲେ। ଗତକାଲି ଅପରାହ୍ନ ୨ଟା ବେଳେ ବ୍ରହ୍ମାନନ୍ଦ ଗାଡିକୁ ନିଜ ଘର ପାଖରେ ଗାଡିକୁ ଚାବି ପକାଇ ରଖିଥିଲେ। ଆଜି ଦିନ ୧୨ ଟା ସମୟରେ ଉକ୍ତ ସ୍ଥାନକୁ ଯିବା ପରେ ଗାଡି ସେଠାରେ ନ ଥିବା ଦେଖିବାକୁ ପାଇଥିଲେ। ଏ ସମ୍ପର୍କରେ ବ୍ରହ୍ମାନନ୍ଦ ସଙ୍ଗେ ସଙ୍ଗେ ମାଲିକ ମୃତ୍ୟୁଞ୍ଜୟଙ୍କୁ ଘଟଣା ସମ୍ପର୍କରେ ଅବଗତ କରାଇଥିଲେ। ପରେ ଗାଡିର ମାଲିକ ଓ ଡ୍ରାଇଭର ବିଭିନ୍ନ ସ୍ଥାନରେ ଖୋଜାଖୋଜି ପରେ ଗାଡି ସମ୍ପର୍କରେ କୌଣସି ସୂଚନା ନ ମିଳିବାରୁ ଗାଡି ଚୋରି ନେଇ ତିଗିରିଆ ଥାନାରେ ଲିଖିତ ଅଭିଯୋଗ କରିଥିବା ସୂଚନା ମିଳିଛି।

## କିଶନନଗର ତହସିଲରୁ ୯ କର୍ମଚାରୀଙ୍କ ଏକକାଳୀନ ବଦଳି

କିଶନନଗର, ୧।୭(ସମିସ): କଟକ ସଦର ଅଧୀନ କିଶନନଗର ତହସିଲରୁ ଏକକାଳୀନ ୯ ଜଣ କର୍ମଚାରୀ ବଦଳି ହୋଇଛନ୍ତି। ଏଣୁ ତହସିଲ କାର୍ଯ୍ୟରେ ଅଚଳାବସ୍ଥା ସୃଷ୍ଟି ହୋଇଛି। ୨ ଜଣ ଆର୍‌ଆଇ, ୨ ଜଣ ଏଆର୍ ଆଇ, ୨ ଜଣ ଅମିନ, ଜଣେ ଏସ୍‌ଓ, ଜଣେ ବରିଷ୍ଠ କିରାଣି ଓ ଜଣେ କନିଷ୍ଠ କିରାଣିଙ୍କ ବଦଳି ହୋଇଛି। ଏମାନଙ୍କ ମଧ୍ୟରେ କିଛି କ୍ଷେତ୍ର କର୍ମଚାରୀ ବିଭିନ୍ନ ଆଳରେ ସିଧାସଳଖ ଲୋକମାନଙ୍କଠାରୁ ମୋଟା ଅଙ୍କର ଅର୍ଥ ଆଦାୟ କରୁଥିବା ଅଭିଯୋଗକୁ ନେଇ ବିବାଦରେ ଛନ୍ଦି ହୋଇଥିଲେ।

## ବାଲିପଦାରୁ ନଳକୂପ ଗାଏବ

ନରସିଂହପୁର, ୧।୭(ସମିସ): ନରସିଂହପୁର ବ୍ଲକ ବାଲିସାହି ପଞ୍ଚାୟତର ବାଲିପଦା ସାହି (ଖ)ରୁ ନଳକୂଅ ଗାଏବ ହୋଇ ଯାଇଛି। ଗାଁର ଜଣେ ବ୍ୟକ୍ତିଙ୍କ ଘର ସାମନାର ସରକାରୀ ଜାଗାରେ ପୂର୍ବତନ ସରପଞ୍ଚ ସୂର୍ଯ୍ୟ ତ୍ରିପାଠୀଙ୍କ ମାଧ୍ୟମର ଗ୍ରାମବାସୀଙ୍କ ପାଇଁ ଗୋଟିଏ ନଳକୂଅ ଖନନ କରାଯାଇଥିଲା। ଏହାଦ୍ୱାରା ଗ୍ରାମବାସୀଙ୍କ ବହୁ ସୁବିଧା ହେଉଥିଲା; କିନ୍ତୁ ଆଜକୁ ପ୍ରାୟ ୪ ବର୍ଷ ହେବ ସେହି ଗ୍ରାମର କିଛି ବ୍ୟକ୍ତି ନିଜର ସ୍ୱାର୍ଥ ହାସଲ କରିବା ପାଇଁ ନଳକୂଅଟିକୁ ମୂଳରୁ ଉଠାଇ ନେଇ ମଟର ଦ୍ୱାରା ପାଇପ୍ ସଂଯୋଗ କରି କେବଳ ନିଜ ଘରକୁ ହିଁ ପାଣିର ସୁବିଧା କରିଛନ୍ତି। ଗ୍ରାମବାସୀଙ୍କ କହିବା ଅନୁଯାୟୀ ସେହି ଗ୍ରାମରେ ୩ ଜଣ ବ୍ୟକ୍ତି ସେହି କାମରେ ଜଡିତ ଅଛନ୍ତି। ଏହି ଘଟଣା ଉପରେ ନଳକୂପ କାମରେ ପଞ୍ଚାୟତରେ କାର୍ଯ୍ୟରତ ଥିବା ଅଧିକାରୀଙ୍କ ଦୃଷ୍ଟି ପଡ଼ିନାହିଁ।

## ଶକ୍ତିଶ୍ୱର ମହାଦେବଙ୍କ ପ୍ରତିଷ୍ଠା ଦିବସ

ନିଶ୍ଚିନ୍ତକୋଇଲି, ୧।୭(ସମିସ) : ନିଶ୍ଚିନ୍ତକୋଇଲି ବ୍ଲକ ଅଧୀନ ବାଣୀନଗରଠାରେ ଥିବା ପ୍ରଭୁ ଶ୍ରୀ ଶ୍ରୀ ଶକ୍ତିଶ୍ୱର ମହାଦେବଙ୍କ ୩୩ତମ ପ୍ରତିଷ୍ଠା ଦିବସ ସମାରୋହରେ ପାଳିତ ହୋଇଛି। ପ୍ରତ୍ୟୁଷରୁ ପୂଜକ ଘନଶ୍ୟାମ ପାଢ଼ୀ ଓ ଶୁଭାଶିଷ ଷଡଙ୍ଗୀଙ୍କ ଦ୍ୱାରା ମଙ୍ଗଳଆଳତୀ, ମହାସ୍ନାନ, ଭସ୍ମାଭିଷେକ, ନୂତନ ବସ୍ତ୍ର ପରିଧାନ କରି ବିଭିନ୍ନ ପୁଷ୍ପ ଓ ବେଲପତ୍ରରେ ସୁସଜ୍ଜିତ କରିଥିଲେ। ଏହାପରେ ମହାଦେବଙ୍କର ବିଭିନ୍ନ ପାରମ୍ପରିକ ପୂଜାର୍ଚ୍ଚନା କରାଯାଇ ହେମଯଜ୍ଞ ଅନୁଷ୍ଠିତ ହୋଇଥିଲା। ଏହି ପୂଜାକର୍ମରେ ଆନନ୍ଦଧାମ ଟ୍ରଷ୍ଟର ଅଧ୍ୟକ୍ଷ ତଥା ପୂର୍ବତନ ମନ୍ତ୍ରୀ ଚନ୍ଦ୍ରସାରଥି ବେହେରା ଓ ତାଙ୍କ ପତ୍ନୀ ଅଧ୍ୟାପିକା ଅନ୍ନପୂର୍ଣ୍ଣା ବେହେରା ଯୋଗଦେଇଥିବା ବେଳେ ଟ୍ରଷ୍ଟର ସଭ୍ୟ ରମେଶ ଚନ୍ଦ୍ର ସ୍ୱାଇଁ, ଚି ରଞ୍ଜନ ପ୍ରଧାନ, ସତ୍ୟସାରଥି ବେହେରା, ଅଚ୍ୟୁତାନନ୍ଦ ଦାସ, ରାଜେନ୍ଦ୍ର ବାରିକ, ବିଶ୍ୱେନ୍ଦୁ ମହାରଣା, ସନ୍ତୋଷ ରାଉତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଅସରାଏ ବର୍ଷାରେ ରାସ୍ତା ଅବସ୍ଥା ଶୋଚନୀୟ

ତିଗିରିଆ, ୧।୭ (ସମିସ): ତିଗିରିଆ ବ୍ଲକ ଗଦାଧରପୁର ପଞ୍ଚାୟତଅଧିନକଳିବିରିଗ୍ରାମରମୁଣ୍ଡିଆସାହିରୁକୋଚିଆଜୋରି ମୁଣ୍ଡିଆକୁ ଯାଇଥିବା ରାସ୍ତା ଅସରାଏ ବର୍ଷାରେ ଶୋଚନୀୟ ହୋଇଯାଇଛି। ଗ୍ରାମର ପ୍ରମୋଦ ମାଝୀଙ୍କ ଘରଠାରୁ ସୁଶାନ୍ତ ବଳଙ୍କ ଘର ପର୍ଯ୍ୟନ୍ତ ଥିବା ମାଟି ରାସ୍ତା ଅସରାଏ ବର୍ଷାରେ କାଦୁଅ ହୋଇଯାଉଛି। କୋଚିଆଜୋରି ମୁଣ୍ଡିଆ ଉପରେ ରହୁଥିବା ପ୍ରାୟ ୧୦ ଟି ପରିବାରର ୪୦ରୁ ଅଧିକ ଜନସାଧାରଣ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ କରିଛନ୍ତି। ବର୍ଷା ଦିନେ ଏହି ରାସ୍ତା ଦେଇ ଯାତାୟାତ କରିବା କଷ୍ଟକର ହେବାସହ ବିଶେଷ ଭାବେ ଜରୁରୀକାଳୀନ ସେବା ଯୋଗାଉଥିବା ଗାଡି ଗ୍ରାମକୁ ଯାଇପାରୁନାହିଁ। ଏହାଫଳରେ ଗ୍ରାମବାସୀମାନେ ବର୍ଷାଦିନେ ଜରୁରୀକାଳୀନ ସେବା ପାଇବାରେ ଅନେକ କଷ୍ଟ ଭୋଗ କରୁଥିବା ଅଭିଯୋଗ କରିଛନ୍ତି। ସ୍ଥାନୀୟ ପ୍ରଶାସନ ପକ୍ଷରୁ ଏହି ରାସ୍ତାକୁ ମରାମତି କରାଯିବା ସହ ପକ୍କା ସଡକ ନିର୍ମାଣ ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।



## ଓମ୍‌ସା ବନ୍ଦ ଡକରାରେ ସାମିଲ ହେଲେ ଉପଖଣ୍ଡ ଡାକ୍ତର

ଆଠଗଡ଼, ୧।୭(ସମିସ): ଓମସା ପକ୍ଷରୁ ୧୦ ଦଫା ଦାବି ପୂରଣ ଦାବିରେ ରାଜ୍ୟବ୍ୟାପୀ କାର୍ଯ୍ୟବନ୍ଦ ଡାକରାରେ ସାମିଲ ହୋଇଛନ୍ତି ଆଠଗଡ଼ ଉପଖଣ୍ଡର ସରକାରୀ ଡାକ୍ତରମାନେ। ଏହାର ପ୍ରଭାବରେ ଆଠଗଡ଼ ଉପଖଣ୍ଡ ମେଡିକାଲ ସମେତ ବିଭିନ୍ନ ସ୍ୱାସ୍ଥ୍ୟ କେନ୍ଦ୍ରରେ ରୋଗୀ ସେବା ବାଧାପ୍ରାପ୍ତ ହୋଇଛି। ଦୂରଦୂରାନ୍ତରୁ ଚିକିତ୍ସା ପାଇଁ ଆସିଥିବା ଅନେକ ରୋଗୀ ନିରାଶ ହୋଇ ଘରକୁ ଫେରିଛନ୍ତି। ଓମସାର ୧୦ ଦଫା ଦାବିକୁ ନେଇ ଆରମ୍ଭ ହୋଇଥିବା କାର୍ଯ୍ୟବନ୍ଦ ଆନ୍ଦୋଳନର ପ୍ରଭାବ ଆଠଗଡ଼ରେ ସ୍ପଷ୍ଟ ଭାବେ ଦେଖିବାକୁ ମିଳିଛି। ଉପଖଣ୍ଡ ମେଡିକାଲ ସହ ବିଭିନ୍ନ ସ୍ୱାସ୍ଥ୍ୟ କେନ୍ଦ୍ରରେ ନିୟମିତ ଚିକିତ୍ସା ସେବା ବ୍ୟାହତ ହୋଇଛି। ଡାକ୍ତରଙ୍କ କାର୍ଯ୍ୟବନ୍ଦ ଯୋଗୁଁ ସେବା ନମିଳିବାରୁ ନିରାଶ ହୋଇ ଘରକୁ ଫେରିଛନ୍ତି। ଓମସାର ୧୦ ଦଫା ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଜାରି ରହିବ ବୋଲି ଆଠଗଡ଼ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରର ଅଧୀକ୍ଷକ ଡାକ୍ତର ମାନସ ପାଣି ପ୍ରକାଶ କରିଛନ୍ତି।

## ଡାକ୍ତରମାନଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ

ତିଗିରିଆ, ୧।୭ (ସମିସ)

ଓଡ଼ିଶା ମେଡ଼ିକାଲ ସର୍ଭିସେସ ଆସୋସିଏସନ (ଓମସା) ଆହ୍ୱାନ କମିଟିର ନିର୍ଦ୍ଦେଶ କ୍ରମେ ୧୦ ଦଫା ଦାବି ନେଇ ଆଜି ତିଗିରିଆ ବ୍ଲକର ଦୁଇଟି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ୪ଟି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ କାର୍ଯ୍ୟରତ ୬ ଜଣ ନିୟମିତ ଡାକ୍ତର ଜରୁରୀକାଳୀନ ସେବା ସହିତ ସମସ୍ତ ଚିକିତ୍ସା ସେବା ସମ୍ପୂର୍ଣ୍ଣ ଭାବେ ବନ୍ଦ କରିଛନ୍ତି। ଏହାର ପ୍ରତିଫଳନ ତିଗିରିଆ ବ୍ଲକରେ ରୋଗୀସେବା ଉପରେ ପଡ଼ିବା ସହ ରୋଗୀସେବା ସମ୍ପୂର୍ଣ୍ଣ ଭାବେ ବ୍ୟାହତ ହୋଇଥିବା ସୂଚନା ମିଳିଛି। ଯୋଗ୍ୟତା ତାରିଖରୁ କେନ୍ଦ୍ରୀୟ ଦରମା ଗଠନ ଅନୁଯାୟୀ ଡିଏସିପି, ଓଏମଏଚଏସ କ୍ୟାଡରର ଦରମା ଗଠନ, ସମସ୍ତ ଗ୍ରେଡର ସମାନୁପାତିକ କ୍ୟାଡର ପୁନର୍ଗଠନ, ସୁପର ସ୍ପେଶାଲିଷ୍ଟ, ବିଶେଷଜ୍ଞ, ଡିପ୍ଲୋମା, ପ୍ରଶାସକଙ୍କ ପାଇଁ ବର୍ଦ୍ଧିତ ପ୍ରୋତ୍ସାହନ ଦାବି, କେବିକେ, କେବିକେ ପ୍ଲସ ଏବଂ ଟିଏସପି କ୍ଷେତ୍ରରେ ୩ ବର୍ଷର ଏକଜିଟ ନୀତି କାର୍ଯ୍ୟକାରୀ, ଦନ୍ତ କ୍ୟାଡରମାନଙ୍କୁ ଡ଼ିଏସିପି ବିଶେଷଜ୍ଞ ଭତ୍ତା ପୁନର୍ଗଠନ କରାଯିବା, ଓଏମଏଚଏସ କ୍ୟାଡର ପାଇଁ କ୍ୟାପିଟାଲ ହସ୍ପିଟାଲ ନିର୍ମାଣ, ନିୟମିତ ବାର୍ଷିକ ଓପିଏସସି ନିଯୁକ୍ତି, ସମସ୍ତ ସ୍ୱାସ୍ଥ୍ୟ ପ୍ରତିଷ୍ଠାନ ଭିତରେ ଅପରାଧୀ ମୁକ୍ତ କରିବା ପାଇଁ ୨୪ ଘଣ୍ଟିଆ ପୋଲିସ ପୋଷ୍ଟ ସହିତ ରାଜ୍ୟ ମେଡିକେୟାର ଆଇନର ସଂଶୋଧନ, ଆଡ଼୍‌ହକ୍ ଡାକ୍ତରଙ୍କୁ ନିୟମିତ କରିବା ଏବଂ ଡ଼ିଏସିପି ପାଇଁ ଆଡ଼୍‌ହକ୍ ଓ ଚୁକ୍ତି ଭିତ୍ତିକ ଡାକ୍ତରଙ୍କ ସେବା ଅବଧି ଅନ୍ତର୍ଭୁକ୍ତ କରିବା, ସମସ୍ତ ସ୍ୱାସ୍ଥ୍ୟ ସେବା କର୍ମଚାରୀ ଙ୍କ ପାଇଁ ସ୍ୱାସ୍ଥ୍ୟ ବୀମା ଦାବିରେ ଡାକ୍ତରମାନେ ଆନ୍ଦୋଳନକୁ ଓଲ୍ହାଇଛନ୍ତି। ଦୂର ଦୂରାନ୍ତରୁ ଆସିଥିବା ରୋଗୀମାନେ ଡାକ୍ତରଙ୍କୁ ନ ପାଇ ବିଭିନ୍ନ ସମସ୍ୟା ଭୋଗ କରିଥିବା ଦେଖିବାକୁ ମିଳିଥିଲା। ଆଜି ବିଭିନ୍ନ ସ୍ୱାସ୍ଥ୍ୟ କେନ୍ଦ୍ର ରେ ଚୁକ୍ତି ଭିତ୍ତିକ ଡାକ୍ତରଙ୍କୁ ନେଇ କାର୍ଯ୍ୟ ସମ୍ପାଦନ ହୋଇଥିବା ବେଳେ ଆଗକୁ ଡାକ୍ତରଙ୍କ ଆନ୍ଦୋଳନ ପ୍ରତ୍ୟାହୃତ ନ ହେଲେ ବ୍ଲକରେ ରୋଗୀ ସେବା ଗଭୀର ଭାବେ ପ୍ରଭାବିତ ହେବାର ଆଶଙ୍କା ସୃଷ୍ଟି ହୋଇଛି। ସରକାର ଯଥାଶୀଘ୍ର ଡାକ୍ତରଙ୍କ ଦାବି ମାନି ନେବାକୁ ସାଧାରଣରେ ଦାବି କରାଯାଇଛି।

## ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)

- ଡଲାର ୯୪.୬୭ ● ପାଉଣ୍ଡ ୧୨୬.୨୮
- ୟୁରୋ ୧୦୮.୫୨ ● ୟେନ୍ ୦.୫୮

## ସୁନା, ରୁପା ଦର (ଟଙ୍କାରେ)



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)

- ସୁନା: ୧,୨୯,୦୫୦ (ଭୁବନେଶ୍ୱର)
- ରୁପା : ୨,୪୫,୦୦୦ (କେଜି)



## ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)



- ସେନ୍‌ସେକ୍ସ ୭୬,୯୨୨.୦୦
- ନିଫ୍ଟି ୨୪,୦୦୫.୦୦

## ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)



- ପେଟ୍ରୋଲ୍- ୧୦୯.୧୫ (ଭୁବନେଶ୍ୱର)
- ଡିଜେଲ୍ - ୧୦୦.୮୦

# ତେଲ ଦର କମାଇଲା ନାୟରା

## ପେଟ୍ରୋଲ ୫ ଟଙ୍କା, ଡିଜେଲରେ ୩ ଟଙ୍କା ହ୍ରାସ

ନୂଆଦିଲ୍ଲୀ,୧୭ (ଏଜେନ୍ସି): ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ମୂଲ୍ୟରେ ହ୍ରାସ ପରେ ଘରୋଇ ବଜାରରେ କମିଛି ତେଲ ଦର। ହେଲେ ଏଥିଯୋଗୁ ଦେଶରେ ଗ୍ରାହକମାନଙ୍କୁ ସେମିତି କିଛି ଆଶ୍ୱସ୍ତି ମିଳିବ ନାହିଁ। ଏହି ଦର ହ୍ରାସ ରାଷ୍ଟ୍ରାୟତ୍ତ ତୈଳ କମ୍ପାନୀ ନୁହେଁ, ଘରୋଇ କମ୍ପାନୀ ନାୟରା ଏନର୍ଜି ପକ୍ଷରୁ କରାଯାଇଛି। କମ୍ପାନୀ ପେଟ୍ରୋଲ ଲିଟର ପିଛା ୫ ଟଙ୍କ ଏବଂ ଡିଜେଲରେ ୩ ଟଙ୍କା ହ୍ରାସ କରିଛି। ବୁଧବାର ଅର୍ଥାତ ଜୁଲାଇ ପହିଲାରୁ ନୂଆ ଦର ସାରା ଦେଶରେ ଲାଗୁ ହୋଇଯାଇଛି। ଦେଶରେ ନାୟରା ଏନର୍ଜିର ୭ ହଜାରରୁ ଅଧିକ ପେଟ୍ରୋଲ ପମ୍ପ ରହିଛି। ଗତ ଦୁଇ ବର୍ଷରେ ଏହା ପ୍ରଥମ ଥର ପାଇଁ ହୋଇଛି, ଯେତେବେଳେ କି କୌଣସି କମ୍ପାନୀ ରିଟେଲ୍ ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟ ହ୍ରାସ କରିଛନ୍ତି। ଏହାପଛରେ ବଡ କାରଣ ହେଉଛି ଏବେ ମଧ୍ୟପ୍ରାଚ୍ୟରେ ଉତ୍ତେଜନା କମିଛି । ଆମେରିକା ଏବଂ ଇରାନ ମଧ୍ୟରେ ଶାନ୍ତି ଚୁକ୍ତି ହୋଇଛି, ଯାହାର ପ୍ରଭାବରେ ଅନ୍ତରାଷ୍ଟ୍ରୀୟ ବଜାରରେ ଅଶୋଧିତ ତୈଳ ଦରରେ ଅହେତୁକ ହ୍ରାସ ଘଟିଛି।

ନାୟରା ଏନର୍ଜି ରଷର ରୋନନେଫ୍ଟ ସମର୍ଥିତ ତୈଳ କମ୍ପାନୀ। ଭାରତରେ ଏହାର ପେଟ୍ରୋଲ ପମ୍ପ୍ ସଂଖ୍ୟା ୭୦୦୦। ନାୟରା ହେଉଛି, ଘରୋଇ କ୍ଷେତ୍ରରେ ଦେଶର ସବୁଠାରୁ ବଡ ପେଟ୍ରୋଲ-ଡିଜେଲ୍ ରିଟେଲ୍ ବିକ୍ରେତା। ଉଚ୍ଚ ତୈଳ ଦର ଯୋଗୁ ବିଗତ କିଛି ଦିନ ହେବ ମହଙ୍ଗା ମାଡରେ ନାଏରାର ଉପରୋକ୍ତ ନିଷ୍ପତ୍ତି ନିର୍ଦ୍ଦିଷ୍ଟ ଅଞ୍ଚଳରେ ବଡ ଆଶ୍ୱସ୍ତି ଆଣିଛି। ଅନ୍ୟ ଦିଗରେ ସରକାରୀ ତୈଳ କମ୍ପାନୀଗୁଡିକରେ ତେଲ ଦର ସ୍ଥିର ରହିଛି। ଏଥିରେ କୌଣସି ପରିବର୍ତ୍ତନ ହୋଇନାହିଁ। ଆଇଓସିଏଲ, ବିପିସିଏଲ, ହିନ୍ଦୁସ୍ତାନ ପେଟ୍ରୋଲିୟମ ଭଳି କମ୍ପାନୀ କିନ୍ତୁ ପେଟ୍ରୋଲ ଏବଂ ଡିଜେଲ୍ ଦର ଅପରିବର୍ତ୍ତିତ ରଖିଛନ୍ତି। ଅନ୍ୟ ଏକ ବଡ଼ ନିଷ୍ପତ୍ତି ଅନୁଯାୟୀ, କେନ୍ଦ୍ର ସରକାର ଡିଜେଲ ବିକ୍ରି ଉପରେ ଲାଗୁ କରିଥିବା କଟକଣା ହଟାଇ ଦେଇଛନ୍ତି। ଏହାଫଳରେ ଏଣିକି ପେଟ୍ରୋଲ ପମ୍ପରେ ଦିନକୁ ଗୋଟିଏ ଗାଡ଼ି ପାଇଁ ଦିଆଯାଇଥିବା ମାତ୍ର ୨୦୦ ଲିଟର ଡିଜେଲ ଭରିବାର ସୀମା ରହିବ ନାହିଁ। ଗ୍ରାହକମାନେ ନିଜ ଆବଶ୍ୟକତା ଅନୁଯାୟୀ ଯେତିକି ଚାହିଁବେ ସେତିକି ଡିଜେଲ ଭରିପାରିବେ। ପୂର୍ବରୁ ଶିଳ୍ପ ଏବଂ ବଡ଼ ବ୍ୟବସାୟିକ କ୍ରେତାଙ୍କ କ୍ଷେତ୍ରରେ ଡିଜେଲ ବିକ୍ରି ରେ ଲାଗୁ ହୋଇଥିବା କଟକଣା ମଧ୍ୟ ହଟାଇ ଦିଆଯାଇଛି।





### ଦର କେବେ କମାଇବେ ରାଷ୍ଟ୍ରାୟତ୍ତ ତୈଳ କମ୍ପାନୀ?

### ଡିଜେଲ ବିକ୍ରିରୁ ହଟିଲା କଟକଣା

### ରହିବନି ପେଟ୍ରୋଲ ପମ୍ପରେ ଗୋଟିଏ ଗାଡ଼ିରେ ଦିନକୁ ୨୦୦ ଲିଟର ଡିଜେଲ ଭରିବାର ସୀମା

# ବାଣିଜ୍ୟକ ଏଲ୍‌ପିଜି ସିଲିଣ୍ଡର ମୂଲ୍ୟ ୧୮୦ ଟଙ୍କା କମିଲା





ନୂଆଦିଲ୍ଲୀ,୧୭ (ଏଜେନ୍ସି): ଗ୍ରାହକଙ୍କୁ ମିଳିଛି ଆଶ୍ୱସ୍ତି। କିନ୍ତୁ ଏହି ଆଶ୍ୱସ୍ତ ଘରୋଇ ରନ୍ଧନ ଗାସ୍ ଉପଭୋକ୍ତାଙ୍କୁ ନୁହେଁ। ଏହି ଆଶ୍ୱସ୍ତି ବ୍ୟବସାୟିକ ଗ୍ୟାସ୍ ସିଲିଣ୍ଡର ବ୍ୟବହାରକରୁଥିବା ଗ୍ରାହକଙ୍କୁ ମିଳିଛି। କାରଣ ଏକ ଗୁରୁତ୍ୱପୂର୍ଣ୍ଣ ଘଟଣାକ୍ରମେ କେନ୍ଦ୍ର ସରକାର ଆଜି ଲଗାତାର ଭାବେ ବଢିଚାଲିଥିବା ବାଣିଜ୍ୟକ ଏଲ୍‌ପିଜି ସିଲିଣ୍ଡର ମୂଲ୍ୟରେ ବଡ଼ ହ୍ରାସ କରିଛନ୍ତି। ଏହି ଅନୁଯାୟୀ, ୧୯ କେଜି ବିଶିଷ୍ଟ ବାଣିଜ୍ୟକ ଏଲ୍‌ପିଜି ସିଲିଣ୍ଡର ମୂଲ୍ୟ ୧୮୩ଟଙ୍କା ହ୍ରାସ ହୋଇଛି। ମୂଲ୍ୟ ହ୍ରାସ ପରେ ରାଜଧାନୀ ନୂଆଦିଲ୍ଲୀରେ ୧୯ କେଜି ବିଶିଷ୍ଟ ଏଲପିଜି ସିଲିଣ୍ଡର ମୂଲ୍ୟ ୩୧୧୩ରୁ ୨୯୩୦ ଟଙ୍କାକୁ ଖସିଆସିଛି ଅପରପକ୍ଷେ ୧୪.୨ କେଜି ବିଶିଷ୍ଟ ଘରୋଇ ଏଲ୍‌ପିଜି ସିଲିଣ୍ଡର ଦର ଅପରିବର୍ତ୍ତିତ ରହିଛି। ସୂଚନାଯୋଗ୍ୟ ଯେ, ଗତ କିଛି ଦିନ ଧରି ମଧ୍ୟପ୍ରାଚ୍ୟରେ ବଢୁଥିବା ଅସ୍ଥିରତା ଯୋଗୁ ବାଣିଜ୍ୟକ ଗ୍ୟାସ୍ ସିଲିଣ୍ଡର ମୂଲ୍ୟ ବୃଦ୍ଧି ପାଉଥିଲା , ଯେଉଁଥିରେ ଏବେ ହ୍ରାସ ହୋଇଛି। ଫଳରେ ୨୦୨୬ରେ ପ୍ରଥମ ଥର ପାଇଁ ଏଲପିଜି ସିଲିଣ୍ଡର ଦର ହ୍ରାସ ପାଇଥିବା ଦେଖିବାକୁ ମିଳିଛି। ଗତ ଜାନୁଆରୀରେ ବାଣିଜ୍ୟକ ଏଲ୍‌ପିଜି ସିଲିଣ୍ଡର ଦାମ୍ ସିଲିଣ୍ଡର ପିଛା ୧୬୯୧ ଟଙ୍କା ରହିଥିଲା। ଗତ ଦୁଇ ମାସ ତଳେ ଏଥିରେ ୯୯୩ ଟଙ୍କା ବୃଦ୍ଧି ଘଟି ଏହା ୩୦୦୦ ଟଙ୍କା ଅତିକ୍ରମ କରିଥିଲା। ଜୁନ ଆରମ୍ଭରୁ ଦର ପୁଣି ୪୨ ଟଙ୍କା ମହାଙ୍ଗା ହୋଇଥିଲା। ଫଳରେ ଦିଲ୍ଲୀରେ ସିଲିଣ୍ଡର ପିଛା ମୂଲ୍ୟ ୩୧୧୩ ଟଙ୍କା ୫୦ ପଇସା ଛୁଇଁଥିଲା। ତେବେ ଭୁବନେଶ୍ୱରରେ ବର୍ତ୍ତମାନ ଘରୋଇ ଗ୍ୟାସ୍ ସିଲିଣ୍ଡର ମୂଲ୍ୟ ୯୪୨ ଟଙ୍କାରେ ଅପରିବର୍ତ୍ତିତ ରହିଛି।

# ପେଟ୍ରୋଲ ରପ୍ତାନି ଉପରେ ଅସ୍ଥାୟୀ ଟିକସରେ ବୃଦ୍ଧି

### ଡିଜେଲ ଏବଂ ଏଟିଏଫ୍ ରପ୍ତାନୀ ଉପରେ ଶୁଳ୍କ ରିଆତି

### ନୂଆ ହାର ଜୁଲାଇ ପହିଲାରୁ ଲାଗୁ ହୋଇଛି

ନୂଆଦିଲ୍ଲୀ,୧୭ (ଏଜେନ୍ସି): ଘରୋଇ ବଜାରରେ ପର୍ଯ୍ୟାପ୍ତ ଇନ୍ଧନ ଉପଲବ୍ଧତା ସୁନିଶ୍ଚିତ କରିବା ପାଇଁ କେନ୍ଦ୍ର ସରକାର ଅସ୍ଥାୟୀ ଟିକସ (ଅତିରିକ୍ତ ଉତ୍ପାଦ ଶୁଳ୍କ) ହାରରେ ଏକ ବଡ଼ ପରିବର୍ତ୍ତନ କରିଛନ୍ତି। ପେଟ୍ରୋଲ ରପ୍ତାନି ଉପରେ ଶୁଳ୍କ ବୃଦ୍ଧି କରାଯାଇଛି। ସେହି ସମୟରେ, ସରକାର ଡିଜେଲ ଏବଂ ବିମାନ ଟର୍ବାଇନ୍ ଇନ୍ଧନ (ଏଟିଏଫ୍) ରପ୍ତାନି ଉପରେ ଅସ୍ଥାୟୀ (ୱିଣ୍ଡଫଲ୍) ଟିକସରେ ହ୍ରାସ କରିଛନ୍ତି। ତେବେ ଘରୋଇ ବ୍ୟବହାର ପାଇଁ ବିକ୍ରି ହେଉଥିବା ପେଟ୍ରୋଲ ଏବଂ ଡିଜେଲ ଉପରେ ଉତ୍ପାଦ ଶୁଳ୍କ ଅପରିବର୍ତ୍ତିତ ରହିଛି। ପେଟ୍ରୋଲ ରପ୍ତାନି ଉପରେ ଅସ୍ଥାୟୀ ଟିକସ (ସ୍ୱତନ୍ତ୍ର ଅତିରିକ୍ତ ଉତ୍ପାଦ ଶୁଳ୍କ) ପ୍ରତି ଲିଟର ୪ ଟଙ୍କାକୁ ବୃଦ୍ଧି କରିଛନ୍ତି, ଯାହା ପୂର୍ବ ଲିଟର ପିଛା ୧.୫୦ ଟଙ୍କା ଥିଲା। ଡିଜେଲ ଉପରେ ଟିକସ ପ୍ରତି ଲିଟର ୧୪ ଟଙ୍କାରୁ ହ୍ରାସ କରି ୮.୫୦ ଟଙ୍କା କରାଯାଇଛି। ବିମାନ ଟର୍ବାଇନ୍ ଇନ୍ଧନ (ଏଟିଏଫ୍) ଉପରେ ପ୍ରଶୁଳ୍କ ତି ଲିଟର ୧୨.୫୦ ଟଙ୍କାରୁ ହ୍ରାସ କରି ୭.୫୦ ଟଙ୍କା କରାଯାଇଛି। ଅର୍ଥ ମନ୍ତ୍ରଣାଳୟ ମଙ୍ଗଳବାର ପେଟ୍ରୋଲିୟମ ଉତ୍ପାଦ ରପ୍ତାନି ଉପରେ ସ୍ୱତନ୍ତ୍ର ଅତିରିକ୍ତ ଉତ୍ପାଦ ଶୁଳ୍କ ରେ ସଂଶୋଧନ ସମ୍ବନ୍ଧୀୟ ଦୁଇଟି ବିଜ୍ଞପ୍ତି ଜାରି କରିଛନ୍ତି।

# ଢେଙ୍କାନାଳର ସୁସ୍ୱାଦୁ ଆମ୍ବକୁ ସାରା ଦେଶରେ ପହଞ୍ଚାଉଛି ଜିଓଏୟାରଫାଇବର

ଭୁବନେଶ୍ୱର, ୧୭ (ସମିସ): ଓଡ଼ିଶାର ଢେଙ୍କାନାଳ ଜିଲ୍ଲାର କପିଳାଶ ପର୍ବତମାଳାର ପାଦଦେଶରେ ୩୦ ଏକର ପରିବ୍ୟାପ୍ତ ଶ୍ରୀ ଦତ୍ତାତ୍ରେୟ ସାଇ ଆଶ୍ରମର ଶାନ୍ତ ପରିବେଶରେ ରହିଛି ଏକ ମନ୍ଦିର, ଦେଶୀ ଗିର୍ ଗାଈଙ୍କ ଏକ ଗୋଶାଳା ଏବଂ ଜୈବିକ ଉପାୟରେ ଚାଷ ହେଉଥିବା ୩୦ରୁ ଅଧିକ ଲୋକପ୍ରିୟ ଆମ୍ବ କିସମର ଏକ ବିଶାଳ ଆମ୍ବ ବଗିଚା। ଜଙ୍ଗଲ ଘେରି ରହିଥିବା ପାହାଡ଼ ପାଦଦେଶର ଏହି ଆଶ୍ରମ ପାଇଁ ନିର୍ଭରଯୋଗ୍ୟ ଯୋଗାଯୋଗ ସାଧନ ବିନା ବାହାର ଅଞ୍ଚଳର ଲୋକଙ୍କ ସଂଗେ ଯୋଗାଯୋଗ କରିବା କଷ୍ଟକର ରହିଥିଲା। ଏବେ, ସେହି ସ୍ଥିତିରେ ପରିବର୍ତ୍ତନ ଆସିଛି। ଜିଓଏୟାରଫାଇବରର ହାଇ-ସ୍ପିଡ୍ ଡିଜିଟାଲ୍ ସଂଯୋଗ ଜରିଆରେ ପାହାଡିଆ ଅଞ୍ଚଳରେ ରହିଥିବା ଏହି ଆଶ୍ରମର ଡିଜିଟାଲ୍ ବୈଷମ୍ୟକୁ ଦୂର କରିଛି ଏବଂ ଏହାର କାର୍ଯ୍ୟ ପରିସରକୁ ଆଗକୁ ବଢ଼ାଇ ଭାରତର ୧୦ ରୁ ଅଧିକ ରାଜ୍ୟକୁ ଏହାର ଜୈବିକ ଉପାୟରେ ଚାଷ କରାଯାଇଥିବା ସୁସ୍ୱାଦୁ ଆମ୍ବ ପଠାଇବାରେ ସକ୍ଷମ ହୋଇଛି। କପିଳାଶ ବନାଞ୍ଚଳର ସମୃଦ୍ଧ ତଥା ପ୍ରାକୃତିକ ମାଟି ଗୁଣବତ୍ତା ଏବଂ ସମ୍ପୂର୍ଣ୍ଣ ଜୈବିକ ଖତ ବ୍ୟବହାର କରି, ଆଶ୍ରମ ପକ୍ଷରୁ ଆମ୍ରପାଲି, କେଶର, ଦଶେରୀ, ଲଙ୍ଗରା, ଚୌସା, ମଲ୍ଲିକା ଏବଂ ଆଲଫୋନ୍ସୋ ଭଳି ଲୋକପ୍ରିୟ ଆମ୍ବ ଉତ୍ପାଦନ ଆରମ୍ଭ ହୋଇଥିଲା।

# ରାଜୀବ କୁମାର ଏଚ୍‌ଡିଏଫ୍‌ସି ବ୍ୟାଙ୍କର ଅଣ-କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ



ନୂଆଦିଲ୍ଲୀ,୧୭ (ଏଜେନ୍ସି): ପୂର୍ବତନ ମୁଖ୍ୟ ନିର୍ବାଚନ କମିସନର ସଚିବ ରାଜୀବ କୁମାରଙ୍କୁ ମିଳିଛି ଆଉ ଏକ ନୂଆ ଦାୟିତ୍ୱ। ନିର୍ବାଚନ କମିସନର ଦସାୟିତ୍ୱରେ ଥିବା ସମୟରେ ବାରମ୍ବାର ବିରୋଧୀଙ୍କ ଦ୍ୱାରା ସମାଲୋଚିତ ହେଉଥିବା ରାଜୀବ କୁମାର ହୋଇଛନ୍ତି ଏଚ୍‌ଡିଏଫ୍‌ସି ବ୍ୟାଙ୍କର ନୂତନ ଅଣ-କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ। ସେ ଚାରି ବର୍ଷ ପାଇଁ ଏହି ପଦରେ କାର୍ଯ୍ୟ କରିବେ। ତାଙ୍କର ନିଯୁକ୍ତି କାର୍ଯ୍ୟକାରୀ ହୋଇଛି। ଏଠାରେ ସୂଚନାଯୋଗ୍ୟ ଯେ, ରାଜୀବ କୁମାର ଦେଶର ୨୫ ତମ ମୁଖ୍ୟ ନିର୍ବାଚନ କମିଶନର ଭାବରେ କାର୍ଯ୍ୟ କରିଛନ୍ତି। ଏଚ୍‌ଡିଏଫ୍‌ସି ବ୍ୟାଙ୍କର ନିର୍ଦ୍ଦେଶକ ମଣ୍ଡଳୀ ସୋମବାର ପୂର୍ବତନ ଅର୍ଥ ସଚିବ ରାଜୀବ କୁମାରଙ୍କୁ ଏହି ପଦ ପାଇଁ ମନୋନୀତ କରିଛି। ବ୍ୟାଙ୍କ ଏକ ନିୟାମକ ଫାଇଲିଂରେ ଏହା ଘୋଷଣା କରାଯାଇଛି। ବ୍ୟାଙ୍କ କହିଛି ଯେ ତାଙ୍କର ନିଯୁକ୍ତି ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ର ଅନୁମୋଦନ ଉପରେ ନିର୍ଭର କରେ। କେନ୍ଦ୍ରୀୟ ବ୍ୟାଙ୍କର ଅନୁମୋଦନ ପରେ, କୁମାରଙ୍କୁ ତିନି ବର୍ଷ ପାଇଁ ବ୍ୟାଙ୍କର ପାର୍ଟଟାଇମ୍ ଅଧ୍ୟକ୍ଷ ଭାବରେ ନିଯୁକ୍ତ କରାଯିବ। ଆର୍‌ବିଆଇ ଅନୁମୋଦନ ତାରିଖରୁ ଏହି ନିଯୁକ୍ତି କାର୍ଯ୍ୟକାରୀ ହେବ।

# ଭାରତଠାରୁ ପେଟ୍ରୋଲ କିଣିବ ରୁଷ

ନୂଆଦିଲ୍ଲୀ,୧୭ (ଏଜେନ୍ସି): ଆଜି ଯାଏଁ ସମସ୍ତେ ଜାଣନ୍ତି ଯେ, ଆମେ ଶୁଣିଥିଲୁ, ଭାରତ ରୁଷ ଠାରୁ ତେଲ କିଣୁଛି। ଅଶୋଧିତ ତୈଳ କିଣିବା ମାମଲାରେ ଏକଦା ରୁଷ ସବୁଠୁ ଭାରତର ବଡ଼ ଯୋଗାଣକାରୀ ଥିଲା। କିନ୍ତୁ ଏବେ ଏପରି ଏକ ରିପୋର୍ଟ ଆସିଛି, ଯାହା ଏକ ଭିନ୍ନ ଚିତ୍ର ପ୍ରଦାନ କରୁଛି। ନିଜ ତେଲ ଆବଶ୍ୟକତା ପୂରଣ ପାଇଁ ରୁଷ ଏବେ ଭାରତଠାରୁ ତେଲ କିଣିବ।ୟୁକ୍ରେନ୍‌ର ଡ୍ରୋନ ଆକ୍ରମଣ ଯୋଗୁଁ ରୁଷରତୈଳ ବିଶୋଧନାଗାରଗୁଡ଼ିକରେ ହୋଇଥିବା କ୍ଷତି ଏବଂ ପେଟ୍ରୋଲ ସଙ୍କଟର ମୁକାବିଲା କରିବା ପାଇଁ ରୁଷ ଏବେ ଭାରତରୁ ପେଟ୍ରୋଲ ଆମଦାନୀ କରିବା ଆରମ୍ଭ କରିଛି। ରଏଟର୍ସର ଏକ ରିପୋର୍ଟ ଅନୁସାରେ, ବାଣିଜ୍ୟକ ସୂତ୍ର ଏବଂ ଜାହାଜ ଚଳାଚଳ ତଥ୍ୟରୁ ଏହି ସୂଚନା ମିଳିଛି। ସାଧାରଣତଃ ରୁଷିଆ ନିଜେ ଏକ ପ୍ରମୁଖ ତୈଳ ରପ୍ତାନିକାରୀ ଦେଶ, କିନ୍ତୁ ବର୍ତ୍ତମାନର ପରିସ୍ଥିତି ଯୋଗୁଁ ତାକୁ ଅନ୍ୟ ଦେଶରୁ ପେଟ୍ରୋଲ କିଣିବାକୁ ପଡୁଛି। ମଙ୍ଗଳବାର କ୍ରେମଲିନ୍ କହିଛି ଯେ ରୁଷ ଅନ୍ୟ ଦେଶମାନଙ୍କ ସହିତ ଯୋଗାଯୋଗରେ ଅଛି ଏବଂ ସୁଲଭ ମୂଲ୍ୟରେ ଇନ୍ଧନ ଆମଦାନୀ ବିଷୟରେ ଆଲୋଚନା କରୁଛି।

# ଯାଞ୍ଚ ହେବ ହ୍ୱାଟ୍ସଆପ୍ ୟୁଜରନେମ୍ ଫିଚର

## ଭାରତରେ ଲଞ୍ଚ୍ ନ କରାଇବାକୁ ସରକାରଙ୍କ ନିର୍ଦ୍ଦେଶ





ନୂଆଦିଲ୍ଲୀ, ୧୭ (ଏଜେନ୍ସି): ହ୍ୱାଟ୍ସଆପ୍ ନିକଟରେ ନିଜର ନୂଆ ୟୁଜରନେମ୍ ଫିଚର୍ ଆରମ୍ଭ କରିଛି। ଏହି ଫିଚର୍ ଜରିଆରେ ଏବେ ୟୁଜର ନିଜ ମୋବାଇଲ୍ ନମ୍ବର ନ ଦେଇ ମଧ୍ୟ ଅନ୍ୟ ୟୁଜର୍ସଙ୍କ ସହ କଥା ହୋଇପାରିବେ। ଏହାପରେ କେନ୍ଦ୍ର ସରକାର ହ୍ୱାଟ୍ସଆପ୍କୁ ବର୍ତ୍ତମାନ ପାଇଁ ଭାରତରେ ଏହାର ୟୁଜରନେମ୍ ଫିଚର ଶୁଭାରମ୍ଭ ନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ୟୁଜରନେମ୍ ଫିଚର୍ ଉପରେ କମ୍ପାନୀର କହିବା ହେଉଛି ଏପରି କରିବା ଦ୍ୱାରା ୟୁଜର୍ସଙ୍କ ଗୋପନୀୟତା ପୂର୍ବ ଅପେକ୍ଷା ଅଧିକ ସୁରକ୍ଷିତ ରହିବ। କିନ୍ତୁ ଭାରତ ସରକାର ଏହି ଫିଚର୍ସଙ୍କୁ ନେଇ ସତର୍କ ହୋଇଛନ୍ତି। ସରକାରଙ୍କ ଆଶଙ୍କା ଯଦି ଏହାର ଅପବ୍ୟବହାର କରାଯାଏ, ତେବେ ଅଇନଲାଇନ୍ ଫ୍ରଡ୍ ଏବଂ ଫେକ୍ ଆଇଡି ସଂଖ୍ୟା ବୃଦ୍ଧି ପାଇବ।

ମିଳିଥିବା ସୂଚନା ଅନୁଯାୟୀ, ସରକାର ମେଟାକୁ ନିର୍ଦ୍ଦେଶ ଦେଇଛନ୍ତି ଯେ ଏହି ଫିଚର ଉପରେ ଆଲୋଚନା ସମ୍ପୂର୍ଣ୍ଣ ନ ହେବା ପର୍ଯ୍ୟନ୍ତ ଏହାକୁ ଭାରତରେ ଲଞ୍ଚ ନ କରିବାକୁ କୁହାଯାଇଛି। ଏହି ପ୍ରସଙ୍ଗରେ ସରକାର ମେଟାକୁ ଏକ ନୋଟିସ ମଧ୍ୟ ପଠାଇଛନ୍ତି। ୩ ଦିନ ମଧ୍ୟରେ ଏହାର ଜବାବ ମାଗିଛନ୍ତି। ସରକାର ଏହି ଫିଚରର ସମସ୍ତ ଦିଗ ଯାଞ୍ଚ କରୁଛନ୍ତି। ବର୍ତ୍ତମାନ, ସରକାର କିମ୍ବା ମେଟା ପକ୍ଷରୁ ଏହା ଉପରେ କୌଣସି ସରକାରୀ ବିବୃତ୍ତି ଜାରି କରାଯାଇ ନାହିଁ। ସରକାର ହ୍ୱାଟ୍ସଆପ୍ ର ନୂତନ ୟୁଜରନେମ୍ ଫିଚର ଯାଞ୍ଚ କରିବାକୁ ଚାହୁଁଛନ୍ତି। ସରକାର କହିଛନ୍ତି ଯେ ଏହି ଫିଚର ପରିଚୟ ଲୁଚାଇ ଠକେଇ ଏବଂ ସାଇବର ଠକେଇର ବିପଦକୁ ଯଥେଷ୍ଟ ବୃଦ୍ଧି କରିପାରେ। ଏଥିରେ ଚିନ୍ତା ରହିଛି ଯେ ଥରେ ବ୍ୟବହାରକାରୀଙ୍କୁ ସେମାନଙ୍କର ଫୋନ୍ ନମ୍ବର ଲୁଚାଇବାକୁ ଅନୁମତି ଦିଆଗଲା, ଠକମାନଙ୍କ ପାଇଁ ଅନ୍ୟ କାହା ନାମରେ ନକଲି ଆକାଉଣ୍ଟ ତିଆରି କରି ଲୋକଙ୍କୁ ଠକିବା ସହଜ ହୋଇପାରେ।

### ଟେଲିଗ୍ରାମ ପରି ଅପବ୍ୟବହାର ହେବାର ଭୟ

### ନୂତନ ଫିଚର ୟୁଜରନେମ୍ ମାଧ୍ୟମରେ ଚାଟିଂ ଅନୁମତି ଦେବ

### ମେଟାକୁ ସରକାରଙ୍କ ନୋଟିସ୍

ଅପରପକ୍ଷେ ମେଶ ହ୍ୱାଟ୍ସଆପ୍ରେ ତା'ର ଏକ ଫିଚର ଲଞ୍ଚ କରିଛି ଯାହା ବ୍ୟବହାରକାରୀଙ୍କୁ ସେମାନଙ୍କର ମୋବାଇଲ ନମ୍ବର ପ୍ରକାଶ ନ କରି ଚାଟ୍ କରିବାକୁ ଅନୁମତି ଦେବ। ଏହି ଫିଚର ବ୍ୟବହାରକାରୀଙ୍କୁ କେବଳ ସେମାନଙ୍କର ୟୁଜରନେମ୍ ବ୍ୟବହାର କରି ନୂତନ କାହା ସହିତ ଚାଟ୍ କରିବାକୁ ଅନୁମତି ଦିଏ। ହ୍ୱାଟ୍ସଆପ୍‌ର ଭାରତରେ ୫୦୦ ନିୟୁତରୁ ଅଧିକ ବ୍ୟବହାରକାରୀ ରହିଛନ୍ତି। ଏହି ବିଶାଳ ଉପଭୋକ୍ତା ଆଧାରକୁ ସୁରକ୍ଷା ଦେବା ଏବଂ ନକଲି ପ୍ରୋଫାଇଲରୁ ଠକେଇକୁ ରୋକିବା ପାଇଁ, ସରକାର ନୂତନ ବୈଶିଷ୍ଟ୍ୟର ସୁରକ୍ଷା ମାନଦଣ୍ଡକୁ ପରୀକ୍ଷା କରିବାକୁ ଚାହୁଁଛନ୍ତି। କମ୍ପାନୀ ଜୁନ୍ ୨୯ରେ ସାରା ବିଶ୍ୱରେ ୟୁଜରନେମ୍ ପଞ୍ଜିକରଣ କରିବା ଆରମ୍ଭ କରିଥିଲା। ତଥାପି, ଏହି ବୈଶିଷ୍ଟ୍ୟ ସମସ୍ତ ଉପଭୋକ୍ତାଙ୍କ ପାଇଁ ଏକାଥରେ ଉପଲବ୍ଧ ହେବ ନାହିଁ। ଆଗାମୀ ମାସଗୁଡ଼ିକରେ ଏହାକୁ ଧୀରେ ଧୀରେ ସବୁ ଦେଶରେ ପ୍ରଚଳନ କରାଯିବ। ଯେତେବେଳେ ଏହି ବୈଶିଷ୍ଟ୍ୟ ସେମାନଙ୍କ ଅଞ୍ଚଳରେ ଉପଲବ୍ଧ ହେବ ସେତେବେଳେ ବ୍ୟବହାରକାରୀମାନେ ହ୍ୱାଟ୍ସଆପ୍ ମଧ୍ୟରେ ଏକ ବିଜ୍ଞପ୍ତି ପାଇବେ।

ଏଥିରେ ବିଶ୍ୱବ୍ୟାପୀ ଲକ୍ଷ ଲକ୍ଷ ଉପଭୋକ୍ତା ସମାନ କିମ୍ବା ସମାନ ୟୁଜରନେମ୍ ମଧ୍ୟରୁ ଗୋଟିଏକୁ ବାଛିପାରିବେ। ଯେଉଁମାନେ ସେମାନଙ୍କର ୟୁଜରନେମ୍ ଶୀଘ୍ର ସେଭ୍ କରନ୍ତି ସେମାନେ ଚାହୁଁଥିବା ୟୁଜରନେମ୍‌ମ୍ ପାଇବାର ସମ୍ଭାବନା ଅଧିକ ରହିବ। ୟୁଜରନେମ୍ ବୈଶିଷ୍ଟ୍ୟ ପ୍ରଚଳନ ସହିତ କିଛି ପରିସ୍ଥିତିରେ ଫୋନ୍ ନମ୍ବରଗୁଡ଼ିକ ଆଉ ସ୍ୱୟଂଚାଳିତ ଭାବରେ ଦେଖାଯିବନାହିଁ। ଏହି ପରିବର୍ତ୍ତନ ୟୁଜରଙ୍କ ଫୋନ୍ ନମ୍ବରକୁ ଗୋପନୀୟ ରଖିବ। ଯଦି ୟୁଜର ଏହାକୁ ସେୟାର କରିବାକୁ ବାଛନ୍ତି ,ତେବେ ଏହା କେବଳ ଦୃଶ୍ୟମାନ ହେବ।

# ଜାତୀୟ ଡାକ୍ତର ଦିବସରେ ବେଦାନ୍ତ ଆଲୁମିନିୟମର ସ୍ୱାସ୍ଥ୍ୟସେବା

ଭୁବନେଶ୍ୱର, ୧୭ (ସମିସ): ଜାତୀୟ ଡାକ୍ତର ଦିବସ ଅବସରରେ ବେଦାନ୍ତ ଆଲୁମିନିୟମ ଗ୍ରାମୀଣ ଭାରତରେ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ଉପଲବ୍ଧତାକୁ ସୁଦୃଢ଼ କରୁଥିବା ଡାକ୍ତର ଏବଂ ସ୍ୱାସ୍ଥ୍ୟସେବା ବୃତ୍ତିଗତଙ୍କ ଅମୂଲ୍ୟ ଅବଦାନକୁ ସମ୍ମାନ ଜଣାଉଛି । ଏହାର ସମ୍ପ୍ରଦାୟ ବିକାଶ ପ୍ରୟାସର ଏକ ଅଂଶ ଭାବରେ,

କମ୍ପାନୀ ଏହାର ବ୍ୟାପକ ହସ୍ପିଟାଲ, ମୋବାଇଲ୍ ହେଲ୍ଥ ୟୁନିଟ୍ ଏବଂ ଡାଇଗ୍ନୋଷ୍ଟିକ୍ ସେଣ୍ଟର ମାଧ୍ୟମରେ ଅନେକ ଆଗଧାଡ଼ିର ସ୍ୱାସ୍ଥ୍ୟସେବା ବୃତ୍ତିଗତଙ୍କୁ ନିୟୋଜିତ କରିଛି, ଯାହା ଓଡ଼ିଶା ଏବଂ ଛତିଶଗଡ଼ର ୭ ଲକ୍ଷରୁ ଅଧିକ ଲୋକଙ୍କ ପାଇଁ ଅତ୍ୟାବଶ୍ୟକ ସ୍ୱାସ୍ଥ୍ୟସେବା ଉପଲବ୍ଧତାକୁ ଆଗକୁ ବଢାଇଛି। ଜାତୀୟ ଡକ୍ଟର ଦିବସ ହେଉଛି ଏକ ସୁସ୍ଥ କର୍ମଶକ୍ତି ଏବଂ ସ୍ଥିର ସମ୍ପ୍ରଦାୟକୁ ବଜାୟ ରଖିବାରେ ଡାକ୍ତରୀ ବୃତ୍ତିଗତଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ସମ୍ମାନିତ କରିବାର ଏକ ଅବସର। ଏହା ପ୍ଲାଂଟ ଉତ୍ପାଦନ ଏବଂ ଦୀର୍ଘକାଳୀନ ସାମାଜିକ ପ୍ରଗତିକୁ ସକ୍ଷମ କରିବାରେ ଗୁଣାତ୍ମକ ସ୍ୱାସ୍ଥ୍ୟସେବାର ଗୁରୁତ୍ୱକୁ ଗୁରୁତ୍ୱାରୋପ କରେ। ଏହି ଅବସର ଭାରତର ସ୍ୱାସ୍ଥ୍ୟସେବା ଇକୋସିଷ୍ଟମକୁ ସମର୍ଥନ କରିବା ପାଇଁ ପ୍ରମୁଖ ସଂଗଠନଗୁଡ଼ିକର ଆବଶ୍ୟକତାକୁ ମଧ୍ୟ ଦୃଢ଼ କରିଛି।



## ଜୁଲାଇରେ ୮ ନିୟମରେ ବଡ଼ ପରିବର୍ତ୍ତନ

# ଏଲ୍‌ପିଜି ସିଲିଣ୍ଡରଠାରୁ ପାସ୍‌ପୋର୍ଟ ଫି' ଯାଏ ସବୁ ବଦଳିଲା

ନୂଆଦିଲ୍ଲୀ, ୧୭ (ଏଜେନ୍ସି): ଜୁଲାଇ ମାସ ଆରମ୍ଭ ହେବା ସହ ଦେଶରେ ଏକାଧିକ ନିୟମରେ ବଡ଼ ପରିବର୍ତ୍ତନ ହୋଇଛି। ଏଥିରୁ କିଛି ସାଧାରଣ ଲୋକଙ୍କୁ ଆଶ୍ୱସ୍ତି ଦେଉଥିବାବେଳେ ଆଉ କିଛି ନିୟମ ସିଧାସଳଖ ସେମାନଙ୍କର ପକେଟ୍ ଉପରେ ପ୍ରଭାବ ପକାଇବ। ଏହି ପରିବର୍ତ୍ତନ ଭିତରେ ରହିଛି ବାଣିଜ୍ୟକ ଗ୍ୟାସ ସିଲିଣ୍ଡର ଦର କମ୍ ହୋଇଥିବାବେଳେ ପାସପୋର୍ଟ ଫି'ରେ ବୃଦ୍ଧି ଭଳି ପଦକ୍ଷେପ ରହିଛି। ସେହିପରି ରେଳ ଯାତ୍ରା କ୍ଷେତ୍ରରେ ବି ପରିବର୍ତ୍ତନ ହୋଇଛି। ଆଧାର ଅପଡେଟ୍‌ଠାରୁ ଆରମ୍ଭ କରି କାର୍ କିଣିବା ପର୍ଯ୍ୟନ୍ତ ଜୁଲାଇ ପହିଲାରୁ ଲାଗୁ ହୋଇଥିବା ଏହି ୮ଟି ବଡ଼ ପରିବର୍ତ୍ତନ ଗୁଡିକ ହେଉଛି.....

ଜୁଲାଇ ପହିଲାରୁ ବାଣିଜ୍ୟକ ଏଲ୍‌ପିଜି ଗ୍ୟାସ ସିଲିଣ୍ଡର ଦରରେ ବଡ଼ ହ୍ରାସ ଦେଖିବାକୁ ମିଳିଛି। ଏଲ୍‌ପିଜି ଗ୍ୟାସ ସିଲିଣ୍ଡର ମୂଲ୍ୟରେ ସିଲିଣ୍ଡର ପିଛା ୧୮୩ ଟଙ୍କା ହ୍ରାସ କରାଯାଇଛି। ଏହାଫଳରେ ରାଜଧାନୀ ଦିଲ୍ଲୀରେ ଏବେ ବାଣିଜ୍ୟକ ସିଲିଣ୍ଡର ମୂଲ୍ୟ ୨,୯୩୦ ଟଙ୍କା ହୋଇଥିବାବେଳେ ପୂର୍ବରୁ ଏହା ୩,୧୧୩ ଟଙ୍କା ୫୦ ପଇସା ରହିଥିଲା। କମର୍ସିଆଲ୍ ସିଲିଣ୍ଡର ଶସ୍ତା ହେବା ଫଳରେ ରେସ୍ତୋରାଁ, ହୋଟେଲ ଏବଂ କ୍ୟାଟରିଂ ବ୍ୟବସାୟୀଙ୍କ ଖର୍ଚ୍ଚ କମିବ। ଏହାର ପ୍ରଭାବରେ ଚା, ଜଳଖିଆ, ଥାଳି ଏବଂ ବିବାହ କ୍ୟାଟରିଂ ମଧ୍ୟ ଶସ୍ତା ହୋଇପାରେ। ସେହିପରି ବେସରକାରୀ ଇନ୍ଧନ ବିକ୍ରେତା କମ୍ପାନୀ ନାୟରା ଏନର୍ଜି ପେଟ୍ରୋଲ ଲିଟର ପିଛା ୫ ଟଙ୍କା ଏବଂ ଡିଜେଲରେ ୩ ଟଙ୍କା ହ୍ରାସ ପୂର୍ବକ ଭୁବନେଶ୍ୱରରେ ପେଟ୍ରୋଲ ଲିଟର ପ୍ରତି ୧୦୯ ଟଙ୍କା ୩୨ ପଇସା ଓ ଡିଜେଲ ଲିଟର ପ୍ରତି ପାଖାପାଖି ୯୯ ଟଙ୍କା ୦୨ ପଇସାକୁ ଖସିଆସିଛି। ଦେଶରେ ନାୟରା ଏନର୍ଜିର ୭ ହଜାରରୁ ଅଧିକ ପେଟ୍ରୋଲ ପମ୍ପ ରହିଛି। ସେହିପରି ଡିଜେଲ ବିକ୍ରି ଉପରେ ଥିବା କଟକଣା ହଟାଇ ଦିଆଯାଇଛି। ସେହିପରି କେନ୍ଦ୍ର ସରକାର ବିମାନ ଟର୍ବାଇନ୍ ଫ୍ୟୁଏଲ୍ ଅର୍ଥାତ୍ ବିମାନ ଇନ୍ଧନ ଦରରେ ମଧ୍ୟ ପ୍ରତି ଲିଟର ୫ ଟଙ୍କା ହ୍ରାସ କରିଛନ୍ତି। ଏହା ପରେ ନୂଆ ଦର ପ୍ରତି ଲିଟର ୧୧୦ ଟଙ୍କା ହୋଇଛି। ଏହାର ପ୍ରଭାବରେ ବିମାନ ଟିକଟ୍ ଦର ମଧ୍ୟ ହ୍ରାସ ହୋଇପାରେ।

ଅନ୍ୟ ଏକ ପରିବର୍ତ୍ତନ ହେଉଛି ଜୁଲାଇ ପହିଲାରୁ ପାସପୋର୍ଟ ମହଙ୍ଗା କରିଦିଆଯାଇଛି। କେନ୍ଦ୍ର ସରକାର ପାସପୋର୍ଟ ଫି'ରେ ବୃଦ୍ଧି ରକିଛନ୍ତି। ୨୦୧୨ ପରେ ଅର୍ଥାତ୍ ଦୀର୍ଘ ୧୪ ବର୍ଷ ପରେ ପ୍ରଥମ ଥର ପାଇଁ ଦେଶରେ ପାସ୍‌ପୋର୍ଟ ଫି'ରେ ବୃଦ୍ଧି କରାଯାଇଛି। ସାଧାରଣ ପାସପୋର୍ଟର ଫି ୧,୫୦୦ ଟଙ୍କାରୁ ବଢ଼ି ୨,୫୦୦ ଟଙ୍କା ହୋଇଛି। ନୂଆ ପାସପୋର୍ଟ କିମ୍ବା ରି-ଇସ୍ୟୁ କରିବା ପାଇଁ ନାଗରିକଙ୍କୁ ୧,୦୦୦ରୁ ୨,୦୦୦ ଟଙ୍କା ପର୍ଯ୍ୟନ୍ତ ଅଧିକ ଖର୍ଚ୍ଚ କରିବାକୁ ପଡ଼ିବ। ପରିବର୍ତ୍ତନ ହୋଇଥିବା ୫ମ ନିୟମରେ ରେଳ ଯାତ୍ରୀଙ୍କ ପାଇଁ ମଧ୍ୟ ବଦଳିଛି ନିୟମ। ବିନା ଟିକଟରେ ଟ୍ରେନରେ ଯାତ୍ରା କଲେ ଏବେ ସର୍ବନିମ୍ନ ଜରିମାନା ୨୫୦ ଟଙ୍କାରୁ ବଢ଼ି ୫୦୦ ଟଙ୍କା ହୋଇଛି। ଧରାପଡ଼ିଲେ ପ୍ରକୃତ ଭଡ଼ା ସହ ସର୍ବନିମ୍ନ ୫୦୦ ଟଙ୍କା ଦେବାକୁ ପଡ଼ିବ। ମାମଲା ମାଜିଷ୍ଟ୍ରେଟ କୋର୍ଟକୁ ଗଲେ ଏବଂ ଦୋଷୀ ସାବ୍ୟସ୍ତ ହେଲେ ସର୍ବାଧିକ ୬ ମାସ ଜେଲ, ୧ ହଜାର ଟଙ୍କା ଜରିମାନା କିମ୍ବା ଉଭୟ ଦଣ୍ଡ ମିଳିପାରେ।

ଅପରପକ୍ଷେ ନୂଆ ନିୟମରେ ଆଧାର କାର୍ଡଧାରୀଙ୍କ ପାଇଁ ଖୁସି ଖବର ରହିଛି। ୟୁଆଇଡିଏଆଇ ଆଧାରରେ ଇ-ମେଲ୍ ଠିକଣା ଅପଡେଟ୍ ପାଇଁ ଲାଗୁଥିବା ୭୫ ଟଙ୍କା ଶୁଳ୍କକୁ ହଟାଇ ଦେଇଛି। ଏହି ସେବା ୨୦୨୬ ଡିସେମ୍ବର ୩୧ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ମାଗଣା ରହିବ। ଏହା ପରେ ପୁଣି ଶୁଳ୍କ ଲାଗୁ ହୋଇପାରେ।



## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ୧୨ ପ୍ରସ୍ତାବକୁ...

କ୍ୟାବିନେଟ୍ ବୈଠକ ପରେ ସାମ୍ବାଦିକ ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି, ଚଳିତ ଶିକ୍ଷାବର୍ଷ ୨୦୨୬-୨୭ରୁ ରାଜ୍ୟରେ ଏହି ଯୋଜନା କାର୍ଯ୍ୟକାରୀ ହେବ। ଏହି ଯୋଜନାରେ ସରକାରୀ ଏବଂ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟଗୁଡ଼ିକରେ ନବମରୁ ଦ୍ୱାଦଶ ଶ୍ରେଣୀରେ ପଢୁଥିବା ଛାତ୍ରଛାତ୍ରୀଙ୍କ ସମେତ ରାଜ୍ୟ ସରକାରୀ ବିଶ୍ୱବିଦ୍ୟାଳୟ, ସରକାରୀ କଲେଜ ଏବଂ ସରକାରୀ ଅନୁଦାନପ୍ରାପ୍ତ କଲେଜଗୁଡ଼ିକରେ ନିୟମିତ ଭାବେ ସ୍ନାତକ ଏବଂ ସ୍ନାତକୋତ୍ତର ପାଠ୍ୟକ୍ରମ କରୁଥିବା ଛାତ୍ରଛାତ୍ରୀମାନଙ୍କୁ ଅନ୍ତର୍ଭୁକ୍ତ କରାଯିବ। ଏହି ଯୋଜନାର ଲାଭ କେବଳ ଯୋଗ୍ୟ ସରକାରୀ ଏବଂ ସରକାରୀ ଅନୁଦାନପ୍ରାପ୍ତ ଅନୁଷ୍ଠାନଗୁଡ଼ିକ ଦ୍ୱାରା ପରିଚାଳିତ ନିୟମିତ ପାଠ୍ୟକ୍ରମର ଛାତ୍ରଛାତ୍ରୀମାନଙ୍କୁ ହିଁ ମିଳିବ। ସେଲ୍ଫ-ଫାଇନାନ୍ସିଙ୍ଗ୍ ପାଠ୍ୟକ୍ରମ କିମ୍ବା ଅନୁଷ୍ଠାନ, ବେସରକାରୀ ଅଣ-ଅନୁଦାନପ୍ରାପ୍ତ ଅନୁଷ୍ଠାନ, ପିପିପି ମୋଡ୍‌ର ଅନୁଷ୍ଠାନ ଓ ପାଠ୍ୟକ୍ରମ, ଏବଂ ବୃତ୍ତିଗତ ଓ ବୈଷୟିକ କାର୍ଯ୍ୟକ୍ରମଗୁଡ଼ିକୁ ଏହି ଯୋଜନାର ପରିସରଭୁକ୍ତ କରାଯାଇ ନାହିଁ। ଶିକ୍ଷାକୁ ସାର୍ବଜନୀନ କରିବା ପାଇଁ ବହୁ ବର୍ଷ ଧରି ଆମର ଯେଉଁ ଉଦ୍ୟମ ଜାରି ରହିଛି, ତାକୁ ସାକାର କରିବା ଦିଗରେ ଏହି ଯୋଜନା ଏକ ଫଳପ୍ରଦ ଭୂମିକା ଗ୍ରହଣ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ସେ କହିଛନ୍ତି ଯେ ଶିକ୍ଷାକୁ ସାମଗ୍ରିକ ଏବଂ ସ୍ଥାୟୀ ବିକାଶର ଭିତ୍ତି ଭାବେ ଗ୍ରହଣ କରି, ଓଡ଼ିଶା କ୍ୟାବିନେଟ୍ ଏହି ଯୋଜନାର କାର୍ଯ୍ୟକାରିତା ପାଇଁ ପ୍ରଥମ ଆର୍ଥିକ ବର୍ଷରେ ୮୯୫.୫୭ କୋଟି ଟଙ୍କା ଏବଂ ପାଞ୍ଚ ବର୍ଷ ଅବଧି ମଧ୍ୟରେ ୫,୪୬୭.୫୫ କୋଟି ଟଙ୍କାର ଆନୁମାନିକ ବ୍ୟୟ ଅଟକଳକୁ ମଞ୍ଜୁରୀ ଦେଇଛନ୍ତି। ଶିକ୍ଷା କ୍ଷେତ୍ରରେ ରାଜ୍ୟ ସରକାରଙ୍କ ଦ୍ୱାରା ବୃହତ୍ତମ ପୁଞ୍ଜିନିବେଶ ମଧ୍ୟରୁ ଏହା ଅନ୍ୟତମ ଏବଂ ଏହାଦ୍ୱାରା ପ୍ରତିବର୍ଷ ୩୨ ଲକ୍ଷରୁ ଅଧିକ ଛାତ୍ରଛାତ୍ରୀ ଉପକୃତ ହେବେ ଏବଂ ସେମାନଙ୍କ ପରିବାରର ଆର୍ଥିକ ବୋଝ ଯଥେଷ୍ଟ ମାତ୍ରାରେ ହ୍ରାସ ପାଇବ। ଏହି ପ୍ରୟାସ ଜାତୀୟ ଶିକ୍ଷା ନୀତି ୨୦୨୦, ଓଡ଼ିଶା ଭିଜନ ୨୦୩୬ ଏବଂ ଓଡ଼ିଶା ଭିଜନ ୨୦୪୭ ର ଉଦ୍ଦେଶ୍ୟକୁ ପୂରଣ କରିବାରେ ସହାୟକ ହେବ। 'ଜ୍ଞାନୋଦୟ- ଶିକ୍ଷାରୁ ସମୃଦ୍ଧି' କେବଳ ଏକ ଫି' ଛାଡ଼ କାର୍ଯ୍ୟକ୍ରମ ନୁହେଁ। ଆର୍ଥିକ ପୃଷ୍ଠଭୂମି ନିର୍ବିଶେଷରେ ଓଡ଼ିଶାର ପ୍ରତ୍ୟେକ ଶିଶୁ ଏବଂ ଯୁବକଯୁବତୀଙ୍କୁ ଶିକ୍ଷା ଗ୍ରହଣର ସମାନ ସୁଯୋଗ ମିଳିବା ନିଶ୍ଚିତ କରିବା ଦିଗରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଏହି ପ୍ରୟାସ ଶିକ୍ଷା ମାଧ୍ୟମରେ ପ୍ରତ୍ୟେକ ପରିବାରକୁ ସଶକ୍ତ କରିବ ଏବଂ ଜ୍ଞାନ, ସୁଯୋଗ ଓ ସାମଗ୍ରିକ ବିକାଶ ଉପରେ ଆଧାରିତ ଏକ "ବିକଶିତ ଓଡ଼ିଶା'ର ସଂକଳ୍ପକୁ ସାକାର କରିବା ପାଇଁ ରାଜ୍ୟ ସରକାରଙ୍କ ଦୃଢ଼ ପ୍ରତିବଦ୍ଧତାର ପ୍ରମାଣ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

### ୮ ଲେନ ହେବ...

ଡୁଡୁକା-ଗୋପାଳପୁର-ଟପରିଆ ଏମଡିଆର ରାସ୍ତା ସିଆରମାଲ ଓପନ୍ କାଷ୍ଟ ପ୍ରୋଜେକ୍ଟର ଖଣି ଅଂଚଳ ଦେଇ ଯାଉଥିବାରୁ ଏହି ରାସ୍ତାରେ ଯାତାୟାତକୁ ସ୍ୱାଭାବିକ ରଖିବା ନିମନ୍ତେ ଏହାର ୬.୮ କିମି ଅଂଶକୁ ଡାଇଭର୍ଟ କରାଯିବା ପ୍ରସ୍ତାବକୁ କ୍ୟାବିନେଟ ଅନୁମୋଦନ ଦେଇଛନ୍ତି। ଏହି ୬.୮ କିମି ରାସ୍ତାକୁ ୬ ଲେନ୍ ବିଶିଷ୍ଟ ସିମେଣ୍ଟ କଂକ୍ରିଟ ସର୍ଭିସ ରୋଡ୍ ଭାବେ ପରିଣତ କରାଯିବ। ଏଥିପାଇଁ ଦିଲ୍ଲୀପ ବିଲଡକନ୍ ଲିମିଟେଡ ଦେଇଥିବା ୧୬୦.୨୦କୋଟି ଟଙ୍କାର ବିଡକୁ କ୍ୟାବିନେଟ୍ ଅନୁମୋଦନ କରିଛନ୍ତି।

ଓଡ଼ିଶା ଡିପ୍ ସି ଫିସିଂ ମିଶନ୍ (୨୦୨୬-୨୦୩୬)କୁ କ୍ୟାବିନେଟ ଅନୁମୋଦନ ମିଳିଛି। ଏହି ଫ୍ଲାଗସିପ୍ ପ୍ରକଳ୍ପ ପାଇଁ ୨,୨୯୫.୪୫ କୋଟି ଟଙ୍କା ବ୍ୟୟ ହେବ। ଏହା ଦ୍ୱାରା ପ୍ରତି ବର୍ଷ ଅତିରିକ୍ତ ୨ ଲକ୍ଷ ମେଟ୍ରିକ୍ ଟନ୍ ସାମୁଦ୍ରିକ ମାଛ ଉତ୍ପାଦନ ଲକ୍ଷ୍ୟ ରହିଥିବା ବେଳେ ଏହାଦ୍ୱାରା ୫୦ ହଜାରରୁ ଅଧିକ ରୋଜଗାର ସୃଷ୍ଟି ଏବଂ ସାମୁଦ୍ରିକ ରପ୍ତାନୀ ପ୍ରାୟ ୫,୦୦୦ କୋଟି ଟଙ୍କା ପର୍ଯ୍ୟନ୍ତ ବଢ଼ିବ ବୋଲି ଆଶା କରାଯାଉଛି। ଏହା ବ୍ଲୁ ଇକନୋମୀକୁ ପ୍ରୋତ୍ସାହିତ କରିବ ଏବଂ ଉପକୂଳବର୍ତ୍ତୀ ମତ୍ସ୍ୟଜୀବୀଙ୍କ ଜୀବିକା ଉନ୍ନତ କରିବ ବୋଲି ରାଜ୍ୟ ସରକାର ଆଶା ରଖିଛନ୍ତି। ଅନ୍ୟ ଏକ ନିଷ୍ପତ୍ତି ଭାବେ ଓଡିଶା ରାଜ୍ୟ ଡାଟା ସେଣ୍ଟର ୨.୦କୁ ଅନୁମୋଦନ ମିଳିଛି। ଇଲେକ୍ଟ୍ରୋନିକ୍ସ୍ ଓ ଆଇଟି ବିଭାଗର ପ୍ରସ୍ତାବ ଅନୁସାରେ ଟିୟର-୩ କମ୍ପ୍ଲାଏଣ୍ଟ ଡାଟା ସେଣ୍ଟରର ସ୍ଥାପନ ପାଇଁ ୨୬୮.୪୪ କୋଟି ଟଙ୍କା ଅନୁମୋଦିତ ହୋଇଛି। ରାଜ୍ୟର ବଢୁଥିବା ଡିଜିଟାଲ୍ ଭିତ୍ତିଭୂମିର ଆବଶ୍ୟକତାକୁ ପୂରଣ କରିବା ପାଇଁ ଏହି ପଦକ୍ଷେପ ନିଆଯାଇଥିବା ରାଜ୍ୟ ସରକାରଙ୍କ ପକ୍ଷରୁ କୁହାଯାଇଛି।

ଏହି ପଦକ୍ଷେପଗୁଡ଼ିକୁ ମିଶାଇ ଉଚ୍ଚଶିକ୍ଷା ବିଭାଗର ଗୋଟିଏ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିଭାଗର ୨ ଟି, ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଦ୍ୟା ବିଭାଗର ଗୋଟିଏ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ଗୋଟିଏ, ନିର୍ମାଣ ବିଭାଗର ଦୁଇଟି, ଜଳସମ୍ପଦ ବିଭାଗର ତିନିଟି, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଗୋଟିଏ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ବିଭାଗରଗୋଟିଏ ପ୍ରସ୍ତାବ ଉପରେ କ୍ୟାବିନେଟ ମୋହର ମାରିଛି।

### ପଶିବ ଇଡି...

ମନ୍ଦିରରୁ ସବୁଠାରୁ ଅଧିକ ପରିମାଣର ଦାନ ଅର୍ଥ ଚୋରି ହୋଇଥିଲା। ଏହି ସମଗ୍ର ଘଟଣାର ମୁଖ୍ୟ ସୂତ୍ରଧର ସାଜିଥିବା ଦୁଇ ସମ୍ପର୍କୀୟ ଭାଇ (ଶଳା-ଭିଣୋଇ) ଲବକୁଶ ମିଶ୍ର ଓ ଅନୁକଳ୍ପ ମିଶ୍ରଙ୍କ ଉପରେ ଏବେ ପୋଲିସର ତୀକ୍ଷ୍ଣ ନଜର ରହିଛି।

ପୋଲିସର ସୂଚନା ଅନୁଯାୟୀ, ଏହି ଚୋରି ପଛରେ ଏକ ବଡ଼ ଷଡ଼ଯନ୍ତ୍ର ଥିଲା। ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଉଛି, ଲବକୁଶ ଏବଂ ଅନୁକଳ୍ପ ନାମକ ଦୁଇ ଅଭିଯୁକ୍ତ ସବୁଠାରୁ ଅଧିକ ଅର୍ଥ ଆତ୍ମସାତ କରିଛନ୍ତି। କେବଳ ସେତିକି ନୁହେଁ, ସେମାନେ ଏହି ଚୋରି ଟଙ୍କାରେ ଅଧା ଡଜନରୁ ଅଧିକ ସମ୍ପତ୍ତି ମଧ୍ୟ କିଣିଥିବା ଜଣାପଡ଼ିଛି। ବର୍ତ୍ତମାନ ଆୟକର ବିଭାଗ ଏବଂ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ର ସହାୟତାରେ ଏହି ଆର୍ଥିକ କାରବାରର ଗଭୀର ତଦନ୍ତ କରାଯାଉଛି। ଅଭିଯୁକ୍ତ ଅଭିନାଶ ଶୁକ୍ଲାଙ୍କ କୌଶଳପୁରୀସ୍ଥିତ ଏକ ଯୋଗ କେନ୍ଦ୍ରରେ ଥିବା ଆସ୍ଥାନରୁ ପୋଲିସ ବିପୁଳ ପରିମାଣର ନଗଦ ଟଙ୍କା ଜବତ କରିଛି। ସେଠାରେ ୪ଟି ବାକ୍ସ ଭିତରେ କମ୍ବଳରେ ଗୁଡ଼ାଯାଇ ଏହି ଟଙ୍କା ଲୁଚାଯାଇଥିଲା। ଗୋଟିଏ ବାକ୍ସ ଉପରେ 'ରାମ ରାଜ୍ୟ କୋଷ' ବୋଲି ମଧ୍ୟ ଲେଖାଯାଇଥିଲା। ଅଭିଯୁକ୍ତ ଅଭିନାଶଙ୍କ ସୂଚନା ଆଧାରରେ ପ୍ରାୟ ୮୯ ଲକ୍ଷ ଟଙ୍କା ଉଦ୍ଧାର କରାଯାଇଛି।

ମନ୍ଦିରର ଦାନ ବାକ୍ସ ଗଣତି ପାଇଁ ଷ୍ଟେଟ୍ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ (ଏସବିଆଇ) ର କିଛି କର୍ମଚାରୀ ନିୟୋଜିତ ଥିଲେ। ମନ୍ଦିର ଟ୍ରଷ୍ଟର ପୂର୍ବତନ ମହାସଚିବ ଚମ୍ପତ ରାୟଙ୍କ ଗାଡ଼ି ଚାଳକ ଟିଙ୍କୁ ଯାଦବଙ୍କ ଘରୁ ମଧ୍ୟ ନଗଦ ଟଙ୍କା ଉଦ୍ଧାର ହୋଇଛି। ଅନୁସନ୍ଧାନରୁ ଜଣାପଡ଼ିଛି ଯେ, ଟଙ୍କା ଗଣତି ଗୃହର ଗୋଟିଏ ଚାବି ଟିଙ୍କୁ ଯାଦବଙ୍କ ପାଖରେ ଏବଂ ଅନ୍ୟ ଚାବିଟି ବ୍ୟାଙ୍କ କର୍ମଚାରୀଙ୍କ ପାଖରେ ରହୁଥିଲା। ବ୍ୟାଙ୍କ କର୍ମଚାରୀ ଓ ଗାଡ଼ି ଚାଳକ ପରସ୍ପର ମଧ୍ୟରେ ବୁଝାମଣା କରି ପ୍ରତିଦିନ ମୋଟା ଅଙ୍କର ଟଙ୍କା ଗାଏବ କରୁଥିଲେ। କୁମ୍ଭମେଳା ସମୟରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ର ସୁଯୋଗ ନେଇ ଏହି ବଡ଼ ଧରଣର ଚୋରି କରାଯାଇଥିଲା।

ଅଭିଯୁକ୍ତ ଅବିନାଶ ଶୁକ୍ଲା ପୁଲିସ ଜେରା ବେଳେ ଅନେକ ଚାଞ୍ଚଲ୍ୟକର ତଥ୍ୟ ପ୍ରକାଶ କରିଛି। ସେ କୋଟି କୋଟି ଟଙ୍କା ଚୋରି କରିଥିବା ସ୍ୱୀକାର କରିବା ସହ ଚୋରିର ସମ୍ପୂର୍ଣ୍ଣ ତରିକା ବିଷୟରେ ପୁଲିସକୁ ଜଣାଇଛି। ଅବିନାଶର ବୟାନ ଅନୁଯାୟୀ, ମନ୍ଦିର ପରିସରରେ ଲାଗିଥିବା ସିସିଟିଭି କ୍ୟାମେରାଗୁଡ଼ିକର ଅବସ୍ଥିତି ବିଷୟରେ ସମସ୍ତ ଅଭିଯୁକ୍ତଙ୍କୁ ବେଶ୍ ଭଲଭାବେ ଜଣାଥିଲା। ସେମାନେ କ୍ୟାମେରା ନଜରରୁ ବଞ୍ଚିବା ପାଇଁ ଏକ ଦଳଗତ ଯୋଜନା କରିଥିଲେ, ଯେଉଁଥିରେ ଜଣେ ଟଙ୍କା ଚୋରି କରୁଥିବା ବେଳେ ଅନ୍ୟମାନେ ତାଙ୍କୁ ଚାରିପଟୁ ଘୋଡ଼ାଇ ରଖୁଥିଲେ। ଏହି ଚୋରି ଟଙ୍କାକୁ ପ୍ରଥମେ ମନ୍ଦିରର ବାଥରୁମ୍ (ଶୌଚାଳୟ) ଭିତରେ ଲୁଚାଇ ରଖାଯାଉଥିଲା ଏବଂ ପରେ ସୁଯୋଗ ଦେଖି ସେଠାରୁ ବାହାରକୁ ଚାଲାଣ କରାଯାଉଥିଲା। ଟ୍ରଷ୍ଟର ବଡ଼ ଅଧିକାରୀମାନଙ୍କ ସହ ସମ୍ପର୍କ ଥିବାରୁ କେହି ସେମାନଙ୍କୁ ସନ୍ଦେହ କରୁନଥିଲେ।

### ପିଲାଙ୍କୁ ମିଳିବ...

ଦିଆଯିବ। ନୂଆ ବହି ଆସିବା ପର୍ଯ୍ୟନ୍ତ ଏସ୍‌ସିଇଆର୍‌ଟି ପକ୍ଷରୁ ଓସେପା ଜରିଆରେ ଜାରି କରାଯାଇଥିବା ସଂଶୋଧିତ ତଥ୍ୟକୁ ନେଇ ପାଠପଢ଼ା ହେବ। ସଂଶୋଧିତ ପୁସ୍ତକର ସଫ୍ଟ କପିକୁ ଓସେପା ୱେବସାଇଟ୍‌ରେ ଉପଲବ୍ଧ କରାଯିବ। ସମ୍ପୂର୍ଣ୍ଣ ତ୍ରୁଟି ସଂଶୋଧନ ପରେ ସମସ୍ତଙ୍କ ଅବଗତି ପାଇଁ ବହି ଉପଲବ୍ଧ ହେବ। ମାତ୍ର କେବେ ସୁଦ୍ଧା ପିଲାଙ୍କୁ ନିର୍ଭୁଲ ପୁସ୍ତକ ଯୋଗାଇ ଦିଆଯିବ, ସେ ସମ୍ପର୍କରେ ସଚିବ କୌଣସି ସ୍ପଷ୍ଟ ଉତ୍ତର ରଖିନାହାନ୍ତି। ଖୁବଶୀଘ୍ର ପିଲାଙ୍କୁ ବହି ଯୋଗାଇ ଦିଆଯିବ ବୋଲି କହିଥିବାବେଳେ ସେହି ସମୟ କେବେ ଆସିବ ତାହା ସବୁଠାରୁ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଗତବର୍ଷ ଅଗଷ୍ଟ ମାସରୁ ନୂତନ ପୁସ୍ତକ ପ୍ରସ୍ତୁତି କାର୍ଯ୍ୟ ଆରମ୍ଭ ହୋଇଥିଲେ ମଧ୍ୟ ଏଯାଏଁ ଶତପ୍ରତିଶତ ବହି ଯୋଗାଇ ପାରି ନାହାନ୍ତି। ଏପରିସ୍ଥଳେ ଚଳିତବର୍ଷ ପିଲାମାନଙ୍କୁ କିପରି ତ୍ରୁଟିଶୂନ୍ୟ ପୁସ୍ତକ ଯୋଗାଇ ଦିଆଯିବ ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

### ଯେତିକି କୁହାଯାଉଛି...

ସହ ସେସବୁର ସଂଶୋଧିତ ତାଲିକା ଜାରି କରାଯାଇଛି। ଏହାସାତ୍ତ୍ୱେ ସଚିବ କାହିଁକି ଭୁଲ୍ ଘୋଡ଼ାଇବାକୁ ପ୍ରୟାସ କରୁଛନ୍ତି ତାହା ସ୍ପଷ୍ଟ ହୋଇନାହିଁ। ସାମ୍ବାଦିକ ସମ୍ମିଳନୀ ଡାକି ପୁସ୍ତକକୁ ନେଇ ଦ୍ୱନ୍ଦ୍ୱ ଦୂର କରିବା ପରିବର୍ତ୍ତେ ବିଭାଗୀୟ ସଚିବ ଘଟଣାକୁ ବେଶି ଗୋଳମାଳିଆ କରିଛନ୍ତି। ଯଦି ସମସ୍ତ ପିଲାଙ୍କୁ ନୂତନ ସଂଶୋଧିତ ପୁସ୍ତକ ଦିଆଯିବ, ତାହାଲେ କେବେ ସୁଦ୍ଧା ମିଳିବ? କିପରି ଭାବେ ସ୍ୱଳ୍ପ ସମୟରେ ପ୍ରାୟ ୩କୋଟି ବହି ଛପା ହେବ? ମନ୍ତ୍ରୀ ଓ ସଚିବଙ୍କ ସମେତ ଗଣଶିକ୍ଷା ବିଭାଗର ଅଧିକାରୀମାନେ ବହି ପ୍ରସଙ୍ଗରୁ ମୁକୁଳିବା ପାଇଁ ଆପ୍ରାଣ ଉଦ୍ୟମ କରୁଥିଲେ ହେଁ ବିବାଦ ତାଙ୍କ ପଛରେ ଛାଇ ଭଳି ଲାଗି ରହିଥିବା ଚର୍ଚ୍ଚା ଜୋର ଧରିଛି।

### ବିଜୟ ସରକାର...

ଏକାଠି ହୋଇ ସରକାର ବିରୋଧରେ ଭୋଟ୍ ଦେଇ ଏହାର ପତନ ଘଟାଇଥାଆନ୍ତେ। ତେବେ ଗୋଇନ୍ଦା ବିଭାଗ ଏହି ଷଡ଼ଯନ୍ତ୍ରକୁ ପଣ୍ଡ କରିଥିଲା। ଟିଭିକେ ବିଧାୟକ ଏନ୍. ଏଲାଇୟାରାଜା ଚେନ୍ନାଇ ପୋଲିସ ନିକଟରେ ଅଭିଯୋଗ କରିବା ପରେ ସମଗ୍ର ଘଟଣା ଲୋକଲୋଚନକୁ ଆସିଥିଲା। ସେ କହିଛନ୍ତି ।।ଯେ ଏକ କନସଲଟାନ୍ସି ସଂସ୍ଥାର କର୍ମଚାରୀ ବିଧାନସଭା ବାଚସ୍ପତିଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବକୁ ସମର୍ଥନ କରିବା ପାଇଁ ତାଙ୍କୁ ୩୫ କୋଟି ଟଙ୍କାର ପ୍ରଲୋଭନ ଦେଇଥିଲେ ଏବଂ ପରେ ଏ ବିଷୟରେ କାହାରିକୁ ନ କହିବା ପାଇଁ ଧମକ ମଧ୍ୟ ଦେଇଥିଲେ। ଏହି ମାମଲାରେ ପୋଲିସ ବର୍ତ୍ତମାନ ସୁଦ୍ଧା ୩ ଜଣଙ୍କୁ ଗିରଫ କରିଛି, ଯାହାଙ୍କର ସମ୍ପୃକ୍ତି ବିରୋଧୀ 'ଡିଏମକେ' ବିଧାୟକ ସେନ୍ଥିଲ ବାଲାଜୀଙ୍କ ସହ ଥିବା କୁହାଯାଉଛି।

ଏହି ଘଟଣାକୁ ନେଇ ଟିଭିକେର ଜଣେ ମନ୍ତ୍ରୀ ଡିଏମକେ ଏବଂ ଏଆଇଏଡିଏମକେ ଉପରେ କଡ଼ା ପ୍ରହାର କରିଛନ୍ତି। ସେ ଅଭିଯୋଗ କରିଛନ୍ତି ଯେ, ଏମକେ ଷ୍ଟାଲିନ ଏବଂ ଉଦୟନିଧିଙ୍କ ନିର୍ଦ୍ଦେଶରେ ସେନ୍ଥିଲ ବାଲାଜୀ ଏବଂ ତାଙ୍କ ସହଯୋଗୀମାନେ ଟିଭିକେ ବିଧାୟକମାନଙ୍କୁ ୧୦ରୁ ୫୦ କୋଟି ଟଙ୍କା ପର୍ଯ୍ୟନ୍ତ ଯାଚି ଦଳ ବଦଳାଇବାକୁ ଚେଷ୍ଟା କରୁଛନ୍ତି। ଅନ୍ୟପଟେ ଡିଏମକେ ଏହି ସମସ୍ତ ଅଭିଯୋଗକୁ ପ୍ରତ୍ୟାଖ୍ୟାନ କରିଛି। ଦଳର ମୁଖପାତ୍ର କହିଛନ୍ତି ଯେ, ସରକାରୀ ଦଳ କେବଳ ମିଛ କାହାଣୀ ପ୍ରସ୍ତୁତ କରି ଜନସାଧାରଣଙ୍କ ମନରେ ଭ୍ରମ ସୃଷ୍ଟି କରୁଛି ଏବଂ ଯଦି ସରକାରଙ୍କ ପାଖରେ ପ୍ରକୃତ ପ୍ରମାଣ ଅଛି, ତେବେ ସେମାନେ ସେନ୍ଥିଲ ବାଲାଜୀଙ୍କୁ ଗିରଫ କରି ଦେଖାନ୍ତୁ।

### ଅଭିଯୁକ୍ତ ଏଚ୍‌ଆଇଭି...

ମାମଲା ରୁଜୁ କରି ଅଭିଯୁକ୍ତକୁ ଗିରଫ କରିଥିଲା ଓ ଜାମିନ ନାମଞ୍ଜୁର ହେବାରୁ ତାକୁ ଜେଲ ପଠାଇ ଦିଆଯାଇଥିଲା। ତେବେ ପୋକ୍ସୋ ମାମଲାର ଅଭିଯୁକ୍ତ ହୋଇଥିବାରୁ ଜେଲ୍ ପକ୍ଷରୁ ଅଭିଯୁକ୍ତର ଏଚ୍‌ଆଇଭି ପରୀକ୍ଷା କରାଯାଇଥିଲା। ରିପୋର୍ଟ ଆସିବା ପରେ ଅଭିଯୁକ୍ତ ଜଣକ ଏଚ୍‌ଆଇଭି ପଜିଟିଭ୍ ସଂକ୍ରମିତ ବୋଲି ଜଣା ପଡ଼ିଥିଲା। ଏଚ୍‌ଆଇଭି ପଜିଟିଭ୍ ଅଭିଯୁକ୍ତ ଜଣଙ୍କ କୋଚିଂ ସେଣ୍ଟରରେ ଚାକିରି କରୁଥିବାରୁ ଅନେକ କଥା ଆଶଙ୍କା କରାଯାଉଛି।

### ରାଜ୍ୟବ୍ୟାପୀ ଡାକ୍ତରଙ୍କ...

ହୋଇଛି। ସରକାରଙ୍କ ପକ୍ଷରୁ ଏ ବିଷୟରେ ଏ ପର୍ଯ୍ୟନ୍ତ କୌଣସି ଆନୁଷ୍ଠାନିକ ପ୍ରତିକ୍ରିୟା ସାମ୍ନାକୁ ଆସିନାହିଁ। ସ୍ୱାସ୍ଥ୍ୟ ବିଭାଗରେ ଉଭୟ ପକ୍ଷମଧ୍ୟରେ ଆଲୋଚନା ଜାରି ରହିଥିବା ଜଣାପଡ଼ିଛି। ଓମ୍‌ସା ଡାକ୍ତରମାନଙ୍କ ସମସ୍ୟାର ଶୀଘ୍ର ସମାଧାନ ଦାବି କରିଛି ଏବଂ ରୋଗୀ ସେବା ପ୍ରତି ତାଙ୍କର ଦାୟିତ୍ୱ ସ୍ୱୀକାର କରି ଆନ୍ଦୋଳନକୁ ଶାନ୍ତିପୂର୍ଣ୍ଣ ରଖିବାର ପ୍ରତିଶ୍ରୁତି ଦେଇଛି।

---

**ନିରଞ୍ଜନ ପଟ୍ଟନାୟକଙ୍କ ଆତ୍ମଜୀବନୀ 'ସମୟ ସାକ୍ଷୀ' ଲୋକାର୍ପିତ**

# ଆତ୍ମଜୀବନୀରୁ ଜଣେ ବି ଯୁବକ ପ୍ରେରଣା ପାଇଲେ ରଚନା ସାର୍ଥକ ହେବ: ନିରଞ୍ଜନ



ଭୁବନେଶ୍ୱର,୧।୭(ସମିସ): ବରିଷ୍ଠ ରାଜନେତା ନିରଞ୍ଜନ ପଟ୍ଟନାୟକଙ୍କ ଆତ୍ମଜୀବନୀ "ସମୟ ସାକ୍ଷୀ' ବୁଧବାର ସନ୍ଧ୍ୟାରେ ୟୁଏଟିର କୃଷି ଶିକ୍ଷା ସଦନ ପ୍ରେକ୍ଷାଳୟରେ ଲୋକାର୍ପିତ ହୋଇଛି। ଏହି ପୁସ୍ତକଟି ଲୋକଲୋଚନକୁ ଆସିବା ପରେ ଏହାକୁ ନେଇ ଭିନ୍ନ ଭିନ୍ନ ଆଲୋଚନା ଆରମ୍ଭ ହୋଇଥିବା ବେଳେ ଅନେକ ପୁରୁଣା କଥା ମଧ୍ୟ ସାମନାକୁ ଆସିଛି। ଜଣେ ଶିଳ୍ପପତି ତଥା ରାଜନେତା ଭାବରେ ପରିଚିତ ନିରଞ୍ଜନଙ୍କ ଏହି ଆତ୍ମଜୀବନୀରେ ବିଗତ ଅର୍ଦ୍ଧଶତାବ୍ଦୀ ଓଡ଼ିଶାର ଅନେକ କାହାଣୀ ଉଲ୍ଲେଖ ରହିଛି।

ବିଶିଷ୍ଟ ଗାନ୍ଧୀବାଦୀ ନେତ୍ରୀ କୃଷ୍ଣା ମହାନ୍ତି, କେନାଲ ମଣିଷ ରୂପେ ପରିଚିତ କେନ୍ଦୁଝରର ଦୈତାରୀ ନାୟକ, ନିଜ ସ୍ତ୍ରୀଙ୍କ ଶବକୁ କାନ୍ଧରେ ବୋହିଥିବା କଳାହାଣ୍ଡିର ଦାନ ମାଝୀ, ଆନୁଷ୍ଠାନିକ ଶିକ୍ଷାରୁ ବଞ୍ଚିତ ହୋଇ ମଧ୍ୟ ଗଳ୍ପ କବିତା ରଚନା କରିଥିବା ତଥା ତୁମୁଡିବନ୍ଧର ବ୍ଲକ ଅଧ୍ୟକ୍ଷା ବାସନ୍ତୀ ମାଝୀ, ଦୃଷ୍ଟିଶକ୍ତି ନ ଥାଇ ମଧ୍ୟ ଦିଲ୍ଲୀ ବିଶ୍ୱବିଦ୍ୟାଳୟ ଅଧିନରେ ଶିକ୍ଷାଦାନ କରୁଥିବା ଘସିପୁରାର ପ୍ରଫେସର ଦୁର୍ଯ୍ୟୋଧନ ନାହାକ, ନିଜର ବାଲ୍ୟକାଳରେ ଆର୍ଥିକ ଅସ୍ୱଚ୍ଛଳତାରେ ହାରି ନ ଯାଇ ସମ୍ପ୍ରତି ଭାରତର ପ୍ରସିଦ୍ଧ କେଶ ପ୍ରତିରୋପଣକାରୀ ଡାକ୍ତର ଭାବେ ପରିଚିତ କେନ୍ଦୁଝରର ଡା. ପ୍ରଦୀପ ସେଠୀ, କରୋନା ସମୟରେ ପୁରୀରେ ରଥଯାତ୍ରା କରାଇବାକୁ ସୁପ୍ରିମକୋର୍ଟରେ ପିଟିସନ୍ ଦାଖଲ କରିଥିବା ନୟାଗଡର ତରୁଣ ଅଫତାବ୍ ହୋସେନ୍, ନିଜର ସ୍ୱଳ୍ପ ଆୟରୁ ସଞ୍ଚୟ କରି ଗ୍ରାମବାସୀଙ୍କ ପାଇଁ ସାତଟି ପାଣି ଟାଙ୍କି ବସାଇଥିବା ମନ୍ମଥ ମହାରଣା ପ୍ରମୁଖ ପୁସ୍ତକକୁ ଲୋକାର୍ପିତ କରିଥିଲେ। ଓ ଦାଶ ବେନହୁର ପୁସ୍ତକର ସମୀକ୍ଷା କରିଥିଲେ। ବରିଷ୍ଠ ସାମ୍ବାଦିକ ରାଜେଶ ମହାପାତ୍ର ପୁସ୍ତକର ଏକ ମାର୍ମିକ ଆଲୋଚନା କରିଥିଲେ।

ଏହି ପୁସ୍ତକ ଲୋକାର୍ପଣ ସଭାରେ ସଭାପତିତ୍ୱ କରିଥିଲେ ଆମ ଓଡିଶାର ଅଧ୍ୟକ୍ଷ ସୌମ୍ୟ ରଞ୍ଜନ ପଟ୍ଟନାୟକ। ତାଙ୍କର ଏହି ସାଧାରଣ ଜୀବନ କଥାରୁ ଯଦି ଜଣେ ବି ଯୁବକ ପ୍ରେରଣା ପାଇବ ତାଙ୍କ ରଚନା ସାର୍ଥକ ହେବ ବୋଲି ସଭାରେ ନିରଞ୍ଜନ ପଟ୍ଟନାୟକ ନିଜର ଲେଖନୀୟ ଅଭିବ୍ୟକ୍ତିରେ ପ୍ରକାଶ କରିଥିଲେ। ଓଡିଶାର ପରିବର୍ତ୍ତନ ପାଇଁ ତାଙ୍କ ମନରେ ରହିଥିବା ଅସୁମାରୀ ଆଶାକୁ ଯୁବପିଢ଼ି ସାକାର କରିବେ ବୋଲି ତାଙ୍କର ଭରସା ରହିଛି। ଜୀବନର କିଛି ଅନୁଭୂତି ଓ ଘଟଣା ଚରିତ୍ରକୁ ନେଇ ସେ ଏହି ଆତ୍ମଜୀବନୀ ରଚନା କରିଛନ୍ତି। ଆତ୍ମଜୀବନଟି ଓଡିଶା ରାଜନୀତିରେ ଅର୍ଦ୍ଧଶତାବ୍ଦୀର ଗୁମର କଥାକୁ ଉନ୍ମୋଚିତ କରିଛି। ଏହି ପୁସ୍ତକକୁ ଜଣେ ସାଧାରଣ ଓଡିଆର କଥା ଭାବେ ଶ୍ରୀ ପଟ୍ଟନାୟକ କହିଥିଲେ। ଲୋକାର୍ପଣ ଉତ୍ସବରେ ରାଜ୍ୟର ବହୁ ଲେଖକ, କଳାକାର, ବୁଦ୍ଧିଜୀବୀ, ରାଜନେତା ଉପସ୍ଥିତ ଥିଲେ।

## ପ୍ରକାଶ ପାଇଲା +୨ ଇନଷ୍ଟାଣ୍ଟ ଓ ଇମ୍ପ୍ରୁଭମେଣ୍ଟ ପରୀକ୍ଷା ଆଡମିଟ୍ କାର୍ଡ

ଭୁବନେଶ୍ୱର, ୧।୭(ସମିସ): ଆସନ୍ତା ୩ ଓ ୪ ତାରିଖରେ ହେବାକୁ ଥିବା ଯୁକ୍ତ ୨ ଇନଷ୍ଟାଣ୍ଟ ଓ ଇମ୍ପ୍ରୁଭମେଣ୍ଟ ପରୀକ୍ଷା ପାଇଁ ଆଡମିଟ୍ କାର୍ଡ ଉପଲବ୍ଧ ହୋଇଛି। ଏନେଇ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍‌ଏସ୍‌ଇ) ର ପରୀକ୍ଷା ନିୟନ୍ତ୍ରକ ଡ. ପ୍ରଶାନ୍ତ କୁମାର ପରିଡ଼ା ସୂଚନା ଦେଇଛନ୍ତି। ସମସ୍ତ କଳା, ବାଣିଜ୍ୟ, ବିଜ୍ଞାନ, ଧନ୍ଦାମୂଳକ ଛାତ୍ରଛାତ୍ରୀଙ୍କ ପାଇଁ ଆଡ୍‌ମିଟ୍ କାର୍ଡ ଉପଲବ୍ଧ ହୋଇଛି। ସେହିପରି ଇନଷ୍ଟାଣ୍ଟ ପରୀକ୍ଷାର୍ଥୀଙ୍କ ପାଇଁ ସିଏନ୍‌ଆର୍ ମଧ୍ୟ ସାମସ୍ ଇ-ସ୍ପେସ୍‌ରେ ଉପଲବ୍ଧ ହୋଇଛି। ଇ-ସ୍ପେସ୍‌ରୁ ଆଡମିଟ୍ କାର୍ଡ ଡାଉନଲୋଡ୍ କରି ଯାଞ୍ଚ ଓ ସ୍ୱାକ୍ଷର ପରେ ପରୀକ୍ଷାର୍ଥୀଙ୍କୁ ବଣ୍ଟନ କରିବାକୁ ସମସ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଅଧ୍ୟକ୍ଷଙ୍କୁ ପରିଷଦ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ସୂଚନାଯୋଗ୍ୟ, ଚଳିତବର୍ଷ ପ୍ରଥମଥର ପାଇଁ ଇମ୍ପ୍ରୁଭମେଣ୍ଟ ପରୀକ୍ଷା ହେଉଛି। ଯେଉଁ ଛାତ୍ରଛାତ୍ରୀମାନେ ସମସ୍ତ ପରୀକ୍ଷାରେ ପାସ୍ କରିଥିବେ, ସେମାନେ କେବଳ ଗୋଟିଏ ବିଷୟରେ ଅଧିକ ମାର୍କ ରଖିବା ପାଇଁ ଏହି ଇମ୍ପ୍ରୁଭମେଣ୍ଟ (ଉନ୍ନତି) ପରୀକ୍ଷା ଦେଇପାରିବେ। ନିଜ ଇଚ୍ଛା ମୁତାବକ କେବଳ ଗୋଟିଏ ବିଷୟରେ ହିଁ ଏହି ପରୀକ୍ଷା ଦେବାକୁ ଅନୁମତି ମିଳିବ। ସେହିପରି ଗୋଟିଏ ପରୀକ୍ଷାରେ ଫେଲ୍ ହୋଇ ଅତି କମ୍‌ରେ ୨୧୦ ମାର୍କ ରଖିଥିବା ପିଲାମାନେ ଇନଷ୍ଟାଣ୍ଟ ପରୀକ୍ଷା ଦେଇପାରିବେ।



ଦୋଳବେଦୀରେ ଗୁପ୍ତ କୋଠି ଅଣସର ଉପଚାର ଲାଗି

**ଅଯୋଧ୍ୟା ରାମ ମନ୍ଦିର ଚାନ୍ଦା ଚୋରି ମାମଲା**

## ଦାନବାକ୍ସ, ୭୭ ଲକ୍ଷ ଟଙ୍କା, ସୁନା, ରୁପା, ଡଲାର ଜବତ

ଅଯୋଧ୍ୟା, ୧।୭: ରାମ ମନ୍ଦିର ଚାନ୍ଦା ଚୋରି ମାମଲାରେ ଅଯୋଧ୍ୟା ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ଉ କରି ମନ୍ଦିର ଦାନ ବାକ୍ସ ସମେତ ଟଙ୍କା ଓ ସୁନା ଜବତ କରିଛି। ପୁଲିସ ପକ୍ଷରୁ ଆଜି ଏଡି ସୂଚନା ଦିଆଯାଇଛି। କୁହାଯାଇଛି ଯେ ଗିରଫ ହୋଇଥିବା ୮ ଅଭିଯୁକ୍ତଙ୍କ ଘରେ ଚଢ଼ଉ ବେଳେ ରାମ ମନ୍ଦିର ଦାନବାକ୍ସ, ନଗଦ ୭୭ ଲକ୍ଷ ଟଙ୍କା, ୧୧ ଗ୍ରାମ ସୁନା, ୩୭୫ ଗ୍ରାମ ରୁପା ଏବଂ ୧୧୨୧ ଡଲାର ଜବତ କରାଯାଇଛି। ପ୍ରମୁଖ ଅଭିଯୁକ୍ତ କୁହାଯାଉଥିବା ଅଭିନାଶ ଘରୁ ୨୦.୩୯ ଲକ୍ଷ ଟଙ୍କା ଜବତ ହୋଇଥିବା ବେଳେ କାରୁନେଶ ଘରୁ ୧୮ ଲକ୍ଷ, ଅନୁକଳ୍ପ ଘରୁ ୧୭ ଲକ୍ଷ, ଲବକୁଶ ଘରୁ ୧୪.୨୫ ଲକ୍ଷ, ରମାଶଙ୍କର ଠାରୁ ୭.୩ ଲକ୍ଷ ଏବଂ ଯାଦବ ଠାରୁ ଏକ ଲକ୍ଷ ଟଙ୍କା ନଗତ ଜବତ କରାଯାଇଛି। ଏହାଛଡ଼ା ଅଭିନାଶ ଶୁକ୍ଲାର ଯୋଗା କେନ୍ଦ୍ରରୁ ଏକ ମନ୍ଦିରର ଏକ ଦାନ ବାକ୍ସ ଜବତ କରାଯାଇଛି। ଏଥିରେ ରାମରାଜ୍ୟ କୋଷ ଲେବଲ ଲାଗିବା ସହିତ ପେଟିଏମ୍‌ର କ୍ୟୁଆର୍ କୋଡ୍ ରହିଛି। ଏହାପୂର୍ବରୁ ଅଭିନାଶ ଘରୁ ୮୯ ଲକ୍ଷ ଟଙ୍କା ଜବତ ହୋଇଥିଲା।

## ପୁରୀ ଜାତୀୟ ରାଜମାର୍ଗରେ ଶିରିଡି ସାଇବାବାଙ୍କ ନୂତନ ମନ୍ଦିର ଉଦ୍‌ଘାଟିତ

ପୁରୀ,୧।୭(ସମିସ): ପୁରୀ ଷୋହଳ ଶାସନ ବୀର ପୁରୁଷୋତ୍ତମପୁର ଶାସନ ରାସ୍ତା ଜାତୀୟ ରାଜପଥ ଯଶୁଆପୁର ମୌଜା ପାର୍ଶ୍ୱରେ ଶିରିଡି ସାଇବାବାଙ୍କ ନୂତନ ମନ୍ଦିର ଆଜି ଗୁରୁଜୀ ଡ଼କ୍ଟର ଚନ୍ଦ୍ରଭାନୁ ଶତପଥୀଙ୍କ କରକମଳରେ ଉଦ୍‌ଘାଟିତ ହୋଇଯାଇଛି।



ଗୁରୁଜୀ ଡକ୍ଟର ଶତପଥୀ ପୂର୍ବାହ୍ନରେ ଶୁଭ ମୁହୂର୍ତ୍ତରେ ପହଞ୍ଚିବା ପରେ ଘଣ୍ଟ, ଘଣ୍ଟା ଓ ବାଦ୍ୟ ଧ୍ୱନି ମଧ୍ୟରେ ତାଙ୍କୁ ସ୍ୱାଗତ କରି ପାଛୋଟି ନିଆଯାଇଥିଲା। ପବିତ୍ର ବେଦ ମନ୍ତ୍ର ଧ୍ୱନି ମଧ୍ୟରେ ଗୁରୁଜୀ ପ୍ରଥମେ ଗଣେଶ ମନ୍ଦିରରେ ପୂଜାର୍ଚ୍ଚନା କରି ଉଦ୍‌ଘାଟନ କରିଥିଲେ। ଏହାପରେ ମନ୍ଦିର ପରିସରରେ ଶ୍ରୀ ଦତ୍ତାତ୍ରେୟ, ଗାୟତ୍ରୀ ଓ ଶିରିଡି ସାଇବାବାଙ୍କ ଭବ୍ୟ ମନ୍ଦିର ଗୁରୁଜୀ ଉଦ୍‌ଘାଟନ କରିଥିଲେ। ଏହି ଉପଲକ୍ଷେ ତିନିଦିନ ଧରି ମନ୍ଦିରରେ ବେଦ ପାଠୀ ବ୍ରାହ୍ମଣମାନଙ୍କ ଦ୍ୱାରା ପାରମ୍ପରିକ ରୀତି ନୀତି ଅନୁସାରେ ବିଧି ପୂର୍ବକ ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇଥିଲା। ଗୁରୁଜୀ ପୂର୍ଣ୍ଣାହୁତି ପ୍ରଦାନ କରିଥିଲେ। ଏହି ଅବସରରେ ଗୁରୁଜୀ ପୂର୍ବରୁ ମନ୍ଦିର ପରିସରରେ ନିର୍ମିତ ଶ୍ରୀ ଗୁରୁ ଭାଗବତ ଟୁଙ୍ଗୀ ପରିଦର୍ଶନ କରିଥିଲେ। ସେଠାରେ ଭକ୍ତ ଓ ଶ୍ରଦ୍ଧାଳୁମାନେ ଗୁରୁଜୀଙ୍କ ଉପସ୍ଥିତିରେ ଶ୍ରୀ ଗୁରୁ ଭାଗବତ ପାଠ କରିଥିଲେ। ପୁରୀ ସାଂସଦ ଡକ୍ଟର ସମ୍ବିତ ପାତ୍ର, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି, ସରକାରୀ ଉଚ୍ଚ ପଦାଧିକାରୀ ଏବଂ ପ୍ରତିଷ୍ଠିତ ବ୍ୟକ୍ତିମାନେ ବହୁ ସଂଖ୍ୟାରେ ଏହି ପବିତ୍ର କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

## ଗୁରୁଜୀଙ୍କ ପ୍ରେରଣାରେ ଗୁରୁଗ୍ରାମରେ ରଥଯାତ୍ରା ଉତ୍ସବ ପାଇଁ ବ୍ୟାପକ ପ୍ରସ୍ତୁତି

ନୂଆଦିଲ୍ଲୀ,୧।୭(ସମିସ): ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ଆଧ୍ୟାତ୍ମିକ ଚିନ୍ତକ ଗୁରୁଜୀ ଡ. ଚନ୍ଦ୍ରଭାନୁ ଶତପଥୀଙ୍କ ପ୍ରେରଣାରେ ଗଢ଼ି ଉଠିଥିବା ଗୁରୁଗ୍ରାମସ୍ଥିତ 'ସାଇ କା ଆଙ୍ଗନ୍'ରେ ଗତବର୍ଷ ଭଳି ଚଳିତ ବର୍ଷ ରଥଯାତ୍ରା ଉତ୍ସବ ପାଳନ ନିମନ୍ତେ ପ୍ରସ୍ତୁତି ପର୍ବ ଜୋରସୋରରେ ଚାଲିଛି। ପବିତ୍ର ଅକ୍ଷୟ ତୃତୀୟା ଦିନ ଗୁରୁଜୀଙ୍କ କରକମଳରେ ରଥକାଠ ଅନୁକୂଳ ହେବାପରେ ରଥ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ପବିତ୍ର ଆଷାଢ଼ ଶୁକ୍ଳ ଦ୍ୱିତୀୟା ତିଥି ଜୁଲାଇ ୧୬ ତାରିଖଦିନ ଏଠାରେ ପାରମ୍ପରିକ ରୀତିନୀତି ଅନୁସାରେ ରଥଯାତ୍ରା ଉତ୍ସବ ଅନୁଷ୍ଠିତ ହେବ। ଦିଲ୍ଲୀ ଓ ହରିଆନା ରାଜ୍ୟର ସୀମାନ୍ତରେ ଅବସ୍ଥିତ ଗୁରୁଗ୍ରାମ ଏକ ହାଇଟେକ ସହରରେ ପରିଣତ ହୋଇଛି। ପଞ୍ଜାବ, କାଶ୍ମୀର, ପଶ୍ଚିମବଙ୍ଗ, ବିହାର, ଓଡ଼ିଶା ସମେତ ଦେଶର ବିଭିନ୍ନ ରାଜ୍ୟରୁ ବହୁ ପ୍ରବାସୀ ଏଠାରେ ବସବାସ କରୁଛନ୍ତି। ରଥଯାତ୍ରା ଉତ୍ସବ ଏଠାକାର ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ଆନନ୍ଦର ଲହରୀ ଖେଳାଇଦେଇଛି। ସୂଚନାଯୋଗ୍ୟ ଯେ ଗୁରୁଜୀଙ୍କ ପ୍ରେରଣାରେ ଗତ ଦୁଇବର୍ଷ ଧରି ଏଠାରେ ରଥଯାତ୍ରା ଉତ୍ସବ ଅନୁଷ୍ଠିତ ହୋଇଆସୁଛି।

---

# ବହୁ ପ୍ରତୀକ୍ଷିତ ସାନ୍ତାଳୀ ୱେବ୍‌ସାଇଟ୍ 'ସାନ୍ତାଲ୍ ଭଏସେସ୍'ର ଶୁଭାରମ୍ଭ

ବାରିପଦା,୧।୭(ସମିସ): ବହୁ ପ୍ରତୀକ୍ଷିତ ସାନ୍ତାଳୀ ଡିଜିଟାଲ ପୋର୍ଟାଲ "ସାନ୍ତାଲ୍ ଭଏସେସ୍' ହୁଲ୍ ଦିବସ ଅବସରରେ ଆୟୋଜିତ ଏକ ସ୍ୱତନ୍ତ୍ର ଅନ୍‌ଲାଇନ୍ କାର୍ଯ୍ୟକ୍ରମ ମାଧ୍ୟମରେ ଶୁଭାରମ୍ଭ ହୋଇଛି। ସାନ୍ତାଳୀ ଭାଷା, ସାହିତ୍ୟ, ଇତିହାସ ଓ ସଂସ୍କୃତିର ଡିଜିଟାଲ ସଂରକ୍ଷଣ ଏବଂ ବିଶ୍ୱସ୍ତରରେ ପ୍ରଚାରପ୍ରସାର ଦିଗରେ ଏହାକୁ ଏକ ଐତିହାସିକ ପଦକ୍ଷେପ ବୋଲି କୁହାଯାଉଛି। ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଭାରତ, ନେପାଳ ଓ ବାଂଲାଦେଶର ବିଭିନ୍ନ ସମ୍ପାଦକ, ଅବଦାନକାରୀ ଏବଂ ସାନ୍ତାଳୀ ଭାଷାର ଡିଜିଟାଲ କର୍ମୀମାନେ ଯୋଗଦେଇଥିଲେ। ଏହି ତିନୋଟି ଦେଶର ସାନ୍ତାଳୀ ସମ୍ପ୍ରଦାୟର ସମ୍ମିଳିତ ପ୍ରୟାସରେ ଏହି ପୋର୍ଟାଲ କାର୍ଯ୍ୟକ୍ଷମ କରାଯାଇଛି।

"ସାନ୍ତାଲ୍ ଭଏସେସ୍' ସମ୍ପୂର୍ଣ୍ଣ ଇଂରାଜୀ ଭାଷାରେ ପରିଚାଳିତ ଏକ ୱେବ୍‌ସାଇଟ୍, ଯାହାର ମୁଖ୍ୟ ଉଦ୍ଦେଶ୍ୟ ସାନ୍ତାଳୀ ଭାଷା, ସଂସ୍କୃତି, ଇତିହାସ, ସାହିତ୍ୟ, ବିଶିଷ୍ଟ ବ୍ୟକ୍ତିତ୍ୱ ଓ ସମକାଳୀନ ଘଟଣାବଳୀ ସମ୍ବନ୍ଧୀୟ ପ୍ରାମାଣିକ ତଥ୍ୟକୁ ବିଶ୍ୱ ସମୁଦାୟଙ୍କ ସମ୍ମୁଖରେ ପହଞ୍ଚାଇବା। ଏହି ଅବସରରେ ସାନ୍ତାଳୀ ଭାଷାର ଡିଜିଟାଲ କର୍ମୀ ରାମଜିତ ଟୁଡୁ କହିଥିଲେ ଯେ, ସମ୍ପ୍ରତି ଡିଜିଟାଲ ଯୁଗରେ ସାନ୍ତାଳ ସମାଜ ସମ୍ବନ୍ଧୀୟ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଇଣ୍ଟରନେଟ୍‌ରେ ଅନୁପସ୍ଥିତ ଥିବାରୁ, ସେହି ଅଭାବକୁ ପୂରଣ କରିବା ଏହି



ପୋର୍ଟାଲର ମୂଳ ଲକ୍ଷ୍ୟ। ସାନ୍ତାଳ ସମାଜ ସମ୍ବନ୍ଧୀୟ ବହୁ ମୂଲ୍ୟବାନ ତଥ୍ୟ ଏପର୍ଯ୍ୟନ୍ତ ଡିଜିଟାଲ ମାଧ୍ୟମରେ ଉପଲବ୍ଧ ନାହିଁ। ଏହି ତଥ୍ୟଗୁଡ଼ିକୁ ସଂଗ୍ରହ, ସଂରକ୍ଷଣ ଓ ବିଶ୍ୱସମ୍ମୁଖରେ ଉପସ୍ଥାପନ କରିବା ସାନ୍ତାଲ୍ ଭଏସେସ୍‌ର ପ୍ରମୁଖ ଉଦ୍ଦେଶ୍ୟ ବୋଲି ସେ କହିଛନ୍ତି। ଏହି ପୋର୍ଟାଲର ପରାମର୍ଶଦାତା ମଣ୍ଡଳୀରେ ଭାରତର ଆର୍. ଅଶ୍ୱିନୀ ବନ ମୁର୍ମୁ, ରାମଜିତ ଟୁଡୁ ଓ ଫାଗୁ ବାସ୍କେ ଥିବାବେଳେ, ବାଂଲାଦେଶରୁ ମାନିକ ସୋରେନ ପରାମର୍ଶଦାତା ଭାବେ ଦାୟିତ୍ୱ ନିର୍ବାହ କରୁଛନ୍ତି। ଏହାସହ ନେପାଳର ଶିବୁ ମୁର୍ମୁ ଏବଂ ବାଂଲାଦେଶର ଆଲ୍‌ବର୍ଟସ ଟୁଡୁ ସ୍ୱତନ୍ତ୍ର ପ୍ରତିନିଧି ଭାବେ ଆଞ୍ଚଳିକ ସମନ୍ୱୟ ଓ ବିଷୟବସ୍ତୁ ବିକାଶରେ ସହଯୋଗ କରିବେ। ୱେବ୍‌ସାଇଟ୍‌ର ମୁଖ୍ୟ ସମ୍ପାଦକ କାରିଆ ବାସ୍କେ ଥିବାବେଳେ, ବୋଦି ବାସ୍କି, ପ୍ରଶାନ୍ତ ହେମ୍ବ୍ରମ, ସୁଭାଷ କିସ୍କୁ, ବିଜେନ୍ଦ୍ର ହାଁସଦା ଏବଂ ଶେଖର ମୁର୍ମୁ, ପଶ୍ଚିମବଙ୍ଗ, ଓଡ଼ିଶା ଏବଂ ଝାଡ଼ଖଣ୍ଡରୁ ସହଯୋଗୀ ସମ୍ପାଦକ ଭାବେ କାର୍ଯ୍ୟ କରୁଛନ୍ତି। ଦକ୍ଷିଣ ଏସିଆର ବିଭିନ୍ନ ଅଞ୍ଚଳର ସ୍ୱେଚ୍ଛାସେବୀମାନଙ୍କ ସହଯୋଗରେ "ସାନ୍ତାଲ୍ ଭଏସେସ୍' ସାନ୍ତାଳ ସମାଜର ଇତିହାସ, ଐତିହ୍ୟ, ସଫଳତା ଓ ସମକାଳୀନ ଘଟଣାବଳୀକୁ ବିଶ୍ୱ ଦରବାରରେ ପହଞ୍ଚାଇବା ପାଇଁ ସର୍ବାଧିକ ବିଶ୍ୱସନୀୟ ଇଂରାଜୀ ଡିଜିଟାଲ ପୋର୍ଟାଲ ହେବାର ଲକ୍ଷ୍ୟ ରଖିଛି।

## ଆଜିର ରାଶିଫଳ

**ମେଷ:** ଦୀର୍ଘ ଦିନର ଆଶା ପୂରଣ ହେବ। ଆୟ ଓ ବ୍ୟୟ ସମାନ ରହିବ। ମାନ ସମ୍ମାନ ବୃଦ୍ଧି ପାଇବ। ଅଫିସ୍ କାର୍ଯ୍ୟ ପ୍ରଭାବିତ ହୋଇପାରେ। ମହିଳାଙ୍କଠାରେ ଆଣ୍ଠୁଗଣ୍ଠି ସମସ୍ୟା ଦେଖାଦେବ।

**ବୃଷ:** ଅଫିସ୍‌ରେ ସହକର୍ମୀଙ୍କ ସହଯୋଗ ମିଳିପାରେ। ପରିବାର ଲୋକଙ୍କ ସହ ହସଖୁସିର ସମୟ ବିତାଇବେ। ବ୍ୟବସାୟରେ ଲାଭ ମିଳିବ। ମନ ପ୍ରସନ୍ନ ରହିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ମିଥୁନ:** ଯୋଜନା ଅନୁଯାୟୀ କାମ କରିବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତ ହୋଇପାରେ। ନୂଆ କାର୍ଯ୍ୟ ଆରମ୍ଭ କରିବେ। ବିଦେଶ ଯାତ୍ରା ଯୋଗ ରହିଛି।

**କର୍କଟ:** ବ୍ୟବହାରରେ ସଂଯମତା ରକ୍ଷା କରିବେ। ଜୀବନସାଥୀଙ୍କ ସହ ବୁଲିବାକୁ ଯିବେ। ସାମାଜିକ କାର୍ଯ୍ୟରେ ସାମିଲ ରହିବେ। ମହିଳାମାନେ ପୂଜାର୍ଚ୍ଚନାରେ ବ୍ୟସ୍ତ ରହିବେ।

**ସିଂହ:** ଅଚାନକ ଖୁସି ଖବର ମିଳିପାରେ। ନିଜ ଲୋକ ଶତ୍ରୁ ସାଜି ପାରନ୍ତି। ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତ ହୋଇପାରେ। ପରିବାର ସଦସ୍ୟଙ୍କ ସହଯୋଗ ମିଳିବ। ବିବାହ ପ୍ରସ୍ତାବ ସ୍ଥିର ହେବ।

**କନ୍ୟା:** ବ୍ୟବସାୟରୁ ଲାଭ ମିଳିବ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ଲୋକ ସମ୍ପର୍କ ବୃଦ୍ଧି ପାଇବ। ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିପାରେ। ପିଲାଙ୍କ ସ୍ୱାସ୍ଥ୍ୟକୁ ନେଇ ଚିନ୍ତାରେ ରହିବେ।

**ତୁଳା:** କୋର୍ଟକଚେରୀ ମାମଲାରେ ବିଜୟ ଲାଭ କରିବେ। ପାରିବାରିକ ବିବାଦ ଦେଖା ଦେବ। ସନ୍ତାନଙ୍କ ଭବିଷ୍ୟତକୁ ନେଇ ଚିନ୍ତାରେ ରହିବେ। ଦୂର ସ୍ଥାନକୁ ଯାତ୍ରା ଯୋଗ ଅଛି।

**ବିଛା:** କାର୍ଯ୍ୟରେ ବାଧା ଆସିବ। ଅନଲାଇନ୍ ବ୍ୟବସାୟୀଙ୍କୁ ଲାଭ ମିଳିବ। ପୈତୃକ ସମ୍ପତ୍ତିକୁ ନେଇ ବିବାଦ ଦେଖା ଦେବ। ଭାଇ-ଭଉଣୀଙ୍କ ସମ୍ପର୍କ ମଜଭୁତ ହେବ। ଚକ୍ଷୁ ସମସ୍ୟା ହୋଇପାରେ।

**ଧନୁ:** କର୍ମ ଚଞ୍ଚଳ ରହିବେ। ଧାର୍ମିକ କାର୍ଯ୍ୟ ପ୍ରତି ରୁଚି ବଢ଼ିବ। ଅଫିସ୍ କାର୍ଯ୍ୟରେ ସମସ୍ୟା ଆସିପାରେ। ଆୟର ନୂତନ ମାର୍ଗ ଉନ୍ମୋଚନ ହେବ। ଉଧାର ଦେଇଥିବା ଟଙ୍କା ଫେରି ପାଇବେ।

**ମକର:** ଆୟଠୁ ଅଧିକ ବ୍ୟୟ ହେବ। ପରିବାର ସଦସ୍ୟଙ୍କ ସହ ଦୂର ସ୍ଥାନକୁ ଯାତ୍ରା କରିବେ। ସ୍ୱାସ୍ଥ୍ୟ ପ୍ରତି ସଚେତନ ହେବେ। ଅଯଥା ଖର୍ଚ୍ଚରେ ନିୟନ୍ତ୍ରଣ ରକ୍ଷା କରିବେ। ଆଣ୍ଠୁଗଣ୍ଠି ସମସ୍ୟା ହୋଇପାରେ।


**କୁମ୍ଭ:** ଧାର କରଜରୁ ଦୂରେଇ ରହିବେ। ଆଇଟି ଓ ବ୍ୟାଙ୍କ କ୍ଷେତ୍ରରେ ସଫଳ ହେବେ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ। ଛାତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ।

**ମୀନ:** ଦିନଟି ବ୍ୟସ୍ତତା ଭିତରେ କଟିବ। ଆଶା ପୂରଣ ହେବ। କଳାକାରଙ୍କ ପାଇଁ ଅନୁକୂଳ ସମୟ। ଧନଲାଭ ଯୋଗ ଅଛି। ଆର୍ଥିକ ସ୍ଥିତି ମଜଭୁତ୍ ହେବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

## ଆଜିର ଇତିହାସ

- ୧୩୦୬-ଆଲ୍ଲାଉଦ୍ଦିନ୍ ଖିଲ୍‌ଜି ସିୱାନା ଉପରେ ଆକ୍ରମଣ କଲେ।।
- ୧୮୯୭- ମାର୍କୋନି ରେଡିଓକୁ ପେଟେଣ୍ଟ କରାଇଲେ।
- ୧୯୪୦- ବ୍ରିଟିଶ୍ ସରକାର ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କୁ ଗିରଫ କଲେ।
- ୨୦୦୪- ମୁମ୍ବାଇର ଛତ୍ରପତି ଶିବାଜୀ ଟର୍ମିନସ୍‌କୁ ୟୁନେସ୍କୋ ଦ୍ୱାରା ବିଶ୍ୱ ଐତିହ୍ୟସ୍ଥଳର ମାନ୍ୟତା ମିଳିଲା।
- ୨୦୧୫- ଫିଲିପାଇନ୍ସରେ ୨୨୦ ଯାତ୍ରୀଙ୍କୁ ନେଇ ଯାଉଥିବା ଏକ ନୌକା ବୁଡ଼ିଯିବାରୁ ୬୨ ଲୋକଙ୍କ ପ୍ରାଣହାନି।

## ଆଜି ଆସିଥିଲେ: ସାରସ୍ୱତ ସାଧକ କାଳିନ୍ଦୀ ଚରଣ ପାଣିଗ୍ରାହୀ



କାଳିନ୍ଦୀ ଚରଣ ପାଣିଗ୍ରାହୀ ଓଡ଼ିଆ ସାହିତ୍ୟର ଜଣେ ଅଗ୍ରଗଣ୍ୟ କବି, ଔପନ୍ୟାସିକ, ଗାଳ୍ପିକ, ପ୍ରାବନ୍ଧିକ ଏବଂ ନାଟ୍ୟକାର ଥିଲେ। ସେ ଓଡ଼ିଆ ସାହିତ୍ୟର 'ସବୁଜ ଯୁଗ'ର ଅନ୍ୟତମ ପ୍ରବର୍ତ୍ତକ ଭାବେ ମଧ୍ୟ ବେଶ୍ ଜଣାଶୁଣା। ସେ ଅନ୍ନଦା ଶଙ୍କର ରାୟ, ବୈକୁଣ୍ଠନାଥ ପଟ୍ଟନାୟକ, ଶରତ ଚନ୍ଦ୍ର ମୁଖାର୍ଜୀ ଓ ହରିହର ମହାପାତ୍ରଙ୍କ ସହ ମିଶି ଓଡ଼ିଆ ସାହିତ୍ୟରେ 'ସବୁଜ ସାହିତ୍ୟ ସମିତି' ଗଠନ କରିଥିଲେ। ଏହି ସମୟର କବିତାଗୁଡ଼ିକରେ ରୋମାଣ୍ଟିକ୍ ଭାବଧାରା ଏବଂ ପ୍ରକୃତି ପ୍ରୀତି ଦେଖିବାକୁ ମିଳୁଥିଲା। କାଳିନ୍ଦୀ ଚରଣଙ୍କର କାଳଜୟୀ ସୃଷ୍ଟି ହେଉଛି 'ମାଟିର ମଣିଷ'। ଫକୀରମୋହନଙ୍କ 'ଛ ମାଣ ଆଠଗୁଣ୍ଠ' ପରେ 'ମାଟିର ମଣିଷ' ଦ୍ୱିତୀୟ ଶ୍ରେଷ୍ଠ ଉପନ୍ୟାସର ମାନ୍ୟତା ପାଇଛି। ଏହା ଓଡ଼ିଶାର ଗ୍ରାମୀଣ ସମାଜ, ପାରିବାରିକ ସଂହତି ଏବଂ ମାନବୀୟ ମୂଲ୍ୟବୋଧ ଉପରେ ଆଧାରିତ ଥିଲା। ଏହା ଉପରେ ପରବର୍ତ୍ତୀ ସମୟରେ ଏକ ସଫଳ ଓଡ଼ିଆ ଚଳଚ୍ଚିତ୍ର ମଧ୍ୟ ନିର୍ମିତ ହୋଇଥିଲା। ତାଙ୍କର ଅନ୍ୟାନ୍ୟ ଉପନ୍ୟାସଗୁଡ଼ିକ ହେଲା 'ଲୁହାର ମଣିଷ', 'ଆଜିର ମଣିଷ' ଏବଂ 'ମୁକ୍ତାଗଡ଼ର କ୍ଷୁଧା'। ନାଟ୍ୟକାର ଭାବେ ପରିଚିତ ହେଲେ ସେ 'ପଦ୍ମିନୀ', 'ପ୍ରିୟଦର୍ଶୀ', 'ସୌମ୍ୟା' ଆଦି ନାଟକ ରଚନାରେ। କାଳିନ୍ଦୀ ଚରଣ ପୁରୀ ଜିଲ୍ଲାର ବିଶ୍ୱନାଥପୁର ଗ୍ରାମରେ ୧୯୦୧ ମସିହା ଆଜିର ଦିନରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ପିତା ସ୍ୱପ୍ନେଶ୍ୱର ପାଣିଗ୍ରାହୀ ଜଣେ ଆଇନଜୀବୀ ଥିଲେ। ପୁରୀରେ ହିଁ କାଳିନ୍ଦୀଚରଣ ବାଲ୍ୟଜୀବନ ଓ ଶିକ୍ଷା ସମାପ୍ତ କରିଥିଲେ। ହାଇସ୍କୁଲ ସମାପ୍ତ କରି ସେ ରେଭେନ୍ସାରେ ନାମ ଲେଖାଇଥିଲେ। ରେଭେନ୍ସା ମହାବିଦ୍ୟାଳୟରେ ପଢ଼ିବା କାଳରେ କାଳିନ୍ଦୀ ଚରଣଙ୍କ ସାହିତ୍ୟ ପ୍ରତିଭାର ପରିଚୟ ମିଳିଲା। କଲେଜରେ ପଢ଼ିବା ସମୟରେ, ସେ 'ନନସେନ୍ସ କ୍ଲବ୍' ଗଠନ କରିଥିଲେ। ଏହି ସମୟରେ 'ସବୁଜ ଗୋଷ୍ଠୀ'ର ମୁଖପତ୍ର 'ଯୁଗବୀଣା'ରେ କାଳିନ୍ଦୀ ଚରଣଙ୍କ ଲେଖାମାନ ମଧ୍ୟ ପ୍ରକାଶ ପାଉଥିଲା। ପରବର୍ତ୍ତୀ ସମୟରେ, ବାଲେଶ୍ୱରରୁ ପ୍ରକାଶ ପାଉଥିବା ଏକ ଇଂରାଜୀ ଓ ତାଙ୍କ ନିଜ ଓଡ଼ିଆ ପତ୍ରିକାର ସେ ସମ୍ପାଦନା କରିବାକୁ ଲାଗିଲେ। କବିତାରୁ ହିଁ କାଳିନ୍ଦୀ ଚରଣଙ୍କ ସାହିତ୍ୟ ସର୍ଜନା ଆରମ୍ଭ ହୋଇଥିଲା। ଶବ୍ଦ ସଂଯୋଜନା ସହ ବିରହ ମିଳନ, ଆନନ୍ଦାଶ୍ରୁ, ପାଇବା ଓ ହଜାଇବାର ଭାରସାମ୍ୟ ପ୍ରତିଫଳିତ ହୋଇଥାଏ ତାଙ୍କ କବିତାରେ। ତାଙ୍କ ଲେଖାରେ ଓଡ଼ିଶାର ଗ୍ରାମ୍ୟ ପରିବେଶ, ଲୋକଙ୍କର ଆଚାରବିଚାର ପ୍ରମୁଖ ସ୍ଥାନ ପାଉଥିଲା। ଅନ୍ୟାୟ, ଅନୀତି ବିରୁଦ୍ଧରେ ତାଙ୍କ ସାହିତ୍ୟ ସ୍ୱର ଉତ୍ତୋଳନ କରୁଥିଲା। ସେ ଜଣେ ଦରଦୀ କବି ଓ ଜୀବନବାଦୀ ସାହିତ୍ୟିକ ଭାବରେ ପରିଚିତ। ଓଡ଼ିଆ ସାହିତ୍ୟ ଜଗତକୁ ତାଙ୍କର ଅବଦାନ ପାଇଁ ୧୯୭୧ ମସିହାରେ କେନ୍ଦ୍ର ସାହିତ୍ୟ ଏକାଡେମୀର ଫେଲୋ ସମ୍ମାନ ସହିତ ବହୁ ପୁରସ୍କାର ଓ ସମ୍ମାନର ମଧ୍ୟ ସେ ଅଧିକାରୀ ହୋଇଛନ୍ତି। ସେହିବର୍ଷ ଭାରତ ସରକାରଙ୍କ ପକ୍ଷରୁ ତାଙ୍କୁ ପଦ୍ମଭୂଷଣ ସମ୍ମାନ ପ୍ରଦାନ କରାଯାଇଥିଲା। ୧୯୭୬ ମସିହାରେ ସମ୍ବଲପୁର ବିଶ୍ୱବିଦ୍ୟାଳୟରୁ ସମ୍ମାନସୂଚକ ଡି.ଲିଟ୍ ଉପାଧି ଲାଭ କରିଛନ୍ତି। ୧୯୯୧ ମସିହା ମେ' ୧୫ ତାରିଖରେ ଏହି ମହାନ୍ ଲେଖକ ଦେହତ୍ୟାଗ କରିଥିଲେ।

## ମହିଳା ନୁହେଁ; ପୁରୁଷ ଢାଙ୍କନ୍ତି ମୁହଁ

ଏମିତି ଅନେକ ପରମ୍ପରା ରହିଛି, ଯାହା ଲୋକଙ୍କୁ ଆଶ୍ଚର୍ଯ୍ୟ କରିଥାଏ। ଏଭଳି ଏକ ଅନନ୍ୟ ଏବଂ ରହସ୍ୟମୟ ସଂସ୍କୃତି ହେଉଛି ସାହାରା ମରୁଭୂମିରେ ବାସ କରୁଥିବା 'ତୁଆରେଗ' ଜନଜାତିର। ଏହି ଜନଜାତିରେ ମହିଳାମାନଙ୍କ ବଦଳରେ ପୁରୁଷମାନେ ମୁହଁ ଘୋଡ଼ାଇ ରଖନ୍ତି ଏବଂ ବିବାହ ପରେ ସ୍ୱାମୀ ଯାଇ ସ୍ତ୍ରୀର ଘରେ ରହିଥାଏ। ଏହି ଜନଜାତି ନିଜର ଅନନ୍ୟ ପରମ୍ପରା ଏବଂ ମାତୃକୈନ୍ଦ୍ରିକ ସାମାଜିକ ବ୍ୟବସ୍ଥା ପାଇଁ ସାରା ବିଶ୍ୱରେ ଜଣାଶୁଣା। ଭାରତ ଏବଂ ଅନ୍ୟ କେତେକ ଦେଶରେ ସାଧାରଣତଃ ମହିଳାମାନେ ଓଢ଼ଣାରେ ମୁହଁ ଢାଙ୍କିଥାନ୍ତି। ହେଲେ ତୁଆରେଗ ସମାଜରେ ଏହାର ବିପରୀତ ଦୃଶ୍ୟ ଦେଖିବାକୁ ମିଳେ। ଏହି ସମାଜରେ ପୁରୁଷମାନେ ନିଜ ମୁହଁକୁ କପଡ଼ାରେ ଘୋଡ଼ାଇ ରଖିଥାଆନ୍ତି ଏବଂ ମହିଳାମାନେ ଖୋଲା ମୁହଁରେ ରୁହନ୍ତି। ଏଠାରେ ପୁରୁଷମାନେ ନିଜ ମୁହଁ ଏବଂ ମୁଣ୍ଡକୁ ଏକ ସ୍ୱତନ୍ତ୍ର ନୀଳ ରଙ୍ଗର କପଡ଼ାରେ ଘୋଡ଼ାଇ ରଖନ୍ତି, ଯାହାକୁ ସେମାନଙ୍କ ଭାଷାରେ 'ଟାଗେଲମଷ୍ଟ' କୁହାଯାଏ। ଏହି କପଡ଼ା କେବଳ ସେମାନଙ୍କର ସାଂସ୍କୃତିକ ପରିଚୟ ନୁହେଁ, ବରଂ ମରୁଭୂମିର ପ୍ରଖର ସୂର୍ଯ୍ୟକିରଣ, ଧୂଳି ଏବଂ ବାଲିରୁ ମଧ୍ୟ ସେମାନଙ୍କୁ ସୁରକ୍ଷା ଦେଇଥାଏ। ଏଠାରେ ଯୁବକଙ୍କୁ ୨୫ ବର୍ଷ ବୟସ ହୋଇଯିବା ପରେ ହିଁ ମୁହଁ ଢାଙ୍କିବାକୁ ପଡ଼ିଥାଏ। ଏହାପରେ ହିଁ ସେମାନେ ଯେକୌଣସି ସର୍ବସାଧାରଣ ସ୍ଥାନରେ ନିଜ ମୁହଁ ଲୁଚାଇ ରଖିପାରନ୍ତି। ଏହି କାରଣ ଯୋଗୁଁ ସେମାନଙ୍କୁ ସାହାରାର ନୀଳ ପୁରୁଷ ବୋଲି କୁହାଯାଏ। କାରଣ ସମୟ ସହିତ ଏହି ପୋଷାକର ନୀଳ ରଙ୍ଗ ସେମାନଙ୍କ ମୁହଁରେ ଲାଗିଯାଏ। ଏହିପରି ଭାବେ ସେମାନଙ୍କ ପରିଚୟ ଆହୁରି ସ୍ୱତନ୍ତ୍ର ହୋଇଯାଏ। ଏହାବାଦ୍ ଏଠାରେ ପୁରୁଷ ବାହାଘର ପରେ ନିଜ ଘରେ ନୁହେଁ, ବରଂ ପତ୍ନୀଙ୍କ ଘରେ ରହନ୍ତି। ଏହି ସମାଜ ପୂରା ମାତୃକୈନ୍ଦ୍ରିକ ବ୍ୟବସ୍ଥା ଉପରେ ଆଧାରିତ। ପଶୁ ସମ୍ପଦ ଏବଂ ଘରୋଇ ଜିନିଷ ବି ମହିଳାଙ୍କ ପାଖରେ ରହେ। ଯଦି କୌଣସି କାରଣବଶତଃ ଛାଡ଼ପତ୍ର ହୋଇଯାଏ, ତେବେ ପୁରୁଷଙ୍କୁ ଘର ଛାଡ଼ି ଯିବାକୁ ପଡ଼ିଥାଏ। ହେଲେ ପିଲା ନିଜ ମା'ଙ୍କ ପାଖରେ ରହନ୍ତି। ଏହି ସମାଜରେ ନିଜ ଇଚ୍ଛାରେ ବିବାହ କରିବାର ଅଧିକାର ମହିଳାଙ୍କର ଅଛି ଏବଂ ଦରକାର ପଡ଼ିଲେ ଛାଡ଼ପତ୍ର ନେଇପାରିବେ। ଏଠାରେ ମହିଳାମାନେ କେବଳ ପରିବାର ସମ୍ଭାଳି ନ ଥାନ୍ତି, ସାମାଜିକ ଏବଂ ଆର୍ଥିକ କାମରେ ବି ବେଶ୍ ସକ୍ରିୟ ରୁହନ୍ତି। ମହିଳାମାନେ ପାରମ୍ପରିକ ଗୀତ, ନୃତ୍ୟ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମରେ ମନ ଖୋଲି ସାମିଲ ହୁଅନ୍ତି। ଏହି ଜନଜାତି ମୁଖ୍ୟତଃ ମାଲି, ନାଇଜର, ଆଲଜେରିଆ, ଲିବିଆ ଏବଂ ବୁର୍କିନାଫାସୋ ଭଳି ଦେଶର ମରୁଭୂମି ଅଞ୍ଚଳରେ ବାସ କରନ୍ତି। ଆଜିର ସମୟରେ ଶିକ୍ଷା ଏବଂ ସହରୀ ଜୀବନର ପ୍ରଭାବ ଯୋଗୁଁ କିଛି ଯୁବକ ଏହି ପରମ୍ପରାଠାରୁ ଦୂରେଇ ଯାଉଛନ୍ତି, କିନ୍ତୁ ଗାଁଗୁଡ଼ିକରେ ଏହି ସଂସ୍କୃତି ଆଜି ବି ସେମିତି ରହିଛି।

## ଅଗଷ୍ଟ ୧୫ରେ ମହାଲଢ଼େଇ
## 'ଆୱାରାପନ୍ ୨' ବନାମ 'ବଟୱାରା ୧୯୪୭'





ବକ୍ସ ଅଫିସ୍‌ରେ ଫିଲ୍ମଗୁଡ଼ିକ ମଧ୍ୟରେ ଟକ୍କର ହେବା ଏକ ସାଧାରଣ କଥା ହୋଇଗଲାଣି। ଏବେ ଏକାସାଙ୍ଗେ ତିନି ଚାରୋଟି ଫିଲ୍ମ ରିଲିଜ୍ ହେଉଛି। ଅନେକ ସମୟରେ ଏଥିପାଇଁ ପ୍ରଯୋଜକମାନଙ୍କୁ ବଡ଼ ଧରଣର କ୍ଷତି ସହିବାକୁ ପଡ଼ୁଥିବା ବେଳେ କେତେକ ସମୟରେ ଲାଭ ମଧ୍ୟ ହୋଇଥାଏ। ଏଭଳି ପରିସ୍ଥିତିରେ, ସ୍ୱାଧୀନତା ଦିବସ ଅବସରରେ ବକ୍ସ ଅଫିସ୍‌ରେ ଏକ ବଡ଼ ଧମାକା ହେବାକୁ ଯାଉଛି, ଯେଉଁଥିରେ ଦୁଇଟି ବଡ଼ ଫିଲ୍ମ ମଧ୍ୟରେ ଜବରଦସ୍ତ ଟକ୍କର ଦେଖିବାକୁ ମିଳିବ। ଏଥିରେ ସନ୍ନି ଦେଓଲ ଏବଂ ଇମ୍ରାନ୍ ହାସମୀଙ୍କ ମଧ୍ୟରେ ଏକ କଡ଼ା ମୁକାବିଲା ଦେଖିବାକୁ ମିଳିବ। ଇମ୍ରାନ୍‌ଙ୍କ ବହୁ ପ୍ରତୀକ୍ଷିତ ଫିଲ୍ମ 'ଆୱାରାପନ୍ ୨' ଏବେ ବେଶ୍ ଚର୍ଚ୍ଚାରେ ରହିଛି। ଏହି ଫିଲ୍ମଟି ୨୦୦୭ରେ ରିଲିଜ୍ ହୋଇଥିବା 'ଆୱାରାପନ୍' ଫିଲ୍ମର ସିକ୍ୱେଲ୍। ନିକଟରେ ଏହାର ଦମ୍‌ଦାର୍ ଟିଜର୍ ରିଲିଜ୍ ହେବା ପରେ ଦର୍ଶକଙ୍କର ଫିଲ୍ମକୁ ନେଇ ଉତ୍ସାହ ବଢ଼ି ଯାଇଛି। ୧୪ ଅଗଷ୍ଟ, ୨୦୨୬ରେ ଏହା ସିନେମାହଲ୍‌ରେ ରିଲିଜ୍ ହେବ। ଏଥିରେ ଇମ୍ରାନ୍‌ଙ୍କ ବିପକ୍ଷରେ ଦିଶା ପଟାନୀ ନଜର ଆସିବେ। ଏହା ସହିତ ଜେନେଲିଆ ଦେଶମୁଖ ଏବଂ ଶବାନା ଆଜମୀ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଦେଖାଯିବେ। ଅପରପକ୍ଷରେ 'ଗଦର ୨', 'ବର୍ଡର ୨' ଏବଂ 'ଜାଟ୍' ପରେ ଏବେ ସନ୍ନି 'ବଟୱାରା ୧୯୪୭'କୁ ନେଇ ଚର୍ଚ୍ଚାରେ ଅଛନ୍ତି। ୧୩ ଅଗଷ୍ଟ, ୨୦୨୬ରେ ଏହା ସିନେମାହଲ୍‌ରେ ରିଲିଜ୍ ହେବ। ଆସନ୍ତା ୧୫ ଅଗଷ୍ଟ ସପ୍ତାହନ୍ତରେ 'ବଟୱାରା ୧୯୪୭' ଏବଂ 'ଆୱାରାପନ୍ ୨' ବକ୍ସ ଅଫିସ୍‌ରେ ସାମ୍ନାସାମ୍ନି ହେବେ। ଇମ୍ରାନ୍‌ଙ୍କ ଫିଲ୍ମ ପାଇଁ ଏକ ପ୍ଲସ୍ ପଏଣ୍ଟ ହେଲା, ଏହାର ମୂଳ ଫିଲ୍ମ ବେଶ୍ ଲୋକପ୍ରିୟ ଥିଲା। ସବୁଠୁ ବଡ଼ କଥା ହେଉଛି ଏହା ଏକ ମ୍ୟୁଜିକାଲ୍ ରୋମାଣ୍ଟିକ ଡ୍ରାମା ଫିଲ୍ମ। ଏଭଳି ଫିଲ୍ମକୁ ସାଧାରଣତଃ ଦର୍ଶକେ ଅଧିକ ପସନ୍ଦ କରନ୍ତି। 'ଆୱାରାପନ୍ ୨'କୁ ନେଇ ଅନୁମାନ କରାଯାଉଛି ଯେ ଏହା 'ସୈୟାରା'ର (୨୨ କୋଟି ପ୍ରଥମ ଦିନର ଆୟ) ରେକର୍ଡକୁ ମଧ୍ୟ ପଛରେ ପକାଇ ଦେଇପାରେ। ଅନ୍ୟପଟେ, ସନ୍ନିଙ୍କ ଫିଲ୍ମ 'ବଟୱାରା ୧୯୪୭' ମଧ୍ୟ ବେଶ୍ ଚର୍ଚ୍ଚାରେ ରହିଛି। ଏହି ଫିଲ୍ମରେ ଦେଶ ବିଭାଜନ ସମୟର କାହାଣୀ ଦେଖିବାକୁ ମିଳିବ। ଅନ୍ୟପଟେ ଲଗାତାର ସନ୍ନିଙ୍କର ଫିଲ୍ମଗୁଡ଼ିକ ହିଟ୍ ହୋଇଥିବାରୁ ଏହା ମଧ୍ୟ ବକ୍ସ ଅଫିସ୍‌ରେ ଭଲ ବିଜିନେସ୍ କରିବ ବୋଲି ଆଶା କରାଯାଉଛି। ତେବେ ଇମ୍ରାନ୍ କି ସନ୍ନି କିଏ ଦର୍ଶକଙ୍କ ହୃଦୟ ଜିଣି ପାରୁଛନ୍ତି ତାହା ଦେଖିବାକୁ ବାକି ରହିଲା।

## ପ୍ରଥମ ମହିଳା ବାଉନ୍ସର




ବାଉନ୍ସର କହିଲେ, ଲମ୍ବା, ଚଉଡ଼ା ଏବଂ କଳାପୋଷାକ ପିନ୍ଧା ପୁରୁଷଙ୍କ ଦୃଶ୍ୟ ସାମ୍ନାକୁ ଆସିଥାଏ। ଯେଉଁମାନେ ସିନେ ତାରକା, ରାଜନେତା ସମେତ ପ୍ରତିଷ୍ଠିତ ବ୍ୟକ୍ତିଙ୍କ ସୁରକ୍ଷାରେ ମୁତୟନ ହୋଇଥାନ୍ତି। ଏହାକୁ ପୁରୁଷଙ୍କ କାର୍ଯ୍ୟ ବୋଲି କୁହାଯାଏ। ହେଲେ ଏବେ ଏ ଦିଗରେ ମହିଳାଙ୍କ ପ୍ରବେଶ ହୋଇଛି। ଭାରତର ପ୍ରଥମ ମହିଳା ବାଉନ୍ସର ଭାବେ ମେହେରୁନ୍ନିସା ଶୌକତ୍ ଅଲ୍ଲୀ ବେଶ୍ ପ୍ରସିଦ୍ଧି ଲାଭ କରିଛନ୍ତି। ସମାଜର ରଢ଼ିବାଦୀ ଚିନ୍ତାଧାରାକୁ ଆଡ଼େଇ ମର୍ଦ୍ଦାନୀ ବାଉନ୍ସର ଭାବେ ସେ ଦୁଇଦଶନ୍ଧି ଧରି ପୁରୁଷ ପ୍ରାଧାନ୍ୟ ସମାଜରେ ସୁରକ୍ଷା କାର୍ଯ୍ୟ କରିଆସୁଛନ୍ତି।

ଉତ୍ତରପ୍ରଦେଶ ସହାରନପୁରର ଏକ ଛୋଟ ସହରରେ ମେହେରୁନ୍ନିସା ଜନ୍ମ ହୋଇଥିଲେ। ପିଲାବେଳୁ ପୁଲିସ ଏବଂ ସେନାରେ କାର୍ଯ୍ୟ କରିବା ପାଇଁ ତାଙ୍କର ଖୁବ୍ ଆଗ୍ରହ ଥିଲା। ହେଲେ ପରିବାର ବିରୋଧ ଯୋଗୁ ସେ ଏହା କରିପାରି ନଥିଲେ। ତାଙ୍କ ପରିବାରରେ ଝିଅ ବାହାରକୁ ଯିବା, ପାଠପଢ଼ିବାକୁ ଅପରାଧ ମନାଯାଏ। ଏହା ସତ୍ତ୍ୱେ ସେ ଘରେ ଲୁଚିଛପି, ପାଠପଢ଼ିଲେ। ଏହା ତାଙ୍କ ପିତା ଜାଣିବା ପରେ ବହି ଜାଳି ଦେଇଥିଲେ। ଫଳରେ ସେ ଭାଙ୍ଗି ପଡ଼ିଥିଲେ। ପରେ ମାଆଙ୍କ ସମର୍ଥନ କ୍ରମେ ମେହେରୁନ୍ନିସା ପାଠପଢ଼ା ଜାରି ରଖିଥିଲେ। ସେୟାର ମାର୍କେଟରେ କ୍ଷତି ହେବା ପରେ ତାଙ୍କ ପିତାଙ୍କର ହୃଦ୍‌ଘାତ ହୋଇଥିଲା। ପିତାଙ୍କୁ ଦେଖିବା ପାଇଁ ହସ୍‌ପିଟାଲ୍ ଯିବାବେଳେ ସେଠାରେ ସେ ଛିଡ଼ା ହୋଇଥିବା ହଟାକଟା ବାଉନ୍ସରଙ୍କୁ ଦେଖିଥିଲେ। ଏହା ଦେଖି ମହିଳାମାନେ ମଧ୍ୟ ବାଉନ୍ସର ହୋଇପାରିବେ ବୋଲି ସେ ଅନୁଭବ କରିଥିଲେ। ଏହାପରେ ସେ ୨୦୦୩ ମସିହାରେ ସେ ନିଜର ବୃତ୍ତିଗତ ଜୀବନ ଆରମ୍ଭ କରିଥିଲେ।

ପାଞ୍ଚ ଫୁଟ୍ ପାଞ୍ଚ ଇଞ୍ଚ, ଉଚ୍ଚତା ଦେଖି ଲୋକେ ତାଙ୍କୁ ପ୍ରଥମେ ସିକ୍ୟୁରିଟି ଗାର୍ଡ ଭାବୁଥିଲେ। ଏଥିପାଇଁ ସେ କଠିନ ପରିଶ୍ରମ ଏବଂ ତାଲିମ୍ ନେଇ ନିଜକୁ ଦକ୍ଷ କରିଥିଲେ। ପରବର୍ତ୍ତୀ ସମୟରେ ବାଉନ୍ସର ଭାବେ ପରିଚିତ ହେଲେ। ପ୍ରିୟଙ୍କା ଚୋପ୍ରା, ସୋନୁ ନିଗମ୍, ଶାହରୁଖ ଏବଂ ସଲ୍‌ମାନ୍ ଖାନଙ୍କ ସମେତ ଅନେକ ବଲିଉଡ୍ ତାରକାଙ୍କ ବାଉନ୍ସର ଭାବେ କାର୍ଯ୍ୟ କରିଛନ୍ତି। ତାଙ୍କର ଦୃଢ଼ ମନୋବଳ ଏବଂ ପରିଶ୍ରମ ଅନ୍ୟ ମହିଳାଙ୍କୁ ଏ ଦିଗରେ କାର୍ଯ୍ୟ କରିବାକୁ ପ୍ରେରଣା ଦେଇଛି। ଲୋକେ ତାଙ୍କୁ ଦେଖିଲେ ଆଗ୍ରହର ସହ ସେଲ୍‌ଫି ନେବା ପାଇଁ ଆଗେଇ ଆସନ୍ତି ବୋଲି ସେ କୁହନ୍ତି। ଦିଲ୍ଲୀରେ ସେ ନିଜର ଏକ ସୁରକ୍ଷା ସଂସ୍ଥା ପ୍ରତିଷ୍ଠା କରିଛନ୍ତି। ଏଥିରେ ସେ ଅନ୍ୟ ମହିଳାଙ୍କୁ ତାଲିମ୍ ଦେଇ ରୋଜଗାରକ୍ଷମ କରିଛନ୍ତି। ସେହିପରି ସେ ଦିଲ୍ଲୀର ପ୍ରତିଷ୍ଠିତ ନାଇଟ୍ କ୍ଲବ୍, ପବ୍ ଆଦିରେ ଲୋକଙ୍କୁ ସୁରକ୍ଷା ଦେବାରେ ବାଉନ୍ସର ଭାବେ କାର୍ଯ୍ୟ କରୁଛନ୍ତି।

## ସୁଶ୍ରୀ

### ହଜିଯାଉଥିବା ସ୍ୱାଦ: ତାୱା ସିଙ୍ଗଡ଼ା



**ଆବଶ୍ୟକ ସାମଗ୍ରୀ**

ମଇଦା – ୨୦୦ ଗ୍ରାମ୍, ଦହି – ଅଧା କପ୍, ବେକିଙ୍ଗ୍ ସୋଡ଼ା – ଏକ ଚାମଚ, ଘିଅ – ଏକ ଚାମଚ, ସିଝା ଆଳୁ – ଦୁଇଟି, ଗ୍ରୀନ୍‌ମଟର – ଏକ କପ୍, ଜୀରା – ଏକଚାମଚ, ଧନିଆ – ଏକ ଚାମଚ, ପାନମହୁରୀ – ଅଧା ଚାମଚ, ସୋରିଷ – ଅଧା ଚାମଚ, ହଳଦୀଗୁଣ୍ଡ – ଅଧା ଚାମଚ, ଲଙ୍କା ଗୁଣ୍ଡ – ଅଧା ଚାମଚ, କସୁରୀ ମେଥି – ଅଧା ଚାମଚ, ଧନିଆ ପାଉଡର୍ – ଅଧା ଚାମଚ, ଲୁଣ ସ୍ୱାଦ ଅନୁସାରେ, ତେଲ – ଆବଶ୍ୟକତା ଅନୁସାରେ।

**ପ୍ରସ୍ତୁତି ପ୍ରଣାଳି**

ଗୋଟିଏ ପାତ୍ରରେ ଅଧା କପ୍ ଦହି, ଅଧା ଚାମଚ ଚିନି, ଲୁଣ, ବେକିଂସୋଡ଼ା, ମଇଦା ସହ ଅଳ୍ପ ପାଣି ଦେଇ ଅଟା ଭଳି ଚକଟି ଘୋଡ଼ାଇ ରଖନ୍ତୁ। ଏହାପରେ ଏକ ପାତ୍ରରେ ସିଝାଆଳୁ ଛଡ଼ାଇ ଚକଟନ୍ତୁ। ଗ୍ୟାସ୍ ଲଗାଇ ପ୍ୟାନ୍ ବସାନ୍ତୁ। ସେଥିରେ ଅଳ୍ପ ତେଲ ଜିରା, ପାନମହୁରୀ, ଗୋଟାଧନିଆ, ସୋରିଷ, କଟାଅଦା, ଗ୍ରୀନ୍‌ମଟର ଦେଇ ଗୋଳାଇ ଦିଅନ୍ତୁ। ଏହାପରେ ସେଥିରେ ହଳଦୀଗୁଣ୍ଡ, ଲଙ୍କାଗୁଣ୍ଡ, ଧନିଆଗୁଣ୍ଡ, ଆମଚୁର ପାଉଡର୍ ଦେଇ ଭାଜନ୍ତୁ। ପରେ ଏହାକୁ କାଢ଼ି ଚକଟି ରଖିଥିବା ଆଳୁରେ ପକାଇ ଗୋଳାନ୍ତୁ। ଏହାପରେ ଚକଟି ରଖିଥିବା ମଇଦାକୁ ଛୋଟ ଗୁଳା କରି ବେଲନ୍ତୁ। ସେଥିରେ ଆଳୁ ଷ୍ଟଫିଂ ଦେଇ ମଇଦାକୁ ତ୍ରିଭୂଜାକାର ଦିଅନ୍ତୁ। କଡ଼େଇରେ ତାୱା ବସାଇ ଅଳ୍ପ ତେଲ ଦେଇ ସିଙ୍ଗଡ଼ାକୁ ସେକନ୍ତୁ। ଦୁଇପାଖ ନାଲି ହୋଇଗଲେ ପ୍ଲେଟ୍‌କୁ କାଢ଼ି ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା 'ତାୱା ସିଙ୍ଗଡ଼ା'।

### ମୋତି ନିର୍ମିତ ହୁପ୍ ଇୟରିଂ

**ମୁଖମଣ୍ଡଳର ସୌନ୍ଦର୍ଯ୍ୟକୁ ବଢ଼ାଇବାରେ କାନଫୁଲ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଥାଏ। ବଜାରରେ ଭଳିକିଭଳି ଇମିଟେସନ୍‌ର କାନଫୁଲ ମିଳୁଛି। ହେଲେ ହାତ ତିଆରି କାନଫୁଲ ପିନ୍ଧିବାକୁ ପସନ୍ଦ କରୁଥିଲେ ମୋତି ବ୍ୟବହାର କରି ଘରେ ଆକର୍ଷଣୀୟ କାନଫୁଲ ତିଆରି ପାରିବେ।**



**ଗୋଲାକାର ପର୍ଲ ଇୟରିଙ୍ଗ୍**

ଗୋଲାକାର ରିଙ୍ଗ୍ କାନଫୁଲ ପିନ୍ଧିବାକୁ ଚାହୁଁଥିଲେ ସୁନେଲି ତାରରେ ମୋତିମାଳି ଗୁନ୍ଥି ଏହି କାନଫୁଲ ତିଆରି ପାରିବେ। ଏହା ବିଶେଷ କରି ଧଳା ରଙ୍ଗର ପୋଷାକରେ ଭଲ ମାନିଥାଏ।

**ସିଙ୍ଗଲ୍ ପର୍ଲ**

ଲୁକ୍‌କୁ ପରଫେକ୍ଟ ଏବଂ ଷ୍ଟାଇଲିସ୍ କରିବାକୁ ଚାହୁଁଥିଲେ, ସିଙ୍ଗଲ୍ ପର୍ଲ ଡିଜାଇନ୍ କାନଫୁଲ ପିନ୍ଧିପାରିବେ। ଏ ପ୍ରକାର ଇୟରିଙ୍ଗ୍ ଟ୍ରେଣ୍ଡରେ ରହିଛି। ଅଧିକାଂଶ ମହିଳାଙ୍କର ଏହା ପ୍ରିୟ ହୋଇଥାଏ।

**ହୁପ୍ ଇୟରିଙ୍ଗ୍**

ପାର୍ଟି, ଫଙ୍କ୍‌ସନ୍‌ରେ ନିଜକୁ ଷ୍ଟାଇଲିଶ୍ ଏବଂ ଆକର୍ଷଣୀୟ ଲୁକ୍ ଦେବାକୁ ଚାହୁଁଥିଲେ, ଘରେ ଗୋଲଡେନ୍ ୱେୟାର୍ ପର୍ଲ ହୁପ୍ ଡିଜାଇନ କାନଫୁଲ ତିଆରିପାରିବେ। ଏହା ସୁନ୍ଦର ଦିଶିଥାଏ। ମହିଳାଙ୍କ ମଧ୍ୟରେ ଏହି କାନଫୁଲ ଟ୍ରେଣ୍ଡରେ ରହିଛି।

### ଡେଲିଭରି ପରେ ପିନ୍ଧନ୍ତୁ ଏପରି ପୋଷାକ



**ସାଧାରଣତଃ ମାଆ ହେବା ପରେ ଜୀବନଶୈଳୀରେ ନାନା ପରିବର୍ତ୍ତନ ହୋଇଥାଏ। ମହିଳାମାନେ ସୁନ୍ଦରଠୁ ଅଧିକ ସୁବିଧାଜନକ ଏବଂ ଆରାମଦାୟକ ଆଉଟ୍‌ଫିଟ୍ ପିନ୍ଧିବାକୁ ପସନ୍ଦ କରନ୍ତି। ତେବେ ନୂଆ କରି ମାଆ ହୋଇଥିଲେ କିପରି ପୋଷାକ ପିନ୍ଧିବେ ଜାଣି ରଖନ୍ତୁ।**

**କୋ–ଅର୍ଡ ସେଟ୍**

କୋ-ଅର୍ଡ ସେଟ୍‌କୁ ମହିଳାମାନେ ଅଧିକ ପସନ୍ଦ କରୁଛନ୍ତି। ଏହା ପିନ୍ଧିବାକୁ ଆରାମଦାୟକ ହୋଇଥିବାବେଳେ, ଏଥିରୁ ଏକ କ୍ଲାସି ଲୁକ୍ ମିଳିଥାଏ। ଏହାକୁ ଉଭୟ ଘର ଏବଂ ବାହାର ପିନ୍ଧା କରିପାରିବେ।

**ମ୍ୟାକ୍ସି ଏବଂ ରାପ୍ ଡ୍ରେସ୍**

ସିମ୍ପଲ ଲୁକ୍ ଚାହୁଁଥିଲେ, ମ୍ୟାକ୍ସି ଏବଂ ରାପ୍ ଡ୍ରେସ ପିନ୍ଧିପାରିବେ। ଏହା ପୋଷ୍ଟ ପ୍ରେଗ୍‌ନେସି ମହିଳାଙ୍କୁ ଭଲ ମାନିଥାଏ। ଫ୍ଲୋରାଲ୍ ପ୍ରିଣ୍ଟ ଏବଂ ପେଷ୍ଟାଲ୍ ରଙ୍ଗ ପୋଷାକରୁ ଷ୍ଟାଇଲିଶ୍ ଲୁକ୍ ମିଳିଥାଏ।

**ନରମ ଫାବ୍ରିକ୍ ଚୟନ କରନ୍ତୁ**

ସର୍ବଦା ସାଧା, ସିଧା ଏବଂ ଆରାମଦାୟକ କପଡ଼ା ଚୟନ କରନ୍ତୁ। କଟନ ଲେଲିନ୍ ଏବଂ ଷ୍ଟ୍ରେଚ୍‌ବୁଲ୍ କପଡ଼ା ନୂଆ ମାଆଙ୍କ ପାଇଁ ଭଲ ହୋଇଥାଏ। ତେଣୁ ଚାହିଁଲେ ଫ୍ଲୋରାଲ କଟନ ଫ୍ରକ୍ ମଧ୍ୟ ପିନ୍ଧିପାରିବେ।

### ଆଖି ଅନୁଯାୟୀ କଜଳ ଲଗାନ୍ତୁ

କଜଳ ଆଖିକୁ ଆକର୍ଷଣୀୟ କରିଥାଏ। ଏଥିପାଇଁ ଅଧିକାଂଶ ମହିଳା କଜଳ ଲଗାଇବାକୁ ପସନ୍ଦ କରନ୍ତି। ହେଲେ ଅନେକେ ମହିଳା କଜଳକୁ ମୋଟା, ପତଳା କିଭଳି ଲଗାଇବେ ତାକୁ ନେଇ ଦ୍ୱନ୍ଦରେ ଥାଆନ୍ତି। ତେବେ ଆଖି ଆକାର ଅନୁଯାୟୀ ଲଗାନ୍ତୁ କଜଳ।

**ଆଖି ଛୋଟ ଥିଲେ**

ଛୋଟ ଆଖିକୁ ସୁନ୍ଦର ଏବଂ ଆକର୍ଷଣୀୟ କରିବାକୁ ଚାହୁଁଥିଲେ, ଆଖିର ତଳ ପାଖରେ ମୋଟା ପରିବର୍ତ୍ତେ ପତଳା ଆକାରରେ କଳା ଲଗାନ୍ତୁ। ଛୋଟ ଆଖି ପାଇଁ ଏହା ଖୁବ୍ ଭଲ ହୋଇଥାଏ। ସେହିପରି ଆଖି କୋଣରେ ମଧ୍ୟ ପତଳା କଳା ଲଗାଇବା ଆବଶ୍ୟକ।

**ଆଖିର ଆକାର ବଡ଼ ଥିଲେ**

ସାଧାରଣତଃ ଆଖି ଆକାର ବଡ଼ ଥିଲେ, ଆଖିରେ ବୋଲ୍ଡ ଏବଂ ଗାଢ଼ରଙ୍ଗର କଳା ଲଗେଇ ଆଖିକୁ ସୁନ୍ଦର କରିପାରିବେ। କାରଣ ବଡ଼ ଆଖିରେ ପତଳା କଳା ଲଗାଇଲେ ଏହା ସେତେ ସୁନ୍ଦର ଦେଖାଯାଏନି। ତେଣୁ ବଡ଼ ଆଖି ଥିବା ମହିଳାମାନେ ମୋଟା କଳା ଲଗାଇଲେ ଏହା ଆଖି ସୌନ୍ଦର୍ଯ୍ୟକୁ ଦ୍ୱିଗୁଣା କରିଥାଏ।

ସକାଳ
THE SAKALA
www.sakalaepaper.com






# ଏମ୍‌ବାପ୍ପେ ମ୍ୟାଜିକ୍; ପ୍ରି-କ୍ୱାର୍ଟରରେ ଫ୍ରାନ୍ସ

ନ୍ୟୁୟର୍କ, ୧।୭ (ଏଜେନ୍ସି):

ଷ୍ଟାର୍ ଷ୍ଟ୍ରାଇକର କିଲିଆନ ଏମ୍‌ବାପ୍ପେଙ୍କ ଡବଲ୍ ଗୋଲ୍ ବଳରେ ଏଠାରେ ବୁଧବାର ସକାଳେ ଅନୁଷ୍ଠିତ ଫିଫା ବିଶ୍ୱକପ୍‌ର ଏକ ମ୍ୟାଚରେ ଶକ୍ତିଶାଳୀ ଫ୍ରାନ୍ସ ୩-୦ ଗୋଲ୍‌ରେ ସ୍ୱିଡେନକୁ ପରାସ୍ତ କରିଛି । ଦୁଇଥରର ବିଶ୍ୱବିଜେତା ଫ୍ରାନ୍ସ ଏହି ବିଜୟ ସହ ବିଶ୍ୱକପ୍‌ର ରାଉଣ୍ଡ-୧୬ ତଥା ପ୍ରି-କ୍ୱାର୍ଟର ଫାଇନାଲରେ ସ୍ଥାନ ପକ୍କା କରିଛି । ପ୍ରି-କ୍ୱାର୍ଟରରେ ଫ୍ରାନ୍ସର ମୁକାବିଲା ଶନିବାର ରାତିରେ ପାରାଗୁଏ ସହ ହେବ । ଅପରପକ୍ଷରେ ପରାଜୟ ସହ ସ୍ୱିଡେନର ବିଶ୍ୱକପ୍ ଅଭିଯାନ ଶେଷ ହୋଇଛି ।

ସ୍ଥାନୀୟ ନ୍ୟୁଜର୍ସି ଷ୍ଟାଡିୟମରେ ଅନୁଷ୍ଠିତ ଏହି ରାଉଣ୍ଡ ଅଫ୍ ୩୨ ମୁକାବିଲାରେ ବିଶ୍ୱର ଏକ ନମ୍ବର ଦଳ ଫ୍ରାନ୍ସକୁ ଆରମ୍ଭରୁ ସ୍ୱିଡେନ କଡ଼ା ଟକ୍କର ଦେଇଥିଲା । ବିଶ୍ୱ ମାନ୍ୟତାର ୩୭ତମ ସ୍ଥାନରେ ରହିଥିବା ସ୍ୱିଡେନର ଶକ୍ତିଶାଳୀ ରକ୍ଷଣଭାଗକୁ ଫ୍ରାନ୍ସ ଷ୍ଟ୍ରାଇକରମାନେ ଭେଦ କରିବାରେ ବିଫଳ ହୋଇଥିଲେ । ତେବେ ପ୍ରଥମାର୍ଦ୍ଧର ଅନ୍ତିମ ମିନିଟ୍ (୪୫ତମ)ରେ ଫ୍ରାନ୍ସ ଖାତା ଖୋଲିବାରେ ସଫଳ ହୋଇଥିଲେ । ଓଉସମାନ ଡେମ୍ବେଲଙ୍କ ପାସକୁ ଉଦୀୟମାନ ଷ୍ଟ୍ରାଇକର ଏମ୍‌ବାପ୍ପେ କୌଣସି ତ୍ରୁଟି ନ କରି ବଲ୍‌କୁ ସ୍ୱିଡେନ ଗୋଲ୍ ପୋଷ୍ଟ ମଧ୍ୟକୁ ପଠାଇ ଦେଇଥିଲେ । ଫଳରେ ପ୍ରଥମାର୍ଦ୍ଧରେ ଫ୍ରାନ୍ସ ୧-୦ ଅଗ୍ରଣୀ ରହିଥିଲା । ଏହାପରେ ଦ୍ୱିତୀୟାର୍ଦ୍ଧରେ କିନ୍ତୁ ଫ୍ରାନ୍ସ ଖେଳାଳି ଅଧିକ ଆକ୍ରମଣାତ୍ମକ ମନୋଭାବ ନେଇ ପଡ଼ିଆକୁ ଆସିଥିଲେ । ୫୩ତମ ମିନିଟ୍‌ରେ ବ୍ରାଡଲୀ ବାର୍କୋଲାଙ୍କ ଗୋଲ୍ ଫ୍ରାନ୍ସର ଅଗ୍ରଣୀକୁ ୨-୦କୁ ବୃଦ୍ଧି କରିଥିଲା ।



ଏହାପରେ ଦ୍ୱିତୀୟାର୍ଦ୍ଧର ଟାଇମ ଆଉଟ୍ ପରେ ଏମ୍‌ବାପ୍ପେଙ୍କ କମାଲ ପୁଣିଥରେ ଦେଖିବାକୁ ମିଳିଥିଲା । ୭୪ତମ ମିନିଟରେ ଏମ୍‌ବାପ୍ପେ ବ୍ୟକ୍ତିଗତ ଦ୍ୱିତୀୟ ଓ ଦଳପାଇଁ ତୃତୀୟ ଗୋଲ୍ ଦେଇଥିଲେ । ୩-୦ ଗୋଲ୍‌ରେ ପଛୁଆ ରହିବା ପରେ ସ୍ୱିଡେନ ଖେଳାଳିମାନେ ମ୍ୟାଚକୁ ଫେରିବା ଲାଗି ଜୋରଦାର ପ୍ରୟାସ କରିଥିଲେ ମଧ୍ୟ ବିଫଳ ହୋଇଥିଲେ । ବିଜୟ ସହ ଫ୍ରାନ୍ସ ଏକାଧିକ ରେକର୍ଡ କରିଛି । ବିଶ୍ୱକପ୍ ଇତିହାସର ପ୍ରଥମ ଦଳ ଭାବେ ଫ୍ରାନ୍ସ କ୍ରମାଗତ ୫ଟି ମ୍ୟାଚରେ ୩ କିମ୍ବା ଏହାଠାରୁ ଉର୍ଦ୍ଧ୍ୱ ଗୋଲ ଦେବାରେ ସମର୍ଥ ହୋଇଛି । ସେହିଭଳି ଫ୍ରାନ୍ସ କୋଚ୍ ଡିଡିଅର ଡେଶ୍ଚାମ୍ପ ଫିଫା ବିଶ୍ୱକପ୍ ନକ୍‌ଆଉଟ୍‌ରେ ତାଙ୍କର ୯ମ ବିଜୟ ହାସଲ କରିଛନ୍ତି । ଯାହାକି ଫିଫା ବିଶ୍ୱକପ୍ ଇତିହାସରେ କୌଣସି କୋଚ୍ ପାଇଁ ସର୍ବାଧିକ ନକ୍‌ଆଉଟ୍ ବିଜୟର ରେକର୍ଡ ହୋଇଛି ।

## କ୍ଲୋଜଙ୍କୁ ଟପିଲେ ଏମ୍‌ବାପ୍ପେ



ଫ୍ରାନ୍ସର ଷ୍ଟାର ଖେଳାଳି କିଲିଆନ ଏମ୍‌ବାପ୍ପେ ସ୍ୱିଡେନ ବିପକ୍ଷରେ ଡବଲ୍ ଗୋଲ୍ ଦେଇ ଦଳକୁ ବିଶ୍ୱକପ୍‌ର ପ୍ରି-କ୍ୱାର୍ଟରରେ ପହଞ୍ଚାଇଛନ୍ତି । ଏଥିସହ ଫିଫା ବିଶ୍ୱକପ୍ ଇତିହାସରେ ଏମ୍‌ବାପ୍ପେ ଦ୍ୱିତୀୟ ସର୍ବାଧିକ ଗୋଲ୍‌ସ୍କୋରର ହୋଇଛନ୍ତି । ୨୭ ବର୍ଷୀୟ ଏମ୍‌ବାପ୍ପେ ବର୍ତ୍ତମାନ ବିଶ୍ୱକପରେ ମୋଟ୍ ୧୮ ମ୍ୟାଚ୍ ଖେଳି ୧୮ଟି ଗୋଲ୍ ଦେଇଛନ୍ତି । ଆର୍ଜେଣ୍ଟିନା ଅଧିନାୟକ ତଥା ମହାନ ଖେଳାଳି ଲିଓନେଲ ମେସି ୧୯ ଗୋଲ୍ ସହ ଏହି ତାଲିକାର ଶୀର୍ଷରେ ରହିଛନ୍ତି । ସେହିଭଳି ତୃତୀୟ ସ୍ଥାନରେ ରହିଥିବା ଜର୍ମାନୀର ପୂର୍ବତନ ଖେଳାଳି ମିରୋସ୍ଲାଭ କ୍ଲୋଜ ୧୬ଟି ଗୋଲ୍ ଦେଇଛନ୍ତି । ଫଳରେ ବିଶ୍ୱକପ୍ ଇତିହାସର ଟପ୍ ସ୍କୋରର ହେବା ଲାଗି ଚଳିତ ଟୁର୍ଣ୍ଣାମେଣ୍ଟରେ ମେସି ଓ ଏମ୍‌ବାପ୍ପେଙ୍କ ମଧ୍ୟରେ କଡ଼ା ଟକ୍କର ଦେଖିବାକୁ ମିଳିବ । ସେହିଭଳି ଚଳିତ ବିଶ୍ୱକପ୍‌ରେ ମେସି ଓ ଏମ୍‌ବାପ୍ପେ ଉଭୟ ୬ଟି ଲେଖାଏ ଗୋଲ୍ ଦେଇ ଗୋଲ୍ଡେନ ବୁଟ୍ ଦୌଡ଼ରେ ସର୍ବାଗ୍ରେ ରହିଛନ୍ତି ।

## ହ୍ୟାରୀ ଇଂଲଣ୍ଡର ହିରୋ

ଆଟଲାଣ୍ଟା, ୧।୭ (ଏଜେନ୍ସି): ଅଧିନାୟକ ହ୍ୟାରୀ କେନ୍‌ଙ୍କ ଡବଲ୍ ଗୋଲ୍ ବଳରେ ଏଠାରେ ବୁଧବାର ରାତିରେ ଅନୁଷ୍ଠିତ ଫିଫା ବିଶ୍ୱକପ୍‌ର ଏକ ଉତ୍କଣ୍ଠାପୂର୍ଣ୍ଣ ମ୍ୟାଚରେ ଇଂଲଣ୍ଡ ୨-୧ ଗୋଲରେ କଙ୍ଗୋକୁ ହରାଇଦେଇଛି । ଏହି ମ୍ୟାଚର ୭ମ ମିନିଟରେ ବ୍ରାଏନ କିପେଙ୍ଗାଙ୍କ ଗୋଲ୍ ବଳରେ କଙ୍ଗୋ ଆରମ୍ଭରୁ ୧-୦ରେ ଅଗ୍ରଣୀ ହାସଲ କରିଥିଲା । ଏପରିକି ମ୍ୟାଚର ୭୫ ମିନିଟ୍ ପର୍ଯ୍ୟନ୍ତ କଙ୍ଗୋ ଏହି ଅଗ୍ରଣୀକୁ ବଜାୟ ରଖି ଐତିହାସିକ ବିଜୟ ନିକଟତର ହେଉଥିଲା । କିନ୍ତୁ ମ୍ୟାଚର ଶେଷ ୧୫ ମିନିଟରେ ଇଂଲଣ୍ଡ ଅଧିନାୟକ କେନ୍ ୨ଟି ଗୋଲ୍ ଦେଇ କଙ୍ଗୋ ହାତରୁ ବିଜୟ ଛଡ଼ାଇ ଆଣିଥିଲେ । ସେ ୭୫ତମ ଓ ୮୬ତମ ମିନିଟରେ ଏହି ଦୁଇଟି ଗୋଲ୍ ଦେଇଥିଲେ । ପ୍ରି-କ୍ୱାର୍ଟରରେ ଇଂଲଣ୍ଡର ମୁକାବିଲା ସହ-ଆୟୋଜକ ମେକ୍ସିକୋ ସହିତ ହେବ । ଅପରପକ୍ଷରେ ଫିଫା ବିଶ୍ୱକପ୍ ଇତିହାସରେ ହ୍ୟାରୀଙ୍କ ଗୋଲ୍ ସଂଖ୍ୟା ୧୩ରେ ପହଞ୍ଚିଛି । ଏହିକ୍ରମରେ ସେ ବ୍ରାଜିଲ କିମ୍ବଦନ୍ତୀ ପେଲେ (୧୨ ଗୋଲ୍)ଙ୍କୁ ଟପିଯାଇଛନ୍ତି ।

## ବିଜୟ ଉତ୍ସବ ପାଳନବେଳେ ମେକ୍ସିକୋ ସିଟିରେ ୩ଜଣଙ୍କ ମୃତ୍ୟୁ

ମେକ୍ସିକୋ ସିଟି, ୧।୭ (ଏଜେନ୍ସି): ସହ-ଆୟୋଜକ ମେକ୍ସିକୋ ଚଳିତ ଫିଫା ବିଶ୍ୱକପ୍‌ର ପ୍ରି-କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି । ଇକ୍ୱେଡରକୁ ୨-୦ ଗୋଲରେ ହରାଇ ମେକ୍ସିକୋ ଏହି ସଫଳତା ପାଇଛି । ସେହିଭଳି ଦୀର୍ଘ ୪୦ ବର୍ଷ ପରେ ମେକ୍ସିକୋ ଫିଫା ବିଶ୍ୱକପର ନକଆଉଟରେ ବିଜୟ ସ୍ୱାଦ ଚାଖିଛି । ଏହି ପ୍ରତୀକ୍ଷିତ ବିଜୟ ପରେ ମେକ୍ସିକୋ ସିଟିରେ ଲକ୍ଷ ଲକ୍ଷ ଘରୋଇ ପ୍ରଶଂସକ ଏକାଠି ହୋଇ ବିଶାଳ ଉତ୍ସବ ପାଳନ କରିଥିଲେ । ମୁଖ୍ୟତଃ ଏଞ୍ଜେଲ ଅଫ୍ ଇଣ୍ଡିପେଣ୍ଡେନ୍ସ ସ୍ମାରକୀ ଚାରିପାଖରେ ୧୦ ଲକ୍ଷରୁ ଅଧିକ ଲୋକ ରାସ୍ତାକୁ ଓହ୍ଲାଇ ଉତ୍ସବ ମନାଇଥିଲେ । ଫଳରେ ଶ୍ୱାସରୁଦ୍ଧ ହୋଇ ୩ଜଣ ପ୍ରଶଂସକଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି । ପ୍ରାଣ ହରାଇଥିବା ପ୍ରଶଂସକଙ୍କ ମଧ୍ୟରେ ଜଣେ ୧୯ ବର୍ଷୀୟା ଓ ୪୮ ବର୍ଷୀୟା ମହିଳା ରହିଛନ୍ତି ।

## ଶ୍ରୀସନ୍ଥଙ୍କ ଉପରୁ ବାସନ୍ଦ ଉଠାଇଲା କେରଳ ସଂଘ

ତିରୁଅନନ୍ତପୁରମ, ୧।୭ (ଏଜେନ୍ସି): କେରଳ କ୍ରିକେଟ ଆସୋସିଏସନ (କେସିଏ) ବୁଧବାର ପୂର୍ବତନ ଅନ୍ତର୍ଜାତୀୟ କ୍ରିକେଟର ଏସ. ଶ୍ରୀସନ୍ଥଙ୍କ ଉପରେ ଲଗାଇଥିବା ୩ ବର୍ଷର ବାସନ୍ଦ ଦଣ୍ଡାଦେଶକୁ ହଟାଇ ଦେଇଛି । କେସିଏ ବିରୁଦ୍ଧରେ ମାନହାନିଜନକ ମନ୍ତବ୍ୟ ଦେବା ଅଭିଯୋଗରେ ସଂଘ ଗତବର୍ଷ ୪୩ ବର୍ଷୀୟ ଶ୍ରୀସନ୍ଥଙ୍କ ଉପରେ ତିନି ବର୍ଷର ବାସନ୍ଦ ଲଗାଇଥିଲା । ସଂଘ ପକ୍ଷରୁ ଏକ ବିବୃତ୍ତିରେ କୁହାଯାଇଛି ଯେ, ସ୍ୱତନ୍ତ୍ର ସାଧାରଣ ପରିଷଦ ବୈଠକରେ କେସିଏ ଏହି ବାସନ୍ଦ ହଟାଇବା ପାଇଁ ନିଷ୍ପତ୍ତି ନେଇଛି । ଶ୍ରୀସନ୍ଥ କେସିଏ ବିରୁଦ୍ଧରେ ତାଙ୍କ ମନ୍ତବ୍ୟ ପାଇଁ ଦୁଃଖ ପ୍ରକାଶ କରି ନିଃସର୍ତ୍ତ କ୍ଷମା ପ୍ରାର୍ଥନା କରିଥିଲେ । ଏହି ଆଧାରରେ କେସିଏ ତାଙ୍କ ଉପରୁ ବାସନ୍ଦ ଉଠାଇ ଦେଇଛି ।

ଇକ୍ୱେଡର ବିଦା; ରାଉଣ୍ଡ-୧୬ରେ ମେକ୍ସିକୋ

# ୪୦ ବର୍ଷ ପରେ ମେକ୍ସିକୋର ପ୍ରତୀକ୍ଷିତ ବିଜୟ



ମେକ୍ସିକୋ ସିଟି, ୧।୭ (ଏଜେନ୍ସି): ସହ-ଆୟୋଜକ ମେକ୍ସିକୋ ଚଳିତ ଫିଫା ବିଶ୍ୱକପ୍‌ର ୭ମ ଦଳ ଭାବେ ପ୍ରି-କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି । ବୁଧବାର ସକାଳେ ମେକ୍ସିକୋ ସିଟି ଷ୍ଟାଡିୟମରେ ଅନୁଷ୍ଠିତ ଏକପାଖିଆ ମ୍ୟାଚରେ ଘରୋଇ ମେକ୍ସିକୋ ୨-୦ ଗୋଲ୍‌ରେ ଇକ୍ୱେଡରକୁ ହରାଇଦେଇଛି । ମ୍ୟାଚର ପ୍ରଥମାର୍ଦ୍ଧରେ ମେକ୍ସିକୋ ଦୁଇଟିଯାକ ଗୋଲ୍ ଦେଇଥିଲା । ୨୨ତମ ମିନିଟରେ ଜୁଲିଆନ କ୍ୱିନୋନ୍ସଙ୍କ ଗୋଲ୍ ସହାୟତାରେ ମେକ୍ସିକୋ ଖାତା ଖୋଲିଥିଲା । ଏହାର ୯ ମିନିଟ ପରେ ମେକ୍ସିକୋ ଏହି ଅଗ୍ରଣୀକୁ ଦ୍ୱିଗୁଣିତ କରିଥିଲା । ୩୧ତମ ମିନିଟରେ ରାଉଲ ଜିମେଞ୍ଜ ମେକ୍ସିକୋ ପାଇଁ ଏହି ଦ୍ୱିତୀୟ ଗୋଲ୍‌ଟି ଦେଇଥିଲେ । ଫଳରେ ପ୍ରଥମାର୍ଦ୍ଧ ଶେଷବେଳକୁ ମେକ୍ସିକୋ ୨-୦ରେ ଆଗୁଆ ରହିଥିଲା । ଏହାପରେ ଦ୍ୱିତୀୟାର୍ଦ୍ଧରେ ଦକ୍ଷିଣ ଆମେରିକୀୟ ରାଷ୍ଟ୍ର ଇକ୍ୱେଡର ମ୍ୟାଚକୁ ଫେରିବା ଲାଗି ଆପ୍ରାଣ ଉଦ୍ୟମ କରିଥିଲା । କିନ୍ତୁ ମେକ୍ସିକୋ ଡିଫେନ୍ସ କୌଣସି ସୁଯୋଗ ଦେଇ ନ ଥିଲେ । ଶେଷରେ ମେକ୍ସିକୋ ବିଜୟ ଲାଭ କରି ପ୍ରି-କ୍ୱାର୍ଟରରେ ସ୍ଥାନ ପକ୍କା କରିଥିଲା । ସମ୍ପୂର୍ଣ୍ଣ ମ୍ୟାଚରେ ପାସ୍, ପାସ୍ ଆକ୍ୟୁରେସି, ପୋଜେସନ ଆଦିରେ ମେକ୍ସିକୋଠାରୁ ଇକ୍ୱେଡର ଉନ୍ନତ ପ୍ରଦର୍ଶନ କରିଥିଲେ ମଧ୍ୟ ଭାଗ୍ୟ ସାଥ୍ ଦେଇ ନ ଥିଲା ।

ଅପରପକ୍ଷରେ ଘରୋଇ ମେକ୍ସିକୋ ଦୀର୍ଘ ୪୦ ବର୍ଷର ପ୍ରତୀକ୍ଷାର ଅନ୍ତ ଘଟାଇ ବିଶ୍ୱକପ୍‌ରେ ନକ୍‌ଆଉଟ୍ ବିଜୟ ସ୍ୱାଦ ଚାଖିଛି । ଶେଷଥର ଲାଗି ମେକ୍ସିକୋ ୧୯୮୬ ସଂସ୍କରଣରେ ଏକ ନକ୍‌ଆଉଟ୍ ମ୍ୟାଚ୍ ଜିତିଥିଲା । ଏହାପରେ ୧୯୯୪ରୁ ୨୦୧୮ ପର୍ଯ୍ୟନ୍ତ ମେକ୍ସିକୋ ରାଉଣ୍ଡ-୧୬ରେ ହିଁ ଅଟକିଯାଉଥିଲା । ସେହିଭଳି ୨୦୨୨ରେ ଦଳ ଗ୍ରୁପ୍ ପର୍ଯ୍ୟାୟରୁ ବିଦାୟ ନେଇଥିଲା । ଏଥର ଘରୋଇ ପରିବେଶରେ ଖେଳୁଥିବାରୁ ମେକ୍ସିକୋ ଆଗକୁ ଆହୁରି ବିପର୍ଯ୍ୟୟ ଘଟାଇବାକୁ ଲକ୍ଷ୍ୟ ରଖିଛି ।

| ଫିଫା ବିଶ୍ୱକପ୍ 26 |
|---|
| ରାଉଣ୍ଡ ଅଫ୍ ୩୨ ମୁକାବିଲା |
| ଗୁରୁବାର ରାତି |
| ସ୍ପେନ-ଅଷ୍ଟ୍ରିଆ |
| ଲସ୍ ଆଞ୍ଜେଲ୍ସ, ରାତି ୧୨ଟା ୩୦ |
| ଶୁକ୍ରବାର ସକାଳ |
| ପର୍ତ୍ତୁଗାଲ-କ୍ରୋଏସିଆ |
| ଟରୋଣ୍ଟୋ, ଭୋର ୪ଟା ୩୦ |
| ସ୍ୱିଜରଲାଣ୍ଡ-ଆଲଜେରିଆ |
| ଭାଙ୍କୋଭର, ସକାଳ ୮ଟା ୩୦ |
| ପ୍ରସାରଣ: ଜୀ ଟିଭି ନେଟ୍‌ୱର୍କ, ଜୀ-୫ |

# ବର୍ଷାରେ ଧୋଇଲା ଭାରତ-ଇଂଲଣ୍ଡ ପ୍ରଥମ ଟି-୨୦



ଚେଷ୍ଟର-ଲି-ଷ୍ଟ୍ରିଟ, ୧।୭ (ଏଜେନ୍ସି): ଘରୋଇ ଇଂଲଣ୍ଡ ଓ ଭାରତ ମଧ୍ୟରେ ବୁଧବାରଠାରୁ ଆରମ୍ଭ ହୋଇଥିବା ଟି-୨୦ ସିରିଜର ପ୍ରଥମ ମୁକାବିଲା ବର୍ଷା ଲାଗି ବାତିଲ ହୋଇଛି । ପ୍ରଥମେ ବ୍ୟାଟିଂ କରିଥିବା ଭାରତ ୭ ୱିକେଟରେ ୧୮୯ ରନ କରିଥିଲା । ତେବେ ଇଂଲଣ୍ଡ ଇନିଂସ ପୂର୍ବରୁ ଲଗାଣ ବର୍ଷା ହେବାରୁ ଖେଳ ଆଉ ସମ୍ଭବପର ହୋଇପାରି ନ ଥିଲା । ପାଖାପାଖି ଦେଢ଼ଘଣ୍ଟା ଅପେକ୍ଷା କରିବା ପରେ ବର୍ଷା ନ କମିବାରୁ ମ୍ୟାଚ୍ ଅଫିସିଆଲ୍ ପ୍ରଥମ ଟି-୨୦କୁ ବାତିଲ ଘୋଷଣା କରିଥିଲେ । ସିରିଜର ଦ୍ୱିତୀୟ ମ୍ୟାଚ୍ ଶନିବାର ସନ୍ଧ୍ୟା ୭ଟାରେ ଖେଳାଯିବ । ଏହି ମ୍ୟାଚରେ ଟସ୍ ଜିତି ବ୍ୟାଟିଂ କରିଥିବା ଭ୍ରମଣକାରୀ ଭାରତ ୭ ୱିକେଟରେ ୧୮୯ ରନର ଚ୍ୟାଲେଞ୍ଜିଂ ସ୍କୋର ଠିଆ କରାଇଛି । ଦଳ ପକ୍ଷରୁ ଅଧିନାୟକ ଶ୍ରେୟସ ଆୟର ୪୭ ବଲରେ ସର୍ବାଧିକ ୬୮ ରନ ଓ ଓପନର୍ ଅଭିଷେକ ଶର୍ମା ୨୪ ବଲରେ ୫୯ ରନ (୬ଟି ଚୌକା ଓ ୪ଟି ଛକା) କରିଥିଲେ । ଶିବମ ଦୁବେ ୨୧ ବଲରେ ଅପରାଜିତ ୪୨ ରନର ଦ୍ରୁତ ପାଳି ଖେଳିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସଞ୍ଜୁ ସାମସନ ୧, ଇଶାନ କିଶାନ ୦, ଅକ୍ଷର ପଟେଲ ୩ ଓ ତିଲକ ବର୍ମା ୧୩ ରନରେ ଆଉଟ୍ ହୋଇ ନିରାଶ କରିଛନ୍ତି । ଇଂଲଣ୍ଡ ପକ୍ଷରୁ ସଫଳ ବୋଲର ଭାବେ ସାକିବ ମହମ୍ମୁଦ ସର୍ବାଧିକ ୨ଟି ୱିକେଟ୍ ନେଇଛନ୍ତି । ଏହି ଅବସରରେ ଅଭିଷେକ ୫ମ ଭାରତୀୟ ବ୍ୟାଟର୍ ଭାବେ ଟି-୨୦ରେ ୧୦୦ ଛକା ପୂରଣ କରିଛନ୍ତି । ତେବେ ଯୁବ ଭାରତୀୟ ଓପନର୍ ବୈଭବ ସୂର୍ଯ୍ୟବଂଶୀଙ୍କୁ ଏହି ମ୍ୟାଚରେ ମଧ୍ୟ ଖେଳିବାର ସୁଯୋଗ ମିଳିନି । ଫଳରେ ସୂର୍ଯ୍ୟବଂଶୀଙ୍କ ଅନ୍ତର୍ଜାତୀୟ ପଦାର୍ପଣ ବିଳମ୍ବ ହୋଇଛି ।


## ଟି-୨୦ ର୍‍ୟାଙ୍କିଙ୍ଗ୍: ପ୍ରଥମଥର ଶୀର୍ଷରେ ଇଶାନ

ଦୁବାଇ, ୧।୭ (ଏଜେନ୍ସି): ୱିକେଟ୍‌କିପର ଇଶାନ କିଶାନ ବିଶ୍ୱର ଏକ ନମ୍ବର ଟି-୨୦ ବ୍ୟାଟର ହୋଇଛନ୍ତି । ଆଇସିସି ପକ୍ଷରୁ ସଦ୍ୟ ପ୍ରକାଶିତ ଟି-୨୦ ବ୍ୟାଟିଂ ର୍‍ୟାଙ୍କିଙ୍ଗ୍‌ରେ ଇଶାନ ଗୋଟିଏ ପାହାଚ ଉପରକୁ ଉଠି ଏକ ନମ୍ବର ସ୍ଥାନ ହାସଲ କରିଛନ୍ତି । ସେ ସାଥୀ ଭାରତୀୟ ଖେଳାଳି ଅଭିଷେକ ଶର୍ମାଙ୍କୁ ହଟାଇ କ୍ୟାରିୟରରେ ପ୍ରଥମଥର ଲାଗି ବ୍ୟାଟିଂ ତାଲିକାର ଶୀର୍ଷ ମାନ୍ୟତା ଲାଭ କରିଛନ୍ତି । ଇଶାନଙ୍କ ରେଟିଂ ପଏଣ୍ଟ ୮୭୬ ରହିଛି । ଦୀର୍ଘ ୧୧ ମାସ ଧରି ଏକ ନମ୍ବର ସ୍ଥାନରେ ରହିଥିବା ଅଭିଷେକ ୮୬୯ ରେଟିଂ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନକୁ ଖସିଯାଇଛନ୍ତି । ବ୍ୟାଟିଂ ତାଲିକାର ଟପ୍-୧୦ରେ ରହିଥିବା ଅନ୍ୟ ଦୁଇ ଭାରତୀୟ ବ୍ୟାଟର ହେଲେ ତିଲକ ବର୍ମା ଓ ସୂର୍ଯ୍ୟକୁମାର ଯାଦବ । ତିଲକ ପୂର୍ବଭଳି ଷଷ୍ଠ ସ୍ଥାନରେ ସ୍ଥିର ରହିଛନ୍ତି ।

## ଜାତୀୟ ପେଞ୍ଚାକ ସିଲାଟରେ ଓଡ଼ିଶାକୁ ୨୭ ପଦକ

ଭୁବନେଶ୍ୱର, ୧।୭ (ସମିସ): ମହାରାଷ୍ଟ୍ରର ନାସିକଠାରେ ଶେଷ ହୋଇଥିବା ଜାତୀୟ ଜୁନିଅର ଓ ସବ୍‌ଜୁନିଅର ପେଞ୍ଚକସିଲାଟ ଚାମ୍ପିଅନସିପରେ ଓଡ଼ିଶା ମୋଟ୍ ୨୭ଟି ପଦକ ବିଜୟୀ ହୋଇଛି । ଯେଉଁଥିରେ ୧୨ ସ୍ୱର୍ଣ୍ଣ, ୭ ରୌପ୍ୟ ଓ ୮ଟି କାଂସ୍ୟ ପଦକ ରହିଛି । ପ୍ରତିଯୋଗିତାରେ ଓଡ଼ିଶା ଚତୁର୍ଥ ରନର୍ସଅପ୍ ହୋଇଛି । ଓଡ଼ିଶାରୁ ମୋଟ୍ ୬୨ ଜଣ ଖେଳାଳି ଏଥିରେ ଅଂଶଗ୍ରହଣ କରିଥିଲେ । ଓଡିଶା ସଂଘର ସଭାପତି ତାପସ କୁମାର ରାୟ ଚୌଧୁରୀ, ସମ୍ପାଦକ ଗୁରୁ ପ୍ରେମ ସିଂ ଥାପା, ଖୋର୍ଦ୍ଧା ସଂଘର ସମ୍ପାଦକ ଜୀତେନ୍ଦ୍ର କୁମାର ରାଉତ ପଦକ ବିଜୟୀ ଖେଳାଳିଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ରାହୁଲ ସା, ପ୍ରକାଶ ବେହେରା ଦଳର ପ୍ରଶିକ୍ଷକ ଦାୟିତ୍ୱ ତୁଲାଇଥିଲେ ।

## ୱିମ୍ବଲଡନ: ପ୍ରତ୍ୟାବର୍ତ୍ତନରେ ସେରେନା ହାରିଲେ



ଲଣ୍ଡନ, ୧।୭ (ଏଜେନ୍ସି): ଅବସରର ଦୀର୍ଘ ୪ ବର୍ଷ ପରେ ପୁଣିଥରେ କୋର୍ଟକୁ ପ୍ରତ୍ୟାବର୍ତ୍ତନ କରିଥିବା କିମ୍ବଦନ୍ତୀ ଟେନିସ ଖେଳାଳି ସେରେନା ୱିଲିୟମ୍ସଙ୍କୁ ୱିମ୍ବଲଡନର ପ୍ରଥମ ରାଉଣ୍ଡରେ ପରାଜୟର ସମ୍ମୁଖୀନ ହେବାକୁ ପଡ଼ିଛି । ପ୍ରତ୍ୟାବର୍ତ୍ତନ ପରେ ନିଜର ପ୍ରଥମ ସିଙ୍ଗଲ୍ସ ମ୍ୟାଚ୍ ଏଠାରେ ଖେଳିଥିବା ୪୪ ବର୍ଷୀୟା ସେରେନା ୩-୬, ୭-୬, ୩-୬ ସେଟରେ ଅଷ୍ଟ୍ରେଲିଆର ମାୟା ଜଏଣ୍ଟଙ୍କ ନିକଟରୁ ହାରିଯାଇଛନ୍ତି । ୱିମ୍ବଲଡନରେ ସିଙ୍ଗଲ୍ସ ଓ ଡବଲ୍ସରେ ମୋଟ ୧୩ଟି ଟାଇଟଲ ଜିତିଥିବା ସେରେନା ଏବେ ମହିଳା ଡବଲ୍ସରେ ଭଉଣୀ ଭେନସଙ୍କ ସହ ମିଶି ଖେଳିବେ । ଉଲ୍ଲେଖଯୋଗ୍ୟ ୨୩ଥରର ଗ୍ରାଣ୍ଡସ୍ଲାମ ବିଜୟିନୀ ସେରେନା ୨୦୨୨ରେ ପ୍ରଫେସନାଲ ଟେନିସରୁ ଅବସର ନେଇଥିଲେ । ତେବେ ୪ ବର୍ଷ ପରେ ଗତ ମାସରେ ସେ ପୁଣିଥରେ କୋର୍ଟକୁ ଫେରି କେବଳ ମହିଳା ଡବଲ୍ସ ଖେଳିଥିଲେ । ଏବେ ସେ ୱିମ୍ବଲଡନରେ ପ୍ରଥମ ସିଙ୍ଗଲ୍ସ ଖେଳିଛନ୍ତି । ସେରେନାଙ୍କର 'ଅଲିମ୍ପିଆ' ଓ 'ଆଦ୍ରିରା' ନାମକ ଦୁଇଟି କନ୍ୟା ରହିଛନ୍ତି ।

## ଜେଏମ୍ ଏକାଡେମୀରେ କ୍ରୀଡ଼ା ସାମ୍ବାଦିକ ସମ୍ବର୍ଦ୍ଧିତ




ଭୁବନେଶ୍ୱର,୧।୭ (ସମିସ): ସ୍ଥାନୀୟ ଜେଏମ୍ କ୍ରୀଡ଼ା ଏକାଡେମୀଠାରେ ବୁଧବାର ବିଶ୍ୱ କ୍ରୀଡ଼ା ସାମ୍ବାଦିକ ଦିବସ ପାଳିତ ହୋଇଛି । କ୍ରୀଡ଼ାର ବିକାଶରେ ପ୍ରମୁଖ ଭୂମିକା ଗ୍ରହଣ କରୁଥିବା ରାଜ୍ୟର କିଛି ଆଗଧାଡ଼ିର ସାମ୍ବାଦିକ ଓ ସମାଜସେବୀଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଛି । ଏହି ସମାରୋହରେ କ୍ରୀଡ଼ା ସାମ୍ବାଦିକ ସନ୍ତୋଷ ମହାନ୍ତି, ରଜନୀକାନ୍ତ ଶତ୍ରୁଶଲ୍ୟ, ସୁଭଜିତ ଜେନା, ବିଜୟ ଖୁଣ୍ଟିଆ, ତପନ ମହାରଣା, ମନୋଜ ସ୍ୱାଇଁ ଏବଂ ବିଶିଷ୍ଟ ସମାଜସେବୀ ବିକାଶ ଜେନାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ମୁଖ୍ୟ ଅତିଥି ଭାବେ ଭାରତୀୟ ମହିଳା ଫୁଟବଲ ଦଳର ପୂର୍ବତନ ଅଧିନାୟିକା ଶ୍ରଦ୍ଧାଞ୍ଜଳି ସାମନ୍ତରାୟ ଯୋଗଦେଇଥିଲେ । ସେହିଭଳି ମୁଖ୍ୟବକ୍ତା ଭାବେ ବରିଷ୍ଠ କ୍ରୀଡ଼ା ସାମ୍ବାଦିକ ସନାତନ ପାଣି, ସମ୍ମାନିତ ଅତିଥି ପାରା କ୍ରୀଡ଼ାବିତ୍ ରଖାଲ ସେଠୀ ଏବଂ 'ଦୂରଦର୍ଶୀ' ପତ୍ରିକାର ସମ୍ପାଦକ ଦୁର୍ଗା ସାମନ୍ତରାୟ ଉପସ୍ଥିତ ରହିଥିଲେ । ଜେଏମ୍ କ୍ରୀଡ଼ା ଏକାଡେମୀର ଅଧ୍ୟକ୍ଷା ମୀରାରାଣୀ ଦାସ, ସମ୍ପାଦକ ଯଶୋବନ୍ତ ଦାସ, ଆଇନ ପରାମର୍ଶଦାତା ସୁବ୍ରତ ମହାପାତ୍ର ଏବଂ ପ୍ରଯୋଜକ ଅତିଶ ରାଉତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା ।

## ଉତ୍ତର-ପୂର୍ବାଞ୍ଚଳ ଦୃଷ୍ଟିହୀନ ଫୁଟ୍‌ବଲ ଉଦଘାଟିତ

ଭୁବନେଶ୍ୱର, ୧।୭ (ସମିସ):

ଉତ୍ତର-ପୂର୍ବାଞ୍ଚଳ ଦୃଷ୍ଟିବାଧିତ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ବୁଧବାର ସ୍ଥାନୀୟ ୟୁନିଟ-୧ ଏକାଡେମୀ ଫୁଟବଲ ପଡ଼ିଆରେ ଉଦ୍‌ଘାଟିତ ହୋଇଯାଇଛି । ଓଡ଼ିଶା ସରକାରଙ୍କ କ୍ରୀଡ଼ା ବିଭାଗ ଓ ବ୍ଲୁଆଇ ଅର୍ଗାନାଇଜେସନର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ପ୍ରତିଯୋଗିତା ୩ ଦିନ ଧରି ଖେଳାଯିବ । ପ୍ରଥମ ଦିବସରେ ଅନୁଷ୍ଠିତ ପୁରୁଷ ବିଭାଗ ମ୍ୟାଚରେ ମେଘାଳୟ ୧୦-୦ ଗୋଲରେ ଆସାମକୁ ଓ ନାଗାଲାଣ୍ଡ ୧-୦ ଗୋଲରେ ମିଜୋରାମକୁ ପରାସ୍ତ କରିଛି । ସେହିଭଳି ଆୟୋଜକ ଓଡ଼ିଶା ଓ ନାଗାଲାଣ୍ଡ ମଧ୍ୟରେ ଅନୁଷ୍ଠିତ ଅନ୍ୟ ଏକ ମ୍ୟାଚ ୧-୧ ଗୋଲରେ ଡ୍ର ରହିଛି । ଅପରପକ୍ଷରେ ପଦ୍ମିନୀ ଟୁଡୁଙ୍କ ଡବଲ ଗୋଲ୍ ବଳରେ ଓଡ଼ିଶା ମହିଳା ଦଳ ୩-୦ ଗୋଲ୍‌ରେ ମେଘାଳୟକୁ ହରାଇଛି । ସରସ୍ୱତୀ ମୁର୍ମୁ ଓଡ଼ିଶା ପାଇଁ ଅନ୍ୟତମ ଗୋଲଟି ଦେଇଥିଲେ । ଓଡ଼ିଶାରେ ପ୍ରଥମଥର ଆୟୋଜିତ ଏହି



ଜାତୀୟ ଦୃଷ୍ଟିହୀନ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟକୁ କ୍ରୀଡ଼ା ଓ ଯୁବସେବା ବିଭାଗର ଅତିରିକ୍ତ ସଚିବ ସୁଧାକର ନାୟକ ଅତିଥିଭାବେ ଯୋଗ ଦେଇ ଉଦଘାଟନ କରିଥିଲେ । ସମ୍ମାନୀତ ଅତିଥିଭାବେ ଓଏସଡି ଧୀରଜ ପଟ୍ଟନାୟକ, କ୍ଷଣପ୍ରଭା ମହାନ୍ତି, ସନ୍ତୋଷିନୀ ଜୈନ ଓ ବ୍ଲୁଆଇର ଅଧ୍ୟକ୍ଷ ତ୍ରିଲୋଚନ ବେହେରା ଉପସ୍ଥିତ ରହିଥିଲେ ।

## ଫାଓ ଲିଗ୍ ଆରମ୍ଭ

ଭୁବନେଶ୍ୱର, ୧।୭ (ସମିସ): କଟକ ବାରବାଟୀ ଷ୍ଟାଡିୟମରେ ବୁଧବାର ଏମଜିଏମ୍ ଫାଓ ଲିଗ୍‌ର ୨୦୨୬ତମ ସଂସ୍କରଣ ଉଦଘାଟିତ ହୋଇଯାଇଛି । ଫୁଟବଲ ଆସୋସିଏସନ ଅଫ୍ ଓଡ଼ିଶା (ଫାଓ) ଓ ରାଜ୍ୟ କ୍ରୀଡ଼ା ବିଭାଗର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ଲିଗରେ ୨୧ଟି ଦଳ ଅଂଶଗ୍ରହଣ କରିଛନ୍ତି । ପ୍ରଥମ ଦିବସରେ ସନରାଇଜ କ୍ଲବ ୩-୦ ଗୋଲରେ ରୋଭର୍ସ କ୍ଲବକୁ ପରାସ୍ତ କରିଛି । ସିଏମସି କମିଶନର କୀରନଦୀପ୍ କୌର ସାହୋତ ମୁଖ୍ୟଅତିଥି ଭାବେ ଯୋଗଦେଇ ଟୁର୍ଣ୍ଣାମେଣ୍ଟକୁ ଉଦଘାଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଫାଓ ଉପସଭାପତି ବିଜୟ ଦାସ, ସହଦେବ ରାଉତ, ବୀରେନ୍ଦ୍ର ବେହେରା, ଯୁଗ୍ମ ସମ୍ପାଦକ ଅଭିଜିତ ପାଲ୍ ଓ ବିଶ୍ୱ ରଞ୍ଜନ ଘଡ଼େଇ ପ୍ରମୁଖ ଉପସ୍ଥିତ ରହିଥିଲେ ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS